

ମହେଶ ବାବୁଙ୍କ ଫଟୋ ଲିକ୍

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-15 ♦THURSDAY ♦09 JULY 2026 ♦PAGE-12 ♦₹ 7.00 | JEYPORE | ♦ବର୍ଷ-୪୪ ♦ସଂଖ୍ୟା-୧୫ ♦ଗୁରୁବାର ♦୦୯ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


### ଟ୍ରମ୍ପଙ୍କ ଧମକ ପରେ ମଧ୍ୟପ୍ରାଚ୍ୟ ପୁଣି ଅଶାନ୍ତ

# ଶାନ୍ତି ଚୁକ୍ତି ରଦ୍ଦ, ଆକ୍ରମଣ ଜୋର୍‌ଦାର୍

■ ଅଙ୍କାରା/ୱାସିଂଟନ, ୮।୭ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ପରିସ୍ଥିତି ଏବେ ଅତି ଭୟାନକ ରୂପ ଧାରଣ କରିବାକୁ ଯାଉଛି। ମାତ୍ର ତିନି ସପ୍ତାହ ପୂର୍ବରୁ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ଶାନ୍ତି ଚୁକ୍ତି ଏବେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ତୁର୍କୀରେ ଆୟୋଜିତ ନାଟୋ ସମ୍ମିଳନୀରେ ଯୋଗଦେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅତି କ୍ରୋଧିତ ସ୍ୱରରେ ଇରାନ ସହିତ ଶାନ୍ତି ଚୁକ୍ତି ଶେଷ ହୋଇଥିବା ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଯୁଦ୍ଧବିରତି ମଧ୍ୟ ଶେଷ ହୋଇଛି। ଆଜି ରାତିରେ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ କରାଯିବ ବୋଲି ସେ ପୁଣି ଥରେ ଧମକ ଦେଇଛନ୍ତି। ଏହା ସହିତ ଇରାନ ଉପରେ ଆର୍ଥିକ କଟକଣାକୁ ଅଧିକ ଦୃଢ଼ କରିବାକୁ ଘୋଷଣା କରି ଟ୍ରମ୍ପ କହିଛନ୍ତି ଯେ ଇରାନକୁ ତେଲ ବିକ୍ରି ପାଇଁ ଅନୁମତିକୁ ମଧ୍ୟ ବାତିଲ କରିଦେଇଛି।



## ହର୍ମୁଜ୍‌ରେ ଭାରତୀୟ ତୈଳ ଜାହାଜକୁ ଫେରାଇଦେଲା ଇରାନ

ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ, ତାଙ୍କ ପାଇଁ ଏହି ଚୁକ୍ତିର ଆଉ କୌଣସି ମୂଲ୍ୟ ନାହିଁ ଏବଂ ସେ ଇରାନ ସହିତ ଆଉ କୌଣସି ସମ୍ପର୍କ ରଖିବାକୁ ଚାହାଁନ୍ତି ନାହିଁ। ଇରାନର ନେତାମାନଙ୍କୁ ଅତି ଦୁଷ୍ଟ, ନିଷ୍ଠୁର ଏବଂ ମାନସିକ ଅସୁସ୍ଥ ବୋଲି ଅଭିହିତ କରି ଟ୍ରମ୍ପ କହିଛନ୍ତି ଯେ, ସେମାନେ ସମ୍ପୂର୍ଣ୍ଣ ମିଥ୍ୟାବାଦୀ ଏବଂ ଯଦି ସେମାନଙ୍କ ପାଖରେ ପରମାଣୁ ଅସ୍ତ୍ର ଥାନ୍ତା, ତେବେ ସେମାନେ ନିଶ୍ଚିତ ଭାବେ ଏହାର ପ୍ରୟୋଗ କରିସାରନ୍ତେଣି। ଦୁଇ ଦେଶର ପ୍ରତିନିଧିଙ୍କ ମଧ୍ୟରେ ଚାଲିଥିବା ଆଲୋଚନାକୁ ସେ ସମ୍ପୂର୍ଣ୍ଣ ସମୟ ନଷ୍ଟ ବୋଲି କହିଛନ୍ତି। ତେବେ ଆଲୋଚନା ଜାରି ରହିବ ବୋଲି ସେ କହିଛନ୍ତି।

ଟ୍ରମ୍ପଙ୍କ ଧମକ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ହଠାତ୍ ୬ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ହର୍ମୁଜ ପ୍ରଣାଳୀରେ ଓମାନ ଉପକୂଳ ଦେଇ ଭାରତ ଆସୁଥିବା ଏକ ବାଣିଜ୍ୟିକ ଜାହାଜ ସମେତ ତିନୋଟି ଜାହାଜ ଉପରେ ଇରାନ ଆକ୍ରମଣ କରିବା ପରେ ଏହି ସଙ୍କଟ ତୀବ୍ର ହୋଇଛି। ଏହାର ଜବାବରେ ଆମେରିକା ଗତ ରାତିରେ ଇରାନର ୮୦ରୁ ଅଧିକ ସାମରିକ ଘାଟି, କ୍ଷେପଣାସ୍ତ୍ର କେନ୍ଦ୍ର ଏବଂ ବନ୍ଦର ଉପରେ ପ୍ରଚଣ୍ଡ ବୋମାମାଡ଼ କରିଛି। ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ସପ୍ତାହ ବ୍ୟାପୀ ଚାଲିଥିବା ଅନ୍ତ୍ୟେଷ୍ଟିକ୍ରିୟା ସମୟରେ ହିଁ ଏହି ଆକ୍ରମଣ ହୋଇଛି। ଅପରପକ୍ଷରେ, ଇରାନ ମଧ୍ୟ ଜବାବୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କୁୱେତ ଏବଂ ବାହରିନରେ ଥିବା ଆମେରିକାର ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରି ଆକ୍ରମଣ କରିଥିବା ଦାବି କରିଛି। ▶ପୃଷ୍ଠା-୭

### ଦୋହଲିଗଲା ପୁଞ୍ଜିବଜାର

# ବୁଡ଼ିଗଲା ୧୦ ଲକ୍ଷ କୋଟି

■ ମୁମ୍ବଇ, ୮।୭ (ଏଜେନ୍ସି): ବୁଧବାର ଭାରତୀୟ ସେୟାର ବଜାରକୁ ଲାଗିଛି ବଡ଼ ଝଟ୍‌କା। ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧବିରତି ସମାପ୍ତ ହେବାର ଘୋଷଣା ପରେ ଭାରତୀୟ ଇକ୍ୱିଟି ବେଞ୍ଚମାର୍କ ସୂଚକାଙ୍କ ସେନ୍‌ସେକ୍ସ ଏବଂ ନିଫ୍‌ଟି ହ୍ରାସ କରିଯାଇଛି। ଏହି ଘୋଷଣା ସହ ଘରୋଇ ପୁଞ୍ଜି ବଜାରରେ ହାହାକାର ସୃଷ୍ଟି ହୋଇଛି। ଫଳରେ ଆଜି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସରେ ୧,୬୭୭.୧୨ ପଏଣ୍ଟ ହ୍ରାସ ଘଟିଛି। ବଜାର ଅସ୍ଥିରତା ମଧ୍ୟରେ ପ୍ରବଳ ବିକ୍ରିବଟା ଯୋଗୁଁ ନିବେଶକଙ୍କ ସମ୍ପତ୍ତିରେ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କା ହ୍ରାସ ଘଟିଛି।

ମଧ୍ୟପ୍ରାଚ୍ୟ ଅସ୍ଥିରତା ମଧ୍ୟରେ ଆଜି ମାତ୍ର ୨୦ ମିନିଟ୍ ମଧ୍ୟରେ ଘରୋଇ ପୁଞ୍ଜି ବଜାରରେ ୧୦୦୦ ପଏଣ୍ଟ ହ୍ରାସ ପାଇଛି। ଏହାଫଳରେ ସେନ୍‌ସେକ୍ସ ଏବଂ ନିଫ୍‌ଟି ଉଭୟରେ ୨%ରୁ ଅଧିକ ହ୍ରାସ ଘଟିଛି। ଅପରାହ୍ନରେ କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୧,୬୭୭.୧୨ ପଏଣ୍ଟ ହ୍ରାସ ଘଟି ୭୬,୫୦୩.୬୦ ପଏଣ୍ଟରେ ବନ୍ଦ ହୋଇଥିବାବେଳେ ନିଫ୍‌ଟିରେ ୫୧୬.୬୫ ପଏଣ୍ଟ ହ୍ରାସ ପାଇ ୨୩,୮୮୨.୦୫ ପଏଣ୍ଟ ସ୍ତର ତଳକୁ ଖସିଯାଇଛି। ଏହାଫଳରେ ବିଏସ୍‌ଇ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ପ୍ରାୟ ୪୬୦ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। ଦିନ ଯାକର କାରବାରରେ ସେନ୍‌ସେକ୍ସ ୧୯୦୦ ପଏଣ୍ଟରୁ ଅଧିକ ଖସିଥିବାବେଳେ ନିଫ୍‌ଟିରେ ୫୯୩ ପଏଣ୍ଟ ହ୍ରାସ ହୋଇଛି। ଆଜି ସେନ୍‌ସେକ୍ସର ସମସ୍ତ ଷ୍ଟକ୍ ▶ପୃଷ୍ଠା-୭



## ଅଶୋଧିତ ତେଲ ଛୁଇଁଲା ୮୦ ଡଲାର୍

# ମମତାଙ୍କ ଚିନ୍ତା ବଢ଼ାଇଲା ଇଡି

### ଟିଏମ୍‌ସିର ୪୪୦ କୋଟିର ବ୍ୟାଙ୍କ ଜମା ଜବତ



■ କୋଲକାତା, ୮।୭ (ଏଜେନ୍ସି): ମମତା ବାନାର୍ଜୀଙ୍କ ଟିଏମ୍‌ସିକୁ ନେଇ ଅନୁଗତ ଏବଂ ବି।।ଦ୍ରୋହୀଙ୍କ ମଧ୍ୟରେ ଟଣାଓଟରା ଚାଲିଥିବା ବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆଜି ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅର୍ଥ ହେରଫେର ମାମଲାରେ ପାର୍ଟିର ୪୪୦ କୋଟି ଟଙ୍କାର ତିନିଟି ବ୍ୟାଙ୍କ ଆକାଉଣ୍ଟକୁ ଜବତ କରିଛି। ମମତା ଓ ବିଦ୍ରୋହୀଙ୍କ ମଧ୍ୟରେ ବିବାଦ ଯୋଗୁଁ ଟିଏମ୍‌ସି ବ୍ୟାଙ୍କ ଜମାକୁ ପୂର୍ବରୁ ରାଜ୍ୟ ପୋଲିସ ସିଜ୍ କରିଥିବା ବେଳେ ଇଡି ଆଜି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ରାଜ୍ୟ ରାଜନୀତିରେ ପୁଣି ହଟଚମଟ ସୃଷ୍ଟି ହୋଇଛି। ଆର୍ଥିକ ଦୃଷ୍ଟିରୁ ମମତାଙ୍କ ପାର୍ଟିକୁ ପଙ୍ଗୁ କରିବା ଲାଗି ଏହା ଏକ ଚକ୍ରାନ୍ତ ବୋଲି କେତେକ ଟିଏମସି ନେତା ଅଭିଯୋଗ କରିଛନ୍ତି। କିନ୍ତୁ ମମତାଙ୍କ ପକ୍ଷରୁ ଏସଂପର୍କରେ କିଛି କୁହାଯାଇ ନାହିଁ। ତେବେ ଇଡିର ଏହି କାର୍ଯ୍ୟାନୁଷ୍ଠାନ ମମତାଙ୍କ ପାଇଁ ଆଉ ଏକ ଝଟକା ବୋଲି କୁହାଯାଉଛି। ଇଡି ଦ୍ୱାରା କୌଣସି ରାଜନୈତିକ ଦଳର ପାଣ୍ଠି ଜବତ ହେବାରେ ଏହା ପ୍ରଥମ ଘଟଣା ବୋଲି କୁହାଯାଉଛି।

ଇଡି ପକ୍ଷରୁ କୁହାଯାଇଛି ଯେ ଅର୍ଥ ହେରଫେର ନିବାରଣ ଆଇନ ଅନୁସାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ର ତିନୋଟି ବ୍ୟାଙ୍କ ଖାତାରେ ଥିବା ପ୍ରାୟ ୪୪୦ କୋଟି ଟଙ୍କା ଜବତ କରାଯାଇଛି। ଏହି ଅର୍ଥ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ତିନିଟି ଆକାଉଣ୍ଟରେ ଥିଲା। କେୟାରୱେଲ ଆଭିଏସନ ନାମକ ଏକ ବିମାନ ସେବା ସଂସ୍ଥା ସହ ପାର୍ଟିର ସନ୍ଦିଗ୍ଧ ଆର୍ଥିକ କାରବାରର ତଦନ୍ତ ପରେ ଏହି ପଦକ୍ଷେପ ନିଆଯାଇଛି। ଏହି ସଂସ୍ଥାର ୫ଟି କେନ୍ଦ୍ର ଉପରେ ଚଢ଼ାଉ କରାଯିବା ପରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୁରାକ ମିଳିଥିଲା। ତଦନ୍ତକାରୀ ସଂସ୍ଥାର ସୂଚନା ଅନୁଯାୟୀ, ଦଳର ବ୍ୟାଙ୍କ ଖାତାରୁ ପ୍ରାୟ ୧୬୦ କୋଟି ଟଙ୍କା ଏକ ବିମାନ ସେବା କମ୍ପାନୀ ଏବଂ ଏହାର ସହଯୋଗୀ ସଂସ୍ଥାକୁ ସ୍ଥାନାନ୍ତର କରାଯାଇଥିଲା। ସେହି ଅର୍ଥରେ ଏକ ବିମାନ ଓ ଏକ ହେଲିକପ୍ଟର କିଣାଯାଇଥିବା ବେଳେ ପରେ ସେଗୁଡ଼ିକୁ ପୁଣି ତୃଣମୂଳ କଂଗ୍ରେସକୁ ଭଡ଼ାରେ ଦିଆଯାଇଥିଲା। ଏହି କାରବାରର ପ୍ରକୃତ ଉଦ୍ଦେଶ୍ୟ ଏବଂ ଅର୍ଥର ବ୍ୟବହାରକୁ ନେଇ ତଦନ୍ତ ଜାରି ରହିଛି।


## ଇଡି ଦ୍ୱାରା ରାଜନୈତିକ ଦଳର ପାଣ୍ଠି ଜବତ ହେବାରେ ଏହା ପ୍ରଥମ ଘଟଣା

## ମମତା ଓ ଅଭିଶେକଙ୍କୁ ଜେରା କରିପାରେ ଇଡି

# ଆଜି ଆସୁଛନ୍ତି ଉପରାଷ୍ଟ୍ରପତି

### ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନର କରିବେ ଶୁଭାରମ୍ଭ

■ ଭୁବନେଶ୍ୱର, ୮।୭ (ସମିସ): ଆସନ୍ତାକାଲି ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ଭାରତର ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍। ଭାରତ ସରକାରଙ୍କ ମତ୍ସ୍ୟପାଳନ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରାଳୟ ପକ୍ଷରୁ ସ୍ଥାନୀୟ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଗଭୀର



ସମୁଦ୍ରରୁ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ ମତ୍ସ୍ୟଜୀବୀଙ୍କୁ ପ୍ରାଧିକରଣ ପତ୍ର ବଣ୍ଟନ କରିବା ସହ 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ'ର ଶୁଭାରମ୍ଭ କରିବେ। ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ କାର୍ଯ୍ୟକାରୀ ହେବା ଦ୍ୱାରା ଓଡ଼ିଶାର ମତ୍ସ୍ୟଜୀବୀମାନେ ୩୭୦ କିଲୋମିଟର ସୀମା ▶ପୃଷ୍ଠା-୭

### ଆଜାଦ ନଗର ବିସ୍ଫୋରଣ ଘଟଣା

# ୟୁପିରୁ ବନ୍ଧାହେଲା ମଫିର ସହଯୋଗୀ



■ ଭୁବନେଶ୍ୱର ୮।୭ (ସମିସ): ସୁନ୍ଦରପଦା ଆଜାଦ ନଗରରେ ଘଟିଥିବା ବିସ୍ଫୋରଣ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ତଦନ୍ତ ଆଗକୁ ବଢ଼ିଛି। ଘଟଣା ପରଠାରୁ ଉତ୍ତରପ୍ରଦେଶରେ ଲୁଚିଥିବା ଜଣେ ଅଭିଯୁକ୍ତକୁ ଗିରଫ କରିଛି ଏନ୍‌ଆଇଏ। ଗିରଫ ଅଭିଯୁକ୍ତ ହେଉଛି ପଟିଆର ସାନୁ ଓରଫ୍ ରୋହନ ରଞ୍ଜନ ରାଉତ। ପାତ୍ରପଡ଼ା ଥାର୍ ଦୁର୍ଘଟଣା ବା ହିଟ୍ ଆଣ୍ଡ ରନରେ ମାଆ ଝିଅଙ୍କ ମୃତ୍ୟୁ ଘଟଣାରେ ରୋହନ ଖଣ୍ଡଗିରି ପୁଲିସ ଦ୍ୱାରା ଗିରଫ ହୋଇଥିଲା। ସୂଚନା ଅନୁସାରେ, ଅଭ୍ୟାସଗତ ଅପରାଧୀ ସେହେନବାଜ ମଲ୍ଲିକ ଓରଫ୍ ମଫି ତା'ର ପରିବାର ସହ ▶ପୃଷ୍ଠା-୭

### ୧୪ ଜୁଆଙ୍ଗଙ୍କ ଜୀବନ ଯିବା ପରେ ଚେତିଲେ ସରକାର

# ପ୍ରବାସୀ ଶ୍ରମିକଙ୍କ ହିସାବ ରଖାଯିବ

**ରାଜ୍ୟ ବାହାରେ ଥିବା ଶ୍ରମିକଙ୍କ ସମସ୍ତ ତଥ୍ୟ ସଂଗ୍ରହ ହେଉଛି: ଶ୍ରମମନ୍ତ୍ରୀ**

**କାର୍ଯ୍ୟଦକ୍ଷତା ଭିତ୍ତିରେ ଦିଆଯିବ କର୍ମନିଯୁକ୍ତି**

**ରାଜ୍ୟସାରା ଦଲାଲ୍ ସକ୍ରିୟ ଥିବା ନେଇ କଲେ ସ୍ୱୀକାର**

**ବୈଠକରେ ସୀମିତ ଟାସ୍କଫୋର୍ସ ଭୂମିକା**

■ ଭୁବନେଶ୍ୱର, ୮।୭ (ସମିସ): ରାଜ୍ୟରେ କ୍ଷମତାକୁ ଆସିଲେ ଓଡ଼ିଶାକୁ ଦାଦନମୁକ୍ତ କରାଯିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିଲା। ସରକାରକୁ ଆସିବା ପରେ ଏ କ୍ଷେତ୍ରରେ ଏକ ଟାସ୍କଫୋର୍ସ ଗଠନ ବି ହୋଇଥିଲା । ମାତ୍ର ୨ ବର୍ଷ ବିତିବା ପରେ ମଧ୍ୟ ଟାସ୍କ ଫୋର୍ସର ଭୂମିକା କେବଳ ବୈଠକ ମଧ୍ୟରେ ସୀମିତ ରହିଛି। ଟାସ୍କ ଫୋର୍ସର ଅଧ୍ୟକ୍ଷ ତଥା ଉପମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରୁ ସର୍ବାଧିକ ଦାଦନ ଚାଲାଣ ହୋଇଥିବା ରିପୋର୍ଟ ଆସିଥିବାବେଳେ ଏବେ କେନ୍ଦୁଝର ଜିଲ୍ଲାର ୧୫ ଶ୍ରମିକ ତାମିଲନାଡ଼ୁ ଗ୍ୟାସ ଟ୍ରାଜେଡ଼ିର ଶିକାର ହୋଇ ପ୍ରାଣ ହରାଇବା ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନ ଉଠାଇଛି। ଏହି ସମୟରେ ରାଜ୍ୟ ବାହାରେ କାମ କରୁଥିବା ଦାଦନ ଶ୍ରମିକଙ୍କୁ ଚିହ୍ନଟ କରି ସେମାନଙ୍କୁ ଓଡ଼ିଶା ଫେରାଇ ଅଣାଯିବ ଓ ସେମାନଙ୍କୁ କର୍ମନିଯୁକ୍ତି ଯୋଗାଇ ଦିଆଯିବ ବୋଲି ଘୋଷଣା କରିଛନ୍ତି ଶ୍ରମମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ । ରାଜ୍ୟ ବାହାରେ ଥିବା ଦାଦନ ▶ପୃଷ୍ଠା-୭

# ରାଜ୍ୟ ବିଜେପିରେ 'ଆମଦାନୀ' ଫାଟ

### ଆମଦାନୀ ନେତାଙ୍କ ପାଇଁ ପୁରୁଣା ନେତାଙ୍କୁ ଉପେକ୍ଷା

■ ଭୁବନେଶ୍ୱର, ୮।୭ (ସମିସ): ରାଜ୍ୟରେ ପ୍ରଥମଥର ଏକକ ସଂଖ୍ୟା ଗରିଷ୍ଠତା ହାସଲ କରି ବିଜେପି ଶାସନ ଗାଦିରେ ବସିଛି। ଇତିମଧ୍ୟରେ ଦୁଇବର୍ଷ ବିତିଥିଲେ ହେଁ ସରକାର ଖାଲି ପଡ଼ିଥିବା ୬ ମନ୍ତ୍ରୀ ପଦ ଓ ବିଭିନ୍ନ ନିଗମ ମୁଖିଆଙ୍କୁ ନିଯୁକ୍ତ କରିପାରୁ ନାହାନ୍ତି। ରାଜ୍ୟ ସଭାପତି ଠିକ୍ ସମୟରେ ଠିକ୍ ପଦକ୍ଷେପ ନିଆଯିବ ବୋଲି କହୁଛନ୍ତି, ମୁଖ୍ୟମନ୍ତ୍ରୀ ଏ କ୍ଷେତ୍ରରେ ନିରବତା ଅବଲମ୍ବନ କରୁଛନ୍ତି। ମଝିରେ ମଝିରେ ରାଜସ୍ୱ ମନ୍ତ୍ରୀ ନିଗମ ନିଯୁକ୍ତିକୁ ନେଇ ଆଶାୟୀଙ୍କୁ ଆଶା ଦେଖାଉଥିଲେ ହେଁ ଏଯାଏ ସେଥିରେ କୌଣସି ଅଗ୍ରଗତି ଘଟିନାହିଁ। ସଂଗଠନ ଓ ସରକାରରେ ସମନ୍ୱୟ ଓ ସ୍ଥିରତାକୁ ନେଇ ପ୍ରଶ୍ନ ଉଠୁଥିବା ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପ୍ରସଙ୍ଗରେ ଦଳ ଭିତରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ସମୟରେ ଗତ ନିର୍ବାଚନରେ ପରାଜିତ ଓ କୋଣଠେସା ହୋଇଥିବା ବିରୋଧୀ ଦଳଗୁଡ଼ିକର କିଛି ନେତା ବିଜେପିରେ ଯୋଗଦାନ ଦଳରେ ସୃଷ୍ଟି କରିଛି ତୀବ୍ର ଅସନ୍ତୋଷ। ଦୀର୍ଘଦିନ ଧରି ଦଳରେ ପଡ଼ି ରହିଥିବା ପୁରୁଖା ଓ ପୁରୁଣା ନେତାମାନଙ୍କୁ ଗୁରୁତ୍ୱ ନ ଦେଇ ନବାଗତ ଆମଦାନୀ ନେତାଙ୍କୁ ଦଳ ଅଗ୍ରାଧିକାର ଦେଉଥିବା ଅଭିଯୋଗ କ୍ରମଶଃ ଦଳରେ ଅସନ୍ତୋଷର ଅବପାତ ସୃଷ୍ଟି କରିଛି।

## ତେଜୁଛି ପୁରୁଣା ଓ ନୂଆ ନେତାଙ୍କ ମଧ୍ୟରେ ବିଭେଦ

ସାଧାରଣତଃ କ୍ଷମତାସୀନ ଦଳରେ ଯୋଗଦେବା ରାଜନୀତିରେ ଏକ ନିୟମିତ ଧାରା। ଅତୀତରେ ବିଜେପି ଓ କଂଗ୍ରେସର ନେତାମାନେ କ୍ଷମତାସୀନ ବିଜେଡିରେ ଯୋଗ ଦେଉଥିଲେ, ଏବେ ବିରୋଧୀ ବିଜେଡି ଓ କଂଗ୍ରେସର କିଛି ନେତା ବିଜେପିରେ ଯୋଗ ଦେଉଥିବା ଦେଖାଯାଉଛି। ବିଜେଡି ନେତାଙ୍କ ଯୋଗଦାନକୁ ଦଳ ପାଇଁ ଏକ ବଡ଼ ଲାଭ ବୋଲି ରାଜ୍ୟ ବିଜେପିର ନେତାମାନେ ଏକ ବାର୍ତ୍ତା ଦେବାକୁ ଚାହୁଁଥିଲେ ହେଁ ତୃଣମୂଳସ୍ତରରେ ଏହାକୁ ନେଇ ଅସନ୍ତୋଷକୁ ତୀବ୍ର କରିଛି। ଅନ୍ୟଦଳର ନେତାମାନଙ୍କ ▶ପୃଷ୍ଠା-୭


SINCE 1999 SYNERGY

SYNERGY

Accredited by NBA, New Delhi

NATIONAL BOARD of ACCREDITATION ACCREDITED

(Approved AICTE, New Delhi, Affiliated to BPUT, Odisha & Affiliated to SCTE&VT, Odisha)

Dhenkanal & Bhubaneswar (Phulnakhara)

Celebrating Glorious 26 Years

Admission 2026

For B.Tech. Regular | B.Tech. Lateral Entry | Working Professionals

Apply Now > Through the website synergyinstitute.net/admission

OUR ACADEMIC PARTNERS: coursera, Cyber Dojo – The School of Cyberdefense, futureskills prime – A MeitY - NASSCOM Digital Skilling Initiative, campus connect – An Infosys Industry-Academia Partnership Program

SPECIALISATION COURSES

Computer Science & Engineering
- Cloud Computing & Data Science
- Data Engineering & Mainframe Dev.
- Cyber Security & Analyst
- Block Chain Technology
- Embedded System & Industrial IOT
- Data Science & Big Data
- Artificial intelligence & Machine Learning
- Image & Video Processing
- UI Design & Mobile App Development
- Web Development Application Design
- Augmented Reality & Virtual Reality
- Full Stack Development

Electrical Engineering: MATLAB & Simulink | Installation & Maintenance of Solar Power | PLC, SCADA | Energy Management | Electrical Equipment Repair & Maintenance | Industrial Automation

Mechanical Engineering: Hybrid Electric Vehicle Design | AutoCAD | Solid Works | Ansys | CNC Milling & Turning | Robotics | 3D Printing | Advance Welding | Performance analysis of Bio fuels

Civil Engineering: Revit | Mat Lab | Manual Engineering Drawing | Introduction to architectural designing | 3D Max. | GIS

B.Tech. & B.Tech. Lateral Entry — Courses : Computer Science | Computer Science with AI&ML | Mechanical | Civil | Electrical

Providing Professional Certificate Courses along with B.Tech Programs (Collaboration with COURSERA)

Google, IBM, Meta, INTUIT, HubSpot, salesforce

Placement Highlights
- 2025-2026 | 22 Recruiters | 292 contd.
- 2024-2025 | 26 Recruiters | 267 + offers
- 2023-2024 | 33 Recruiters | 297 + offers
- 2022-2023 | 28 Recruiters | 244 + offers
- 2021-2022 | 25 Recruiters | 282 + offers

We provide PLACEMENT opportunities to eligible students those who have minimum 60% career, 90% attendance & no back papers

SOME OF OUR RECRUITERS... accenture, AIRDIT Software, Apptimate Software Pvt Ltd, Calibo, Capgemini, cognizant, Infosys, innostax, ORACLE, tcs, Ubona, wipro, Aceron, Jio, GMR, Tech Mahindra, EMERSON, MICHELIN, softtech, Deloitte., IBM and many more

FACILITIES & FEATURES
- State-of-the-art infrastructure
- Serene academic ambience
- Updated Labs
- 24x7 Internet facilities
- Digital Classrooms
- Multi storied Library
- Study tours
- Separate hostels for boys and girls
- Visiting faculties from reputed institutions
- Scholarships and Financial Aids
- Special Courses to Prepare Students for the Industry
- Internship & Placement facilities

B.Sc. NURSING – Approved by DMET, Health & Family Welfare Dept., Govt. of Odisha

B.Sc. (ALL HONS.) – (Recognised by Higher Education Department, Govt. of Odisha)

DIPLOMA – (Approved AICTE, New Delhi & Affiliated to SCTE&VT, Odisha)

BBA – (Affiliated & Recognised by BPUT, Odisha)

Govt. Approved Course Fees

GOVT. SCHOLARSHIPS for the Meritorious / SC / ST / OBC Students.

We invite you to visit to our institute & discover our potentiality. SEEING IS BELIEVING

Contact Details: DKL - 6372024980, 7978909283, 63728 51685; BBSR - 9861575524, 9348352445, 9437169419


synergyinstitute.ac.in
synergyinstitute.net

## ଆର୍‌ଟିଓଙ୍କ ଘରେ ୧୩ କିଲୋ ସୁନା, ୯ କିଲୋ ରୁପା, ଦେଢ଼ କୋଟି ଟଙ୍କା



ଲକ୍ଷ୍ନୌ, ୮।୭(ଏଜେନ୍ସି): ଉତ୍ତର ପ୍ରଦେଶ ଭିଜିଲାନ୍ସ ବିଭାଗ ପକ୍ଷରୁ ଆଗ୍ରାର ପୂର୍ବତନ ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ (ଏଆର୍‌ଟିଓ) ଲଳିତ କୁମାରଙ୍କ ବାସଭବନରେ ଚଢଉ କରାଯାଇ ବିପୁଳ ପରିମାଣର ସମ୍ପତ୍ତି ଜବତ ହୋଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜୁଲାଇ ୭ ଏବଂ ୮ରେ ଲକ୍ଷ୍ନୌର ଅଲିଗଞ୍ଜ ସ୍ଥିତ ତାଙ୍କ ବାସଭବନରେ ଏହି ସର୍ଚ୍ଚ ଅପରେସନ କରାଯାଇଥିଲା। ଭିଜିଲାନ୍ସ ଟିମ୍ ଚଢଉ ସମୟରେ ଲଳିତ କୁମାରଙ୍କ ଘରର ବିଭିନ୍ନ ସ୍ଥାନରେ ବିଡ଼ା ବିଡ଼ା କରି ଲୁଚାଇ ରଖାଯାଇଥିବା ପ୍ରାୟ ୧.୬୨ କୋଟି ଟଙ୍କା ନଗଦ ଜବତ ହୋଇଥିଲା। ଏହା ବ୍ୟତୀତ, ତାଙ୍କ ଘରୁ ସୁନା ବିସ୍କୁଟ, ବାର୍ ଏବଂ ଅଳଙ୍କାର ଆକାରରେ ପ୍ରାୟ ୧୩ କିଲୋଗ୍ରାମ ସୁନା ଏବଂ ୯ କିଲୋଗ୍ରାମ ରୁପା ଉଦ୍ଧାର କରାଯାଇଛି। ସରକାରୀ ମୂଲ୍ୟ ଅନୁଯାୟୀ, ଜବତ ହୋଇଥିବା ଏହି ସୁନା ଓ ରୁପାର ଆନୁମାନିକ ମୂଲ୍ୟ ପ୍ରାୟ ୨୦ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ଚଢଉ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବେଜ ମଧ୍ୟ ହାସଲ ହୋଇଛି। ସେଥିରେ ଅନେକ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିରେ ପୁଞ୍ଜି ନିବେଶର ବିବରଣୀ ରହିଛି। ପ୍ରାଥମିକ ତଦନ୍ତ ଅନୁଯାୟୀ, ଲଳିତ କୁମାରଙ୍କର ଲକ୍ଷ୍ନୌ, ନୋଏଡା, ବାରାବଙ୍କି ଏବଂ ରାଏବରେଲିରେ ଅତି କମରେ ୧୫ଟି ଜମିଜମା ରହିଛି। ଏଥିମଧ୍ୟରେ ଆବାସିକ ଗୃହ, ପ୍ଲଟ୍, କୃଷି ଜମି ଏବଂ ବିଳାସପୂର୍ଣ୍ଣ ଫ୍ଲାଟ୍ ଅନ୍ତର୍ଭୁକ୍ତ। ସେଗୁଡ଼ିକର ମୂଲ୍ୟ ପ୍ରାୟ ୧୩ କୋଟି ଟଙ୍କା ବୋଲି ଆକଳନ କରାଯାଇଛି। ଏହି ଘଟଣାରେ କାନପୁର ରେଞ୍ଜ୍ ଦୁର୍ନୀତି ନିବାରଣ ପୁଲିସ ଷ୍ଟେସନରେ ବିଭିନ୍ନ ଧାରା ଆଧାରରେ ମାମଲା ରୁଜୁ କରାଯାଇଛି। ଉଦ୍ଧାର କରାଯାଇଥିବା ଦସ୍ତାବେଜଗୁଡ଼ିକର ଯାଞ୍ଚ କରାଯାଉଛି। ଆଗାମୀ ଦିନରେ ଅଧିକ ତଥ୍ୟ ସାମ୍ନାକୁ ଆସିବା ପରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି।

## ଗୋଲ୍ଡିଙ୍କୁ ଧରିବା ପାଇଁ ୫୦ ହଜାର ଡଲାର ପୁରସ୍କାର ଘୋଷଣା



ନୂଆଦିଲ୍ଲୀ, ୮।୭(ଏଜେନ୍ସି): ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ବିରୋଧରେ ଚାଲିଥିବା ଆନ୍ତର୍ଜାତିକ ଅଭିଯାନ ମଧ୍ୟରେ ଆମେରିକାର ସଂଘୀୟ ତଦନ୍ତ ସଂସ୍ଥା ଏଫ୍‌ବିଆଇ ଗୋଲ୍ଡି ବ୍ରାରଙ୍କ ଗିରଫ ସମ୍ପର୍କରେ ସୂଚନା ଦେଲେ ୫୦ ହଜାର ଡଲାର ପୁରସ୍କାର ଘୋଷଣା କରିଛି। ପଞ୍ଜାବର ଫରିଦକୋଟର ବାସିନ୍ଦା ଗୋଲ୍ଡି ବ୍ରାର, ଯାହାଙ୍କ ପ୍ରକୃତ ନାମ ସତିନ୍ଦରଜିତ୍ ସିଂହ, ଭାରତରେ ଏକାଧିକ ହତ୍ୟା, ଜବରଦସ୍ତି ଆଦାୟ, ଅସ୍ତ୍ର ଓ ମାଦକ ଚୋରାଚାଲାଣ ଭଳି ସଙ୍ଗଠିତ ଅପରାଧରେ ଅଭିଯୁକ୍ତ। ଲୋକପ୍ରିୟ ଗାୟକ ସିଦ୍ଧୁ ମୁସେୱାଲାଙ୍କ ହତ୍ୟା ଘଟଣାର ପ୍ରମୁଖ ଷଡ଼ଯନ୍ତ୍ରକାରୀ ଭାବେ ମଧ୍ୟ ତାଙ୍କ ନାମ ଉଠିଥିଲା। ଆମେରିକୀୟ ତଦନ୍ତ ସଂସ୍ଥାର ଅଭିଯୋଗ ଅନୁସାରେ ସେ ଉତ୍ତର ଆମେରିକାରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର କାର୍ଯ୍ୟକଳାପ ପରିଚାଳନା କରୁଥିଲେ। ହତ୍ୟା, ଅପହରଣ, ଜବରଦସ୍ତି ଆଦାୟ, ମାଦକ ଓ ଅସ୍ତ୍ର ଚୋରାଚାଲାଣ ଭଳି ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ରହିଛି। ଗୋଲ୍ଡି ବ୍ରାରଙ୍କୁ ଧରିବା ପାଇଁ ଭାରତ ସମେତ ବିଭିନ୍ନ ଦେଶର ତଦନ୍ତକାରୀ ସଂସ୍ଥା ସକ୍ରିୟ ରହିଛନ୍ତି।

## ଅଟୋରେ ୪ ଶିଶୁଙ୍କୁ ଜନ୍ମଦେଲେ ମହିଳା, ସମସ୍ତଙ୍କର ମୃତ୍ୟୁ

ମାଣ୍ଡଲା, ୮।୭(ଏଜେନ୍ସି): ସମୟ ମତେ ଆମ୍ବୁଲାନ୍ସ ସେବା ନମିଳିବା କାରଣରୁ ମଧ୍ୟପ୍ରଦେଶର ମାଣ୍ଡଲା ସହରରେ ଜଣେ ଗର୍ଭବତୀ ମହିଳା ଅଟୋରିକ୍ସାରେ ହସ୍ପିଟାଲ ଯିବା ବାଟରେ ୪ ଜଣ ଅପରିପକ୍ୱ ଶିଶୁଙ୍କୁ ଜନ୍ମ ଦେଇଛନ୍ତି। ଚିକିତ୍ସା ଅଭାବରୁ ସମସ୍ତ ୪ ନବଜାତ ଶିଶୁଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ଦିନ ନାଇଗନୱା ଗ୍ରାମର ୨୮ ବର୍ଷୀୟା ରଜନୀ ସିଦ୍ରାମଙ୍କୁ ହଠାତ୍ ପ୍ରସବ ବେଦନା ହୋଇଥିଲା। ପରିବାର ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ ମଧ୍ୟ ସେବା ଉପଲବ୍ଧ ହୋଇନଥିଲା। ବାଧ୍ୟ ହୋଇ ପରିବାର ଲୋକେ ଆଶାକର୍ମୀଙ୍କ ସହାୟତାରେ ତାଙ୍କୁ ଏକ ଅଟୋରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରୁ ତାଙ୍କୁ ବିଛିୟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା, ମାତ୍ର ବାଟରେ ହିଁ ମହିଳା ଜଣକ ଗୋଟିଏ ପରେ ଗୋଟିଏ ୪ଟି ସନ୍ତାନ ପ୍ରସବ କରିଥିଲେ। ହସ୍ପିଟାଲ ପହଞ୍ଚିବା ପରେ ଡାକ୍ତର ସମସ୍ତ ଶିଶୁଙ୍କୁ ମୃତ ଘୋଷଣା କରିଛନ୍ତି। ଡାକ୍ତରଙ୍କ ଅନୁଯାୟୀ, ମହିଳା ଜଣକ ପ୍ରାୟ ୭ ମାସର ଗର୍ଭବତୀ ଥିଲେ ଏବଂ ଶିଶୁମାନେ ସମ୍ପୂର୍ଣ୍ଣ ବିକଶିତ ହୋଇନଥିଲେ। ବର୍ତ୍ତମାନ ପ୍ରସୂତି ମହିଳାଙ୍କ ଅବସ୍ଥା ସ୍ଥିର ରହିଛି। ଆମ୍ବୁଲାନ୍ସ ସଠିକ୍ ସମୟରେ ପହଞ୍ଚିଥିଲେ ହୁଏତ ଏହି ନିଷ୍ପାପ ଶିଶୁମାନଙ୍କ ଜୀବନ ବଞ୍ଚିପାରିଥାନ୍ତା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ବିଷ୍ଣୋଇ ଗ୍ୟାଙ୍ଗ୍‌କୁ ପ୍ରହାର ଗିରଫ ହେଲେଣି ୨୪



ନୂଆଦିଲ୍ଲୀ, ୮।୭(ଏଜେନ୍ସି): ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ହରଦୀପ ସିଂହ ନିଜ୍ଜର ହତ୍ୟା ମାମଲାରେ ଭାରତୀୟ ଜେଲରେ ଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ସଂପୃକ୍ତ ଥିବାରୁ ଏହି ଗ୍ୟାଙ୍ଗ ବିରୋଧରେ ଆମେରିକାର ଏଫ୍‌ବିଆଇର ବଡ଼ ଅନ୍ତର୍ଜାତୀୟ ଅପରେସନ୍ ଆରମ୍ଭ କରିଛି। ବିଷ୍ଣୋଇ ଗ୍ୟାଙ୍ଗ୍‌ର ୨୪ ଜଣଙ୍କୁ ଗିରଫ କରାଯାଇଛି। ଆମେରିକାର ନ୍ୟାୟ ବିଭାଗ ପକ୍ଷରୁ 'ଅପରେସନ୍ ହାର୍ଡ ବଲ୍' ଅଧୀନରେ ଆମେରିକା, କାନାଡା ଏବଂ ସ୍ପେନରେ ବ୍ୟାପକ ଚଢ଼ାଉ କରାଯାଇଛି। ଅପରେସନରେ ମୋଟ ୩୭ ଜଣଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ କରାଯାଇଛି। କୋର୍ଟ ଦଲିଲ ଅନୁଯାୟୀ, ଜୁନ୍ ୨୦୨୩ରେ ବ୍ରିଟିଶ କଲମ୍ବିଆରେ ହୋଇଥିବା ନିଜ୍ଜର ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଥିଲା ବିଷ୍ଣୋଇ। ଜେଲରେ ଥାଇ ମଧ୍ୟ ସେ ମୋବାଇଲ୍ ସାହାଯ୍ୟରେ ବିଦେଶରେ ହତ୍ୟା, ବଳପୂର୍ବକ ଟଙ୍କା ଆଦାୟ ଓ ନିଶାଦ୍ରବ୍ୟ ଚୋରା ଚାଲାଣ ଭଳି ନେଟୱର୍କ ଚଲାଉଥିଲା। ବିଷ୍ଣୋଇ ଗ୍ୟାଙ୍ଗ ବ୍ୟତୀତ ଜଗ୍ଗୁ ଭଗବାନପୁରିଆ ଗ୍ୟାଙ୍ଗ ଏବଂ ରବିନ୍ଦର ସିଂହ ଧାନ୍ଦାର ଡ୍ରଗ୍ସ ସିଣ୍ଡିକେଟ୍ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପ୍ରଚୁର ପରିମାଣର କୋକେନ୍ ଓ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।

## ଆସାମରେ ମଣିଷ–ହାତୀ ମହାସଂଘର୍ଷ

### ୧୧୪୭ ଜଣଙ୍କ ଜୀବନ ଗଲା, ୨୪୬ ହାତୀର ମୃତ୍ୟୁ

ଗୌହାଟୀ, ୮।୭(ଏଜେନ୍ସି): ଆସାମରେ ଦୀର୍ଘ ବର୍ଷ ଧରି ଚାଲିଆସୁଥିବା ମଣିଷ–ହାତୀ ସଂଘର୍ଷ ଗୁରୁତର ରୂପ ନେଇଛି। ରାଜ୍ୟ ବିଧାନସଭାରେ ସରକାର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଏହି ସଂଘର୍ଷରେ ଗତ ୧୦ ବର୍ଷ ମଧ୍ୟରେ ୧୧୪୭ ଜଣଙ୍କ ଜୀବନ ଯାଇଥିବା ବେଳେ ୨୪୬ଟି ହାତୀର ମଧ୍ୟ ମୃତ୍ୟୁ ଘଟିଛି। ରାଜ୍ୟର ବନମନ୍ତ୍ରୀ କହିଛନ୍ତି, ଗତବର୍ଷ ସର୍ବାଧିକ ୧୩୮ ଜଣଙ୍କ ମୃତ୍ୟୁ ମଣିଷ–ହାତୀ ସଂଘର୍ଷରେ ହୋଇଥିଲା। ଚଳିତ ବର୍ଷ ଏପର୍ଯ୍ୟନ୍ତ ୫୩ ଜଣ ପ୍ରାଣ ହରାଇଛନ୍ତି। ସେହିପରି ବିଦ୍ୟୁତ୍ ସଂସ୍ପର୍ଶ, ରେଳ ଦୁର୍ଘଟଣା ଓ ବିଷ ପ୍ରୟୋଗ ଯୋଗୁଁ ୨୪୬ଟି ହାତୀର ମୃତ୍ୟୁ ଘଟିଛି। ସରକାର ହାତୀ ଚଳାଚଳ ପଥ ଚିହ୍ନଟ, ସୌର ବାଡ଼ ସ୍ଥାପନ ଏବଂ ବନ କର୍ମଚାରୀ ନିୟୋଜନ ଭଳି ପଦକ୍ଷେପ ନେଇଥିଲେ ମଧ୍ୟ ସମସ୍ୟା ଜାରି ରହିଛି। ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ବଢୁଥିବା ସଂଘର୍ଷ ଆସାମ ପାଇଁ ଗମ୍ଭୀର ଚ୍ୟାଲେଞ୍ଜ ହୋଇଛି। ବନ ସଂରକ୍ଷଣ ସହ ମଣିଷ ଓ ହାତୀ ଉଭୟଙ୍କ ସୁରକ୍ଷା ପାଇଁ ଅଧିକ ପ୍ରଭାବୀ ଓ ଦୀର୍ଘମିଆଦି ପଦକ୍ଷେପର ଆବଶ୍ୟକତା ଦେଖାଦେଇଛି।

# ସଂଶୋଧିତ ହେଲା ଏନ୍‌ସିଇଆର୍‌ଟି ପୁସ୍ତକ

## ■ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା ପରେ ହଟିଲା ବିବାଦୀୟ କୋର୍ଟ ପ୍ରସଙ୍ଗ





**କଭର ପୃଷ୍ଠାରୁ ଗାନ୍ଧୀ, ନେହରୁ, ଭଗତ ସିଂହଙ୍କ ଫଟୋ ଗାଏବ**

ନୂଆଦିଲ୍ଲୀ, ୮।୭(ଏଜେନ୍ସି): ନ୍ୟାସନାଲ କାଉନସିଲ୍ ଅଫ୍ ଏଜୁକେସନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆର୍‌ଟି) ୮ମ ଶ୍ରେଣୀର ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରି ଏହାର ଏକ ନୂତନ ସଂସ୍କରଣ ପ୍ରକାଶ କରିଛି। ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ ଏବଂ ନ୍ୟାୟପାଳିକା ସମ୍ବନ୍ଧୀୟ ବିଷୟବସ୍ତୁକୁ ନେଇ ସୃଷ୍ଟି ହୋଇଥିବା ବିବାଦ ପରେ ଏହି ପଦକ୍ଷେପ ନିଆଯାଇଛି। ନୂତନ ପୁସ୍ତକର ପ୍ରଚ୍ଛଦ ପୃଷ୍ଠାରେ ସୁପ୍ରିମକୋର୍ଟଙ୍କୁ ସବୁଠାରୁ ଉପରେ ଏବଂ ସଂସଦକୁ ନିମ୍ନ ଭାଗରେ ସ୍ଥାନ ଦିଆଯାଇଛି। ପୂର୍ବ ସଂସ୍କରଣରେ ଥିବା ନ୍ୟାୟପାଳିକାରେ ଦୁର୍ନୀତି ଏବଂ ବିଚାରାଧୀନ ମାମଲାଗୁଡ଼ିକର ବୋଝ ବିଷୟରେ ଥିବା ଉଲ୍ଲେଖକୁ ହଟାଇ ଦିଆଯାଇଛି। ଏହା ବଦଳରେ ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ଭୂମିକା, ଜନସ୍ୱାର୍ଥ ମାମଲା, ଟ୍ରିବ୍ୟୁନାଲ ଏବଂ ବିବାଦ ସମାଧାନର ବିକଳ୍ପ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି।

ସୁପ୍ରିମକୋର୍ଟ ଏହି ପୁସ୍ତକକୁ ନେଇ ସୁପ୍ରିମ କୋର୍ଟଙ୍କ କଡ଼ା ଆଭିମୁଖ୍ୟ ପରେ ଏନ୍‌ସିଆର୍‌ଟି ଏଥିପାଇଁ କ୍ଷମା ପ୍ରାର୍ଥନା କରିଥିଲା। ଏହାସହିତ ବିବାଦୀୟ ଦେଶ ବିଭାଜନ ପ୍ରସଙ୍ଗରେ ମଧ୍ୟ ପାଠ୍ୟପୁସ୍ତକରେ ବଡ଼ ପରିବର୍ତ୍ତନ କରାଯାଇଛି। ନୂତନ ପୁସ୍ତକରେ ଉଲ୍ଲେଖ କରାଯାଇଛି ଯେ, ୧୯୪୭ ମସିହାରେ ଦେଶ ବିଭାଜନକୁ କଂଗ୍ରେସ ଆଗକୁ ବଢ଼ିବାର ଏକମାତ୍ର ବିକଳ୍ପ ଭାବେ ଗ୍ରହଣ କରିଥିଲା। ଏହି ବିଷୟ ଏବେ ମଧ୍ୟ ତର୍କର ବିଷୟ ହୋଇ ରହିଛି। ପୂର୍ବରୁ ଥିବା ପୁସ୍ତକରେ ଗାନ୍ଧିଜୀ ଏବଂ ଅଧିକାଂଶ କଂଗ୍ରେସ ନେତା ବିଭାଜନକୁ ବିରୋଧ କରୁଥିଲେ ମଧ୍ୟ ଏହାକୁ ବାଧ୍ୟ ହୋଇ ଗ୍ରହଣ କରିଥିଲେ ବୋଲି ଲେଖାଥିଲା, ଯାହାକୁ ଏବେ ସଂଶୋଧିତ କରାଯାଇଛି। ସେହିପରି 'ସାମ୍ପ୍ରଦାୟିକ ଗଣହତ୍ୟା ସମୟରେ କଂଗ୍ରେସ ନେତାମାନେ ଅସହାୟ ଥିଲେ' ବୋଲି ଥିବା ବାକ୍ୟଟିକୁ ମଧ୍ୟ ହଟାଇ ଦିଆଯାଇଛି। ନୂତନ ସଂସ୍କରଣରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସମ୍ପର୍କିତ ବିଷୟବସ୍ତୁରୁ ଆଡଲଫ୍ ହିଟଲର ଏବଂ ନାଜିବାଦର ସମସ୍ତ ଉଲ୍ଲେଖକୁ ବାଦ୍ ଦିଆଯାଇଛି। ନେତାଜୀ ବ୍ରିଟିଶ ବିରୋଧୀ ଶକ୍ତିଙ୍କ ସାହାଯ୍ୟ ଲୋଡ଼ିଥିଲେ ବୋଲି ଏଥିରେ କୁହାଯାଇଛି। ଏହାସହିତ, ୧୯୨୫ ମସିହାରେ ବିନାୟକ ଦାମୋଦର ସାବରକରଙ୍କ ଦ୍ୱାରା 'ସ୍ୱରାଜ' ଦାବି ପ୍ରଥମେ ଉପସ୍ଥାପିତ କରାଯାଇଥିବା ଇତିହାସ ଅଧ୍ୟାୟରେ ସ୍ଥାନିତ କରାଯାଇଛି। ପୁସ୍ତକର ପ୍ରଚ୍ଛଦରୁ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ ଏବଂ ଭଗତ ସିଂଙ୍କ ପରି ଅନେକ ଜାତୀୟ ନେତାଙ୍କ ଚିତ୍ର ଏବଂ ତାଜମହଲର ଚିତ୍ରକୁ ହଟାଇ ଦିଆଯାଇଛି। ପୂର୍ବରୁ ବିବାଦୀୟ ନ୍ୟାୟପାଳିକା ଅଧ୍ୟାୟ ପାଇଁ ଦାୟୀ ଥିବା ତିନିଜଣ ଏକାଡେମିକ୍ ବିଶେଷଜ୍ଞଙ୍କୁ ମଧ୍ୟ ବାଦ୍ ଦିଆଯାଇଛି। ସେମାନଙ୍କ ଉପରେ ସର୍ବୋଚ୍ଚ ଅଦାଲତ ବିରକ୍ତି ପ୍ରକାଶ କରିଥିଲେ।

**ରାମ ମନ୍ଦିର ଚାନ୍ଦା ଚୋରି**

## ସିସିଟିଭି ଅବହେଳାରୁ ମହାଲୁଟ୍: ଜବତ ହେଲାଣି କୋଟିଏ



**ଅବିନାଶ ମୁଖ୍ୟ ଅଭିଯୁକ୍ତ**

ଅଯୋଧ୍ୟା, ୮।୭(ଏଜେନ୍ସି): ଅଯୋଧ୍ୟାର ଶ୍ରୀରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ଚୋରି ମାମଲାରେ ଏସଆଇଟି ତଦନ୍ତରୁ ଜଣାପଡ଼ିଛି ଯେ ମନ୍ଦିରର ଦାନ ଗଣତି କେନ୍ଦ୍ରରେ ନିୟୋଜିତ କର୍ମଚାରୀମାନେ ସୁରକ୍ଷା ବ୍ୟବସ୍ଥାରେ ଥିବା ତ୍ରୁଟିର ସୁଯୋଗ ନେଇ ପ୍ରାୟ ୨ ରୁ ୩ କୋଟି ଟଙ୍କା ଚୋରି କରିଛନ୍ତି। ବର୍ତ୍ତମାନ ସୁଦ୍ଧା କୋଟିଏ ଟଙ୍କା ଜବତ ହେଲାଣି। ପ୍ରାରମ୍ଭରେ ୫୦୦ ଟଙ୍କିଆ ନୋଟ୍ ଚୋରିରୁ ଆରମ୍ଭ ହୋଇଥିବା ଏହି ଘଟଣା ପରବର୍ତ୍ତୀ ସମୟରେ ବଡ଼ ଆକାର ଧାରଣ କରିଥିଲା। ଦାନ ଗଣତି କାର୍ଯ୍ୟରେ ନିୟୋଜିତ ଥିବା ୬ ଜଣ କର୍ମଚାରୀ ମନ୍ଦିରରେ ଯୋଗ ଦେବାର ମାତ୍ର ୨ ରୁ ୩ ମାସ ମଧ୍ୟରେ ଏହି ଚୋରି ଆରମ୍ଭ କରିଥିଲେ। ସିସିଟିଭି କ୍ୟାମେରା ଉପରେ ଦୁର୍ବଳ ନଜର ଏବଂ ନିୟନ୍ତ୍ରଣ କକ୍ଷ ଖାଲି ରହିବାର ସୁଯୋଗ ନେଇ ସେମାନେ ପ୍ରଥମେ ନିଜ ପୋଷାକରେ ଲୁଚାଇ ଟଙ୍କା ବାହାରକୁ ନେଉଥିଲେ। ପରେ କୌଣସି ଧରାପଡ଼ିବା ଭୟ ନଥିବାରୁ ସେମାନେ ସମ୍ପୂର୍ଣ୍ଣ ଟଙ୍କା ବିଡ଼ା ଚୋରି କରିବାକୁ ଲାଗିଲେ। ସେମାନଙ୍କ ନିଯୁକ୍ତି ମଧ୍ୟ ମନ୍ଦିର ଟ୍ରଷ୍ଟ ସହିତ ଜଡ଼ିତ ବ୍ୟକ୍ତିଙ୍କ ସୁପାରିସ କ୍ରମେ ଷ୍ଟେଟ୍ ବ୍ୟାଙ୍କର ଏକ ବାହ୍ୟ ସଂସ୍ଥା ଜରିଆରେ ହୋଇଥିଲା। ମନ୍ଦିର ଟ୍ରଷ୍ଟ ଏବଂ ବ୍ୟାଙ୍କ ମଧ୍ୟରେ ଚୁକ୍ତି ଅନୁଯାୟୀ, ଗଣତି କେନ୍ଦ୍ରକୁ ପ୍ରବେଶ ଏବଂ ପ୍ରସ୍ଥାନ ସମୟରେ ବାୟୋମେଟ୍ରିକ ହାଜିରା ଏବଂ କଡ଼ା ଶାରୀରିକ ଯାଞ୍ଚ କରିବାର ନିୟମ ଥିଲା। କିନ୍ତୁ ସୁରକ୍ଷା ଅଧିକାରୀମାନେ ଏହି ଯାଞ୍ଚ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲେ। ଚୋରି ହୋଇଥିବା ଏହି ଦାନ ଅର୍ଥରେ ଅଭିଯୁକ୍ତମାନେ ଅଯୋଧ୍ୟା ଏବଂ ଅନ୍ୟାନ୍ୟ ସ୍ଥାନରେ ଜମିବାଡ଼ି କିଣିଥିବା ଜଣାପଡ଼ିଛି। ଏସ୍‌ଆଇଟି ଏହାର ପ୍ରାଥମିକ ରିପୋର୍ଟରେ ଅବିନାଶ ଶୁକ୍ଲାକୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଯାଇଛି। ଗଣତି କେନ୍ଦ୍ରରେ ପ୍ରାୟ ୪୦ ଦିନ ଧରି ଚାଲିଥିବା ଚୋରି ଅପରେସନ୍‌ର ମୁଖ୍ୟ ସୂତ୍ରଧର ଥିଲା ଏବଂ ଏଥିରେ ଅନ୍ୟ ୫ ଜଣ କର୍ମଚାରୀ ତାକୁ ସହଯୋଗ କରୁଥିଲେ।

## କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ରଙ୍କ ଟିମ୍‌ରୁ ବିଦାହେଲେ ୪ ଅଫିସର



ନୂଆଦିଲ୍ଲୀ, ୮।୭(ଏଜେନ୍ସି): କେନ୍ଦ୍ର ପରିବେଶ, ବନ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ଅଫିସରୁ ଅପ୍ରତ୍ୟାଶିତ ଭାବେ ତଡ଼ା ଖାଇଛନ୍ତି ୪ ଅଧିକାରୀ। ।।ସେମାନେ ହେଲେ ଅମର ସିଂ, ଶୈଳେଶ କୁମାର ସିଂ, ଆୟୁଷ ସରଣ ଏବଂ ସିଦ୍ଧାର୍ଥ ଯାଦବ। ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଅମର ସିଂଙ୍କୁ ତାଙ୍କ ମୂଳ କ୍ୟାଡର ରାଜସ୍ୱ ବିଭାଗକୁ ଫେରାଇ ଦିଆଯାଇଛି। ଅତିରିକ୍ତ ବ୍ୟକ୍ତିଗତ ସଚିବ ଶୈଳେଶଙ୍କୁ ମଧ୍ୟ ତାଙ୍କର ମୂଳ ବିଭାଗକୁ ଫେରାଇଦିଆଯାଇଛି। ରାଜନୈତିକ ନିଯୁକ୍ତି ପାଇଥିବା ଦୁଇ ଜଣ ଅତିରିକ୍ତ ଏବଂ ସହକାରୀ ବ୍ୟକ୍ତିଗତ ସଚିବ ଆୟୁଷ ଏବଂ ସିଦ୍ଧାର୍ଥଙ୍କ ସେବାକୁ ମଧ୍ୟ ତୁରନ୍ତ ବାତିଲ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ଶାସନ କାଳରେ ଜଣେ ମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏକାସାଙ୍ଗରେ ୪ଜଣ ସହାୟକଙ୍କୁ ହଟାଇବା ପ୍ରଥମ ଘଟଣା ବୋଲି କୁହାଯାଇଛି। ତେବେ ଏଭଳି କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯାଇଛି, ତାହା ଜଣାପଡ଼ି ନାହିଁ। କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ ହେବାକୁ ଯାଉଥିବା ବେଳେ ମନ୍ତ୍ରୀଙ୍କର ୪ ଜଣ ବ୍ୟକ୍ତିଗତ ସଚିବଙ୍କୁ ଏଭଳି ହଟାଯାଇଥିବାରୁ ଭୂପେନ୍ଦ୍ର ଯାଦବଙ୍କୁ ନେଇ ଭିନ୍ନ ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଅନ୍ୟପକ୍ଷରେ ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ଏହାକୁ ଶାସନର ବିଫଳତା ବୋଲି ବର୍ଣ୍ଣନା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ଯାଞ୍ଚ ହୋଇ ନିଯୁକ୍ତ ହୋଇଥିବା କର୍ମଚାରୀଙ୍କୁ ଏପରି ଭାବେ ହଟାଇବା ମନ୍ତ୍ରଣାଳୟ ମଧ୍ୟରେ ଥିବା ଅସ୍ଥିରତାକୁ ସୂଚାଉଛି।

## ପୁଣେରେ କୋଠା ଭୁଶୁଡ଼ିଲା; ୧୫ ଜଣ ଫସିଥିବା ଆଶଙ୍କା

ପୁଣେ, ୮।୭: ମହାରାଷ୍ଟ୍ରର ପୁଣେ ଜିଲ୍ଲା ପିମ୍ପ୍ରି–ଚିଞ୍ଚୱାଡ଼ ଅଞ୍ଚଳରେ ତିନି ମହଲା ବିଶିଷ୍ଟ କୋଠା ଭୁଶୁଡ଼ି ପଡ଼ିଛି। ଏଥିରେ ପ୍ରାୟ ୧୫ ଜଣ ଧ୍ୱଂସାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ଏହି କୋଠାଟି ସହରର ଆବର୍ଜନାରୁ ଶକ୍ତି ଉତ୍ପାଦନ ପ୍ରକଳ୍ପର ପ୍ରଶାସନିକ କାର୍ଯ୍ୟାଳୟ ଥିଲା। ଲଗାଣ ବର୍ଷା ଯୋଗୁଁ ନିକଟସ୍ଥ ପୁରୁଣା ଆବର୍ଜନାର ବିରାଟ ଗଦା ଧସି ଆସି କୋଠା ଉପରେ ପଡ଼ିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଇଛି। ଘଟଣା ସମୟରେ କୋଠା ଭିତରେ ପ୍ରାୟ ୨୦ ଜଣ କର୍ମଚାରୀ ଥିଲେ। ସେମାନଙ୍କ ମଧ୍ୟରୁ ଚାରିଜଣ ସୁରକ୍ଷିତ ଭାବେ ବାହାରି ଆସିଥିବାବେଳେ ଅନ୍ୟମାନେ ଧ୍ୱଂସାବଶେଷ ତଳେ ଫସି ରହିଛନ୍ତି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବର୍ଷା ଯୋଗୁଁ ଘଟିଥିବା ଭୂସ୍ଖଳନ ଯୋଗୁଁ ରାଜ୍ୟର ପ୍ରାୟ ୭୧ଟି ରାସ୍ତା ଅବରୋଧ ହୋଇଯାଇଛି। ରାମଗଙ୍ଗା ନଦୀରେ ଏକ ୬୦୦ ମିଟର ଲମ୍ବର କୃତ୍ରିମ ହ୍ରଦ ସୃଷ୍ଟି ହୋଇଛି।

**ବାରୁଇପୁର ନାବାଳିକା ଦୁଷ୍କର୍ମ, ହତ୍ୟା ମାମଲା**

## ଏନ୍‌କାଉଣ୍ଟରରେ ମୁଖ୍ୟ ଅଭିଯୁକ୍ତ ନିହତ




■ ମୃତଦେହ ନେବାକୁ ମନାକଲେ ପରିବାର
■ ଭୁଲ କରିଥିଲା, ଦଣ୍ଡ ମିଳିଛି

କୋଲକାତା, ୮।୭(ଏଜେନ୍ସି): ପଶ୍ଚିମବଙ୍ଗର ବାରୁଇପୁରରେ ଜଣେ ୧୨ ବର୍ଷର ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ପ୍ରଭାସ ମଣ୍ଡଳ ମଙ୍ଗଳବାର ଭୋର ସମୟରେ ପୁଲିସ ଏନକାଉଣ୍ଟରରେ ପ୍ରାଣ ହରାଇଛି। ଘଟଣାସ୍ଥଳ।।ରେ ରିକ୍ରିଏସନ ପାଇଁ ପୁଲିସ ତାକୁ ନେଇ ଯାଇଥିବା ବେଳେ ସେ ପୁଲିସର ବନ୍ଧୁକ ଛଡ଼ାଇ ଫେରାର ହେବାକୁ ଚେଷ୍ଟା କରିବା ସହ ଗୁଳି ଚଳାଇଥିଲା। ପୁଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ତାର ମୃତ୍ୟୁ ଘଟିଛି। ପୁଲିସ ସୂଚନା ଅନୁଯାୟୀ, ଗତ ଜୁଲାଇ ୫ ତାରିଖରେ ନାବାଳିକାର ମୃତଦେହ ଏକ ପୋଖରୀରୁ ବସ୍ତା ଭିତରୁ ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବା ସହ ପୁଲିସ ଗାଡ଼ି ଭଙ୍ଗାରୁଜା କରିଥିଲେ। ଏହି ସମୟରେ ଗୁଜବ ଯୋଗୁଁ ଉତ୍ତ୍ୟକ୍ତ ଜନତା ଇନ୍ଦ୍ରଜିତ ମଣ୍ଡଳ ନାମକ ଜଣେ ନିରୀହ ବ୍ୟକ୍ତିଙ୍କୁ ମଧ୍ୟ ପିଟିପିଟି ହତ୍ୟା କରିଥିଲେ। ପରେ ପୁଲିସ ସ୍ପଷ୍ଟ କରିଥିଲା ଯେ ମୃତ ଇନ୍ଦ୍ରଜିତ ଏହି ଅପରାଧରେ ସାମିଲ ନଥିଲେ। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଘଟଣାର ପୁଲିସ ମହାନିର୍ଦ୍ଦେଶକଙ୍କୁ ୭୨ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ନାବାଳିକା ଏବଂ ନିରୀହ ଇନ୍ଦ୍ରଜିତଙ୍କ ପରିବାରକୁ ନ୍ୟାୟ ପ୍ରଦାନର ପ୍ରତିଶ୍ରୁତି ଦିଆଯାଇଛି। ହିଂସାକାଣ୍ଡରେ ସାମିଲ ଥିବା ଏବଂ ପିଟିପିଟି ହତ୍ୟା କରିଥିବା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଇତିମଧ୍ୟରେ ନିହତ ପ୍ରଭାସର ପରିବାର ତାଙ୍କ ମୃତଦେହ ନେବାକୁ ମନା କରିଦେଇଛନ୍ତି। ତାର ଅନ୍ତିମ ସଂସ୍କାର କରିବାକୁ ମଧ୍ୟ ମନା କରିଛନ୍ତି। ପ୍ରଭାସ ମାତା କହିଛନ୍ତି ଯେ ତାଙ୍କ ପୁଅ ଭୁଲ କରିଥିଲା ଏବଂ ଉଚିତ ଦଣ୍ଡ ମିଳିଛି।

## ୟୁକ୍ରେନରେ ଭୟଙ୍କର ରାତ୍ରିକାଳୀନ ଆକ୍ରମଣ

କିଭ୍, ୮।୭(ଏଜେନ୍ସି): ରୁଷ ପକ୍ଷରୁ ରାତିସାରା ହୋଇଥିବା କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣରେ ୟୁକ୍ରେନରେ ତିନିଜଣଙ୍କ ମୃତ୍ୟୁ ଘଟିଛି। ଏହାର ପ୍ରତିକ୍ରିୟାରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣରେ ରୁଷରେ ମଧ୍ୟ ଜଣେ ପ୍ରାଣ ହରାଇଥିବା ଖବର ମିଳିଛି। ୟୁକ୍ରେନ ସେନାର ସୂଚନା ଅନୁଯାୟୀ, ରୁଷ ୧୬୯ ଡ୍ରୋନ୍ ଓ ୭ଟି କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା। ସେଥିରୁ ଅଧିକାଂଶ ଡ୍ରୋନକୁ ୟୁକ୍ରେନର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଧ୍ୱଂସ କରିଥିଲେ ମଧ୍ୟ କିଛି ଆକ୍ରମଣ କିଭ୍, ଖାର୍କିଭ୍ ଓ ଜାପୋରିଜିଆରେ କ୍ଷୟକ୍ଷତି ଘଟାଇଛି। ଅନ୍ୟପଟେ, ୟୁକ୍ରେନର ଡ୍ରୋନ୍ ଆକ୍ରମଣରେ ରୁଷର କିଛି ଶିଳ୍ପ ପ୍ରତିଷ୍ଠାନ ଓ ୨ଟି ତୈଳବାହୀ ଜାହାଜ କ୍ଷତିଗ୍ରସ୍ତ ହୋଇଥିବାବେଳେ ଜଣଙ୍କର ମୃତ୍ୟୁ ଓ ଅନେକ ଆହତ ହୋଇଥିବା ରୁଷ କହିଛି।

# ପାର୍ବତ୍ୟାଞ୍ଚଳରେ ବାରମ୍ବାର କାହିଁକି ହେଉଛି ଭୂସ୍ଖଳନ?



ନୂଆଦିଲ୍ଲୀ, ୮।୭(ଏଜେନ୍ସି): କେରଳର ୱାୟାନାଡସ୍ଥିତ ମେପ୍ପାଡି ନିକଟରେ ଏକ ସୁଡ଼ଙ୍ଗ ସଡ଼କ ପ୍ରକଳ୍ପର ନିର୍ମାଣ ସ୍ଥଳରେ ଘଟିଥିବା ସଦ୍ୟତମ ଭୂସ୍ଖଳନ (ମାଟି ଧସିବା) ଘଟଣା ପୁଣି ଥରେ ସମଗ୍ର ଦେଶରେ ଚିନ୍ତା ବଢ଼ାଇ ଦେଇଛି। ଭାରତୀୟ ଭୂବିଜ୍ଞାନ ସର୍ବେକ୍ଷଣ ସଂସ୍ଥାର ତଥ୍ୟ ଅନୁସାରେ, ଦେଶର ପ୍ରାୟ ୧୩ ରୁ ୧୫ ପ୍ରତିଶତ ଅଞ୍ଚଳ (ପ୍ରାୟ ୪.୨ ଲକ୍ଷ ବର୍ଗ କିଲୋମିଟର) ଭୂସ୍ଖଳନ ପ୍ରବଣ ଅଟେ। ମୌସୁମୀ ବର୍ଷାର ପ୍ରଭାବ ଏବଂ ଅପରିଣାମଦର୍ଶୀ ମାନବୀୟ କାର୍ଯ୍ୟକଳାପ ଯୋଗୁଁ ଏହି ପ୍ରାକୃତିକ ବିପର୍ଯ୍ୟୟ ବାରମ୍ବାର ଦେଶର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରୁଛି।

ଭାରତ ସରକାରଙ୍କ ସାମରିକ ଓ ଭୂବିଜ୍ଞାନ ବିଶେଷଜ୍ଞଙ୍କ ଅନୁସାରେ, ଦେଶର ଭିନ୍ନ ଭିନ୍ନ ସ୍ଥାନରେ ମାଟି ଧସିବାର ଭୌଗୋଳିକ କାରଣ ପୃଥକ ଅଟେ। ହିମାଳୟ ପାର୍ବତ୍ୟ ଅଞ୍ଚଳରେ ହେଉଥିବା ଭୂସ୍ଖଳନର କାରଣ ଅନ୍ୟ ସ୍ଥାନଗୁଡ଼ିକଠାରୁ ଅଲଗା। ଏହା ପୃଥିବୀର ସବୁଠାରୁ କମ୍ ବୟସର ଏବଂ ସକ୍ରିୟ ପର୍ବତମାଳା ହୋଇଥିବାରୁ ଏଠାକାର ପଥର ଗୁଡ଼ିକ ଅତି ଭଙ୍ଗୁର ଓ ଅସ୍ଥିର। ବାରମ୍ବାର ଆସୁଥିବା ଭୂମିକମ୍ପ ଏବଂ ତାପମାତ୍ରା ବୃଦ୍ଧି ଯୋଗୁଁ ଗ୍ଲେସିୟର ବା ବରଫ ହ୍ରଦ ଫାଟିଯିବା ଦ୍ୱାରା ଏଠାରେ ବଡ଼ ଧରଣର ଭୂସ୍ଖଳନ ହୋଇଥାଏ। ସେହିପରି ଉତ୍ତର-ପୂର୍ବ ପାର୍ବତ୍ୟ ପ୍ରାନ୍ତରେ ମିଜୋରାମ ଏବଂ ଅରୁଣାଚଳ ପ୍ରଦେଶ ଭଳି ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଢାଲୁଆ ପାହାଡ଼ ରହିଛି। ପ୍ରବଳ ବର୍ଷା ଯୋଗୁଁ ଏହି ନରମ ପଥର ଗୁଡ଼ିକ ସହଜରେ ଧୋଇହୋଇ ଖସିପଡ଼େ।

ପଶ୍ଚିମଘାଟ ଏବଂ ନୀଳଗିରି ଅଞ୍ଚଳତ ଅର୍ଥାତ କେରଳ ଓ ମହାରାଷ୍ଟ୍ରରେ ପଥର ଅପେକ୍ଷା ମାଟିର ମୋଟା ସ୍ତର ରହିଛି। ମୌସୁମୀ ବର୍ଷା ସମୟରେ ଏହି ମାଟି ସ୍ପଞ୍ଜ ଭଳି ଅତ୍ୟଧିକ ପାଣି ଶୋଷି ନେଇ ଏକ ଭାରି କାଦୁଅର ସୁଅରେ ପରିଣତ ହୁଏ ଏବଂ ଶେଷରେ ଓଜନ ସହି ନପାରି ତଳକୁ ଖସିଆସେ। ପୁଣି ଜଳବାୟୁ ପରିବର୍ତ୍ତନ ଯୋଗୁଁ ବର୍ତ୍ତମାନ ମୌସୁମୀ ସମୟରେ କମ୍ ସମୟ ମଧ୍ୟରେ ଅତ୍ୟଧିକ ବାଦଲଫଟା ବର୍ଷା ହେଉଛି, ଯାହା ମାଟିର ସ୍ଥିରତାକୁ ନଷ୍ଟ କରୁଛି। ଏହାସହ ପ୍ରକୃତି ସହିତ ମଣିଷର ଭୁଲ୍ କାର୍ଯ୍ୟପ୍ରଣାଳୀ ବିପର୍ଯ୍ୟୟର ମାତ୍ରାକୁ ଅଧିକ ବଢ଼ାଇ ଦେଇଛି। ରାସ୍ତା ପ୍ରଶସ୍ତୀକରଣ ପାଇଁ ପାହାଡ଼ର ନିମ୍ନ ଭାଗକୁ ଅବୈଜ୍ଞାନିକ ଭାବେ କାଟିବା, ପାହାଡ଼ିଆ ସହରଗୁଡ଼ିକରେ ଖରାପ ଜଳ ନିଷ୍କାସନ ବ୍ୟବସ୍ଥା ଏବଂ ଜଙ୍ଗଲ ନଷ୍ଟ କରି ନିର୍ମାଣ କାର୍ଯ୍ୟ କରିବା ଯୋଗୁଁ ପାହାଡ଼ଗୁଡ଼ିକ ସୁରକ୍ଷାହୀନ ହୋଇପଡୁଛନ୍ତି। ସରକାରଙ୍କ ପକ୍ଷରୁ ଭୂସ୍ଖଳନର ପୂର୍ବାନୁମାନ ପାଇଁ ସ୍ୱତନ୍ତ୍ର କେନ୍ଦ୍ର ପ୍ରତିଷ୍ଠା କରାଯିବା ସହ 'ଭୂସଙ୍କେତ' ପୋର୍ଟାଲ୍ ଏବଂ 'ଭୂସ୍ଖଳନ' ମୋବାଇଲ୍ ଆପ୍ ଜାରି କରାଯାଇଛି। କିନ୍ତୁ ବିଶେଷଜ୍ଞଙ୍କ ମତରେ, ଏହି ବ୍ୟବସ୍ଥା କେବଳ କେଉଁ ସ୍ଥାନରେ ଭୂସ୍ଖଳନ ହୋଇପାରେ ତାହା ଦର୍ଶାଉଛି, କିନ୍ତୁ କେତେବେଳେ ହେବ ତାହା ସଠିକ୍ ଭାବେ କହିପାରୁନାହିଁ। ଜାପାନ ଏବଂ ସୁଇଜରଲ୍ୟାଣ୍ଡ ଭଳି ଦେଶଗୁଡ଼ିକରେ ଅତ୍ୟାଧୁନିକ ସେନ୍ସର ବ୍ୟବସ୍ଥା ରହିଛି, ଯାହା ମାଟି ଧସିବାର ସଠିକ୍ ସମୟ ପୂର୍ବରୁ ସୂଚନା ଦେଇ ଧନଜୀବନ ରକ୍ଷା କରିଥାଏ।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# କେନ୍ଦ୍ରାପଡ଼ା ରେଞ୍ଜର ରବୀନ୍ଦ୍ର ନାୟକଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ତ୍ରିଶୂଳିଆ/କେନ୍ଦ୍ରାପଡ଼ା, ୮।୭(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦ୍ରାପଡ଼ା ବନ ବିଭାଗର ରେଞ୍ଜର ରବୀନ୍ଦ୍ର କୁମାର ନାୟକଙ୍କ ବିରୋଧରେ ବୁଧବାର ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ବ୍ୟାପକ ଚଢ଼ଉ କରାଯାଇଛି। ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଏକକାଳୀନ ଭାବେ ୪ଟି ସ୍ଥାନରେ ତଲାସୀ ଚଳାଇଥିବା ବେଳେ ବାରଙ୍ଗ ଥାନା ଅନ୍ତର୍ଗତ ମୁଣ୍ଡଳୀସ୍ଥିତ ତାଙ୍କ ବାସଭବନରେ ଦୀର୍ଘ ସମୟ ଧରି ଖୋଳତାଡ଼ ଚାଲିଥିଲା। ତଲାସୀ ବେଳେ ବିପୁଳ ପରିମାଣର ନଗଦ ଅର୍ଥ, ସୁନା, ରୁପା ଓ ଅନ୍ୟାନ୍ୟ ମୂଲ୍ୟବାନ ସମ୍ପତ୍ତି ଠାବ ହୋଇଥିବା ସୂଚନା ମିଳିଛି। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ନଗଦ ୨ ଲକ୍ଷ ୧୪ ହଜାର ଟଙ୍କା, ସୁନା ମୁଦି, ସୁନା ଚୁଡ଼ି, ସୁନା କାନଫୁଲ, ଦାମୀ ହାତଘଡ଼ି, ହୀରା ମୁଦି, ରୁପା ପାଉଁଜି, ରୁପା କଏନ, ବ୍ରେସଲେଟ, ୬ଟି ପ୍ଲଟର ଦଲିଲ ଓ ବହୁସଂଖ୍ୟକ ବୀମା ସମ୍ବନ୍ଧୀୟ କାଗଜପତ୍ର ଜବତ କରାଯାଇଛି। ଏହାଛଡ଼ା ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର

- ୪ଟି ସ୍ଥାନରେ ଏକକାଳୀନ ତଲାସୀ
- ନଗଦ ଅର୍ଥ, ସୁନାରୁପା ଅଳଙ୍କାର, ହୀରା ମୁଦି, ୬ଟି ପ୍ଲଟ୍‌ର ଦଲିଲ ସହ ବହୁ ସାମଗ୍ରୀ ଜବତ

ସମ୍ପତ୍ତି ସମ୍ବନ୍ଧୀୟ ଦଲିଲପତ୍ରର ମଧ୍ୟ ଯାଞ୍ଚ ଜାରି ରହିଛି। ରବୀନ୍ଦ୍ର କୁମାର ନାୟକ ୧୯୮୮ ଅଗଷ୍ଟ ୮ରେ ପୁନର୍ବାସ ଯୋଜନାରେ ଫରେଷ୍ଟର ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ପୁରୀ ବନ ବିଭାଗ ଅଧୀନ ଖୋର୍ଦ୍ଧାରେ



ପ୍ରାୟ ୧ ହଜାର ଟଙ୍କା ଦରମାରେ ତାଙ୍କ କାର୍ଯ୍ୟଜୀବନ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ଭୁବନେଶ୍ୱର ସହର ବନ ବିଭାଗ, ଚିଲିକା ବନ୍ୟପ୍ରାଣୀ ବିଭାଗ, ବାଲୁଗାଁ, ଚନ୍ଦକା ବନ୍ୟପ୍ରାଣୀ ବିଭାଗ, ମହାନଦୀ ବନ୍ୟପ୍ରାଣୀ ବିଭାଗ ଏବଂ ନୟାଗଡ଼ରେ ବିଭିନ୍ନ ସମୟରେ କାର୍ଯ୍ୟ କରିଥିଲେ। ୨୦୧୬ ଜୁଲାଇ ୭ରେ ସେ ଉପରେଞ୍ଜର ପଦକୁ ପଦୋନ୍ନତି ପାଇଥିଲେ। ଏହାପରେ ଭୁବନେଶ୍ୱର ଆରସିଏଫ୍ ଅଧୀନରେ ଦାୟିତ୍ୱ ତୁଲାଇଥିଲେ। ୨୦୨୧ ଫେବୃଆରୀ ୮ରେ ସେ ରେଞ୍ଜର ପଦକୁ ପଦୋନ୍ନତି ପାଇ ଆଠଗଡ଼ ଡିଏଫଓଙ୍କ ଅଧୀନରେ କାର୍ଯ୍ୟ କରିଥିଲେ। ପରେ ବଦଳି ହୋଇ କେନ୍ଦ୍ରାପଡ଼ା ବନ ରେଞ୍ଜ କାର୍ଯ୍ୟାଳୟରେ ରେଞ୍ଜର ଭାବେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟରତ ଅଛନ୍ତି। ଭିଜିଲାନ୍ସ ପକ୍ଷରୁ ଜବତ ସମ୍ପତ୍ତିର ମୂଲ୍ୟାଙ୍କନ, ବ୍ୟାଙ୍କ ଜମା, ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସମ୍ପର୍କିତ ଦଲିଲପତ୍ରର ଯାଞ୍ଚ ଜାରି ରହିଛି। ତଦନ୍ତ ଶେଷ ପରେ ଅଭିଯୋଗର ପ୍ରକୃତ ସତ୍ୟତା ଏବଂ ଆୟ ବହିର୍ଭୂତ ସମ୍ପତ୍ତିର ପରିମାଣ ସ୍ପଷ୍ଟ ହେବ।

# ‘ପିନାକା’ର ସଫଳ ପରୀକ୍ଷଣ



ବାଲେଶ୍ୱର, ୮।୭ (ସମିସ): ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ଆଉ ଏକ ଉଲ୍ଲେଖନୀୟ ସଫଳତା ମିଳିଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥାନ (ଡିଆରଡିଓ) ପକ୍ଷରୁ ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ (ଆଇଟିଆର)ରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଲଙ୍ଗ ରେଞ୍ଜ ଗାଇଡେଡ୍ ରକେଟ ‘ପିନାକା’ର ସଫଳ ପରୀକ୍ଷଣ କରାଯାଇଛି। ଏହି ପରୀକ୍ଷଣ ଦ୍ୱାରା ଦୂରଗାମୀ ଲକ୍ଷ୍ୟ ଭେଦ ପାଇଁ ସଠିକ୍ ଗାଇଡେଡ୍ ରକେଟ ବିକାଶ କ୍ଷେତ୍ରରେ ଭାରତର ସ୍ୱଦେଶୀ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟାର ସାମର୍ଥ୍ୟ ପୁଣିଥରେ ପ୍ରମାଣିତ ହୋଇଛି। ଏହି ପରୀକ୍ଷଣ ସମୟରେ ରକେଟ ବ୍ୟବହାରକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ୬୦ କିଲୋମିଟର ଦୂରତାରେ ଥିବା ଲକ୍ଷ୍ୟ ଭେଦ ପାଇଁ ପ୍ରକ୍ଷେପଣ କରାଯାଇଥିଲା। ପ୍ରକ୍ଷେପଣ ପରେ ପୂର୍ବ ଯୋଜନା ମୁତାବକ ସମସ୍ତ ମାନଦଣ୍ଡକୁ ପିନାକା ରକେଟ ସଫଳତାର ପୂରଣ କରିଥିଲା। ପରେ ଏହା ପୂର୍ବାନୁମାନ କରାଯାଇଥିବା ଟ୍ରାଜେକ୍ଟୋରିକୁ ସଠିକ୍ ଭାବେ ଅନୁସରଣ କରି ଲକ୍ଷ୍ୟସ୍ଥଳରେ ନିଖୁଣ ଭାବେ ଆଘାତ କରିଥିଲା। ପରୀକ୍ଷଣ ସମୟରେ ଆଇଟିଆର ଦ୍ୱାରା ନିୟୋଜିତ ସମସ୍ତ ଅତ୍ୟାଧୁନିକ ରେଞ୍ଜ ଉପକରଣ ରକେଟର ସମ୍ପୂର୍ଣ୍ଣ ଗତିପଥକୁ ସଫଳତାର ସହ ଟ୍ରାକ୍ କରିଥିଲେ। ସେଥିରୁ ସଂଗୃହୀତ ତଥ୍ୟ, ନିର୍ଦ୍ଧାରିତ ମାନଦଣ୍ଡ ସହ ସମ୍ପୂର୍ଣ୍ଣ ମେଳ ଖାଇଥିଲା। ପିନାକା ଲଙ୍ଗ ରେଞ୍ଜ ଗାଇଡେଡ୍ ରକେଟକୁ ‘ଡିଆରଡିଓ’ର ଆର୍ମାମେଣ୍ଟ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଏଷ୍ଟାବ୍ଲିସମେଣ୍ଟ (ଏଆରଡିଇ) ପକ୍ଷରୁ ହାଇ ଏନର୍ଜି ମାଟେରିଆଲ୍ସ ରିସର୍ଚ୍ଚ ଲାବରେଟୋରି (ଏଚଇଏମଆରଏଲ) ସହଯୋଗରେ ଡିଜାଇନ ଓ ବିକଶିତ କରାଯାଇଛି। ଏହି ପ୍ରକଳ୍ପରେ ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଲାବରେଟୋରୀ (ଡିଆରଡିଏଲ) ଏବଂ ରିସର୍ଚ୍ଚ ସେଣ୍ଟର ଇମାରତ (ଆରସିଆଇ) ମଧ୍ୟ ପ୍ରଯୁକ୍ତିଗତ ସହଯୋଗ ପ୍ରଦାନ କରିଛନ୍ତି। ସଫଳ ପରୀକ୍ଷଣର ସମନ୍ୱୟ ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ (ଆଇଟିଆର) ଏବଂ ପ୍ରୁଫ୍ ଆଣ୍ଡ ଏକ୍ସପେରିମେଣ୍ଟାଲ୍ ଏଷ୍ଟାବ୍ଲିଶମେଣ୍ଟ (ପିଏକ୍ସଇ) ପକ୍ଷରୁ କରାଯାଇଥିଲା। ଭାରତୀୟ ସେନାରେ ସମ୍ପ୍ରତି ବ୍ୟବହୃତ ହେଉଥିବା ପିନାକା ଲଞ୍ଚରରୁ ଏହି ରକେଟ ପ୍ରକ୍ଷେପଣ କରାଯାଇଥିଲା। ଏହି ସଫଳ ପରୀକ୍ଷଣ ମାଧ୍ୟମରେ ସମାନ ଲଞ୍ଚରରୁ ବିଭିନ୍ନ ଦୂରତା ବିଶିଷ୍ଟ ପିନାକା ରକେଟ ପ୍ରକ୍ଷେପଣ କରିବାର କ୍ଷମତା ମଧ୍ୟ ସଫଳତାର ସହ ପ୍ରଦର୍ଶିତ ହୋଇଥିବା ବେଳେ ଏହା ଭାରତୀୟ ସେନାର କାର୍ଯ୍ୟକ୍ଷମତା ଓ ଯୁଦ୍ଧ ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବ ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ସଫଳ ପରୀକ୍ଷଣ ପାଇଁ ଡିଆରଡିଓ, ଭାରତୀୟ ସେନା ଏବଂ ପ୍ରକଳ୍ପ ସହ ଜଡ଼ିତ ସମସ୍ତ ଶିଳ୍ପ ସଂସ୍ଥାଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିରକ୍ଷା ସଚିବ, ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗର ସଚିବ ତଥା ଡିଆରଡିଓର ଅଧ୍ୟକ୍ଷ ରାଜେଶ କୁମାର ସିଂହ ଆଇଟିଆରରେ ଉପସ୍ଥିତ ରହି ଏହି ପରୀକ୍ଷଣକୁ ତଦାରଖ କରିଥିଲେ।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ୨୦୨୭ ମାର୍ଚ୍ଚ ସୁଦ୍ଧା ଜମି ଚିହ୍ନଟ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୮।୭(ସମିସ): ରାଜ୍ୟରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର ‘ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ’ ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଲୋକସେବା ଭବନରେ ଆଜି ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଅଧ୍ୟକ୍ଷତା କରି ପ୍ରଥମ ପର୍ଯ୍ୟାୟରେ ଯେଉଁ ୨୨୦୦ ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ସ୍ଥିରୀକୃତ ହୋଇଛି, ସେସବୁ ପାଇଁ ମାର୍ଚ୍ଚ ୨୦୨୭ ସୁଦ୍ଧା ଜମି ଚିହ୍ନଟ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟର ଅଗ୍ରଗତି ପାଇଁ ଜିଲ୍ଲାପାଳମାନେ ପ୍ରତି ସପ୍ତାହରେ ତଦାରଖ କରି ସାପ୍ତାହିକ ରିପୋର୍ଟ ଗଣଶିକ୍ଷା ବିଭାଗର ସଚିବଙ୍କୁ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ନିଜେ ପ୍ରତି ମାସରେ ଏହି ପ୍ରକଳ୍ପର ସମୀକ୍ଷା କରିବେ।



ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଜାତୀୟ ଶିକ୍ଷା ନୀତି- ୨୦୨୦ ଓ ଶିକ୍ଷା ଅଧିକାର- ୨୦୦୯ ର ଲକ୍ଷ୍ୟ ପୂରଣ ପାଇଁ ପଞ୍ଚାୟତ ସ୍ତରରେ ବିଶ୍ୱସ୍ତରୀୟ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ଏହି ଯୋଜନାର ମୂଳ ଲକ୍ଷ୍ୟ। ବର୍ତ୍ତମାନ ସୁଦ୍ଧା ୩୨୨ଟି ସ୍କୁଲର କାମ ଆରମ୍ଭ ହୋଇଛି। ଅବଶିଷ୍ଟ ବିଦ୍ୟାଳୟ ପାଇଁ ତୁରନ୍ତ ଜମି ଚିହ୍ନଟ କରିବା ପାଇଁ ଜିଲ୍ଲାପାଳମାନେ ଗୁରୁତ୍ୱ ଦେବାକୁ କହିବା ସହ ଏହି ପ୍ରକ୍ରିୟାରେ ସ୍ଥାନୀୟ ବିଧାୟକମାନଙ୍କୁ ସାମିଲ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏହି ପ୍ରକଳ୍ପର ସଫଳତା ପାଇଁ ଜିଲ୍ଲାପାଳଙ୍କ ସକ୍ରିୟ ଉଦ୍ୟମ ଏକାନ୍ତ ଜରୁରୀ। ସମସ୍ତେ ଏହାକୁ ଗୁରୁତ୍ୱର ସହ ନେଇ ଟାର୍ଗେଟ ପୂରଣ କରନ୍ତୁ। ଏହି ବୈଠକରେ ଆଭାସୀ ମାଧ୍ୟମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି. କେ. ସିଂ, ଗଣଶିକ୍ଷା ବିଭାଗର ସଚିବ ଏନ୍. ତିରୁମାଲା

**ଗଣଶିକ୍ଷା ବିଭାଗକୁ ସାପ୍ତାହିକ ରିପୋର୍ଟ କରିବେ ଜିଲ୍ଲାପାଳ**

ନାୟକ ଏବଂ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିବାବେଳେ ଜିଲ୍ଲାପାଳମାନେ ଆଭାସି ମାଧ୍ୟମରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଏହି ପ୍ରକଳ୍ପ ପାଇଁ ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ପ୍ରାୟ ୨୨୦୦ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି।

# ଚାପରେ ପୁଲିସ: ଖାଲି ପଡ଼ିଛି ୩୩ ହଜାର ପଦ

କଟକ,୮।୭(ସମିସ): ଓଡ଼ିଶା ପୁଲିସ ବିଭାଗରେ ବ୍ୟାପକ ମାନବ ସମ୍ବଳର ଅଭାବ ରହିଥିବା ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ. ବି. ଖୁରାନିଆ। ଜନସଂଖ୍ୟା ଅନୁପାତ ଅନୁସାରେ ଅନ୍ୟ ରାଜ୍ୟ ତୁଳନାରେ ମାନବ ସମ୍ବଳ ଓଡିଶା ପୁଲିସରେ ଯଥେଷ୍ଟ କମ୍ ଅଛି। ବର୍ତ୍ତମାନ ସୁଦ୍ଧା ବିଭାଗରେ ପ୍ରାୟ ୩୩ ହଜାର ପଦ ଖାଲି ପଡ଼ିଥିବା ସେ ପ୍ରକାଶ କରିଛନ୍ତି। ଡିଜିପିଙ୍କ କହିବାନୁଯାୟୀ, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଏବଂ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହା ଭିତରେ ୧୭ହଜାର ନୂଆ ପଦ ସୃଷ୍ଟି କରିଛନ୍ତି। ପୂର୍ବରୁ ଥିବା ୧୬ ହଜାର ଖାଲି ପଦ ସହିତ ଏହି ନୂତନ ପଦକୁ ମିଶାଇ ସର୍ବମୋଟ ୩୩ ହଜାର ପଦ ଖାଲି ରହିଛି। ସମସ୍ତ ଖାଲି ଥିବା ପଦ ଖୁବଶୀଘ୍ର ପୂରଣ ହେବ ବୋଲି ଡିଜିପି ଆଶା ପ୍ରକଟ କରିଛନ୍ତି। ତେବେ ମାନବ ସମ୍ବଳ ଅଭାବ ପାଇଁ ପୁଲିସ ଚାପରେ କାର୍ଯ୍ୟ କରୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ସେହିଭଳି ଇନ୍ସପେକ୍ଟର ବ୍ୟୁଟି ମହାନ୍ତିଙ୍କ ମୃତ୍ୟୁ ମାମଲାର ତଦନ୍ତ ବର୍ତ୍ତମାନ ଜାରି ରହିଛି। ତଦନ୍ତ ଶେଷ ସହ ଏ ସମ୍ପର୍କିତ ରିପୋର୍ଟ ଆସିବା ପରେ ତଦନୁସାରେ ଉପଯୁକ୍ତ ପଦକ୍ଷେପ ନିଆଯିବ। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି ସ୍ପଷ୍ଟ କରିଛନ୍ତି। ଆଇପିଏସ୍ ଜଗମୋହନ ମୀନାଙ୍କ ଇସ୍ତଫା ପ୍ରସଙ୍ଗରେ ଡିଜିପି କହିଥିଲେ ଯେ ବ୍ୟକ୍ତିଗତ କାରଣରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି।

# ଆଜି ହୀରାକୁଦ ଛାଡ଼ିବ ବନ୍ୟାଜଳ

ସମ୍ବଲପୁର, ୮।୭ (ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଗତ କେଇଦିନ ହେବ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଉପରମୁଣ୍ଡରେ ବର୍ଷା ଓ ଛତିଶଗଡ଼ର କଲମା ବ୍ୟାରେଜ୍‌ର ସମସ୍ତ ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି। ହୀରାକୁଦ ନଦୀବନ୍ଧରେ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରଖିବାକୁ ଥିବାବେଳେ ଗତକାଲିଠାରୁ ତାହା ଏହି ରେଖା ପାରି କରିଛି। ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ଆସନ୍ତାକାଲି ୯ ତାରିଖ ପୂର୍ବାହ୍ଣ ୧୧ଟାରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବାକୁ ନିଷ୍ପତ୍ତି ନେଇଛନ୍ତି। ତଦନୁଯାୟୀ ଡାକବାଜି ଯନ୍ତ୍ର ସାହାଯ୍ୟରେ ହୀରାକୁଦ ଡ୍ୟାମ୍ ଅବବାହିକା ଅଞ୍ଚଳରେ ଜନସାଧାରଣଙ୍କୁ ସଚେତନ କରାଯାଉଛି। ବନ୍ୟାଜଳ ନିଷ୍କାସନ ସମୟରେ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ବୁଧବାର ୮ ତାରିଖ ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୨.୯୭ ଫୁଟ ରହିଥିଲା। ନଦୀବନ୍ଧର ସମସ୍ତ ସ୍ଲୁଇସ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୪୨,୯୬୬ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨୬,୩୦୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ପାୱାର ଚ୍ୟାନାଲ ଦେଇ ୨୩,୩୨୩ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୭ ଘନଫୁଟ, କେନାଲ ପାଇଁ ୨୭୩୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ତେବେ ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସିତ ହେଉନାହିଁ। ଅନ୍ୟପକ୍ଷରେ ତଳମୁଣ୍ଡରେ



ବେଲଗାଁଠାରେ ୧୮୦୦୦ କ୍ୟୁସେକ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୪୯,୭୯୯ କ୍ୟୁସେକ, ଖଇରମାଳଠାରେ ୧,୦୬,୦୦୦ କ୍ୟୁସେକ, ବାରମୁଲାଠାରେ ୧,୫୫,୦୦୦ କ୍ୟୁସେକ ଏବଂ ମୁଣ୍ଡଳୀଠାରେ ୪,୨୦,୮୨୪ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# କଳାପତାକା ପ୍ରଦର୍ଶନ ପାଇଁ ହତ୍ୟା ଉଦ୍ୟମ ଦଫା

ଭୁବନେଶ୍ୱର,୮।୭(ସମିସ): ଗତ ୭ ତାରିଖ ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତ ଅବସରରେ ଯୁବ କଂଗ୍ରେସ ନେତା ଅବିନାଶ ମିଶ୍ରଙ୍କ ଗିରଫଦାରିକୁ ନେଇ ସରକାରଙ୍କୁ କଠୋର ସମାଲୋଚନା କରିଛି କଂଗ୍ରେସ। ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ମୁଖପାତ୍ର ଲଲାଟେନ୍ଦୁ ଦାସ ପୁରୀର ଯୁବନେତା ଅବିନାଶ ମିଶ୍ରଙ୍କ ବିରୋଧରେ ପ୍ରତିଶୋଧମୂଳକ ଭାବେ ଦଫା ‘୩୦୭’ ଲଗାଯିବାକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ପୁଲିସର ଏହି ପଦକ୍ଷେପ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଅଗଣତାନ୍ତ୍ରିକ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତ ସମୟରେ ପ୍ରଶାସନର

- ପୁଲିସ ଓ ସରକାରଙ୍କ ବିରୋଧରେ ବର୍ଷିଲା କଂଗ୍ରେସ
- ସାଧାରଣ ଲୋକଙ୍କ ସାମ୍ବିଧାନିକ ଅଧିକାର ବି କ୍ଷୁଣ୍ଣ
- ସ୍ୱେଚ୍ଛାଚାରୀ ଶାସନ ବିରୋଧରେ ପଛକୁ ହଟିବନି

ଏଭଳି ତରବରିଆ ଓ ଆତଙ୍କିତ ପଦକ୍ଷେପ ପଛରେ କି ରହସ୍ୟ ଅଛି ବୋଲି ପ୍ରଶ୍ନ ଉଠାଇଛନ୍ତି। ବରିଷ୍ଠ କଂଗ୍ରେସ ନେତା ସତ୍ୟବ୍ରତ ପାତ୍ର କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ପୁରୀବାସୀଙ୍କ ଜ୍ୱଳନ୍ତ ସମସ୍ୟା ଗୁଡ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛନ୍ତି। ଲୋକଙ୍କ ସ୍ୱାର୍ଥ ପାଇଁ ଏହି ଅବହେଳାର ପ୍ରତିବାଦ କରିବା କଣ ଏକ ଅପରାଧ କି ବୋଲି ସରକାରଙ୍କୁ ସେ ପ୍ରଶ୍ନ କରିଛନ୍ତି। ମୁଖପାତ୍ର ଜୟଶ୍ରୀ ପାତ୍ର କହିଛନ୍ତି ଯେ ବିଜେପି ସରକାର ଅଧୀନରେ ରାଜ୍ୟରେ ଗଣତନ୍ତ୍ର ଏବଂ ସମ୍ବିଧାନର ସ୍ଥିତି ଏବେ ସଙ୍ଗିନ ତଥା ଚିନ୍ତାଜନକ। ବିରୋଧୀଙ୍କ ସ୍ୱରକୁ ରୋକିବା ପାଇଁ ଯେଉଁ ହୀନ ପ୍ରୟାସ କରାଯାଉଛି, ତାହା ସ୍ପଷ୍ଟ କରୁଛି ଯେ ରାଜ୍ୟରେ ବର୍ତ୍ତମାନ ଆଇନର ନୁହେଁ, ଏକଛତ୍ରବାଦ ଶାସନର ଦମନଲୀଳା ଚାଲିଛି। ଭାରତୀୟ ସମ୍ବିଧାନର ଧାରା ୧୯ ପ୍ରତ୍ୟେକ ନାଗରିକଙ୍କୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବାର ମୌଳିକ ଅଧିକାର ଦେଇଛି। କଳାପତାକା ଦେଖାଇବା ପାଇଁ ହତ୍ୟା ଉଦ୍ୟମ ଦଫା କାହିଁକି ଲାଗିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ବିଜେପି ସରକାରରେ ତାଙ୍କ ନାଲି ଆଖି ଭୟ ମିଥ୍ୟା ଅଭିଯୋଗ ଆମକୁ ଡରାଇ ପାରିବ ନାହିଁ। ତେଣୁ ତୁରନ୍ତ କଂଗ୍ରେସ ନେତା ଅବିନାଶ ମିଶ୍ରଙ୍କ ଉପରୁ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବାକୁ କଂଗ୍ରେସ ଦାବି କରିଛି।

## ରମାଦେବୀ ବିଶ୍ୱବିଦ୍ୟାଳୟରେ ଗଣ୍ଡଗୋଳ ଘଟଣା

# ଏବିଭିପିର ଅପରାଧିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରୁଛି ବିଜେପି ସରକାର: ବିଜେଡି

ଭୁବନେଶ୍ୱର,୮।୭(ସମିସ): ଓଡ଼ିଶାର ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟ ରମାଦେବୀ ଆଜି ବିଜେପି ସରକାର ପାଇଁ ନିନ୍ଦିତ। ଅଣଛାତ୍ରମାନେ ବିଶ୍ୱବିଦ୍ୟାଳୟରେ ପ୍ରବେଶ କରି ଗଣ୍ଡଗୋଳ କରିବା ସହ ଛାତ୍ରୀମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଲେ। ମହିଳା ସୁରକ୍ଷା ନେଇ ଡିଣ୍ଡିମ ପିଟୁଥିବା ବିଜେପିର ଦୋମୁହାଁ ନୀତି ଆଜି ପଦାରେ ପଡ଼ିଛି କହି କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ।

ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ ଅଣଛାତ୍ରମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି। ଲେଖାଶ୍ରୀ କହିଥିଲେ ଯେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ କିଛି ଅଣଛାତ୍ର କ୍ୟାମ୍ପସ ମଧ୍ୟକୁ ପ୍ରବେଶ କରି ଗଣ୍ଡଗୋଳ କରିଛନ୍ତି। ନ୍ୟାୟ ନପାଇ ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ବର୍ଷକ ପୂର୍ବେ ଆତ୍ମହତ୍ୟା କରିଥିଲେ। ଏବିଭିପି ଓ ଅଶୈକ୍ଷିକ ପରିବେଶ ପାଇଁ ସେ ନ୍ୟାୟ ନପାଇ ଆତ୍ମାହୁତି ଦେଇଥିଲେ। ବାଲେଶ୍ୱର ସାଂସଦ ଓ ବିଧାୟକ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବାରୁ ବିଜେପି ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ନାହିଁ। ବିଜେପି ସରକାର ଓଡ଼ିଶାର ଛାତ୍ର ଓ ଯୁବ ସମାଜ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରୁଛନ୍ତି। ବିଜେପି ପ୍ରୋତ୍ସାହନରେ ଏବିଭିପି ଅପରାଧିକ କାର୍ଯ୍ୟକଳାପ କରିଚାଲିଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପୁରୁଷମାନଙ୍କ ପ୍ରବେଶ ନିଷେଧ ଥିବାବେଳେ ପୁରୁଷ ଅଣଛାତ୍ର କିପରି ଗଣ୍ଡଗୋଳ କରିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏବିଭିପିର ୧୬ ଜଣ ଅଣଛାତ୍ର ଧାରୁଆ ମାରଣାସ୍ତ୍ର ଧରି କ୍ୟାମ୍ପସରେ ପ୍ରବେଶ କରି ଗଣ୍ଡଗୋଳ କରିଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ବିରୋଧ କରିବାରୁ ବଳାତ୍କାର କରି ଜୀବନରୁ ମାରିଦେବାକୁ ଛାତ୍ରୀମାନଙ୍କୁ ଧମକ ଦେଇଥିଲେ ଏବିଭିପିର ପୁରୁଷ ଅଣଛାତ୍ର। ଗଣ୍ଡଗୋଳରେ ଏବିଭିପିର ପୁରୁଷ



ଅଣଛାତ୍ରମାନଙ୍କ ସମ୍ପୃକ୍ତି ଥିବାରୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାମଲା ଦାୟର ହେଲା ନାହିଁ। ରମାଦେବୀ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏବିଭିପି ପ୍ରତି କୋହଳ ମନୋଭାବ ପୋଷଣ କରୁଛନ୍ତି। ଏପରି ଏକ ସମ୍ବେଦନଶୀଳ ଘଟଣାରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଥିଲେ।

ଇପ୍ସିତା ସାହୁ କହିଥିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କ ପାଇଁ ଓଡ଼ିଶାରେ ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟ ଭାବେ ରମାଦେବୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ସେହି ବିଶ୍ୱବିଦ୍ୟାଳୟର ଗରିମାକୁ କ୍ଷୁଣ୍ଣ କରିବାରେ ଲାଗିଛି ବିଜେପି। ଏବିଭିପିର ଅଣଛାତ୍ର ଗୁଣ୍ଡାମାନେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ କୁଳପତିଙ୍କ ଅଫିସ ନିକଟରେ ଗଣ୍ଡଗୋଳ କରିଥିଲେ। ଘଟଣାରେ କୁଳପତି ଓ ପୁଲିସ ଚୁପ୍ ରହିବା ଅତ୍ୟନ୍ତ ଲଜ୍ଜାଜନକ। ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ଏବିଭିପି ସହ ଜଡ଼ିତ ଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। କିଛି ଦିନ ତଳେ ବିଜେବି କଲେଜରେ

- ଓଡ଼ିଶାର ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟ ବିଜେପି ପାଇଁ ନିନ୍ଦିତ
- ସୋମ୍ୟାଶ୍ରୀ ଘଟଣାର ପୁନରାବୃତିକୁ ଅପେକ୍ଷା କରିଛି ବିଜେପି
- ଅପରାଧୀ ମାନେ ବିଜେପି ଛତ୍ରଛାୟାରେ ଥିବାରୁ ହାତବାନ୍ଧି ବସିଛି ପୁଲିସ

ମଧ୍ୟ ଏବିଭିପି ଗୁଣ୍ଡାମାନେ ଗଣ୍ଡଗୋଳ କରିଥିଲେ; କିନ୍ତୁ ପୁଲିସ ସେମାନଙ୍କୁ ଗିରଫ କରିବାକୁ ସାହସ ଜୁଟାଇ ପାରିଲା ନାହିଁ। ଅପରାଧ ଘଟାଇ ଏବିଭିପି ଗୁଣ୍ଡାମାନେ ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କ କ୍ୱାର୍ଟର୍ସରେ ଲୁଚି ରହୁଛନ୍ତି। ରମାଦେବୀ ଘଟଣାରେ ସମ୍ପୃକ୍ତ ଅପରାଧୀମାନଙ୍କ ନାମ ଓ ଫଟୋ ଦେଲେ ସୁଦ୍ଧା ପୁଲିସ ସେମାନଙ୍କୁ ଗିରଫ କରୁନାହିଁ। ଛାତ୍ରୀମାନଙ୍କ ଜୀବନ ପ୍ରତି ବିପଦ ଥିବାବେଳେ ପୁଲିସ ଗୁଣ୍ଡାମାନଙ୍କୁ ସୁରକ୍ଷା ଦେଉଛି। ଏବିଭିପିର ଗୁଣ୍ଡାମାନଙ୍କୁ ତୁରନ୍ତ ଗିରଫ କରାଯାଉ, ନଚେତ୍ ବିଜେଡି ରାଜ୍ୟସାରା ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି।


aisect Ltd. A part of aisectindia

**RECRUITMENT OF VOCATIONAL TRAINERS**

Applications are invited from eligible candidates for Implementing Vocational Education in Government Schools of Odisha under CSS-VHSE Samagra Shiksha/PMSHRI. Terms of engagement is Contractual and Institutional positions. Candidates should be domicile of Odisha and must read & write Odia. **Gross Salary: Rs. 23,500/- per month. Age Limit: 18-45 years (As on 01/01/2026) as per Govt. Rules. Last Date of Application: 15.07.2026 (5:00 pm)**

**For clarification on Advt. Contact on: 8260186138**

| Sector | Districts | Qualifications & Experience |
|---|---|---|
| AGRICULTURE | Koraput, Kalahandi, Kandhamal, Keonjhar, Rayagada & Deogarh | Post Graduation in Horticulture / Agriculture with at least 1 year work / teaching Exp. Or Degree / Diploma in Horticulture / Agriculture from a recognized Institute / University with at least 2 year work / teaching experience, Preference will be given to the higher qualification and work / teaching experience in related area. |
| APPAREL | Jharsuguda, Koraput & Rayagada | Post Graduation in Textile and Clothing with 1 year of work / teaching experience in relevant areas. Or Degree/B.Voc/ Diploma in Textile & Clothing from recognised University / Institute with 2-3 years of work / teaching experience in relevant areas. Preference will be given to higher qualification & experience. |
| IT/ITES | Kalahandi | Diploma in Computer Sc./IT Or Bachelor Degree in Computer Application/Sc./IT.Or Master of Computer Application/Sc./IT. Or Graduate with PGDCA or DOEACC A/B Level Certificate However preference will be given to ME/ M.Tech.in Computer. Sc./IT. |
| RETAIL | Kalahandi & Mayurbhanj | Graduate or Diploma in Retail Management, PG Diploma in Marketing with at least 50% marks and 1 year teaching or work Exp.. Preference will be given to higher education with MBA (HR) / (Retail Marketing) or PG Diploma in Retail Management. |
| BEAUTY & WELLNESS | Kalahandi & Sundergarh | Diploma in Cosmetology / Beauty Therapy / Beauty Culture from a recognized Institution Min. 1 year working Exp. in the profession. |
| AUTOMOTIVE | Sundergarh | Degree in Automobile Engineering / Mechanical Engineering from a recognized Institute / University, with at least 1 year work / teaching Exp. Or B.Voc in Automotive Engineering from recognized Institute/University, with at least 2 year work/teaching Exp. Or Diploma in Automobile Engineering / Mechanical Engineering from a recognized Institute /University, with at least 3 year work / teaching experience. |
| ELECTRONICS | Keonjhar | B.E. / B. Tech. in Electrical / Electronics / Telecommunication with 1 year experience in the relevant field. Or Diploma in Electrical / Electronics / Electronics / Telecommunication from recognized board of technical education with 2 years Exp. in relevant field. Additionally should have done a Diploma or certificate course in Control Panel Wiring of residential / Industrial systems. |
| TELECOM | Koraput | B.Tech in Electronics and Tele communication / B.SC in Information Science and Telecommunication with at least 2 years work / teaching experience. |
| HEALTHCARE | Sundergarh | Teacher B.Sc. Nursing and Midwifery (4 years) or 3½ years Diploma in GNM with one year experience. |
| BFSI | Sundergarh | Post-graduation in commerce / management / finance from a recognized institute/university, with at least one year work Exp. |

NOTE: Candidates shortlisted on the basis of details filled ONLINE will have to go through On Line Test followed by an Interview. Existing VTs will be undergoing Certificate Verification followed by formal interview. Selected candidate will be asked to join within short notice of one week.

Scan to Apply

Apply Link: https://www.aisect.org/Odisha-VTrecruitment2026


# ଅନ୍ୟ ସମ୍ପ୍ରଦାୟର ଲୋକ ନିକଟରେ ସରକାରୀ ଯୋଜନା ପହଞ୍ଚାଇବାରୁ ୫ ହଜାର ଜରିମାନା

ପାରଳାଖେମୁଣ୍ଡି, ୮।୭ (ସମିସ): ସମ୍ପ୍ରତି ଯୁଗରେ ମଧ୍ୟ କୁତ୍ସିତ ମାନସିକତା ଜାରିରହିଛି। ବିଶେଷ କରି ଗଜପତି ଜିଲ୍ଲାରେ ଏଭଳି ଘଟୁଛି। ଗତ କିଛିଦିନ ପୂର୍ବେ ପ୍ରେମବ୍ୟାପାରକୁ ନେଇ ଡାଳିମ୍ବପୁର ଗ୍ରାମର ଗୋଟିଏ ପରିବାରଙ୍କୁ ଏକବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗ୍ରାମରୁ ବାସନ୍ଦ ଭଳି ଖବର ନଜରକୁ ଆସିଥିବା ବେଳେ ଆଜି

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଆଶାକର୍ମୀ

ପୁଣି ଅନ୍ୟ ଏକ ଘଟଣା ସାମନାକୁ ଆସିଛି। ଗଜପତି ଜିଲ୍ଲାରେ ସାମାଜିକ ବାସନ୍ଦ ଓ କଥିତ ‘ପ୍ରଜା କୋର୍ଟ’ର ଦଣ୍ଡ ବ୍ୟବସ୍ଥାକୁ ନେଇ ପୁଣି ଏକ ଘଟଣା ସାମ୍ନାକୁ ଆସିଛି। ରାୟଗଡ଼ ବ୍ଲକ ଅନ୍ତର୍ଗତ ଜିରାଙ୍ଗ ଗ୍ରାମର ଜଣେ ଆଶାକର୍ମୀ ସରକାରୀ ସ୍ୱାସ୍ଥ୍ୟସେବା ଓ ଯୋଜନା ଜଣେ ଅନ୍ୟଧର୍ମାବଲମ୍ବୀ ପରିବାରଙ୍କ ନିକଟରେ ପହଞ୍ଚାଇବାକୁ ଯାଇଥିବାରୁ ନିଜ ସମ୍ପ୍ରଦାୟର କିଛି ଲୋକଙ୍କ ପକ୍ଷରୁ ସାମାଜିକ ବାସନ୍ଦ ହେବା ସହ ୫ ହଜାର ଟଙ୍କା ଜରିମାନା ଓ ଧମକର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ନ୍ୟାୟ ଦାବିରେ ସେ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକାରିଣୀ ଆଶାକର୍ମୀ ସୁନନ୍ଦିନୀ ମିଶାଲଙ୍କ କହିବାନୁସାରେ, ଗତ ୧୨ ଜୁନ ୨୦୨୬ରେ ସେ ଜିରାଙ୍ଗ ଖ୍ରୀଷ୍ଟିଆନ ସାହିରେ ବସବାସ କରୁଥିବା ଜଣେ




ଅନ୍ୟଧର୍ମାବଲମ୍ବୀ ପରିବାରଙ୍କ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ପରାମର୍ଶ ଦେବା ସହ ଓଆରଏସ୍ ପ୍ୟାକେଟ ପ୍ରଦାନ କରିଥିଲେ। ସେହି ସହିତ ସରକାରଙ୍କ ନିର୍ଦ୍ଦେଶାନୁସାରେ ଗଣନା କାର୍ଯ୍ୟକ୍ରମର ଅଦ୍ୟତନ ତଥ୍ୟ ସଂଗ୍ରହ କରିଥିଲେ। କିନ୍ତୁ ଏହି କାର୍ଯ୍ୟକୁ ନେଇ ତାଙ୍କ ସମ୍ପ୍ରଦାୟର କେତେକ ବ୍ୟକ୍ତି ଓ ମଣ୍ଡଳୀ ପକ୍ଷରୁ ତାଙ୍କୁ ୫ ହଜାର ଟଙ୍କା ଜରିମାନା କରାଯିବା ସହ ସମାଜରୁ ବହିଷ୍କାର କରାଯାଇଥିବା ଘୋଷଣା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ସମ୍ପ୍ରଦାୟର କିଛି ଲୋକ ଏଭଳି ନିୟମ କରିଛନ୍ତି ଯେ, ଖ୍ରୀଷ୍ଟିଆନ ସାହିରେ ରହୁଥିବା ଅନ୍ୟଧର୍ମର ପରିବାରଙ୍କ ସହ କେହି ସମ୍ପର୍କ ରଖିଲେ କିମ୍ବା ସେମାନଙ୍କ ଘରକୁ ଗଲେ ୫ ହଜାର ଟଙ୍କା ଜରିମାନା ସହ ସାମାଜିକ ବାସନ୍ଦ କରାଯିବ। ଏପରିକି ଘଟଣାଦିନ ସନ୍ଧ୍ୟାରେ ତାଙ୍କୁ ପ୍ରାୟ ଦୁଇ ଘଣ୍ଟା ଧରି ଡାକି ଧମକ ଦିଆଯାଇଥିବା ମଧ୍ୟ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଜଣେ ଆଶାକର୍ମୀ ଭାବେ ସରକାରୀ ଯୋଜନା ଓ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଖରେ ପହଞ୍ଚାଇବା ନିଜର କର୍ତ୍ତବ୍ୟ ହୋଇଥିବା ବେଳେ, ସେହି କର୍ତ୍ତବ୍ୟ ପାଳନ ପାଇଁ ଏଭଳି ହଟହଟା ଓ ସାମାଜିକ ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିଥିବାରୁ ସେ ପୋଲିସ ପ୍ରଶାସନଙ୍କ ହସ୍ତକ୍ଷେପ ଓ ଉପଯୁକ୍ତ ଆଇନଗତ ପଦକ୍ଷେପ ଦାବି କରିଛନ୍ତି। ତେବେ ଏନେଇ ସେ ରାୟଗଡ ଥାନାରେ ଲିଖିତ ଅଭିଯୋଗ କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ମଧ୍ୟ ଦ୍ୱାରସ୍ଥ ହୋଇଥିବାର ଜଣାଇଛନ୍ତି।

# ଜେଲ୍ ଗଲେ ଗିରଫ ଲାଞ୍ଚୁଆ ଖଣି ଉପନିର୍ଦ୍ଦେଶକ



ଜୟପୁର, ୮ ।୭ (ସମିସ): କୋରାପୁଟ ଡିଭିଜନ ଜୟପୁର ସ୍ଥିତ ଭିଜିଲାନ୍ସ ବିଭାଗ ଗତକାଲି ରାତି ସାଢେ ୧୦ଟା ସମୟରେ ସ୍ଥାନୀୟ ଖଣି ବିଭାଗ ଉପନିର୍ଦ୍ଦେଶକଙ୍କୁ ଲାଞ୍ଚ ନେବା ବେଳେ ଧରିଥିଲେ । ସ୍ଥାନୀୟ ଲିଙ୍ଗରାଜ ନଗରସ୍ଥିତ ବାସଭବନରେ ଜଣେ ବାଲି ଘାଟ ଲିଜ୍ ଧାରୀଙ୍କ ଅବଧି ଶେଷ ହେଉଥିବା ବାଲିଘାଟକୁ ବିନା ଟେଣ୍ଡରରେ ତାଙ୍କ ନାମରେ ପୁଣି ସମୟ ବୃଦ୍ଧି କରିବା ଏବଂ ଭବିଷ୍ୟତରେ ଅନ୍ୟାନ୍ୟ ସୁବିଧା ଦେବା ନେଇ ୨ ଲକ୍ଷ ଟଙ୍କା ଲାଞ୍ଚ ନେଉଥଲେ । ଭିଜିଲାନ୍ସ ଦଳ ଚଢଉ କରିବା ସହିତ ଅଭିଯୁକ୍ତ ଉପନିର୍ଦ୍ଦେଶକ ସତ୍ୟଜିତ ରାଉତଙ୍କ ଲାଞ୍ଚ ଟଙ୍କା ସହିତ ଧରିଥିଲେ । ତାଙ୍କ ହାତକୁ ପାଣିରେ ଧୋଇବାରୁ ଟଙ୍କାରେ ବୋଳା ହୋଇଥିବା ରସାୟନିକ ପଦାର୍ଥର ପ୍ରତିକ୍ରିୟାରେ ପାଣି ଲାଲ ହୋଇଥିଲା । ଉକ୍ତ ଲାଞ୍ଚ ଟଙ୍କା ଜବତ କରିବା ସହିତ ଅଭିଯୁକ୍ତ ଉପକୃଷି ନିର୍ଦ୍ଦେଶକଙ୍କୁ ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କୁ ସ୍ଥାନୀୟ ଭିଜିଲାନ୍ସ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଅଣାଯାଇ ପଚରାଉଚରା କରାଯାଇଥିଲା । ଆଜି ତାଙ୍କୁ ଗିରଫ କରାଯାଇ ସ୍ଥାନୀୟ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲଣ କରାଯାଇଛି । ତାଙ୍କ ଓକିଲଙ୍କ ପକ୍ଷରୁ ଜାମିନ ଆବେଦନ କରାଯାଇଥିଲା । କିନ୍ତୁ କୋର୍ଟ ପକ୍ଷରୁ ଏହାର ଶୁଣାଣିକୁ ସ୍ଥଗିତ ରଖାଯିବା ସହିତ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ତାଙ୍କୁ ବିଚାର ବିଭାଗୀୟ ହାଜତରେ ରଖିବା ନେଇ ନିର୍ଦ୍ଦେଶ ପରେ ତାଙ୍କୁ ସ୍ଥାନୀୟ ସ୍ୱତନ୍ତ୍ର ଜେଲକୁ ପଠାଯାଇଛି । ଗିରଫ ଅଭିଯୁକ୍ତ ଉପନିର୍ଦ୍ଦେଶକଙ୍କ ଜୟପୁର ବାସଭବନରେ ଗତକାଲି ରାତିରେ ଯାଞ୍ଚ ବେଳେ ୨ ଲକ୍ଷ ୯୦ ହଜାର ଏବଂ କଟକସ୍ଥିତ ବିଦ୍ୟାଧରପୁର ବାସଭବନରୁ ୨ ଲକ୍ଷ ଟଙ୍କା ଏବଂ ଲାଞ୍ଚ ନେଉଥିବା ୨ ଲକ୍ଷ ଟଙ୍କା ସମେତ ସମୁଦାୟ ୬ଲକ୍ଷ ୯୦ ହଜାର ଟଙ୍କା ଜବତ କରାଯାଇଛି । ଚଢଉ ପରେ ଗିରଫ ଅଭିଯୁକ୍ତ ଉପ ନିର୍ଦ୍ଦେଶକଙ୍କ ଜୟପୁର କାର୍ଯ୍ୟାଳୟ, କଟକର ବିଦ୍ୟାଧରପୁର ଏବଂ ମାହାଙ୍ଗା ଥାନା ଓଲାକଣା ପୈତୃକ ଗ୍ରାମ ଉପରେ ଚଢଉ କରାଯାଇଛି । ଅଭିଯୋଗକାରୀ ବାଲିଘାଟ ଲିଜଧାରୀ ନିୟମ ଅନୁଯାୟୀ ଟେଣ୍ଡରରେ ପାଇବା ପରେ ଲିଜ୍ ସମୟ ଅବଧି ବୃଦ୍ଧି ହୋଇଥିଲା । ସରକାରୀ ନିୟମ ଅନୁଯାୟୀ ସେ ଆବଶ୍ୟକ ଟଙ୍କା ମଧ୍ୟ ପୈଠ କରିଥିଲେ । କିନ୍ତୁ ଅଭିଯୁକ୍ତ ଗିରଫ ଉପ ନିର୍ଦ୍ଦେଶକ ତାଙ୍କୁ ନିର୍ଦ୍ଦେଶନାମା ଦେବାକୁ ଜାଣିଶୁଣି ବିଳମ୍ବ କରୁଥିଲେ । ଅଭିଯୋଗକାରୀ ଲିଜ୍ ଧାରୀ ତାଙ୍କୁ ନିର୍ଦ୍ଦେଶନାମା ପ୍ରଦାନ କରିବାକୁ କହିବାରୁ ୨ ଲକ୍ଷ ଟଙ୍କା ଲାଞ୍ଚ ବାବଦକୁ ଟଙ୍କା ମାଗିବା ସହିତ ଭବିଷ୍ୟତରେ ଜବତ ବାଲିକୁ ସ୍ୱଟ ନିଲାମ ମାଧ୍ୟମରେ ତାଙ୍କୁ ପ୍ରଦାନ କରିବା ନେଇ ସାହାଯ୍ୟ କରିବାକୁ ଲାଳସା ଦେଖାଇ ଲାଞ୍ଚ ଟଙ୍କା ଦାବି କରୁଥିଲେ ବୋଲି ଆଜି ଜୟପୁର ଭିଜିଲାନ୍ସ ଏସ୍‌ପି ଏସ. ସୁଶ୍ରୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହିପରି ତାଙ୍କ ବିରୋଧରେ ଅନ୍ୟାନ୍ୟ ଅଭିଯୋଗ ଏବଂ ଆୟବର୍ହିଭୁତ ସମ୍ପତି ନେଇ ତଦନ୍ତ ଜାରୀ ରହିଥିବା ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଚଢଉରେ ଇନ୍ସପେକ୍ଟର ସଞ୍ଜୟ ପ୍ରଧାନ, ସୂର୍ଯ୍ୟ ପ୍ରକାଶ ନାୟକ, ସନ୍ତୋଷୀ ବାରିକ, ସାବିତ୍ରୀ ପ୍ରଧାନ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ସାମିଲ ରହିଥିଲେ ।

## ସୁନାବେଡ଼ା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ




ସୁନାବେଡ଼ା,୮।୭(ସମିସ); ସୁନାବେଡ଼ା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ଅଧକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଚିକାପାର ଗ୍ରାମର ପାହାଡ଼ରେ ୧୦୦ଟି ଚାରାରୋପଣ କରାଯାଇଛି । କାର୍ଯ୍ୟକ୍ରମରେ ସୁନାବେଡ଼ା ସ୍ଥିତ ସତ୍ୟ ସାଇ ସେବା ସମିତିର ସଦସ୍ୟ ମାନେ ଉପସ୍ଥିତ ଥିଲେ । ବିଦ୍ୟାଳୟର କର୍ମଚାରୀ କିଶୋର ଚନ୍ଦ୍ର ସାହୁ, ଦେବଦତ୍ତ ମହାନ୍ତି, ରଶ୍ମିତା ରାଉତ, ରାଜେଶ୍ୱର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଏନଏସଏସ୍‌ର ସ୍ୱେଚ୍ଛାସେବୀ ମାନଙ୍କୁ ଚାରାରୋପଣରେ ସହଯୋଗ କରିଥିଲେ । ଜାତୀୟ ସେବା ଯୋଜନାର ଅଧିକାରୀ ଇତିଶ୍ରୀ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ



ପଟ୍ଟାଙ୍ଗି,୮।୭(ସମିସ): ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ପୁକାଲି ଗ୍ରାମପଞ୍ଚାୟତର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ପୁକାଲି ଠାରେ ବନମହୋତ୍ସବ ପାଳନ କରାଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୀପଶିଖା ବେହେରା ଚାରାରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପଟ୍ଟାଙ୍ଗି ବନାଞ୍ଚଳର ବନ ଅଧିକାରୀ ବିଦ୍ୟାଳୟକୁ ୮୦ଟି ଚାରା ଯୋଗାଇ ଦେଇଥିଲେ । ପଟ୍ଟାଙ୍ଗି ବନାଞ୍ଚଳର ବନ ଅଧିକାରୀ ବିଦ୍ୟାଳୟର ସାମୂହିକ ଚାରାରୋପଣରେ ସାହାଯ୍ୟ କରିଥିଲେ । ଏଥିରେ ବିଦ୍ୟାଳୟର ଇକୋ କ୍ଲବ୍, ଜୁନିଅର ରେଡ୍‌କ୍ରସ, ଏନର୍ଜି କ୍ଲବ୍ ଓ ସ୍କାଉଟର ସଦସ୍ୟଗଣ ଓ ସମସ୍ତ ଛାତ୍ରଛାତ୍ରୀ , ଶିକ୍ଷକଶିକ୍ଷୟିତ୍ରୀ ଅଂଶ କରି ବିଦ୍ୟାଳୟ ପରିସର ଓ ରାସ୍ତା କଡ଼ରେ ଚାରାରୋପଣ କରିଥିଲେ ।

## ଜୟ ହିନ୍ଦ୍ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବନ ମହୋତ୍ସବ



ଉମରକୋଟ ୮।୭ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ବେନରା ପଞ୍ଚାୟତଠାରେ ଜୟ ହିନ୍ଦ୍ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଚାରାରୋପଣ କରାଯାଇଛି । ଉମରକୋଟ ବେହେରା ନର୍ସରୀ ଠାରୁ ଚାରା ଆଣି ବେନରା ସରକାରୀ ବିଦ୍ୟାଳୟ ଠାରେ ଚାରାରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଜୁଳି , ସଜନା, କଦମ୍ବ, ସୀତାଫଳ, ଅମୃତ ଭଣ୍ଡା, ଚମ୍ପା, କୃଷ୍ଣଚୁଡ଼ା, ରାଧାଚୂଡା ଇତ୍ୟାଦି ଗଛ ଲଗାଯାଇଥିଲା । କାର୍ଯ୍ୟକ୍ରମରେ ଜୟ ହିନ୍ଦ୍ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଦସ୍ୟ ସଦସ୍ୟା, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ । ଜୟ ହିନ୍ଦ୍ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସୁନିଲ କିର୍ତ୍ତନୀୟା , ରମେଶ ଚନ୍ଦ୍ର ରାଏ, ଯୁବରାଜ ଓକିଲ, ରାମକାନ୍ତ ବାଇନ, ଖୋକନ ବିଶ୍ୱାସ, ଶୁଭମ ବିଶ୍ୱାସ, କିରଣ ବିଶ୍ୱାସ, ଅମଲ ହାଲଦାର, ନିମାଇଁ ଦାସ, ରାନା ବାବୁ, ରମେଶ ବିଶ୍ୱାସ, ସୁଶାନ୍ତ ରାଏ ଏବଂ ମହିଳା ସଦସ୍ୟା ନିରୁପମା ବୈଦ୍ୟ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ ।

## ଅବସରକାଳୀନ ସମ୍ବର୍ଦ୍ଧନା



ନାରାୟଣପାଟଣା,୮।୭(ସମିସ): ରାଧାକ୍ରିଷ୍ଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନାରାୟଣପାଟଣା ଠାରେ ୪ର୍ଥ ଶ୍ରେଣୀ କର୍ମଚାରୀ ମଙ୍ଗଳଦାନ କୁଳଦୀପ୍ୟା ଦୀର୍ଘ ୩୧ ବର୍ଷରୁ ଅଧିକ ନିରନ୍ତର ସେବା ପ୍ରଦାନ କରିବା ପରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି । ଗ୍ରୀଷ୍ମ ଅବକାଶ ଥିବାରୁ ଅନୁଷ୍ଠାନ ତରଫରୁ ଆଜି ଶ୍ରୀ କୁଳଦୀପ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମରେ ପୂର୍ବତନ ପରିଚାଳନା କମିଟିର ସଦସ୍ୟ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ସମାଜସେବୀ କେ. ନାଗେଶ୍ୱର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପାଢୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ବୈଦ୍ୟ, ଲକ୍ଷ୍ମୀପ୍ରିୟା ବୈଦ୍ୟ ଏବଂ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ମହାନ୍ତି ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ଅଧକ୍ଷ ସୁଧିର କୁମାର ଜେନାଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଶ୍ରୀ କୁଳଦୀପ୍ୟାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅନୁଷ୍ଠାନର କ୍ରୀଡା ଶିକ୍ଷକ ରଜତ କୁମାର ହିଆଲ ପରିଚାଳନା କରିଥବାବେଳେ ଇତିହାସ ଅଧ୍ୟାପକ ସୁରଥ ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

● ନନ୍ଦାହାଣ୍ଡି ବ୍ଲକରେ ଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ

## ପ୍ରଶାସନିକ କାର୍ଯ୍ୟ; ଉନ୍ନୟନମୂଳକ ଯୋଜନାର ସମୀକ୍ଷା



ନବରଙ୍ଗପୁର,୮।୭(ସମିସ): ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଆଜି ନନ୍ଦାହାଣ୍ଡି ବ୍ଲକରେ କ୍ଷେତ୍ର ପରିଦର୍ଶନ କରି ବ୍ଲକ ସ୍ତରରେ ଚାଲିଥିବା ପ୍ରଶାସନିକ କାର୍ଯ୍ୟ, ବିଭିନ୍ନ ଉନ୍ନୟନମୂଳକ ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ସାଧାରଣ ଲୋକଙ୍କୁ ପ୍ରଦାନ କରାଯାଉଥିବା ସେବାର ସ୍ଥିତିର ସମୀକ୍ଷା କରିଥିଲେ । ପରିଦର୍ଶନ ସମୟରେ ଜିଲ୍ଲାପାଳ ବ୍ଲକ କାର୍ଯ୍ୟାଳୟ ଏବଂ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରି ବିଭିନ୍ନ ଶାଖାର କାର୍ଯ୍ୟଧାରା, ରେକର୍ଡ ସଂରକ୍ଷଣ, ଫାଇଲ୍ ନିଷ୍ପତ୍ତି, ଜନ ଅଭିଯୋଗର ସମାଧାନ, ଲୋକସେବା ପ୍ରଦାନ ବ୍ୟବସ୍ଥା ଏବଂ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ । ପ୍ରତ୍ୟେକ କାର୍ଯ୍ୟାଳୟରେ ସ୍ୱଚ୍ଛ, ଦକ୍ଷ, ଉତ୍ତରଦାୟୀ ଏବଂ ଲୋକାଭିମୁଖୀ ପ୍ରଶାସନ ସୁନିଶ୍ଚିତ କରିବା ସହ ସମସ୍ତ ସେବା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଲୋକଙ୍କୁ ଯୋଗାଇ ଦେବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ବ୍ଲକ ଅଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ମଧ୍ୟ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି, ଗୁଣାତକ ମାନ ଏବଂ ସମୟାନୁବର୍ତ୍ତିତାର ଯାଞ୍ଚ କରିଥିଲେ । ଜନସାଧାରଣଙ୍କ ଆବଶ୍ୟକତା ଓ ସରକାରଙ୍କ ବିକାଶମୂଳକ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ପ୍ରକଳ୍ପଗୁଡ଼ିକୁ ଗୁଣାତ୍ମକ ମାନ ବଜାୟ ରଖି ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ତୃଣମୂଳ ସ୍ତରରେ ପ୍ରଭାବଶାଳୀ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ମୂଳକ ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ନିକଟରେ ସ୍ୱଚ୍ଛତା ଓ ଦକ୍ଷତାର ସହ ପହଞ୍ଚାଇବା ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ, ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ କରିବା ହିଁ ପ୍ରଶାସନର ପ୍ରମୁଖ ଲକ୍ଷ୍ୟ ହେବା ଉଚିତ ଏବଂ ଏଥିପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀ ନିଷ୍ଠାର ସହ କାର୍ଯ୍ୟ କରିବା ଆବଶ୍ୟକ ।ପରିଦର୍ଶନ ସମୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ ।

■ ମେଲେରିଆରେ ଛାତ୍ରଙ୍କ ମୃତ୍ୟୁ ଘଟଣା

## ସ୍କୁଲ୍ ହଷ୍ଟେଲରେ ସ୍ୱାସ୍ଥ୍ୟ ବିଭାଗର ଛାନ୍‌ଭିନ୍

ରାୟଗଡ,୮।୭(ସମିସ): ରାୟଗଡ ଜିଲ୍ଲା କୋଲନରା ବ୍ଲକର ଡାକୁଲଗୁଡା ଆବାସିକ ବିଦ୍ୟାଳୟର ୪ର୍ଥ ଶ୍ରେଣୀ ଛାତ୍ର ଚନ୍ଦ୍ର ଉଲାକାଙ୍କ ଗତ ମଙ୍ଗଳବାର ଅପରାହ୍ନରେ ମ୍ୟାଲେରିଆରେ ମୃତ୍ୟୁ ପରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରିଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମଓ)ଙ୍କ ନିର୍ଦ୍ଦେଶକ୍ରମେ ଭାରପ୍ରାପ୍ତ ଏଡିପିଏଚଓ (ଭିବିଡି) ଡା. ମମତା ସାହୁ ବିଦ୍ୟାଳୟ ଗସ୍ତ କରି ମୃତ ଛାତ୍ର ରହୁଥିବା ହଷ୍ଟେଲର ଶୋଇବା କକ୍ଷ ପରିଦର୍ଶନ କରିଥିଲେ । ସେ ଅନ୍ତେବାସୀ ଛାତ୍ରମାନେ ମଶାରୀ ଓ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ନିମ ତେଲ ବ୍ୟବହାର କରୁଥିଲେ କି ନାହିଁ, କେବେଠୁ ଚନ୍ଦ୍ରକୁ ମେଲେରିଆ ଜ୍ୱର ହୋଇଥିଲା, କିଭଳି ଚିକିତ୍ସା ସେବା ପ୍ରଦାନ କରାଯାଇଥିଲା, ସେ ଔଷଧ ଖାଇଥିଲେ କି ନାହିଁ ଭଳି ଅନ୍ୟାନ୍ୟ ବିଷୟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଠାରୁ ସୂଚନା ନେଇଥିଲେ । ଏହି ଗସ୍ତବେଳେ ଭିବିଡି ପରାମର୍ଶଦାତା, କୋଲନରା ସିଏଚସିର ମେଡିକାଲ ଇନଚାର୍ଜ, ପିଏଚଓ, ସୁପରଭାଇଜର ଓ ଆଶାକର୍ମୀମାନେ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ, ମୃତ ଛାତ୍ରଙ୍କ ଶବ ନେବା ପାଇଁ କୋଲନରା ସିଏଚସିରେ ମହାପ୍ରୟାଣ ଗାଡ଼ିର ବ୍ୟବସ୍ଥା ନଥିବାରୁ ପରିବାର ଲୋକେ ବାଧ୍ୟ ହୋଇ ବାଇକ୍‌ରେ ଶବ ନେଇଥିଲେ । ଜିଲ୍ଲାରେ କେବଳ ରାୟଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ମହାପ୍ରୟାଣ ଗାଡ଼ି ଥିବା ବେଳେ ଅନ୍ୟ ସିଏଚସିଗୁଡ଼ିକରେ ଏହି ସୁବିଧା ନାହିଁ । ଫଳରେ ଗରିବ ଓ ମଧ୍ୟବିତ୍ତ ପରିବାର ମୃତଦେହ ନେବାରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଜିଲ୍ଲାର ପ୍ରତ୍ୟେକ ସିଏଚସିରେ ଗୋଟିଏ ଲେଖାଏଁ ମହାପ୍ରୟାଣ ଗାଡ଼ି ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି ।

## ଅଗ୍ନି ନିରାପତ୍ତା ପାଇଁ ଜିଲ୍ଲାସ୍ତରୀୟ ମନିଟରିଂ ଟିମ୍ ଗଠିତ



ନବରଙ୍ଗପୁର, ୮।୭(ସମିସ): ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ସମ୍ପ୍ରତି ଘଟିଥିବା ଅଗ୍ନିକାଣ୍ଡ ଘଟଣାକୁ ଦୃଷ୍ଟିରେ ରଖି ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଜିଲ୍ଲାରେ ଆଜି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅଗ୍ନି ନିରାପତ୍ତା ସଭା ସ୍ଥାନୀୟ ଅଶୋକ ମେହେତା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଅଗ୍ନି ନିରାପତ୍ତା ନିୟମର କଡ଼ାକଡ଼ି ପାଳନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏକ ଜିଲ୍ଲାସ୍ତରୀୟ ମନିଟରିଂ, ଏନଫୋର୍ସମେଣ୍ଟ ଏବଂ ମିଳିତ ଟିମ୍ ଗଠନ କରାଯାଇଛି । ଜରୁରୀ କାଳୀନ ବିଭାଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୁଲାଇ ୨ ତାରିଖରେ ଜାରି ହୋଇଥିବା କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୦୩୩୩ ଅନୁଯାୟୀ ଗଠିତ ଏହି ଦଳରେ ଉପଜିଲ୍ଲାପାଳ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଜିଲ୍ଲା ପ୍ରକଳ୍ପ ଅଧିକାରୀ (ଜରୁରୀକାଳୀନ), ଜିଲ୍ଲା ଅଗ୍ନିଶମ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ,କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ (ଅର୍‌ଆଣ୍ଡବି) ଏବଂ ଟିପିଏସ୍‌ଓଡିଏଲ୍ ସମେତ ମୋଟ ୧୨ ଜଣ ବରିଷ୍ଠ ଅଧିକାରୀ ସଦସ୍ୟ ରହିଛନ୍ତି । ଏହି ଟିମ୍ ଜିଲ୍ଲାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, କୋଚିଂ ସେଣ୍ଟର, ଛାତ୍ରାବାସ, ଦକ୍ଷତା ବିକାଶ କେନ୍ଦ୍ର, ତାଲିମ କେନ୍ଦ୍ର, ରେସ୍ତୋରାଁ, ସପିଂ ମଲ୍, ସିନେମା ହଲ୍ ଏବଂ ବହୁତଳ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକରେ ୧୬ ଦଫା ବିଶିଷ୍ଟ ଯାଞ୍ଚ ତାଲିକା ଆଧାରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସମୀକ୍ଷା କରିବେ । ଯାଞ୍ଚ ସମୟରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର (ଏନ୍‌ଓସି)ର ବୈଧତା, ଅଗ୍ନି ନିର୍ବାପକ ଯନ୍ତ୍ର, ଫାୟାର ଆଲାର୍ମ, ସ୍ମୋକ ଡିଟେକ୍ଟର, ଜରୁରୀକାଳୀନ ଆଲୋକ ବ୍ୟବସ୍ଥା, ନିଷ୍କାସନ ପଥ, ସୁରକ୍ଷିତ ସିଡ଼ି, ବିଦ୍ୟୁତ ସଂଯୋଗର ସୁରକ୍ଷା, ନିୟମିତ ରକ୍ଷଣାବେକ୍ଷଣ ଏବଂ ଅଗ୍ନି ସୁରକ୍ଷା ଅଡିଟ୍ ସମ୍ବନ୍ଧୀୟ ବିଭିନ୍ନ ଦିଗକୁ ଗୁରୁତ୍ୱର ସହ ପରୀକ୍ଷା କରାଯିବ । ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)ଙ୍କ ନିର୍ଦ୍ଦେଶ ଅନୁଯାୟୀ ଟିମ୍ ୭ ଦିନ ମଧ୍ୟରେ ଯାଞ୍ଚ କାର୍ଯ୍ୟ ସମାପ୍ତ କରି ଯାଞ୍ଚ କରାଯାଇଥିବା ଅନୁଷ୍ଠାନ ସଂଖ୍ୟା, ଚିହ୍ନଟ ହୋଇଥିବା ତ୍ରୁଟି ଏବଂ ଗ୍ରହଣ କରାଯାଇଥିବା ସଂଶୋଧନମୂଳକ ପଦକ୍ଷେପ ସମ୍ପର୍କିତ ଏକ ସମନ୍ୱିତ ରିପୋର୍ଟ ଦାଖଲ କରିବେ । ଏହି ରିପୋର୍ଟ ରାଜ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରାଯିବ । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନର କର୍ତ୍ତୃପକ୍ଷଙ୍କୁ ଅଗ୍ନି ନିରାପତ୍ତା ନିୟମାବଳୀର କଡ଼ାକଡ଼ି ପାଳନ କରିବା ସହ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରାଯାଇଛି । ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ସାଧାରଣ ଜନତାଙ୍କ ଜୀବନର ସୁରକ୍ଷା ଜିଲ୍ଲା ପ୍ରଶାସନର ସର୍ବୋଚ୍ଚ ପ୍ରାଥମିକତା ବୋଲି ପ୍ରକାଶ କରାଯାଇଛି ।

## ସୋର୍ଲୁକୋଣ୍ଡା ଗ୍ରାମରେ ବନ ମହୋତ୍ସବ

କୋରୁକୋଣ୍ଡା,୮।୭(ସମିସ): ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନିଳାକମ୍ବେରୁ ପଞ୍ଚାୟତର ସୋର୍ଲୁକୋଣ୍ଡା ଗ୍ରାମରେ ସେବା ଭାରତୀର ସହଯୋଗ ଓ ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସମିତି, ବାଲିମେଳାର ସମନ୍ୱୟରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଉତ୍ସାହର ସହ ପାଳିତ ହୋଇଯାଇଛି । ପରିବେଶ ସୁରକ୍ଷା, ସବୁଜ ବନାନୀ ଓ ଜନସାଧାରଣଙ୍କ ମଧ୍ୟରେ ଚାରାରୋପଣ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା । ବନମହୋତ୍ସବ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଛି । କାର୍ଯ୍ୟକ୍ରମରେ ଏସଡିସି ଉପାଧ୍ୟକ୍ଷା ସାବିତ୍ରୀ ପଡ଼ିଆମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷାରେ ବୃକ୍ଷର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ ଭାଜପା ଜିଲ୍ଲା ଉପସଭାପତି ସୁଭାଷ ପଡ଼ିଆମୀ ଉପସ୍ଥିତ ରହି ଚାରାରୋପଣକୁ ଏକ ସାମାଜିକ ଦାୟିତ୍ୱ ବୋଲି କହିଥିଲେ । ସେ ସମସ୍ତଙ୍କୁ ଅଧିକରୁ ଅଧିକ ଫଳଜ ଓ ଔଷଧୀୟ ଗଛ ଲଗାଇ ସେଗୁଡ଼ିକର ସୁରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ୧୫୦ଟି ପରିବାରକୁ ୭୫୦ରୁ ଅଧିକ ଚାରା ବଣ୍ଟନ କରାଯାଇଥିଲା । ପ୍ରତ୍ୟେକ ପରିବାରକୁ ୫ଟି ଲେଖାଏଁ ଆମ୍ବ, ଅଁଳା, ସଜନା, କାଜୁବାଦାମ ଓ ଓଉ ଗଛର ଚାରା ପ୍ରଦାନ କରାଯାଇଥିଲା । ଉପସ୍ଥିତ ଅତିଥି ଓ ସ୍ଥାନୀୟ ଲୋକମାନେ ମିଳିତ ଭାବେ ଚାରାରୋପଣ କରି ପରିବେଶ ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ ।

## ଜିଲ୍ଲାସ୍ତରୀୟ ବନ ମହୋତ୍ସବ ସପ୍ତାହ



ନବରଙ୍ଗପୁର, ୮।୭(ସମିସ): ଜିଲ୍ଲାସ୍ତରୀୟ ବନ ମହୋତ୍ସବ ସପ୍ତାହ ନିକଟସ୍ଥ ମିୟାୱାକି ପ୍ଲାଣ୍ଟେସନ୍ ଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିବା ବେଳେ ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ,ବନଖଣ୍ଡ ଅଧିକାରୀ ନବରଙ୍ଗପୁର ଉଦୟନ ସୁବୁଦ୍ଧି, ଜିଲ୍ଲା ଆରକ୍ଷୀ ଅଧିକ୍ଷକ କାଶ୍ୟପ ପାର୍ଥ ଜଗଦିଶ, ବନଖଣ୍ଡ ଅଧିକାରୀ(କେନ୍ଦୁପତ୍ର) ନବରଙ୍ଗପୁର କିରଣବାଲା ସାମନ୍ତରାୟ, ସହକାରୀ ବନ ସଂରକ୍ଷକ ନବରଙ୍ଗପୁର ଦିବ୍ୟା ମାଧୁରୀ ସେଠୀ, ନବରଙ୍ଗପୁର ବନାଞ୍ଚଳ ଅଧିକାରୀ ଗୋପିନାଥ ସାହୁ, କୋଡିଙ୍ଗା ବନାଞ୍ଚଳ ଅଧିକାରୀ ପୁର୍ଣ୍ଣଚନ୍ଦ୍ର ନନ୍ଦ, ଉମରକୋଟ୍ ବନାଞ୍ଚଳ ଅଧିକାରୀ ଦେବସ୍ମିତା ସାହୁ ଓ ପରେଷ୍ଟର, ପରେଷ୍ଟ ଗାର୍ଡ ଉପସ୍ଥିତ ରହିବା ସହିତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଶେଷରେ ୭୭ ତମ ବନମହୋତ୍ସବ ସପ୍ତାହ ଦିବସ ପାଳନ ୨୦୨୬ ଅବସରରେ ଉମରକୋଟ ବନାଞ୍ଚଳ ଅଧିନରେ ଥିବା ସିଉନି ବନ ସୁରକ୍ଷା ସମିତିଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଛି ।

### ସିସିଟିଭି ପ୍ରକଳ୍ପର ତଦନ୍ତ, ନୂଆ କ୍ୟାମେରା ସ୍ଥାପନ ଦାବି

## ଅପରାଧ ନିୟନ୍ତ୍ରଣ ପାଇଁ ଉପଜିଲ୍ଲାପାଳଙ୍କୁ ବିଜେପିର ସ୍ମାରକପତ୍ର



ଗୁଣପୁର, ୮।୭(ସମିସ): ଦିନକୁ ଦିନ ଗୁଣପୁର ସହରରେ ଜନସଂଖ୍ୟା, ଯାନବାହନ ଚଳାଚଳ ଏବଂ ବ୍ୟବସାୟିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବେଳେ ସହରର ଆଇନଶୃଙ୍ଖଳା, ଜନସାଧାରଣଙ୍କ ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଗୁଣପୁର ପୌରପାଳିକା ଅଧୀନରେ ଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି କ୍ୟାମେରା ସ୍ଥାପନ କରିବାକୁ ଦାବି ଜୋର ଧରିଛି । ଏନେଇ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲିପ୍ ଓ ପୌରପାଳିକା ନିର୍ବାହି ଅଧିକାରି ସନ୍ତୋଷ ନାୟକଙ୍କ ନିକଟରେ ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ୱାଇ ଗଣପତୀଙ୍କ ନେତୃତ୍ୱରେ ଏକ ଦଳ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସ୍ମାରକପତ୍ର ପ୍ରଦାନ ସମୟରେ ରାମନାଗୁଡ଼ା ବ୍ଲକ୍ ଅଧକ୍ଷ ରବିଶଂଙ୍କର ଗମାଙ୍ଗ, ବିଜେପି ଯୁବ ନେତା ଅମର ସାହୁ,ମୁଖି ଦିବାକର ପ୍ରମୁଖ ଉପସ୍ଥିତ ଥିଲେ । ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ଗୁଣପୁର ରାୟଗଡ଼ା ଜିଲ୍ଲାର ଏକ ପ୍ରମୁଖ ବାଣିଜ୍ୟିକ, ଶିକ୍ଷା ଓ ପ୍ରଶାସନିକ କେନ୍ଦ୍ର ହୋଇଥିବାରୁ ପ୍ରତିଦିନ ହଜାର ହଜାର ଲୋକ ଏବଂ ଶତାଧିକ ଯାନବାହନ ସହର ମଧ୍ୟକୁ ଆସିଥାନ୍ତି । ଏଭଳି ପରିସ୍ଥିତିରେ ଆଧୁନିକ ନଜରଦାରି ବ୍ୟବସ୍ଥାର ଅଭାବ ଅନେକ ସମୟରେ ଆଇନଶୃଙ୍ଖଳା ରକ୍ଷା ଓ ଅପରାଧ ତଦନ୍ତରେ ବାଧକ ସାଜୁଛି । ଦାବିପତ୍ରରେ ସହରର ପ୍ରମୁଖ ଛକ, ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ, ମୁଖ୍ୟ ବଜାର, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ପରିସର, ପାର୍କ, ଶିକ୍ଷାନୁଷ୍ଠାନ, ହସ୍ପିଟାଲ, ଧାର୍ମିକ ସ୍ଥାନ ଏବଂ ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନରେ ପର୍ଯ୍ୟାୟକ୍ରମେ ସିସିଟିଭି କ୍ୟାମେରା ସ୍ଥାପନ କରିବାକୁ ପ୍ରସ୍ତାବ ଦିଆଯାଇଛି । ସ୍ମାରକପତ୍ରରେ ଆହୁରି ଉଲ୍ଲେଖ ରହିଛି ଯେ, ସିସିଟିଭି କ୍ୟାମେରା ସ୍ଥାପନ ହେଲେ ଚୋରି, ଲୁଟ୍, ଅସାମାଜିକ କାର୍ଯ୍ୟକଳାପ ଓ ଟ୍ରାଫିକ ନିୟମ ଉଲ୍ଲଂଘନ ଭଳି ଘଟଣା ଉପରେ ଅଙ୍କୁଶ ଲଗାଇବା ସହଜ ହେବ । କୌଣସି ଅପରାଧ କିମ୍ବା ଦୁର୍ଘଟଣା ଘଟିଲେ ଘଟଣାସ୍ଥଳର ଭିଡିଓ ଫୁଟେଜ୍ ପୁଲିସ ଓ ତଦନ୍ତକାରୀ ସଂସ୍ଥାଙ୍କୁ ପ୍ରମାଣ ସଂଗ୍ରହରେ ବେଶ ସହାୟକ ହେବ । ଏହା ସହରର ସାମଗ୍ରିକ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ । ଟ୍ରାଫିକ ପରିଚାଳନା କ୍ଷେତ୍ରରେ ମଧ୍ୟ ସିସିଟିଭିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ମାରକପତ୍ରରେ ଦର୍ଶାଯାଇଛି । ପ୍ରମୁଖ ଛକଗୁଡ଼ିକରେ ଯାନବାହାନ ନିୟନ୍ତ୍ରଣ, ବେପରୁଆ ଗାଡ଼ି ଚାଳନା ଉପରେ ନଜର ଏବଂ ଦୁର୍ଘଟଣାର କାରଣ ଚିହ୍ନଟ କରିବାରେ ଏହି ବ୍ୟବସ୍ଥା ଫଳପ୍ରଦ ହେବ । ସେହିପରି ସହରକୁ ଆସୁଥିବା ପର୍ଯ୍ୟଟକ ଓ ବାହାର ଲୋକଙ୍କ ମନରେ ମଧ୍ୟ ସୁରକ୍ଷାର ଭାବନା ବୃଦ୍ଧି ପାଇବ । ଦାବିକାରୀମାନେ ପୌରପାଳିକାକୁ ଶୀଘ୍ର ଏକ ବିସ୍ତୃତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରି ସହରର ସମସ୍ତ ରଣନୀତିକ ସ୍ଥାନରେ ପର୍ଯ୍ୟାୟକ୍ରମେ ସିସିଟିଭି କ୍ୟାମେରା ସ୍ଥାପନ କରିବା ସହ ଏହାର ନିୟମିତ ରକ୍ଷଣାବେକ୍ଷଣ ଓ ୨୪ ଘଣ୍ଟିଆ ମନିଟରିଂ ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି ।

## କୃଷ୍ଣ ସିଂହଙ୍କୁ ଘୁମରଶ୍ରୀ ସମ୍ମାନ



ସେମିଳିଗୁଡା, ୮।୭ (ସମିସ): କୋରାପୁଟ ଜିଲ୍ଲାରେ ସେମିଳିଗୁଡାର ବିଶିଷ୍ଟ ସାହିତ୍ୟିକ କୃଷ୍ଣ ସିଂହଙ୍କୁ ଘୁମରର ସର୍ବୋଚ୍ଚ ସମ୍ମାନ "ଘୁମର ଶ୍ରୀ ସମ୍ମାନ୨୦୨୬'ରେ ସମ୍ମାନିତ କରାଯାଇଛି । ନବରଙ୍ଗପୁର ଜିଲ୍ଲାର ଚନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ପାନାବେଡ଼ା ମହାବିଦ୍ୟାଳୟ ପରିସରରେ ଆୟୋଜିତ ଘୁମର ସାହିତ୍ୟ ଉତ୍ସବ୨୦୨୬ ଅବସରରେ ପାନାବେଡ଼ା ସାହିତ୍ୟ ସଂସଦ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବର ଦ୍ୱିତୀୟ ଅଧିବେଶନରେ କୃଷ୍ଣ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ତାଙ୍କର ସାହିତ୍ୟ ସାଧନା, ସାମାଜିକ ଚେତନା ଓ ଓଡ଼ିଆ ଭାଷା ପ୍ରତି ଅବଦାନକୁ ସ୍ୱୀକୃତି ଦେଇ ଆୟୋଜକମାନଙ୍କ ପକ୍ଷରୁ ଏହି ଗରିମାମୟ ସମ୍ମାନ ପ୍ରଦାନ କରାଯାଇଥିଲା । ଶ୍ରୀ କୃଷ୍ଣ ସିଂହ ନିଜ ଅଭିଭାଷଣରେ ଉପାନ୍ତ ଅଞ୍ଚଳର ସାହିତ୍ୟିକ ଶକ୍ତି, ଲୋକଭାଷାର ସୌନ୍ଦର୍ଯ୍ୟ ଓ ଜନଜାତିୟ ସଂସ୍କୃତିର ଗୁରୁତ୍ୱ ଉପରେ ମତ ପ୍ରକାଶ କରିଥିଲେ । ଉତ୍ସବରେ ଉପସ୍ଥିତ ସାହିତ୍ୟିକମାନେ ମଧ୍ୟ ଶ୍ରୀ କୃଷ୍ଣ ସିଂହଙ୍କ ସାହିତ୍ୟିକ ଅବଦାନ ଓ ଚିନ୍ତନକୁ ଉଚ୍ଚ ପ୍ରଶଂସା କରିଥିଲେ । ପାନାବେଡ଼ା ସାହିତ୍ୟ ସଂସଦ ପକ୍ଷରୁ କୁହାଯାଇଥିଲା ଯେ, ଶ୍ରୀ କୃଷ୍ଣ ସିଂହଙ୍କୁ ଘୁମରର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରିବା ଉପାନ୍ତ ଅଞ୍ଚଳର ସାହିତ୍ୟିକ ମନୋବଳକୁ ଅଧିକ ଦୃଢ଼ କରିବା ସହ ନୂତନ ପିଢ଼ିକୁ ସାହିତ୍ୟ ସାଧନା ପ୍ରତି ପ୍ରେରିତ କରିବ ।

## ମନରେଗା ଯୋଜନାରେ ଦୁର୍ନୀତି

# ମୋରମ ବଦଳରେ ପଡ଼ିଛି ରଙ୍ଗମାଟି



କୁନ୍ଦୁରା, ୮।୭ (ସମିସ): ରାସ୍ତା ପାଇଁ ହୀନସ୍ତା। ପ୍ରଶାସନର ପଡୁନି ଦୃଷ୍ଟି। କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକର ପାଣ୍ଡିକିମାରି ରାସ୍ତା ସମସ୍ୟା ଜଟିଳ ହୋଇପଡିଛି। ଗାଁକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବର୍ଷା ଦିନରେ ଆଣ୍ଠୁଏ କାଦୁଅ ଓ ଖାଲଖମାରେ ଭରିଯାଇଥିବା ଏହି ରାସ୍ତା ଦେଇ ଯାତାୟାତ କରିବା ଲୋକଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି। କୁନ୍ଦୁରା ବ୍ଲକ ଅନ୍ତର୍ଗତ ଗୁଣ୍ଠାଳ ପଞ୍ଚାୟତ ପାଣ୍ଡକିମାରି ଗାଁ ରାସ୍ତାରେ ମୋରମ ବଦଳରେ ପଡ଼ିଛି ରଙ୍ଗ ମାଟି ଓ ପଞ୍ଚାୟତ ପ୍ରଶାସନ ଓ ଠିକାଦାର ମଧ୍ୟରେ ତାଳମେଳ କିଛି ନାହିଁ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଏହି ଗାଁରେ। ଏହି ଗାଁରେ ରହିଛି ୮୫ ପରିବାର। ଲୋକ ସଂଖ୍ୟା ପ୍ରାୟ ୪ ଶହରୁ ଅଧିକ। ଚଳିତ ବର୍ଷ ବାରିକ ଗୁଡ଼ା ଛକ ଠାରୁ ଗାଁ ଶେଷ ମୁଣ୍ଡ ପର୍ଯ୍ୟନ୍ତ ପ୍ରାୟ ୬ ଶହ ମିଟର ରାସ୍ତା କାମ ହୋଇଛି। ଦୁଇ ପାଶ୍ୱର୍ରେ ଡ୍ରେନ କଟାଯାଇ ମୋରମ ବଦଳରେ ରଙ୍ଗ ମାଟି ପଡ଼ିଛି ଓ ଖରା ଦିନ ଯାଏ ଭଲ ଥିଲା। ଗତ ବର୍ଷାରେ କାଦୁଅରେ ଭର୍ତ୍ତି ହୋଇଯାଇଛି ରାସ୍ତା। ବର୍ତ୍ତମାନ ଆଉ ସେହି ରାସ୍ତାରେ ସାଇକେଲ ମୋଟରସାଇକଲ କି ଅନ୍ୟ ଗାଡ଼ି ଆଉ ଯାଇ ପାରୁନାହିଁ। ଗତ ୪ ତାରିଖରେ ଗାଁ ର ଜଣେ ରୋଗୀଙ୍କୁ ନେବାକୁ ଗାଁ ଠାରୁ ପ୍ରାୟ ୫୦୦ ମିଟର ଦୂର ବାରିକ ଗୁଡ଼ା ଛକକୁ ବୋହିକି ନିଆଯାଇଥିଲା। ସେହି ରାସ୍ତାରେ ଅନ୍ୟ ଏକ ପ୍ରକଳ୍ପ ଦ୍ୱାରା ଗାଁ ତଳ ମୁଣ୍ଡରେ ଏକ କଲଭର୍ଟ କରାଯାଇଛି। ଦୁଇ ପାଶ୍ୱର୍ ରାସ୍ତାରେ ମାଟି ପଡ଼ି ଥିବାରୁ ଆଉ ଚଲାବୁଲା କରିବା ସମ୍ଭବ ହେଉ ନାହିଁ। ତଳିଆଗୁଡ଼ା ଓ ବାରିକଗୁଡ଼ା ଗାଁ ପିଲା ଏଠାକୁ ସ୍କୁଲ ଆସୁଛନ୍ତି ଓ ସେମାନେ ହାତରେ ଜୋତା ଧରି କାଦୁଅରେ ପଶି ଯା ଆସ କରୁଛନ୍ତି। ଏହି ଗୋଟିଏ ମାତ୍ର ରାସ୍ତା ଥିବାରୁ ବାଧ ହୋଇ ଯା'ଆସ କରୁଛନ୍ତି ଲୋକେ। ଗତ ୨୦୨୩ ଆର୍ଥିକ ବର୍ଷରେ ମେଟାଲ ମୋରମ ପଡ଼ି ମରାମତି ହୋଇଥିଲା ରାସ୍ତା। ବହୁ ଭଲ ଥିଲା, ମରାମତିର କିଛି ଆବଶ୍ୟକ ନ ଥିଲା। କାହା ସ୍ୱାର୍ଥରେ ନୂତନ ପ୍ରକଳ୍ପ ରଖାଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହି ରାସ୍ତାରେ ଏକ କଲଭର୍ଟର ବହୁ ଆବଶ୍ୟକତା ରହିଛି। ତାହା ନ କରି ଭଲ ରାସ୍ତା ଉପରେ ରଙ୍ଗ ମାଟି ଆଣି ପକା ଯାଇଛି। ନୂତନ ମୋରମ ପକାଯାଉ, ନଚେତ ରାସ୍ତାରେ ପଡ଼ିଥିବା ସବୁ ମାଟିକୁ ବାହାର କରାଯାଉ ବୋଲି କହିଛନ୍ତି ଗ୍ରାମବାସୀ ଗୋବର୍ଦ୍ଧନ ହରିଜନ, ଘାସିରାମ ବାଘ, ନୃପେନ୍ଦ୍ର ନାଗ, କୁମର ହରିଜନ, ରାଜେସ ପାଙ୍ଗି, ସୁନୀଲ ନାଗ, ସିଲ ହରିଜନ, ଜଳେନ୍ଦ୍ର ମାଛ,, ରଦମା ହରିଜନ, ସାବିତ୍ରୀ ହରିଜନ, ବିମଳା ହରିଜନ, ବୁଦ୍ରୀ ହରିଜନ ଓ ମାଳତୀ ହରିଜନ। ଜେଇ ନୟନା ପଟ୍ଟନାୟକଙ୍କୁ ପଚାରିବାରୁ ସେହି ପ୍ରକଳ୍ପ ଦ୍ୱାରା କଲଭର୍ଟ ହେବାକୁ ଥିଲା। କିନ୍ତୁ ଗାଁ ଲୋକ ରାସ୍ତା କରିବାକୁ କହିବାରୁ କରାଯାଇଛି। କେତେ ଟଙ୍କାର ପ୍ରକଳ୍ପ ତାହା କେସ ରେକର୍ଡ ଦେଖିଲେ କହିପାରିବେ। କିନ୍ତୁ ବିଲ ହୋଇ ନାହିଁ। ବିଡିଓ ପି.ମନସ୍ମିତା କହିଛନ୍ତି ଟିକିଏ ଖରା ପାଗ ହେଲେ ଖୁବ ଶୀଘ୍ର ଭଲ ମୋରମ ପକାଇ ରୋଲର ମଡ଼ାଯିବ।

## ଦେଶୀ ରନ୍ଧା ମହୁଲି ମଦ ଜବତ:୨ ଗିରଫ

ପୋଡ଼ାଗଡ, ୮।୭ (ସମିସ): କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ସୁକ୍ରାପୁଟ ଓ ମାଳିଚେମା ଗ୍ରାମରେ ଚାଲିଥିବା ଅବୈଧ ଦେଶୀ ମଦ କାରବାର ବିରୋଧରେ ଲକ୍ଷ୍ମୀପୁର ଅବକାରୀ ବିଭାଗ ଓ ଦଶମନ୍ତପୁର ପୁଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି ଏହି ଚଢ଼ାଉରେ ବିପୁଳ ପରିମାଣର ଅବୈଧ ମଦ ଏବଂ ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରାଯାଇଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଚଢ଼ଉ ସମୟରେ ଅଧିକାରୀମାନେ ୮୫ ଲିଟର ଦେଶୀ ରନ୍ଧା ମଦ ଜବତ କରିଥିଲେ। ସେହିପରି ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ୧୨୦୦ ଲିଟର ପୋଚକୁ ଘଟଣାସ୍ଥଳରେ ନଷ୍ଟ କରାଯାଇଥିଲା। ଏହା ସହ ଅବୈଧ



ମଦ ପ୍ରସ୍ତୁତିରେ ବ୍ୟବହୃତ କିଛି ସାମଗ୍ରୀ ମଧ୍ୟ ଜବତ କରାଯାଇଥିବା ସୂଚନା ମିଳିଛି। ଏଥିରେ ସମ୍ପୃକ୍ତ ଥିବା ଦୁଇ ଜଣଙ୍କୁ ଗିରଫ କରାଯାଇ ଅବକାରୀ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ମିଳିତ ଚଢ଼ଉ ଲକ୍ଷ୍ମୀପୁର ଅବକାରୀ ଥାନା ଅଧିକାରୀ କୁଷ ଜାଲ ଏବଂ ଦଶମନ୍ତପୁର ଥାନା ଅଧିକାରୀ ଚରଣ ସିଂ ମାଝୀଙ୍କ ନେତୃତ୍ୱରେ କରାଯାଇଥିଲା। ସୂଚନାଯୋଗ୍ୟ, ଦଶମନ୍ତପୁର ଓ ଏହାର ଆଖପାଖ ଅଞ୍ଚଳରେ ଅବୈଧ ଦେଶୀ ମଦ କାରବାରକୁ ରୋକିବା ପାଇଁ ଅବକାରୀ ବିଭାଗ ନିୟମିତ ଭାବେ ଚଢ଼ଉ ଜାରି ରଖିଛି। ଅବୈଧ ମଦ କାରବାର ସମାଜ ଓ ଜନସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରୁଥିବାରୁ ଏଭଳି ବେଆଇନ କାର୍ଯ୍ୟକଳାପ ବିରୋଧରେ କଡ଼ା ପଦକ୍ଷେପ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସମ୍ପୃକ୍ତ ଅଧିକାରୀମାନେ କହିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଏହି ଚଢ଼ାଉକୁ ସାଧାରଣ ଲୋକ ସ୍ୱାଗତ କରିଥିବା ବେଳେ ଅବୈଧ ମଦ କାରବାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ଏଭଳି ମିଳିତ ଅଭିଯାନ ଆହୁରି ଜୋରଦାର କରିବାକୁ ଦାବି କରିଛନ୍ତି।

## ଥାନା ଅଧିକାରୀଙ୍କୁ ଆଦିବାସୀ ମହାସଂଘର ସମ୍ବର୍ଦ୍ଧନା



ବୈପାରୀଗୁଡ଼ା, ୮।୭ (ସମିସ): ବୈପାରୀଗୁଡା ଆଦିବାସୀ ମହାସଂଘ ତରଫରୁ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଆଜି ଅପରାହ୍ନରେ ବୈପାରୀଗୁଡା ଥାନା ପରିସରରେ ନୂତନ ଭାବେ ଯୋଗ ଦେଇଥିବା ଥାନା ଆଇଆଇସି ଲକ୍ଷ୍ମୀନାରାୟଣ ମୁଦୁଲିଙ୍କୁ ଆଦିବାସୀ ମହାସଙ୍ଘ ତରଫରୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଛି। ଏହି ଅବସରରେ ବୈପାରିଗୁଡା ଅଞ୍ଚଳରେ ଶାନ୍ତି, ସୁରକ୍ଷା ଓ ଆଇନ-ଶୃଙ୍ଖଳା ବ୍ୟବସ୍ଥା ଯେପରି ଆହୁରି ସୁଦୃଢ଼ ହେବ ସେ ନେଇ ଆଲୋଚନା କରାଯାଇଛି। ବୈପାରୀଗୁଡା ବ୍ଲକର ସମସ୍ତ ସମାଜର ସଭାପତି ସମ୍ପାଦକ ଓ ସଦସ୍ୟ ଭକ୍ତରାମ ନାୟକ, ସନୁ ତେନ୍ତୁଳିପଡିଆ, ଲଳିତ ପୂଜାରୀ, ଲଛମନ ପରଜା, ଧନପତି ନାୟକ, ଅଭି ନାୟକ, ଧନସାଇ ପରଜା, କୃଷ୍ଣ ସାନ୍ତା ଓ ସୁରେନ୍ଦ୍ର ମୁର୍ଜିଆ ପ୍ରମୁଖ ଉପସ୍ଥିତ ଥିଲେ।

## ସାପକାମୁଡ଼ାରେ ଦିବ୍ୟାଙ୍ଗଙ୍କ ମୃତ୍ୟୁ

ବନ୍ଧୁଗାଁ, ୮।୭ (ସମିସ): ବନ୍ଧୁଗାଁ ବ୍ଲକ ଜାଗୁଗୁଡା ପଞ୍ଚାୟତ ଲେଡ଼ିଙ୍ଗି ଗ୍ରାମରେ ଜଣେ ଦିବ୍ୟାଙ୍ଗଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଆଜି ପୂର୍ବାହ୍ନ ପ୍ରାୟ ସାଢେ ୧୦ଟା ବେଳେ ଦିବ୍ୟାଙ୍ଗ ବ୍ୟକ୍ତି ଆଚା ପ୍ରାସାକା (୫୨) ଗାଁ ପାଖ ଝରଣାକୁ ଏକୁଟିଆ ଗାଧୋଇବାକୁ ଯାଉଥିଲେ। ଅଧା ବାଟରେ ଏକ ନାଗ ସାପ ଆଚା ପ୍ରାସାକାଙ୍କ ଗୋଡ଼ର ଆଙ୍ଗୁଠିକୁ କାମୁଡ଼ି ଦେଇଥିଲା। ଦିବ୍ୟାଙ୍ଗ ଜଣକ ଅଚେତ ଅବସ୍ଥାରେ ପଡିଥିବା ଦେଖି ଗ୍ରାମବାସୀ ଆମ୍ବୁଲାନ୍ସରେ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ହିଁ ଦିବ୍ୟାଙ୍ଗଙ୍କ ମୃତ୍ୟୁ ହୋଇଥିଲା। ମୃତ ଦିବ୍ୟାଙ୍ଗଙ୍କ ନିଜସ୍ୱ ଗ୍ରାମ ଗିଣିପିଖାଲ ହୋଇଥିବା ବେଳେ ନିଜ ଝିଅର ଜ୍ୱାଇଁଙ୍କ ଲେଡିଙ୍ଗୀ ଗ୍ରାମରେ ଆସି ରହୁଥିଲେ। ଜ୍ୱାଇଁ ନରେନ୍ଦ୍ର ମେଲେକା ବନ୍ଧୁଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏସଆଇ ଟଙ୍କଧର ନାଇକ ଅପମୃତ୍ୟୁ ମାମଲା ରୁଜୁ କର ଶବକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନା ଅନୁଯାୟୀ ଯେଉଁ ନାଗ ସାପ କାମୁଡି ଥିଲା ଲୋକେ ଘଟଣା ସ୍ଥଳରେ ପହଞ୍ଚି ସାପକୁ ମାରି ଦେଇଥିଲେ।

## ନନ୍ଦପୁରରରେ ଚାଲିଛି ରଥଗଢ଼ା



ନନ୍ଦପୁର, ୮।୭ (ସମିସ): କୋରାପୁଟ ଜିଲ୍ଲାର ସର୍ବ ପୁରାତନ ନନ୍ଦପୁର ଠାରେ ମହାପ୍ରଭୁ ଜଗନ୍ନାଥଙ୍କ ଘୋଷଯାତ୍ରା ନେଇ ଦେବୋତ୍ତର କମିଟି ପକ୍ଷରୁ ରଥ ଗଢା କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ଦେବୋତ୍ତର କମିଟି ଅଧ୍ୟକ୍ଷ ତଥା ତହସିଲଦାର ଦେବବ୍ରତ ମହାରଣା ଚଳିତ ରଥଯାତ୍ରାକୁ ଶୃଙ୍ଖଳିତ କରିବାକୁ ନେଇ ବୈଠକରେ ସମସ୍ତ ଦିଗ ପ୍ରତି ଧ୍ୟାନ ଦେବାକୁ ଆଦେଶ ଦେଇଛନ୍ତି। ତେବେ ଗତ କିଛି ଦିନ ହେବ ଲଗାଣ ବର୍ଷା ଲାଗିରହିଥିବା ବେଳେ ଗତ ଦୁଇ ଦିନ ହେବ ବର୍ଷା ଟିକିଏ ଥମିବା ପରେ ରଥଗଢ଼ା କାର୍ଯ୍ୟ ସହିତ ମନ୍ଦିରରେ ଚୂନମରା କାର୍ଯ୍ୟ ତ୍ୱରାନିତ ହୋଇଛି। ଗତବର୍ଷ ଦେଖା ଦେଇଥିବା ରଥଯାତ୍ରା ସମୟରେ ଅସୁବିଧାକୁ ଦୃଷ୍ଟିରେ ରଖି କେମିଟି ସବୁ ଦିଗକୁ ନଜରରେ ରଖି କାର୍ଯ୍ୟ ଆରମ୍ଭ କରିଛି। ସେପଟେ ଗତବର୍ଷ ରଥ ନିର୍ମାଣ ସମୟରେ ସ୍ଥାନୀୟ କାରିଗରଙ୍କୁ ଅଣଦେଖା ଅଭିଯୋଗ ପରେ ଦେବୋତ୍ତର ଅଧ୍ୟକ୍ଷ ଚଳିତ ବର୍ଷ ସ୍ଥାନୀୟ କାରିଗରଙ୍କୁ ରଥ ସଜଡ଼ା କାର୍ଯ୍ୟରେ ନିୟୋଜିତ କରିଛନ୍ତି। ରଥ ଟଣାକୁ ନେଇ ଦେଖା ଦେଇଥିବା ତ୍ରୁଟି ଉପରେ ତର୍ଜମା କରି ବିହିତ ପଦକ୍ଷେପ ନେଇଛନ୍ତି ତହସିଲଦାର ଶ୍ରୀ ମହାରଣା। ବୁଧବାର ନିଜେ ତହସିଲଦାର ଶ୍ରୀ ମହାରଣା ଅତିରିକ୍ତ ତହସିଲଦାର ମାଧବ ପାଙ୍ଗି ସମେତ ବିଭାଗୀୟ କର୍ମଚାରୀଙ୍କୁ ନେଇ ରଥଗଢ଼ା କାର୍ଯ୍ୟ ସ୍ଥଳୀ ପରିଦର୍ଶନ କରି ସମୀକ୍ଷା କରିଥିଲେ।

## ଦୁଇ ନେତାଙ୍କୁ ସମ୍ବର୍ଦ୍ଧନା

ପୋଡ଼ାଗଡ, ୮।୭ (ସମିସ): ଦଶମନ୍ତପୁର ବ୍ଲକ ସଭାପତି ଭାବେ ମନୋନୀତ ମହନ ପାତ୍ର ହିଆଲ ଏବଂ ଦଶମନ୍ତପୁର ବ୍ଲକ ସାଂସଦ ପ୍ରତିନିଧ ରାଜେନ୍ଦ୍ର ହୁଇକାଙ୍କୁ ମୁର୍କା ପଞ୍ଚାୟତର କଂଗ୍ରେସ କର୍ମୀମାନେ ଫୁଲତୋଡ଼ା ପ୍ରଦାନ କରି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ କଂଗ୍ରେସ କର୍ମୀମାନେ ନବମନୋନୀତ ନେତୃତ୍ୱଙ୍କ ପ୍ରତି ଆସ୍ଥା ପ୍ରକାଶ କରି ବ୍ଲକର ସର୍ବାଙ୍ଗୀନ ବିକାଶ, ସଂଗଠନର ସୁଦୃଢ଼ୀକରଣ ଏବଂ ଜନସାଧାରଣଙ୍କ ସମସ୍ୟାର ସମାଧାନ ଦିଗରେ ସେମାନେ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ଆଶା ପ୍ରକାଶ କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ସମ୍ପନ୍ନ ହୋଇଥିଲା।

## ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ




କୋଷାଗୁମୁଡ଼ା, ୮।୭ (ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗାସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ବିବେକ କୁମାର ମହାଳିକଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟକ୍ଷା ଅମିତା ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କୋଡିଙ୍ଗା ଫରେଷ୍ଟ ଗାର୍ଡ ଉମାଶଙ୍କର ପାଣିଗ୍ରାହୀ, ଅଧ୍ୟାପକ ଦାମୋଦର ସାହୁ, ରବି ନାରାୟଣ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଯୁବ ରେଡକ୍ରସ୍ ସଂଯୋଜକ ତଥା ଅନୁଷ୍ଠାନର ରେଡ୍ କ୍ରସ ଅଧିକାରୀ ଅଖିଳ କୁମାର ଭଞ୍ଜ, ଜାତୀୟ ସେବା ଯୋଜନାର ଅଧିକାରୀ ପଞ୍ଚାନନ ଦୁରିଆ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ବନ ବିଭାଗର ଯାଦବ ପାଇକ, ପ୍ରଫୁଲ୍ଲ ନାୟକ, ନରସିଂହ ପାତ୍ରଙ୍କ ସହ ଅନୁଷ୍ଠାନର ସମସ୍ତ କର୍ମଚାରୀ, କୋଡ଼ିଙ୍ଗା ବନ ବିଭାଗର କର୍ମଚାରୀ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅତିଥି, ଅଧ୍ୟାପକ, କର୍ମଚାରୀ, ବନ ବିଭାଗ କର୍ମଚାରୀ ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ମିଶି ବିଦ୍ୟାଳୟ ପରିସରରେ କୃଷ୍ଣଚୂଡ଼ା, ରାଧାଚୁଡ଼ା, ଅଁଳା, ବଉଳ, ଚେକମା, ଜାମୁ, ପିଜୁଳି ଭଳି ଅନେକ ଔଷଧୀୟ ଚାରାରୋପଣ କରିଥଲେ।

## ବନାଞ୍ଚଳସ୍ତରୀୟ ବନ ମହୋତ୍ସବ



କଲ୍ୟାଣସିଂହପୁର, ୮।୭ (ସମିସ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସୁନାଖଣ୍ଡି ପଞ୍ଚାୟତର ସତୀ ତୋଟା ଠାରେ ବନାଞ୍ଚଳସ୍ତରୀୟ ବନ ମହୋତ୍ସବ ପାଳନ କରାଯାଇଛି। ଏଥିରେ ବନବିଭାଗର ରେଞ୍ଜର ସଚ୍ଚିଦାନନ୍ଦ ପରିଡାଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷା ଅମ୍ବିତା କାଡ୍ରାକା ଉପସ୍ଥିତ ରହି ଚାରା ରୋପଣ କରିଥିଲେ। ଶିବ ମନ୍ଦିର ଓ ବିଦ୍ୟାଳୟ ପ୍ରାଙ୍ଗଣରେ ୫୫୦ଟି ଔଷଧୀୟ ବୃକ୍ଷ, ପରିବେଶକୁ ସୌନ୍ଦର୍ଯ୍ୟ କରୁଥିବା ବୃକ୍ଷ ସହ ଫଳ ଜାତୀୟ ଚାରାରୋପଣ କରିଥିଲେ। ଏହାପରେ ଜଗନ୍ନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଛାତ୍ର ଛାତ୍ରୀଙ୍କୁ ନେଇ ହାତରେ ପ୍ଲା କାର୍ଡ ଧରି ଜଙ୍ଗଲ ସୁରକ୍ଷା ନେଇ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ପ୍ରବନ୍ଧ, କୁଇଜ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତି ୩୦ଜଣ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି। ଏହା ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଦାଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷା ଅମ୍ବିତା କାଡ୍ରାକା ଯୋଗ ଦେଇଥିବା ବେଳେ ବକ୍ତା ଭାବେ ରେଞ୍ଜର ସଚ୍ଚିଦାନନ୍ଦ ପରିଡା ଓ ସୁନାଖଣ୍ଡି ସରପଞ୍ଚ ସଞ୍ଜୟ ନିଶିକା, ବନପାଳ ବରଖାରନି ପାତ୍ର, ଅଶ୍ୱିନୀ କୁମାର କରକରିଆ, ହରିବନ୍ଧୁ ବାଉରୀ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ରହିଥିଲେ। ବୃକ୍ଷର ମହତ୍ତ୍ୱ ଓ ମନୁଷ୍ୟ ଜୀବନର କେତେକ ଆବଶ୍ୟକ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ବୁଝାଇ ଥିଲେ। ବିଦ୍ୟାଳୟର ଶିକ୍ଷକ ଉମେଶ ଚନ୍ଦ୍ର ଦାସ ମଞ୍ଚ ପରିଚାଳନା, ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରମେଶ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଓ ବନ ବିଭାଗ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି।

### ● ବେଲଗୁଣ୍ଠା ଏନ୍‌ଏସି ପ୍ରତିନିଧି ଦଳର ରାୟଗଡ଼ରେ ଏକ୍ସପୋଜର ଭିଜିଟ୍

## କଠିନ ବର୍ଜ୍ୟବସ୍ତୁ ପରିଚାଳନା, ସ୍ୱଚ୍ଛତାର ଅନୁଧ୍ୟାନ






ରାୟଗଡ଼, ୮।୭ (ସମିସ): ବେଲଗୁଣ୍ଠା ଏନ୍‌ଏସିର ଅଧ୍ୟକ୍ଷଙ୍କ ନେତୃତ୍ୱରେ ୧୩ ଜଣ କାଉନସିଲର, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସାନିଟେସନ କର୍ମଚାରୀଙ୍କ ଏକ ପ୍ରତିନିଧି ଦଳ ରାୟଗଡ଼ ପୌରାଞ୍ଚଳକୁ ଏକ ଏକ୍ସପୋଜର ଭିଜିଟ୍‌ରେ ଆସିଥିଲେ। ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା ରାୟଗଡ଼ ପୌରାଞ୍ଚଳରେ ସଫଳତାର ସହ କାର୍ଯ୍ୟକାରୀ ହେଉଥିବା କଠିନ ବର୍ଜ୍ୟବସ୍ତୁ ପରିଚାଳନା, ସ୍ୱଚ୍ଛତା ବ୍ୟବସ୍ଥା ଏବଂ ପରିବେଶ ଅନୁକୂଳ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରତ୍ୟକ୍ଷ ଅଭିଜ୍ଞତା ହାସଲ କରିବା। ରାୟଗଡ଼ ପୌରପରିଷଦରେ ପହଞ୍ଚିବା ପରେ ପ୍ରତିନିଧି ଦଳକୁ ପୌରାଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, ନିର୍ବାହୀ ଅଧିକାରୀ କୁଳଦୀପ କୁମାର ଏବଂ କାଉନସିଲରମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ପରେ ପୌର ପରିଷଦ ଗୃହରେ ଏକ ସ୍ୱାଗତ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାୟଗଡ଼ ପୌରପରିଷଦର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ନାଗରିକ ସେବା ଏବଂ ସୃଷ୍ଟି କରାଯାଇଥିବା ସମ୍ପତ୍ତି ସମ୍ପର୍କରେ ଏକ ପ୍ରାମାଣିକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଏହାପରେ ପ୍ରତିନିଧି ଦଳ ୱାର୍ଡ ନମ୍ବର ୩ ପିଏଚ୍‌ଡି କଲୋନୀସ୍ଥିତ ନବପ୍ରତିଷ୍ଠିତ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ଓ ମାଟେରିଆଲ ରିକଭରି ଫେସିଲିଟି ପରିଦର୍ଶନ କରିଥିଲେ। ସେଠାରେ ଘରୋଇ ବର୍ଜ୍ୟବସ୍ତୁରୁ ଜୈବ ସାର ପ୍ରସ୍ତୁତି, ବର୍ଜ୍ୟବସ୍ତୁ ପୃଥକୀକରଣ, ପୁନଃବ୍ୟବହାରଯୋଗ୍ୟ ସାମଗ୍ରୀର ସଂଗ୍ରହ ଓ ପରିଚାଳନା ପ୍ରଣାଳୀ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ ହୋଇଥିଲେ। ପରବର୍ତ୍ତୀ ସମୟରେ ପ୍ରତିନିଧି ଦଳ ଆହାର କେନ୍ଦ୍ର, ଗାନ୍ଧୀ ପାର୍କ, ପୌର ଅଡିଟୋରିୟମ୍, ୱେଷ୍ଟ ଟୁ ୱଣ୍ଡର ପାର୍କ, ନିର୍ମାଣ ଓ ଭଙ୍ଗା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର, ଫିକାଲ୍ ସ୍ଲଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ଏବଂ ୱାର୍ଡ ନମ୍ବର ୧୧ ଅଣ୍ଟାରିଗୁଡାସ୍ଥିତ 'ମୋ ବଗିଚା' ପରିଦର୍ଶନ କରି ସେଠାରେ ଚାଲୁଥିବା କାର୍ଯ୍ୟପ୍ରଣାଳୀ ଓ ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଶେଷରେ ବେଲଗୁଣ୍ଠା ଏନ୍‌ଏସିର ନିର୍ବାହୀ ଅଧିକାରୀ ଓ ସାନିଟେସନ କର୍ମଚାରୀମାନେ ରାୟଗଡ଼ ପୌର ପରିଷଦର ସୁସଂଗଠିତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା, ଅଳିଆ ଆବର୍ଜନାରୁ ଉନ୍ନତମାନର କମ୍ପୋଷ୍ଟ ସାର ପ୍ରସ୍ତୁତି ପ୍ରକ୍ରିୟା ଏବଂ ସ୍ୱଚ୍ଛତା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ଅଭିନବ ପଦକ୍ଷେପର ଉଚ୍ଚ ପ୍ରଶଂସା କରିଥିଲେ। ସେମାନଙ୍କ ମତରେ, ଏହି ଏକ୍ସପୋଜର ଭିଜିଟ୍‌ରୁ ମିଳିଥିବା ଅଭିଜ୍ଞତା ବେଲଗୁଣ୍ଠା ଏନ୍‌ଏସିରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ସ୍ୱଚ୍ଛତା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଏବଂ ଫଳପ୍ରଦ କରିବାରେ ସହାୟକ ହେବ ବୋଲି କହିଛନ୍ତି।

### ● ଦଶମନ୍ତପୁର ଚନ୍ଦନ ଶ୍ରୀକ୍ଷେତ୍ରରେ ରଥଯାତ୍ରା ପ୍ରସ୍ତୁତି

## ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ସମନ୍ୱୟ ବୈଠକ

ପୋଡ଼ାଗଡ଼, ୮।୭ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ସଦମହକୁମା ସ୍ଥିତ ଚନ୍ଦନ ଶ୍ରୀକ୍ଷେତ୍ରରେ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା, ସୁରକ୍ଷା ଓ ସୁଚାରୁ ରୂପେ ସମ୍ପନ୍ନ କରିବା ଲକ୍ଷ୍ୟରେ ଦଶମନ୍ତପୁର ଚନ୍ଦନ ଶ୍ରୀକ୍ଷେତ୍ର ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି ନାରାୟଣ ବିଶଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇ ରଥଯାତ୍ରାର ସଫଳ ଆୟୋଜନ ନେଇ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ଭକ୍ତଙ୍କ ସୁରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ପରିମଳ ବ୍ୟବସ୍ଥା, ପାନୀୟ ଜଳ, ବିଦ୍ୟୁତ ଯୋଗାଣ, ସ୍ୱାସ୍ଥ୍ୟସେବା, ଅଗ୍ନିଶମ ସେବା ଓ ଆଇନଶୃଙ୍ଖଳା ରକ୍ଷା ସମ୍ପର୍କରେ ବିଭିନ୍ନ ବିଭାଗକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ପରାମର୍ଶ ଦିଆଯାଇଥିଲା। ରଥଯାତ୍ରାରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥାକୁ ସୁଚାରୁ କରିବା ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଥିଲା। ସଭାପତି ନାରାୟଣ ବିଶଇ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପରସ୍ପର ସହଯୋଗରେ କାର୍ଯ୍ୟ କରି ରଥଯାତ୍ରାକୁ ସଫଳ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ଆହ୍ୱାନ ଜଣାଇଥିଲେ। ବୈଠକରେ ଉପସ୍ଥିତ ଅଧିକାରୀମାନେ ମଧ୍ୟ ନିଜ ନିଜ ବିଭାଗ ପକ୍ଷରୁ ପୂର୍ଣ୍ଣ ସହଯୋଗର ଆଶ୍ୱାସନ ଦେଇଥିଲେ।

# ରଥଯାତ୍ରା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ




ନବରଙ୍ଗପୁର, ୮।୭ (ସମିସ): ସୋମବାର ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ୨୦୨୬ ରଥଯାତ୍ରା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରମୋଦ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ ଶ୍ରୀଜୀଉଙ୍କ ନେତ୍ର ଉତ୍ସବ ବା ନବ ଯୌବନ ନୀତି ଚଳିତ ମାସ ୧୪ ତାରିଖ ସକାଳ ୮ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ସାଢେ ୬ଟା ପର୍ଯ୍ୟନ୍ତ ଏବଂ ୧୫ ତାରିଖ ଦିନ ଉଭାଯାତ୍ରା। ଗୁରୁବାର ରଥଯାତ୍ରା ଦିନ ସକାଳ ୬ଟା ସମୟରେ ରଥ ପ୍ରତିଷ୍ଠା ସରିବା ପରେ ସକାଳ ୧୦ ଘଣ୍ଟ ସମୟରେ ଜୀଉଙ୍କ ଘୋଷଯାତ୍ରାର ଗୋଟି ପହଣ୍ଡି, ଅପରାହ୍ନ ୧.୩୦ ରୁ ୩ ଟା ସାଧାରଣ ଦର୍ଶନ ଏବଂ ଅପରାହ୍ନ ୩ଟା ୩୦ରେ ରଥ ଟଣା ଆରମ୍ଭ ହେବ। ସେହିପରି ୨୦ ତାରିଖ ଦିନ ହେରାପଞ୍ଚମୀ ପାଇଁ ସନ୍ଧ୍ୟା ୬.୩୦ ମିନିଟ ସମୟରେ ମହାଲକ୍ଷ୍ମୀ ଶ୍ରୀମନ୍ଦିରରୁ ବାହାରି ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବା ପରେ ରାତି ୯ଟା ୩୦ ମଧ୍ୟରେ ବଚନିକା ଆଦି ନୀତି କାନ୍ତି ସରିବା ପରେ ଶ୍ରୀ ମନ୍ଦିରରେ ପହଞ୍ଚିବେ। ସେହିପରି ୨୪ ତାରିଖ ଶୁକ୍ରବାର ଆଷାଢ଼ ଶୁକ୍ଳ ଦଶମୀ ବାହୁଡା ଯାତ୍ରା ଦିନ ସକାଳ ୧୦ଟାରେ ବାହୁଡା ପହଣ୍ଡି, ପୂର୍ବାହ୍ନ ୧ଟା ଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ଏବଂ ଅପରାହ୍ନ ୩ଟା ଠାରୁ ଆରମ୍ଭ ହେବ ରଥ ଟଣା। ବାହୁଡା ପର ଦିନ ଅର୍ଥାତ୍ ୨୫ ତାରିଖ ଆଷାଢ଼ ଶୁକ୍ଳ ଏକାଦଶୀ ସନ୍ଧ୍ୟା ୬.୩୦ ମିନିଟ ଠାରୁ ସୁନାବେଶ ଓ ଅଧରପଣା ନୀତି ଆରମ୍ଭ ହୋଇ ପାଖାପାଖି ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ ସାଧାରଣ ଦର୍ଶନ। ଏହାପରେ ୨୬ ତାରିଖ ଅର୍ଥାତ ଦ୍ୱାଦଶୀ ତିଥି ଦିନ ରଥରେ ସନ୍ଧ୍ୟା ଆରତୀ ସମ୍ପୂର୍ଣ୍ଣ ହେବାପରେ ୬.୩୦ରେ ଶ୍ରୀଜୀଉଙ୍କ ରତ୍ନସିଂହାସନକୁ ପହଣ୍ଡି ବିଜେ କରିବାର କାର୍ଯ୍ୟକ୍ରମ ରହିଛି ବୋଲି କହିଛନ୍ତି ନବରଙ୍ଗପୁର ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀ। ସହରର ଟ୍ରାଫିକ ସମାଧାନ ପାଇଁ ରଥଯାତ୍ରା ଦିନ ମଙ୍ଗଳମ ଟିମ୍ବର ରାସ୍ତାକୁ ହିଁ ବ୍ୟବହାର କରାଯିବ ଏବଂ ରଥ ଉପରେ ଯେତେଦିନ ଚତୁର୍ଦ୍ଧାମୂର୍ତ୍ତି ରହିଥିବେ ଉକ୍ତ ସମୟରେ ମଙ୍ଗଳମ୍ ଟିମ୍ବର୍ ବାଇପାସ୍ ଏବଂ ଦଶହରା ପଦା ଛକ ଠାରୁ ରାଜୁସାହି ସ୍ଥିତ ଗଣେଶ ମନ୍ଦିର ଦେଇ ସଦାଶିବ ପାର୍କ ଛକ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଏବଂ ନୂଆଁବନ୍ଧ ସାହି ଓ ରାଜୁ ସାହିର ରାସ୍ତାକୁ ଛୋଟ ଗାଡ଼ି ସବୁ ଯିବା ପାଇଁ ବ୍ୟବହାର କରାଯିବ ବୋଲି

### ପୂର୍ବାହ୍ନ ୧୦ଟାରେ ରଥଯାତ୍ରା ପହଣ୍ଡି : ନରସିଂହ

ପୁଲିସ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି ରଥଯାତ୍ରାରେ ନବରଙ୍ଗପୁର ଥାନା ଅଧିକାରୀ ସମ୍ବିତ କୁମାର ବେହେରାଙ୍କୁ ସହରର ସମ୍ପୂର୍ଣ୍ଣ ଟ୍ରାଫିକ ନିୟନ୍ତ୍ରଣ ଉପରେ ଦାୟୀତ୍ୱ ଦିଆଯାଇଛି। ରଥଯାତ୍ରା ଦିନ ଧାରା ବିବରଣୀ ପ୍ରଦାନ ପାଇଁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରାଙ୍କୁ ଦାୟିତ୍ୱ ଦିଆଯାଇଛି। ସମସ୍ତ ଭୋଗ କିଭଳି ସଫାସୁତାରେ ସଠିକ୍ ଢଙ୍ଗରେ ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ପ୍ରଦାନ କରାଯିବ, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାପାଇଁ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ତହସିଲଦାର ତଥା ଦେବୋତ୍ତର ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ଭୋଳେଶ୍ୱର ନାୟକ, ବିଧାୟକ ପ୍ରତିନିଧି ଏ ସୁରେଶ ଶାସ୍ତ୍ରୀ, ଦେବୋତ୍ତର କମିଟି ସଭାପତି ଝାଡେଶ୍ୱର ଖାଡଙ୍ଗାଙ୍କ ସମେତ ରାଜ ପୁରୋହିତ ନରିସିଂହ ନାଥ ତ୍ରିପାଠୀ, ଦେବୋତ୍ତର କମିଟି ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଜଗନ୍ନାଥ ଚୌଧୁରୀ, ରାଜେନ୍ଦ୍ର ତ୍ରିପାଠୀ, ଗୌରାଙ୍ଗ ପାତ୍ର, ନରେଶ କୁମାର ତ୍ରିପାଠୀ, ସରୋଜ ପାତ୍ର, ଭବାନୀ ଶଙ୍କର ଶତପଥି, ମନ୍ଦିର ପରିଚାଳନା କମିଟି ସଭାପତି ନରସିଂହ ତ୍ରିପାଠୀ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଆଇଟିଡିଏ ପିଏ ରାଜୀବ କୁମାର ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ନବରଙ୍ଗପୁର ଏସ ଡି ପି ଓ କୃଷ୍ଣ ଚନ୍ଦ୍ର ଭତରା, ନବରଙ୍ଗପୁର ଥାନା ଅଧିକାରୀ ସମ୍ବିତ କୁମାର ବେହେରା, ଉପକଣ୍ଠ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ସତ୍ୟନାରାୟଣ ପ୍ରଧାନ ଙ୍କ ସମେତ ବହୁ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ନବରଙ୍ଗପୁର ଆର ଆଇ ଲମ୍ବୋଦର ପ୍ରଧାନୀ, ରାଜୁ ଦେବୋତ୍ତର ମୁଖ୍ୟ କିରାଣୀ ଗଗନ ସୌର, ସତ୍ୟବାଦୀ ଷଡ଼ଙ୍ଗୀ, ମନୋରଞ୍ଜନ ତ୍ରିପାଠୀ, ମନ୍ଦିର ପୂଜକ ଶେଷ ଦେବ ବ୍ରହ୍ମା, ଦାମୋଦର ଚୌଧରୀ, ଅମିତାଭ ତ୍ରିପାଠୀ, ସନ୍ତୋଷ ସାହୁ, ଶ୍ରୀଧର ପାତ୍ର, ଏ ସତିଶ, ସୁବାସ ନାୟକ, ବୀରେନ୍ଦ୍ର ନାୟକ, ଗଣପତି ଗୌଡ" ପ୍ରମୁଖଙ୍କ ସମେତ ବହୁ ସେବାୟତ ପ୍ରତିନିଧି ଓ ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ଥିଲେ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଗଣତନ୍ତ୍ରରୁ ହିଁ ସ୍ୱାଭାବିକ ଭାବରେ ଏକଚ୍ଛତ୍ରବାଦୀ ଶାସନ ସୃଷ୍ଟି ହୁଏ। ସେହିପରି ମାତ୍ରାଧିକ ସ୍ୱାଧୀନତାରୁ ହିଁ ଦାସତ୍ୱ ଓ ଅତ୍ୟାଚାର ଜନ୍ମ ନିଏ।
-ପ୍ଲାଟୋ

ସକାଳ
THE SAKALA

## ବିଦେଶରେ ପ୍ରଶଂସା, ଜନ୍ମମାଟିରେ ଉପେକ୍ଷା

ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଅବଦାନ ଅବିସ୍ମରଣୀୟ। ସମ୍ପ୍ରତି ଇଣ୍ଡୋନେସିଆ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅଧ୍ୟାୟର ସ୍ମୃତିଚାରଣ କରିବା ସହିତ ଭାରତ-ଇଣ୍ଡୋନେସିଆ ସମ୍ପର୍କରେ ବିଜୁବାବୁଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି। ବିଜୁବାବୁଙ୍କ ବୀରତ୍ୱ, ଅବଦାନ, ବଳିଦାନର ଗାଥା ଓଡ଼ିଶା ସୀମା ସରହଦ ଡେଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରକୁ ପ୍ରସାରିତ। ଅଥଚ ରାଜନୀତିର ପଶାପାଲିରେ ବିଜୁବାବୁଙ୍କୁ ଜାତୀୟସ୍ତରରେ ଯେତିକି ସମ୍ମାନ ଓ ସ୍ୱୀକୃତି ମିଳିବା କଥା ତାହା ମିଳିନାହିଁ।

ମହାତ୍ମା ଗାନ୍ଧୀ ଓ ସୁଭାଷ ଚନ୍ଦ୍ର ବୋଷଙ୍କ ପରେ ବ୍ରିଟିଶ ଶାସନାଧୀନ ଭାରତବର୍ଷର ରାଜନୈତିକ ନେତୃତ୍ୱଙ୍କ ମଧ୍ୟରେ ବିଶ୍ୱବନ୍ଦ୍ୟ ହେବାର ଗୌରବ ଅର୍ଜନ କରିଥିବା ଏକମାତ୍ର ବ୍ୟକ୍ତିତ୍ୱ ବିଜୁ ପଟ୍ଟନାୟକ କେବଳ ଏକ 'ଆଦର୍ଶ' ନୁହନ୍ତି ଏକ 'ବାଦ' (ଇଜିମ୍)ର ଯୁଗପୁରୁଷ। ସ୍ୱାଭାବିକ ଭାବେ 'ଶ୍ରେୟ', 'ସମ୍ମାନ', 'ଅଳଙ୍କାର', 'ପୁରସ୍କାର'ରୁ ବହୁଉର୍ଦ୍ଧ୍ୱରେ ଥିବା ଏହି ଉତ୍ତୁଙ୍ଗ ବ୍ୟକ୍ତିତ୍ୱ 'ସ୍ୱପ୍ନଦ୍ରଷ୍ଟା' ଭାବେ ଯେତିକି ଅନୁକରଣୀୟ 'ସ୍ୱପ୍ନସ୍ରଷ୍ଟା' ଭାବେ ତା'ଠାରୁ ଅଧିକ ବନ୍ଦନୀୟ। ବିଶେଷକରି ୨୦୩୬ରେ ବିକଶିତ ଓଡ଼ିଶାର ରୂପରେଖ ପ୍ରସ୍ତୁତ କଲା ବେଳେ 'ବିଜୁବାଦ'ର ପ୍ରାସଙ୍ଗିକତା ଆହୁରି ଅଧିକ। ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟରେ ଯେଉଁ ପାହାଚଗୁଡ଼ିକୁ ମାନଦଣ୍ଡ ଭାବରେ ଗ୍ରହଣ କରାଯାଇଛି ସେଗୁଡ଼ିକ ବିଷୟରେ ଦୂରଦ୍ରଷ୍ଟା ରାଷ୍ଟ୍ରନୀତିଜ୍ଞ ବିଜୁବାବୁ ବହୁପୂର୍ବରୁ ସୂଚାଇ ସାରିଥିଲେ। ତେଣୁ ସେହି ପାହାଚଗୁଡ଼ିକୁ ଉତ୍ତରଣ କଲା ବେଳେ ବିଜୁ ବାବୁ ସ୍ୱତଃସ୍ମରଣକୁ ଆସନ୍ତି।

ଏହା ଅବଶ୍ୟ ଭିନ୍ନ କଥା ଯେ ସଂକୀର୍ଣ୍ଣ ରାଜନୈତିକ ମାନସିକତାରେ ବିଜୁବାବୁଙ୍କ ଆଦର୍ଶକୁ ଖର୍ବକାୟ କରିବାର ହୀନମନ୍ୟତା ଆରମ୍ଭ ହୋଇସାରିଛି। ପଞ୍ଚାୟତିରାଜ ବ୍ୟବସ୍ଥାର ଜାତୀୟ ବିନ୍ଧାଣୀ ବିଜୁବାବୁଙ୍କୁ ତାଙ୍କ ଜନ୍ମଦିନରେ ହିଁ ସେହି ଶ୍ରେୟରୁ ବଞ୍ଚିତ କରାଯାଇଛି। ଓଡ଼ିଶାରୁ ଓଡ଼ିଆତ୍ୱକୁ ଭିନ୍ନ କରିବାର ଉଦ୍ୟମ ଯେଭଳି ହାସ୍ୟାସ୍ପଦ, ଓଡ଼ିଶାର ଜନଜୀବନରୁ 'ବିଜୁବାଦ'କୁ ବିଲୋପ କରିବାର ଚକ୍ରାନ୍ତ ତା'ଠାରୁ ଅଧିକ ଆପତ୍ତିଜନକ। ବରଂ 'ବିଜୁବାଦକୁ ପାଥେୟ ନ କରିବା ପର୍ଯ୍ୟନ୍ତ ବିକଶିତ ଓଡ଼ିଶା ସ୍ୱପ୍ନ ସାକାର ହୋଇପାରିବ ନାହିଁ- ଏହି ଆପ୍ତବାକ୍ୟକୁ କ୍ଷମତାସୀନ ଦଳ ହେଜିବା ଦରକାର।

ବିଜୁବାବୁଙ୍କ ଜୀବନାଦର୍ଶ ଓ କାର୍ଯ୍ୟାବଳୀ ଏହି ଉଦ୍‌ଘୋଷଣା କରେ ଯେ ପ୍ରଗତି ରଥରେ ସାରଥିର ଭୂମିକା ନିର୍ବାହ କରିବାକୁ ହେଲେ ସ୍ୱପ୍ନ ଓ ଦୁଃସାହସ ଦରକାର। ଜୀବନ ଜିଇଁବାର ଶ୍ରେଷ୍ଠ ଗୌରବ କେବଳ ରାଜନୈତିକ ଜୟ-ପରାଜୟତାରେ ସୀମିତ ନୁହେଁ, ବରଂ ପ୍ରତିଥର ପଡ଼ିଯିବା ପରେ ପୁନର୍ବାର ଉଠି ଆଗକୁ ମାଡ଼ି ଚାଲିବା ଆବଶ୍ୟକ। ବିଶାଳ ଯୁବବର୍ଗ ହିଁ ମାନବ ସମ୍ବଳ ଓ ଶକ୍ତିର ଅଫୁରନ୍ତ ପୁଞ୍ଜି। ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ସାକାର କରିବାକୁ ହେଲେ ଯୁବକମାନଙ୍କୁ ଯଥାର୍ଥ ଗୁରୁତ୍ୱ ଦେଇ ସେମାନଙ୍କୁ ସେନାପତି ଦାୟିତ୍ୱ ଦେବାକୁ ପଡ଼ିବ। ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟ ରୂପେ ଗଢ଼ି ତୋଳିବାକୁ ହେଲେ ଯୁବଶକ୍ତି ନିଜ ସ୍ୱାର୍ଥଠାରୁ ରାଜ୍ୟ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଏବଂ କାହାର ଦୟା କିମ୍ବା ଅନୁକମ୍ପାର ପାତ୍ର ନ ହୋଇ ନିଜ ଶକ୍ତି ଓ ବୁଦ୍ଧି ଉପଯୋଗ କରିବାକୁ ପଡ଼ିବ। ସେମାନେ ନିଜେ ନିଜ ଭିତରେ ଭରି ରଖିବାକୁ ପଡ଼ିବ ଅଖଣ୍ଡ ଭରସା ଓ ଆତ୍ମାଭିମାନ। ସେମାନଙ୍କ ଦକ୍ଷତା, ବୁଦ୍ଧିମତ୍ତା ହିଁ ଇତିହାସର ମୋଡ଼ ବଦଳାଇଦେବ। ବିଜୁବାବୁଙ୍କ ଏହି ମାର୍ମିକ ଉକ୍ତି ବିକଶିତ ଓଡ଼ିଶା ଲକ୍ଷ୍ୟ ପଥରେ ଏକ ଦିଗବାରେଣି। ଏହାକୁ ଅନୁସରଣ କଲେ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ହାସଲ ସୁଗମ ହୋଇପାରିବ।

୧୯୬୧-୬୩ର ମୁଖ୍ୟମନ୍ତ୍ରୀତ୍ୱ କାଳରେ ବିଜୁବାବୁ ଅନୁଭବ କରିଥିଲେ ଶିଳ୍ପ ହିଁ ସମୃଦ୍ଧିର କାରଣ। ସେତେବେଳେ ସେ ବିକଶିତ ଓଡ଼ିଶାର ଯେଉଁ ନକ୍ସା ଆଙ୍କିଥିଲେ ଆଜି ମଧ୍ୟ ତାହା ଅନତିକ୍ରମଣୀୟ ହୋଇରହିଛି। ଆଜି ଶିଳ୍ପାୟନ ଯୋଗୁଁ ଦ୍ରୁତ ପରିବେଶ ଅବକ୍ଷୟ ଓ ବିସ୍ଥାପନ ସମସ୍ୟା ବଢ଼ି ଚାଲିଥିବା ବେଳେ ପ୍ରକୃତି ସହନଶୀଳ ଓ ପରିବେଶ ଅନୁକୂଳ ବିକାଶ ଦିଗରେ 'ବିଜୁବାଦ'ର ପ୍ରାସଙ୍ଗିକତା ନୀତି ନିର୍ଦ୍ଧାରକମାନେ ସ୍ମରଣକୁ ଆଣିବା ଉଚିତ। ରାଜ୍ୟର ଜଣେ ଶାସନମୁଖ୍ୟ ଶିଳ୍ପପତିଙ୍କୁ ଯେଉଁ ଦୃଷ୍ଟିରେ ଦେଖିବେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଦରିଦ୍ର ଲୋକଟିକୁ ତା'ଠାରୁ ଅଧିକ ଭଲ ଦୃଷ୍ଟିରେ ଦେଖିବା ଆବଶ୍ୟକ। ବିଜୁବାବୁଙ୍କ ସମାବେଶୀ ବିକାଶମନ୍ତ୍ରର ଏହି କଳା ସମ୍ପ୍ରତି ରାଜନେତାମାନେ ଶିଖିଲେ ଓ ଆଦରି ନେଲେ ବିକଶିତ ଓଡ଼ିଶା ସ୍ୱପ୍ନ ଲକ୍ଷ୍ୟ ପୂରଣ ହେବ।

ସମ୍ପ୍ରତି ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସଂକୀର୍ଣ୍ଣ ଦଳୀୟ ରାଜନୀତିର ଯେଉଁ କଳୁଷପୂର୍ଣ୍ଣ ପରମ୍ପରା ଆରମ୍ଭ ହୋଇସାରିଛି ତାହା ସଂଘୀୟ ବ୍ୟବସ୍ଥା ଓ ସାମଗ୍ରିକ ବିକାଶର ପରିପନ୍ଥୀ। ରାଜ୍ୟର ନିରନ୍ତର ବିକାଶ ଚିନ୍ତା କରୁଥିବା ରାଷ୍ଟ୍ରନେତା ଏହି ସଂକୀର୍ଣ୍ଣ ମାନସିକତାରୁ ଉର୍ଦ୍ଧ୍ୱକୁ ଉଠି ବିଜୁବାବୁଙ୍କ ସେବା, ସଂଗ୍ରାମ ଓ ବିକାଶର ଦୃଷ୍ଟିକୋଣକୁ ଆପଣେଇବାକୁ ପଡ଼ିବ। ଜାତି, ଧର୍ମ, ବର୍ଣ୍ଣ, ଦଳ, ନୀତି, ଆଦର୍ଶ ନିର୍ବିଶେଷରେ ସମସ୍ତଙ୍କୁ ଆପଣାର କରିନେବାର କଳା ବିଜୁବାବୁଙ୍କଠାରୁ ଶିଖିବାକୁ ହେବ। ୨୦୩୬ରେ ବିକଶିତ ଓଡ଼ିଶା ଗଠନ ପାଇଁ ଅଣ୍ଟା ଭିଡ଼ିଥିବା ରାଜ୍ୟ ସରକାର ତେଣୁ ପ୍ରଥମେ 'ବିଜୁବାଦ'ର ପାଠ ପଢ଼ନ୍ତୁ। କାରଣ ଏକ ଜନମଙ୍ଗଳ ରାଷ୍ଟ୍ରନୀତିରେ 'ବିଜୁବାଦ'ଠାରୁ ବଡ଼ ଶିକ୍ଷଣୀୟ ଓ ଅନୁକରଣୀୟ ମାନଦଣ୍ଡ ଆଉ କିଛି ହୋଇ ନ ପାରେ।

ଜୀବଦ୍ଦଶାରେ ପ୍ରବାଦ ପୁରୁଷ ହେବାର ସୌଭାଗ୍ୟ ପାଇଥିବା ଏବଂ ଶବାଧାରରେ ତିନି ରାଷ୍ଟ୍ରର ଜାତୀୟ ପତାକା ଶୋଭା ପାଇଥିବା ସେହି ବିରଳ ବିଶ୍ୱବନ୍ଦ୍ୟ ମହାମାନବ ହେଉଛନ୍ତି ବିଜୁବାବୁ। କିନ୍ତୁ ବିଡ଼ମ୍ବନା ଯେ ଏଭଳି ଜଣେ ବହୁମୁଖୀ ବ୍ୟକ୍ତିତ୍ୱଙ୍କୁ ଇଣ୍ଡୋନେସିଆରେ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିବା ବେଳେ ନିଜ ଦେଶ ଓ ମାଟିରେ ହିଁ ଉପେକ୍ଷା କରାଯାଇଛି। ବିଶ୍ୱର ଏହି ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଯଥାର୍ଥରେ 'ବିଶ୍ୱରତ୍ନ', ଅଥଚ ସେ ସ୍ୱାର୍ଥାନ୍ୱେଷୀ ଭୋଟସର୍ବସ୍ୱ ରାଜନୀତିର ପଶାପାଲିରେ 'ଭାରତରତ୍ନ' ସମ୍ମାନରୁ ବଞ୍ଚିତ। ଏବେ ଓଡ଼ିଶାରେ ବିଭିନ୍ନ ସରକାରୀ ଯୋଜନାରୁ ତାଙ୍କ ନାମ ବାଦ୍ ଦିଆଯିବାର ନିନ୍ଦନୀୟ ଓ ଅଶୋଭନୀୟ ପରମ୍ପରା ଯେଉଁମାନେ ଆରମ୍ଭ କରିଛନ୍ତି ଶ୍ରୀଜଗନ୍ନାଥ ତାଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ଓଡ଼ିଶା ବିକାଶର ରୂପକାର ଓ ଓଡ଼ିଆ ସ୍ୱାଭିମାନର ଏହି ଉଦାହରଣୀୟ ମାର୍ତ୍ତଣ୍ଡଙ୍କୁ ପ୍ରଣାମ। ●

# ଅସମ୍ପୂର୍ଣ୍ଣ ସ୍ୱପ୍ନ: ଅବିରାମ ପୁନର୍ଗଠନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

**ମୋ ସ୍ୱପ୍ନର ଓଡ଼ିଶା**

*ପୂର୍ବପ୍ରକାଶିତ ଉତ୍ତାରୁ...*

### ଅସନ୍ତୋଷ ହିଁ ମୂଳ ପ୍ରେରଣା:

ଅଧିକାଂଶ ଆଶା ଅପୂରଣୀୟ ହୋଇ ରହିଥିଲେ ମଧ୍ୟ ଅନେକ ଆଶା ଯେ ସାର୍ଥକ ହୋଇପାରିଛି, ଏହାକୁ ଆମେ କଦାପି ଅସ୍ୱୀକାର କରିପାରିବା ନାହିଁ। ହତାଶାଜନକ ପରିସ୍ଥିତି ସତ୍ତ୍ୱେ ବହୁ ଉଚ୍ଚକୋଟୀର ପ୍ରତିଭାଙ୍କ ଆବିର୍ଭାବ, ଗଣତନ୍ତ୍ର ଶାସନ ଓ ପ୍ରଶାସନ ଦ୍ୱାରା ଜନମଙ୍ଗଳକର କାର୍ଯ୍ୟ, ଅଶିକ୍ଷା ଓ ଦାରିଦ୍ର୍ୟ ଦୂରୀକରଣ, ନାରୀଶିକ୍ଷାର ପ୍ରସାର, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିକାଶ, ଭାଷା ସାହିତ୍ୟର ସମୁନ୍ନତି, ଓଡ଼ିଶାର ସବୁ ଅଞ୍ଚଳର ସଂସ୍କୃତି ସମ୍ପର୍କରେ ଗବେଷଣା, ପାରସ୍ପରିକ ସଂପ୍ରୀତି ଆଦି ବହୁବିଷୟର ଉତ୍ସାହଜନକ ଉଦାହରଣ ବିଦ୍ୟମାନ। ତେବେ ସନ୍ତୁଷ୍ଟ ହୋଇଯିବା ଶୂକର ପକ୍ଷରେ ଶୋଭନୀୟ ହୋଇପାରେ; ମଣିଷ ପକ୍ଷରେ ନୁହେଁ। ଚିତ୍ତରଞ୍ଜନ ଦାସ ସେଥିପାଇଁ ଲେଖିଲେ 'ଶୂକର ଓ ସକ୍ରେଟିସ'। ସକ୍ରେଟିସ ଅସନ୍ତୋଷର ପ୍ରତୀକ। ନିଜସ୍ୱ ପ୍ରଗତିରେ ଯିଏ ପରିତୃପ୍ତ, ତାହାର ଚେତନାର ସମ୍ପ୍ରସାରଣ ସେତିକିରେ ହୋଇଯାଏ ସ୍ଥଗିତ। ତେଣୁ ଆଗକୁ ଆଗକୁ ଅଗ୍ରସର ହେବାକୁ ଚାହିଁଲେ ଅସନ୍ତୋଷ ହିଁ ଆମର ମୂଳ ପ୍ରେରଣା।

### ଅପ୍ରମିତ ଆଶା: ସୁଦୃଢ଼ ଆତ୍ମପ୍ରତ୍ୟୟ:

ଆମେ ଯେଉଁମାନେ ଉଚ୍ଚଆଦର୍ଶ କାର୍ଯ୍ୟକାରୀ ହେବାକୁ ଅସମ୍ଭବ ବୋଲି ମନେ କରୁ, ମନରେ ପ୍ରଶ୍ନ ଆସେ ଆମେ ଅଛୁ କାହିଁକି ତେବେ? ଆମ ଉପସ୍ଥିତିର ଯଥାର୍ଥତା କାହିଁକି ରହିବ ଏ ଭୂମିରେ? ଯାହା ବିଗତ ନବେବର୍ଷ ମଧ୍ୟରେ ସମ୍ଭବ ହୋଇଛି, ତାହାରି ଭରସାରେ ଆଗାମୀ ଦଶବର୍ଷ ମଧ୍ୟରେ କ୍ରାନ୍ତିକାରୀ ପରିବର୍ତ୍ତନ ନ ହେବ ବୋଲି କିଏ କହିପାରିବ? ପୃଥିବୀ ମାତା ଆମଠାରୁ ନୈରାଶ୍ୟସୂଚକ ବାଣୀ ଶୁଣିବା ପାଇଁ ଚାହେଁନା। ପରିସ୍ଥିତି ଯେତେ ଉତ୍ତେଜନା ପୂର୍ଣ୍ଣ ବା ଭୟାବହ ହୋଇଥାଉ ନା କାହିଁକି ଆମେ ସମ୍ମିଳିତ ଭାବରେ ଶାନ୍ତିର ଆବାହନ କରିପାରିବା। ହିଂସା ମଧ୍ୟରେ ଅହିଂସାର ମନ୍ତ୍ର ଉଚ୍ଚାରଣ କରିବା। ଶତ୍ରୁତା ଭିତରେ ମିତ୍ରତାର ଦୃଷ୍ଟାନ୍ତ ହୋଇ ଛିଡ଼ା ହେବା। ସବୁକିଛି ବିପର୍ଯ୍ୟସ୍ତ ହୋଇ ପଡୁଥିବା ବେଳେ ବି ଅସୀମ ଧୈର୍ଯ୍ୟ ସହକାରେ ନୂତନ ସୂର୍ଯ୍ୟୋଦୟର ସ୍ୱପ୍ନ ଦେଖିବା। ସ୍ୱପ୍ନଶୂନ୍ୟ ଜୀବନ ମନୁଷ୍ୟର ହୋଇପାରେନା। ବିଭିନ୍ନ ଅପଶକ୍ତି ଦ୍ୱାରା ନାନା ବିପତ୍ତି ସୃଷ୍ଟି ହୁଏ। ତେବେ ଯାହାର ଆତ୍ମପ୍ରତ୍ୟୟ ସୁଦୃଢ଼ ତା'ର ପରାଜୟ ବୋଲି କିଛି ନ ଥାଏ। କୃଷ୍ଣପ୍ରସାଦ ମିଶ୍ର ଲେଖିଲେ ଏକ ମିନି ଗଳ୍ପ 'ତୈମୁର'। ଜଣେ କୃଷକର କ୍ଷେତ ଘର ଧ୍ୱସ୍ତବିଧ୍ୱସ୍ତ କରି ତୈମୁରର ସୈନ୍ୟବାହିନୀ ଚାଲି ଯାଉଛନ୍ତି। ଚାଷୀଟି ବିପର୍ଯ୍ୟସ୍ତ ଘର ବାଡ଼ି ସଜାଡ଼ିବାରେ ଧ୍ୟାନ ଦେଲା। ତା'ର ପତ୍ନୀ ତାକୁ କହୁଛି - 'ଆଉ କାହିଁକି ସଜାଡୁଛ? ସେମାନେ ପୁଣି ଆସିବେ ଭାଙ୍ଗିବା ପାଇଁ।' କୃଷକ ଉତ୍ତର ଦେଉଛି - 'ସେମାନେ ଯେତେଥର ଭାଙ୍ଗିବେ ମୁଁ ସେତେଥର ସଜାଡ଼ି ଦେଉଥିବି। କାରଣ ମୁଁ ଚାଷୀ।'

ତେଣୁ ବହୁ ଐଶ୍ୱର୍ଯ୍ୟ ଆମର ନଷ୍ଟବିନଷ୍ଟ ହୋଇଯାଇଛି। ତଥାପି ପରାଜୟ ବରଣ କରିନେବାକୁ ଓଡ଼ିଶା ଗଢ଼ା ହୋଇନାହିଁ। ପରିସ୍ଥିତି ଯେତେ ଗମ୍ଭୀର ହେଉ ତାହାକୁ ଅତିକ୍ରମ କରିଯିବାର ଅନ୍ତର୍ଶକ୍ତି ଆମ ଭିତରେ ତେଜସ୍କ୍ରିୟ। ଆମ ଉତ୍ତର ଦାୟାଦମାନଙ୍କ ପାଇଁ ଗୌରବ ଅନୁଭବ କରିପାରିବା ପରି ଏକ ଓଡ଼ିଶାର ନିର୍ମାଣ ଅସମ୍ଭବ ହୋଇ ରହିପାରେନା। ୧୯୩୬ରେ ଓଡ଼ିଶା ଗଠନ ହେଲା। ଏହା ଆମ ପୂର୍ବପୁରୁଷଙ୍କ ଆମ ପ୍ରତି ଶ୍ରେଷ୍ଠ ଦାନ। କିନ୍ତୁ ଗଠନ ପରେ ସବୁ କିଛି ସରିଯାଏ ନାହିଁ। ଭାରତର ସ୍ୱାଧୀନତା ପରେ ଅଧିକାଂଶ ସଂଗ୍ରାମୀ ମନେକରନ୍ତି କାର୍ଯ୍ୟ ସମାପ୍ତ। ଗାନ୍ଧିଜୀ ଚେତାଇ ଦେଲେ ଯେ, ପ୍ରକୃତ କାର୍ଯ୍ୟ ଏଥର ଆରମ୍ଭ ହେବ। ନିଜ କଳ୍ପନାକୁ କି ଶୃଙ୍ଖଳିତ ରୂପରେ ସୁସଜ୍ଜିତ କରି ରଖିଥିଲେ ବାପୁଜୀ! ଗ୍ରାମ ଓ ସହର ନିର୍ମାଣର କୌଶଳଠାରୁ ଭାଷା, ସାହିତ୍ୟ, ସଂସ୍କୃତି, ସମାଜ, ଶିକ୍ଷା, ରାଜନୀତି, ଆଇନର କେଉଁଦିଗର ସୁସ୍ଥ ବିକାଶ ବିଷୟରେ ସେ ଭାବି ନାହାନ୍ତି! କହିଲେ - 'ଭାରତର ଆତ୍ମା ଅଛି ପଲ୍ଲୀ ପରିବେଶରେ'। ଆମର ପବିତ୍ର କର୍ତ୍ତବ୍ୟ ଥିଲା ନବନିର୍ମିତ ସହରଗୁଡ଼ିକରେ ଆଧୁନିକ ବ୍ୟବସ୍ଥା ଭିତରେ ବି ଗ୍ରାମ୍ୟ ଜୀବନର ବାସ୍ନା ଭରିଦେବା। ତା'ର ବିପରୀତ ଆଚରଣ ପ୍ରଦର୍ଶନ କରି ସହରର କୁଟିଳତା ଆଣି ଗ୍ରାମ୍ୟ ସରଳତାକୁ ବିଷାକ୍ତ କରିଦିଆଗଲା ଆଉ ଗ୍ରାମ୍ୟ ବାତାବରଣର ଅନ୍ଧବିଶ୍ୱାସ, କୁସଂସ୍କାର, ସଂକୀର୍ଣ୍ଣତା, ପରଚର୍ଚ୍ଚା - ଏହାସବୁ ସହରରେ ବି ରହିଲା ଅପରିବର୍ତ୍ତିତ। ଯୁବସମାଜ ରଚନାତ୍ମକ କାର୍ଯ୍ୟାନୁରାଗୀ ହେବା ପରିବର୍ତ୍ତେ ନିଶାଖୋର ଓ ନିଶାଚର ହେବାରେ ଅଧିକ ଆଗ୍ରହୀ ହେଲେ। ଅଧୁନା ଗାଁ ହେଉ କି ସହର, କୌଣସି ସ୍ଥାନ କ'ଣ ନିରାପଦ ଓ ନିରୁପଦ୍ରବ ହୋଇ ରହିଛି? ଗାନ୍ଧିଜୀ ଯେଉଁ ନିଶାମୁକ୍ତ ଓ ସଶକ୍ତ-ସୁରକ୍ଷିତ -ମହିଳା ସମାଜ କଥା କହୁଥିଲେ ତାହା ଆଜି ସ୍ୱପ୍ନ ହୋଇଯାଇ ନାହିଁ କି?

ଯାହା କିଛି ନଷ୍ଟ ହୋଇ ସାରିଛି, ତାହା ସବୁ ତ ଫେରି ଆସିବା ସମ୍ଭବ ହୋଇ ନପାରେ। ତେଣୁ ତା'କୁ ନେଇ ଚିନ୍ତାଗ୍ରସ୍ତ ହେବା ଦ୍ୱାରା ଅଧିକ କ୍ଷତି। ସେଥିରେ ନୈରାଶ୍ୟ ଓ ଉଦାସୀନତା ବଢ଼ିବ। ସ୍ଥାଣୁତା ହିଁ ଅବରୁଦ୍ଧ କରିଦେବ ବିକାଶର ମାର୍ଗ। ଯାହା କିଛି ଗଠନ ହୁଏ, ସେତିକିରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଏ ନାହିଁ। ସଜାଡ଼ିବାକୁ ପଡୁଥାଏ ବାରମ୍ବାର। ପୁନର୍ଗଠନ ଧାରାରେ ବିରାମ ନଥାଏ। ପ୍ରତିଟି ବର୍ଷ, ପ୍ରତିଟି ଦିନ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ପୁନଃସଜ୍ଜୀକରଣ ପାଇଁ ଏକ ଏକ ଆହ୍ୱାନ। ଏକ ଏକ ସୁବର୍ଣ୍ଣ ସୁଯୋଗ। ତେଣୁ ସାମାନ୍ୟ କ୍ଷଣଟିଏ ମଧ୍ୟ ଆମ ପାଇଁ ଅର୍ଥହୀନ ହୋଇ ନ ଯାଉ। ପ୍ରତିକ୍ଷଣ ହେଉ ସୃଜନ-କ୍ଷମ।

### ସ୍ୱପ୍ନ ସ୍ୱପ୍ନ ଅନେକ ସ୍ୱପ୍ନ:

ଠିକ ଏହି ନାମରେ ପୁସ୍ତକଟିଏ ରଚନା କରିଛନ୍ତି ମହାପାତ୍ର ନୀଳମଣି ସାହୁ। ଯଦି ସ୍ୱପ୍ନର ବୃକ୍ଷଲତା ପ୍ରତିକୂଳ ବାତାବରଣରେ ପୂର୍ଣ୍ଣ ବିକଶିତ, ପଲ୍ଲବିତ, ପୁଷ୍ପିତ ହୋଇପାରିନାହିଁ ବୋଲି ଆମର ଅନୁଭୂତ ହେଉଛି, ଆହୁରି ଆହୁରି ଜଳ ଓ ଯତ୍ନ ଦାନରେ ସେ ସବୁକୁ ସତେଜ କରି ରଖିବା ଆମ ଦାୟିତ୍ୱ। ଅସଂଖ୍ୟ ଛାତ୍ରଛାତ୍ରୀ, ଶିଶୁ, ନାବାଳକ, ସାବାଳକ ସମସ୍ତଙ୍କ ମଧ୍ୟରେ ଭରିଦେବା ଅଗଣିତ ସ୍ୱପ୍ନର ଉପାଦାନ, ଯାହା ତାଙ୍କୁ ଜାଗ୍ରତ କରି ରଖିବ ଦେଶ ଗଠନ ପାଇଁ। ଜଣେ ବ୍ୟକ୍ତି ଟ୍ରେନରେ ଗଲାବେଳେ କେତେ ଗଛର ମଞ୍ଜି ଝରକା ଦେଇ ବାହାରକୁ ନିକ୍ଷେପ କରିଦିଅନ୍ତି। କିଛିଦିନ ପରେ ସେସବୁ ମଧ୍ୟରୁ ଅନେକ ଜଣାଅଜଣା ବୃକ୍ଷ ପତ୍ର ମେଲିଦେବ ନିଶ୍ଚିତ ଭାବରେ। ଏଇ ଆଶା ଟିକକ ହିଁ ତ ମଣିଷର ଶ୍ରେଷ୍ଠ ସମ୍ବଳ। ଗାନ୍ଧିଜୀ ପ୍ରାତଃଭ୍ରମଣ ବେଳେ ପ୍ରତିଦିନ ରାସ୍ତାର ଏକ ଅସମାନ୍ତର ସ୍ଥାନରେ ମୁଠାଏ ଗୋଡ଼ି ପକାଇ ଦିଅନ୍ତି। କିଛିଦିନ ପରେ ରାସ୍ତା ହୋଇଗଲା ସମାନ। ଏହି ସମାନତା ଆଣିବା ପାଇଁ କେବଳ ଆବଶ୍ୟକ ନିରୁତା ଆନ୍ତରିକତା। ନିବିଡ଼ ଆତ୍ମୀୟତା। ନିଜ ଦେଶ, ରାଜ୍ୟର ମଣିଷ ପ୍ରତି ନିଃସର୍ତ୍ତ ସ୍ନେହଶୀଳତା। ତାହା ପ୍ରତ୍ୟେକଙ୍କ ଅନ୍ତରରେ ସନ୍ନିହିତ।

ଏହି ପୃଷ୍ଠଭୂମିରେ ମନେପଡ଼େ ଉତ୍କଳଗୌରବ ମଧୁସୂଦନ ଦାସଙ୍କର ଜୀବନର ଅନ୍ତିମ ମୁହୂର୍ତ୍ତର କିଛି ଭାବଗମ୍ଭୀର ଶବ୍ଦ। ମୃତ୍ୟୁ ତାଙ୍କୁ ସମ୍ପୂର୍ଣ୍ଣ କୋଳାଗ୍ରତ କରିବାର କିଛିକ୍ଷଣ ପୂର୍ବରୁ ସେ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ପଚାରୁଛନ୍ତି - 'ମୁଁ ଜାଣିବାକୁ ଚାହୁଁଛି, ଦେଶ ଓ ଦଶର ମୁଖ ଉଜ୍ଜ୍ୱଳ କରିବା ପରି ଦେଶପ୍ରାଣ ଓଡ଼ିଆ ଲୋକମାନଙ୍କର ଅଭାବ ଓଡ଼ିଶାରେ ଦେଖାଯିବ ନାହିଁ ତ?' ୨୦୩୬ରେ ସ୍ୱୟଂସମ୍ପୂର୍ଣ୍ଣ ଓଡ଼ିଶାର ସ୍ୱପ୍ନ ସାକାର କରିବାର ପ୍ରସ୍ତୁତି ପଥରେ ଏହି ପ୍ରଶ୍ନ ସର୍ବାଦୌ ପ୍ରାସଙ୍ଗିକ। 'ଓଡ଼ିଶାବାସୀଙ୍କ ପ୍ରତି ତାଙ୍କର କିଛି ବାର୍ତ୍ତା ଅଛି କି?' - ପଣ୍ଡିତ ନୀଳକଣ୍ଠଙ୍କ ଏହି ପ୍ରଶ୍ନରେ ମଧୁସୂଦନଙ୍କ ଉତ୍ତର ଥିଲା - 'ଓଡ଼ିଶାର ନିର୍ମଳ ଲୋକମାନଙ୍କୁ କହିବ ଯେ ସେମାନେ ସବୁବେଳେ ସେମାନଙ୍କ ଅନ୍ତରକୁ ନିର୍ମଳ ରଖିବେ। ତା' ହେଲେ ସେମାନଙ୍କ ଅନ୍ତରାତ୍ମା ପବିତ୍ର ରହିବ।' ଉତ୍କଳଗୌରବଙ୍କ ଦୃଷ୍ଟିରେ ସେହି 'ନିର୍ମଳ ଲୋକମାନଙ୍କର' ଆବିଷ୍କାର ହିଁ ଆଜି ସବୁଠାରୁ ଆହ୍ୱାନପୂର୍ଣ୍ଣ। ଏହି 'ନିର୍ମଳ ଲୋକମାନଙ୍କ' ଉପରେ ଆସ୍ଥାଶୀଳ ହୋଇ ପୁନଃନିର୍ମାଣ ପଥର ଯାତ୍ରୀ ହେବା ପାଇଁ ଦରକାର ଛଦ୍ମତା ବିହୀନ ଆନ୍ତରିକତା।

ପରସ୍ପର ପ୍ରତି ଈର୍ଷା, ଅସୂୟା, ଅହଂକାର ନୁହେଁ, ନିର୍ବିଚାର ଭାବରେ ଉତ୍ତାଳ ସମୁଦ୍ର ପରି ଶୁଷ୍କ ବେଳାଭୂମିକୁ ମମତାପ୍ଲୁତ କରିଦେବାର ଶକ୍ତି କେହି କାହାଠାରୁ ଛଡ଼ାଇ ନେଇପାରିବ ନାହିଁ। ଯାହା ମହାକାଳ ମଧ୍ୟ ଧ୍ୱଂସ କରିଦେବାରେ ସମର୍ଥ ନୁହେଁ, ସେଇ ବିରଳ କଳା ଓ କାରିଗରୀ ଓଡ଼ିଶାବାସୀଙ୍କ ଶ୍ରେଷ୍ଠ ବଳ। ତା'ର ସୀମା ନାହିଁ। ତେଣୁ ସମ୍ଭାବନାର ଅନ୍ତଃ ଘଟିପାରେନା କେବେ ବି। ଆଜିର ପରିପ୍ରେକ୍ଷୀରେ ଅବିଶ୍ରାନ୍ତ ଭାବରେ ଓଡ଼ିଶାର ପୁନର୍ଗଠନ ହିଁ ହେଉ ଆମର ଶ୍ରେଷ୍ଠ ସ୍ୱପ୍ନ, ସର୍ବୋତ୍ତମ କର୍ତ୍ତବ୍ୟ।(ସମାପ୍ତ) ●

(ଲେଖକ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର, ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟରେ ପରିଦର୍ଶୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ)
ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

# ଭଙ୍ଗା ହୃତ୍‌ପିଣ୍ଡକୁ ଯୋଡୁଥିବା ଅକସିଟୋସିନ୍

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ମସ୍ତିଷ୍କର 'ହାଇପୋଥାଲାମସ୍'ରେ ଉତ୍ପନ୍ନ ହେଉଥିବା 'ଅକ୍ସିଟୋସିନ୍'କୁ ଆମେ 'ପ୍ରେମ ହର୍ମୋନ୍' ବୋଲି କହୁ। କାରଣ ଏହା କେବଳ ଶିଶୁର ଜନ୍ମ ପ୍ରକ୍ରିୟା ଏବଂ ମା'ଠାରେ କ୍ଷୀରର କ୍ଷରଣ ସହ ସଂପୃକ୍ତ ନୁହେଁ। ସେଥିସହିତ ସାମାଜିକ ବନ୍ଧନ, ଯୌନ ଆଚରଣ, ପ୍ରେମ ଏବଂ ବିବିଧ ଆନନ୍ଦଦାୟୀ ଅନୁଭବ ମଧ୍ୟ ସୃଷ୍ଟି କରେ। କିନ୍ତୁ ଏବେ ଗବେଷକମାନେ ସେଥିରେ ଆବିଷ୍କାର କଲେଣି ଏକ ଆଶତୀତ ଗୁଣ। ତାହା ହେଲା ଭଙ୍ଗା ହୃତ୍‌ପିଣ୍ଡର ମରାମତି। ସେମାନଙ୍କ ଅଧ୍ୟୟନ ଅନୁସାରେ କାଣ୍ଡକୋଷିକାମାନଙ୍କୁ ହୃଦ୍‌ଘାତରେ କ୍ଷତିଗ୍ରସ୍ତ ହୋଇଥିବା ହୃତପିଣ୍ଡକୁ ସଜାଡ଼ିବା ଏବଂ ତାର ସଙ୍କୋଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିବା 'କାର୍ଡିଓମାଇଓସାଇଟସ୍' ନାମକ ମାଂସପେଶୀରୁ ଜୀବକୋଷମାନଙ୍କ ବିକାଶକୁ ଉଦ୍ଦୀପିତ କରେ।

ହୃତ୍‌ପିଣ୍ଡ ଯଥେଷ୍ଟ ଅମ୍ଳଜାନ ପ୍ରାପ୍ତ ନ ହେଲେ ଏଗୁଡ଼ିକ ମୃତ୍ୟୁବରଣ କରନ୍ତି। ଅବଶ୍ୟ, 'ଏପିକାର୍ଡିୟମ୍-ଡେରାଇଭଡ୍ ପ୍ରୋଜେନିଟର୍ ସେଲସ୍' କୁହାଯାଉଥିବା କାଣ୍ଡକୋଷିକା ସଦୃଶ୍ୟ ଜୀବକୋଷମାନଙ୍କ ଦ୍ୱାରା ତାହାର ପୁନରୁତ୍ପତ୍ତି ହୋଇପାରେ। କିନ୍ତୁ ମଣିଷର ଏ ସାମର୍ଥ୍ୟ ଯଥେଷ୍ଟ ନୁହେଁ। ଅନ୍ୟପକ୍ଷରେ ତା'ର କ୍ଷତିଗ୍ରସ୍ତ ହୃତପିଣ୍ଡ ଜୀବକୋଷଗୁଡ଼ିକୁ କ୍ଷତଗ୍ରସ୍ତ ତନ୍ତୁକୁ ରୂପାନ୍ତର କରେ। ଏହି ଅସ୍ଥାୟୀ ସମାଧାନ ପରବର୍ତ୍ତୀ ସମୟରେ ହୃତପିଣ୍ଡ ଅକାମୀ ହେବାର କାରଣ ହୋଇପାରେ। ସେଥିପାଇଁ ମିଚିଗାନ୍ ରାଜ୍ୟ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଏଇଟର୍ ଆଗୁଇରେ ମଣିଷଠାରେ ହୃତପିଣ୍ଡର କାର୍ଯ୍ୟ ସାମାନ୍ୟ କରିବା ଲାଗି 'କାର୍ଡିଓ ମାଇଓସାଇଟସ୍'ର ପୁନରୁତ୍ପତ୍ତି କରିବା ପାଇଁ ଉପାୟଟିଏ ଆବିଷ୍କାର କରିବାକୁ ମନ ବଳାଇଲେ। ତାଙ୍କ ଗବେଷଣାରେ କ୍ଷତିଗ୍ରସ୍ତ ହୃତ୍‌ପିଣ୍ଡର ଉପଶମନ ପାଇଁ ସେ ମସ୍ତିଷ୍କ ଉପରେ ଧ୍ୟାନ ଦେଲେ। ଏହାର ହାଇପୋଥାଲାମସ୍ ଏବଂ ପିଟ୍ୟୁଟାରୀ ଭଳି ସ୍ନାୟବିକ ସଂରଚନାଗୁଡ଼ିକ ବିଭିନ୍ନ ହରମୋନ୍‌ର କ୍ଷରଣ ଘଟାଇ ଆମ ହୃତ୍‌ସ୍ପନ୍ଦନ ହାର ଏବଂ ରକ୍ତଚାପ ଭଳି ହୃଦ୍‌ବାହିନୀ କ୍ରିୟାକଳାପକୁ ନିୟନ୍ତ୍ରଣ କରନ୍ତି।

ଅନ୍ୟପକ୍ଷରେ, ଜେବ୍ରା ମାଛ ଉପରେ ହୋଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ ଏହାର ଅନେକ ହର୍ମୋନ୍ ହୃତପିଣ୍ଡ ପୁନର୍ବିନ୍ୟାସ ପ୍ରକ୍ରିୟାକୁ ପ୍ରଭାବିତ କରନ୍ତି। ଉଦାହରଣ ସ୍ୱରୂପ ଏଷ୍ଟ୍ରୋଜେନ୍ ଏହାକୁ କ୍ଷିପ୍ର କଲା ବେଳେ 'କୋର୍ଟିସଲ' ଏହାକୁ ହ୍ରାସ କରେ। ପୁନଶ୍ଚ ଆଫ୍ରିକାର କେତେକ ଜାତିର ବେଙ୍ଗଛୁଆଙ୍କଠାରେ ହୋଇଥିବା ପରୀକ୍ଷାରୁ ହାଇପୋଥାଲାମସ୍‌ରେ କ୍ଷତ ହେଲେ ହୃତପିଣ୍ଡ ପୁନର୍ବିନ୍ୟାସ ବାଧାପ୍ରାପ୍ତ ହେବାର ଜଣାପଡ଼ିଛି। ଏହି ସବୁ ବିଚାରକୁ ନେଇ ଆଗୁଇରେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ ହୃତପିଣ୍ଡରେ କ୍ଷତ ହେଲା ପରେ ମସ୍ତିଷ୍କ ଏହାର ପୁନର୍ବିନ୍ୟାସକୁ ସୁଗମ କରିବାକୁ ବିବିଧ ହରମୋନ୍‌ର କ୍ଷରଣ ଘଟାଏ।

ସେ ଓ ତାଙ୍କର ସହଯୋଗୀମାନେ ଏପ୍ରକାର ୧୫ଟି ଚିହ୍ନଟ କରିପାରିଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି ଗ୍ରୋଥ୍ ହର୍ମୋନ୍' (ମାଂସପେଶୀ ପୁନଃବିନ୍ୟାସକାରୀ), ପ୍ରୋଲାକଟିନ୍ (ମୂଷାମାନଙ୍କ ଠାରେ ବୃକ୍‌କ ପୁନର୍ବିନ୍ୟାସ ନିୟନ୍ତ୍ରକ) ଏବଂ ଅକ୍ସିଟୋସିନ୍ (ମାଂସପେଶୀର ସୁରକ୍ଷା ଏବଂ ପୁନର୍ବିନ୍ୟାସ ପାଇଁ ଲୋଡ଼ା)। ଆଗୁଇରେ ଓ ତାଙ୍କ ସହଯୋଗୀମାନେ ଏହି ହର୍ମୋନ୍‌ଗୁଡ଼ିକୁ ଏପିପିକ୍‌ସରେ ମିଶାଇ ତାହା ହୃତପିଣ୍ଡର ପୁନର୍ବିନ୍ୟାସ କରିପାରନ୍ତି କି ନାହିଁ, ତାହା ପରୀକ୍ଷା କରିବାକୁ ଲାଗିଲେ। ଫଳରେ ସେମାନେ ଦେଖିବାକୁ ପାଇଲେ ଯେ ଏଥିମଧ୍ୟରେ ସବୁଠାରୁ ଶକ୍ତିଶାଳୀ ପ୍ରଭାବଥିଲା 'ଅକ୍ସିଟୋସିନ୍'ର। ଏହା ଏପିପିକ୍‌ମାନଙ୍କର ଦ୍ରୁତ ଉତ୍ପାଦନ କରିବାର ଦକ୍ଷତା ଅନ୍ୟମାନଙ୍କ ତୁଳନାରେ ୩ ଗୁଣ ପର୍ଯ୍ୟନ୍ତ ବୃଦ୍ଧି କରିବାର ଦେଖାଗଲା। ସେମାନେ ତତ୍ପରେ ଏକ ସଜୀବଠାରେ ହୃତପିଣ୍ଡର ପୁନର୍ବିନ୍ୟାସ ପାଇଁ 'ଅକ୍ସିଟୋସିନ୍' ର ଭୂମିକା ସଂପର୍କରେ ଅଧିକ ଗବେଷଣା କରିବାକୁ ଚାହିଁଲେ। ସେଥିପାଇଁ ସେମାନେ ଜେବ୍ରାମାଛକୁ ବାଛିଲେ। କାରଣ ଏହାର ମସ୍ତିଷ୍କ ରେଟିନା ଆଦି ଆଭ୍ୟନ୍ତରୀଣ ଅଙ୍ଗ, ହାଡ଼ ଓ ଚର୍ମ ଆଦି ପୁନର୍ବିନ୍ୟାସ କରିବାର ଅସାଧାରଣ ଦକ୍ଷତା ରହିଛି। ସେଥିପାଇଁ ସେମାନଙ୍କୁ ହୃଦ୍‌ଘାତ ହୁଏ ନାହିଁ। ପୁନଶ୍ଚ ସେମାନେ ଏଥିପାଇଁ ମଣିଷ ଭଳି ଏପିପିକ୍‌ଙ୍କ ଉପରେ ନିର୍ଭର କରନ୍ତି।

ପରୀକ୍ଷାରେ ଗବେଷକମାନେ ଜେବ୍ରା ମାଛର ହୃତସ୍ପନ୍ଦନ ଦେଖିବା ପାଇଁ ତା' ଛାତିକୁ ଚିରିଦେଲେ। ତତ୍ପରେ ଧୀରେ ଧୀରେ ଏକ ତରଳ ଯବକ୍ଷାରଜାନ ଦ୍ୱାରା ହିମୀକୃତ ଧାତବ ପରୀକ୍ଷା ଯନ୍ତ୍ରକୁ ହୃତପିଣ୍ଡକୁ ଛୁଆଁଇ ୪୫ ସେକେଣ୍ଡ ପାଇଁ ରଖିଲେ। ଶେଷରେ ସେମାନେ ଚିରା ସ୍ଥାନକୁ ବନ୍ଦ କରିଦେଲେ ଏବଂ ମାଛଟିକୁ 'ଆକ୍ୟୁଆରମ୍' ମଧ୍ୟରେ ଛାଡ଼ିଦେଲେ। ଫଳରେ କ୍ଷତ ହେବାର ତିନିଦିନ ମଧ୍ୟରେ ତା' ମସ୍ତିଷ୍କରେ 'ଅକ୍ସିଟୋସିନ୍' ୧୮ ଗୁଣ ବୃଦ୍ଧି ପାଇବାର ଦେଖାଗଲା। ଏହା ୭ ଦିନ ଧରି ଚାଲିଲା। ଏଥିରୁ ଜଣାପଡ଼ିଲା ଯେ ହୃତପିଣ୍ଡରେ କ୍ଷତ ହେଲା ପରେ ଏକ ନିର୍ଦ୍ଦିଷ୍ଟ ସମୟ ଧରି ମସ୍ତିଷ୍କ ରକ୍ତସ୍ରୋତ ମଧ୍ୟକୁ ପ୍ରଚୁର 'ଅକ୍ସିଟୋସିନ'ର ପ୍ରବାହ ଘଟାଏ। ହୃତପିଣ୍ଡ ତନ୍ତୁର ପୁନର୍ବିନ୍ୟାସ ଲାଗି ଏହି ପ୍ରେମହର୍ମୋନର ଆବଶ୍ୟକତା ନିଶ୍ଚିତ କରିବା ପାଇଁ ଗବେଷକମାନେ କିଛି ଜେବ୍ରାମାଛଙ୍କ ହୃତପିଣ୍ଡ କ୍ଷତିଗ୍ରସ୍ତ କରିବା ସହିତ ସେମାନଙ୍କୁ 'ଅକ୍ସଟୋସିନ୍' ପ୍ରତିରୋଧକ ଇଂଜେକସନ୍ ଦେଲେ। ଫଳରେ ସମୟକ୍ରମେ କ୍ଷତଗୁଡ଼ିକ ଶୁଖିଲା, କିନ୍ତୁ ତହିଁରେ ବହୁସଂଖାକ ଦାଗଯୁକ୍ତ ତନ୍ତୁମାନ ଦେଖାଗଲା। ଅତଏବ ହୃତପିଣ୍ଡ ପୂର୍ବାବସ୍ଥାକୁ ଫେରିଆସିଲା ନାହିଁ।

ଏହି ଫଳାଫଳ ପ୍ରଦର୍ଶନ କଲା ଯେ 'ଅକ୍ସିଟୋସିନ୍' ଦ୍ୱାରା ଏପିପିକ୍ ଉତ୍ପାଦନ ପ୍ରକ୍ରିୟାର ତ୍ୱରାନ୍ୱିତ ହୁଏ, ଯାହାକି ହୃତପିଣ୍ଡର ମରାମତିରେ ସହାୟତା କରେ। ମଣିଷଠାରେ ଏ ସାମର୍ଥ୍ୟ ରହିଛି ସୀମିତ ମାତ୍ରାରେ। ତଥାପି ଏହାଦ୍ୱାରା ତା'ର ହୃଦ୍‌ଘାତ ପରବର୍ତ୍ତୀ ଚିକିତ୍ସା କରାଯାଇ ପାରିବାର ସମ୍ଭାବନା ରହିଛି। ଏଥିପାଇଁ ଏବେ ନାନାପ୍ରକାର ଔଷଧ ପ୍ରସ୍ତୁତି ଲାଗି ଉଦ୍ୟମ ଚଳାଇଛନ୍ତି ଗବେଷକମାନେ। ତାହା 'ଅକ୍ସିଟୋସିନ'ର କ୍ଷରଣ ଘଟାଇ ଏ ପ୍ରକ୍ରିୟାକୁ ଦ୍ରୁତ ଏବଂ ଅଧିକ ଫଳପ୍ରସୂ କରିବ ବୋଲି ଆଶା। ●

ଭୁବନେଶ୍ୱର, ମୋ: ୯୯୩୭୩୦୧୪୭୦

# ଶ୍ରୀପୁରୁଷୋତ୍ତମଙ୍କ ରତ୍ନଭଣ୍ଡାର

ଚାରଣ ବସନ୍ତ ପଣ୍ଡା

**ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ**



ସମଗ୍ର ଭୂମିଖଣ୍ଡ ଯାହାଙ୍କ ଚରଣ, ଅନ୍ତରୀକ୍ଷ ଯାହାଙ୍କ ନାଭି, ଦଶଦିଶ ଯାହାଙ୍କ କର୍ଣ୍ଣ, ଚନ୍ଦ୍ର ଓ ସୂର୍ଯ୍ୟ ଯାହାଙ୍କ ନୟନ ଯୁଗଳ, ସ୍ୱର୍ଗଲୋକ ଯାହାଙ୍କ ମସ୍ତକ, ସେହି ତ୍ରିଲୋକବ୍ୟାପୀ ପରମେଶ୍ୱର ପୁରୁଷୋତ୍ତମଙ୍କ ବାସଯୋଗ୍ୟ ମନ୍ଦିର ନିର୍ମାଣ କରିବାକୁ କେଉଁମାନେ ସମର୍ଥ ହେବେ? ଏହାଭାବି ବୋଧହୁଏ ପୂର୍ବର ନରପତିମାନେ ପୁରୁଷୋତ୍ତମଙ୍କ ମନ୍ଦିର ନିର୍ମାଣରେ ଉପେକ୍ଷା କରିଥିଲେ। କିନ୍ତୁ ଚୋଡ଼ଗଙ୍ଗ ଦେବ ଶ୍ରୀପୁରୁଷୋତ୍ତମଙ୍କ ମହାମନ୍ଦିରନିର୍ମାଣକରାଇଦେଲେ।ତେବେପ୍ରଶ୍ନଉଠେଅନନ୍ତବର୍ମ ଚୋଡ଼ଗଙ୍ଗ (ଖ୍ରୀଷ୍ଟାବ୍ଦ. ୧୦୭୮-ଖ୍ରୀଷ୍ଟାବ୍ଦ.୧୧୪୭)୨୧୩ଫୁଟ ୮ଇଞ୍ଚ(ପ୍ରାୟ) ଉଚ୍ଚ ମହାମନ୍ଦିର ଶ୍ରୀପୁରୁଷୋତ୍ତମ ବିଷ୍ଣୁଙ୍କ ପାଇଁ ସମୁଦ୍ର କୂଳରେ ନିର୍ମାଣ କରିବାର ମୁଖ୍ୟ ଉଦ୍ଦେଶ୍ୟ କ'ଣ ଥିଲା? ମହାବିଷ୍ଣୁ ଶ୍ରୀପୁରୁଷୋତ୍ତମଙ୍କ ପାଇଁ ଏ ମହାମନ୍ଦିର (ଶ୍ରୀବତ୍ସ ଖଣ୍ଡାଶାଳ) ନିର୍ମାଣ ପାଇଁ କେଉଁ ସୂତ୍ରରୁ ବିପୁଳ ଧନରାଶି ସେ ସଂଗ୍ରହ କରିଥିଲେ? ଆପଣାର ବାହୁବଳରେ ଅର୍ଜନ କରିଥିବା ସେ ବିପୁଳ ଧନ ରାଶି ତତ୍କାଳୀନ ସମୟେ କେଉଁଠାରେ ଗଚ୍ଛିତ କରି ରଖିଥିଲେ ? ଏ ସବୁର ଉତ୍ତର ପାଇଁ ଫେରିଯିବାକୁ ପଡ଼ିବ ଓଡ଼ିଶା ଇତିହାସର କୁକ୍ଷି ମଧ୍ୟକୁ।

ଗଙ୍ଗେଶ୍ୱର ଚୋଡ଼ଗଙ୍ଗ ଥିଲେ ସମରନିପୁଣ। ଉତ୍କଳର ସୋମବଂଶୀ ଓ ବେଙ୍ଗୀ ରାଜ୍ୟର ଚାଲୁକ୍ୟ ରାଜାଙ୍କ ସମେତ ଅନ୍ୟାନ୍ୟ ରାଜାମାନଙ୍କୁ ପରାସ୍ତ କରି ଅପାର ଧନ ରାଶି ଲାଭ କରିଥିଲେ। ସମରଲବ୍ଧ ଧନକୁ କେବଳ ଧର୍ମ କାର୍ଯ୍ୟରେ ବିନିଯୋଗ କରିବା ଶାସ୍ତ୍ରସମ୍ମତ। ତେଣୁ ସେହି ଧନସମ୍ପଦକୁ ମନ୍ଦିର ନିର୍ମାଣରେ ବିନିଯୋଗ କଲେ। ପୂର୍ବେ ଧନରତ୍ନର ସୁରକ୍ଷା ନିମନ୍ତେ ଭୂଗର୍ଭରେ ଭଣ୍ଡାର ନିର୍ମାଣ କରାଯାଉଥିଲା। ଚୋଡ଼ଗଙ୍ଗ ସେହିପରି ଗୋଟାଏ ଭଣ୍ଡାର ନିର୍ମାଣ କରାଇ ସେଥିରେ ପ୍ରଚୁର ଧନ ରଖି ତାଙ୍କ ଗୁରୁଙ୍କ ଜିମାରେ ଦେଇ ବଡ଼ ଦେଉଳ ନିର୍ମାଣ କାର୍ଯ୍ୟରେ ବ୍ୟୟ କରିବାକୁ ସ୍ଥିର କଲେ। ବର୍ତ୍ତମାନ ଶ୍ରୀମନ୍ଦିରର ଉତ୍ତର ପାର୍ଶ୍ୱରେ ଯେଉଁ 'ସୁନା କୂଅ' ଅଛି ତାହା ହିଁ ଭଣ୍ଡାର ହୋଇଥିଲା। ତାହାର ସୁରକ୍ଷା ସକାଶେ ଦେବୀ ଶୀଳତା ମାଁଙ୍କୁ ସେଠାରେ ସ୍ଥାପନା କରାଯାଇଥିଲା(ଉତ୍କଳ ପ୍ରସଙ୍ଗ/ ରଥ ବିଶେଷାଙ୍କ/ ୨୦୦୨/ଡଃ. ସତ୍ୟ ନାରାୟଣ ରାଜଗୁରୁ/ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରର ପ୍ରାଚୀନତା ଓ ମନ୍ଦିର ପ୍ରତିଷ୍ଠା)। ଏହା ହିଁ ବୋଧେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀପୁରୁଷୋତ୍ତମଙ୍କ ପ୍ରଥମ ରତ୍ନଭଣ୍ଡାର। ଚୋଡ଼ଗଙ୍ଗ ଦେବ ଏହି ମନ୍ଦିରର କେବଳ ବିମାନ ଓ ଜଗମୋହନ ନିର୍ମାଣ କରିଥିଲେ। ଉକ୍ତ ମନ୍ଦିର କ୍ରମାଙ୍କ ନଂ -୮, ପ୍ଲଟ ନଂ -୫ରେ ବାହାର ଭଣ୍ଡାର ଓ ସେହି କ୍ରମାଙ୍କ ପ୍ଲଟ ନଂ:-୬ରେ ଭିତର ଭଣ୍ଡାର ରହିଛି। ସେଠାରେ ବିପୁଳ ପରିମାଣର ହୀରା, ଲୀଳା, ମୋତି, ମାଣିକ୍ୟ, ସୁନା, ରୁପା, ତମ୍ବା, ପିତଳର ବହୁମୂଲ୍ୟ ପଦାର୍ଥମାନ ଗଚ୍ଛିତ କରି ରଖା ଯାଇଥିଲା। ଶ୍ରୀପୁରୁଷୋତ୍ତମଙ୍କ ଉପାସନା ନିମନ୍ତେ ତତ୍କାଳୀନ ଶାସକ/ ବିତ୍ତଶାଳୀ ସମାଜ ଶ୍ରେଷ୍ଠୀ/ରାଜ କର୍ମଚାରୀ ଧନ ରତ୍ନ ଦାନ ସୂତ୍ରରେ ଦେଇଥିବା ଶ୍ରୀନୃସିଂହ ମନ୍ଦିର ଶିଳାଲେଖ, ମାଦଳା ପାଞ୍ଜି, ଡଃ. ସତ୍ୟ ନାରାୟଣ ରାଜଗୁରୁଙ୍କ ଆଲେଖ୍ୟରୁ ପ୍ରମାଣ ମିଳେ।

ରତ୍ନଭଣ୍ଡାର ଦୁଇକୋଠରି ବିଶିଷ୍ଟ। ବାହାର ଭଣ୍ଡାର, ଯାହାର ଆନୁମାନିକ ଦୈର୍ଘ୍ୟ ଓ ପ୍ରସ୍ଥ ଯଥାକ୍ରମେ ୨୦ ଫୁଟରେ ୨୦ ଫୁଟ ଥିବାବେଳେ ଭିତରଭଣ୍ଡାର ସେହିକ୍ରମରେ ୪୦ ରେ ୪୦ ଫୁଟ। ଏହାର ଭୂଇଁ ପ୍ରସ୍ତର ନିର୍ମିତ ହୋଇଥିବା ବେଳେ ଛାତ ଢଳେଇ ଦ୍ୱାରା ଆବୃତ। ଭିତର ଭଣ୍ଡାରର ପୂର୍ବ ଓ ପଶ୍ଚିମ ଦିଗରେ ଦୁଇଟି ଗୋଲାକାର ରନ୍ଧ୍ର ରହିଛି। ପୂର୍ବେ ଏହି ରନ୍ଧ୍ର ଜରିଆରେ ଶ୍ରୀପୁରୁଷୋତ୍ତମଙ୍କ ଭଣ୍ଡାରରକ୍ଷକ ସର୍ପମାନଙ୍କ ଉଦ୍ଦେଶ୍ୟରେ ମହାପ୍ରସାଦ ପ୍ରଦାନ କରାଯାଉ ଥିବାର ଶୁଣାଯାଏ। ମାତ୍ର ଅଧୁନା ସେବ୍ୟବସ୍ଥା ନାହିଁ।

ଚୋଡ଼ଗଙ୍ଗ ଦେବଙ୍କଠାରୁ ଆରମ୍ଭ କରି ଗଜପତି ଭାନୁଦେବ( ୪ର୍ଥ) ଙ୍କ ପର୍ଯ୍ୟନ୍ତ ଦୀର୍ଘ ୨୦୦ବର୍ଷର ଗଙ୍ଗବଂଶୀଙ୍କ ଶାସନ ସମୟେ ଶ୍ରୀପୁରୁଷୋତ୍ତମଙ୍କ ରତ୍ନଭଣ୍ଡାରକୁ ପ୍ରଦାନ କରାଯାଇଥିବା ମହାର୍ଘ୍ୟ ସମ୍ଭାରର ହିସାବ ଫର୍ଦ୍ଦ (ସାମାନ୍ୟ ଭାବେ କିଛିର ସୂଚନା କେବଳ ମାଦଳାପାଞ୍ଜିର ରାଜଭୋଗ ଇତିହାସରେ ଉଲ୍ଲେଖ ଅଛି) ଅଧୁନା ଦେଖିବାକୁ ମିଳେ ନାହିଁ। ସମୟ ଆସିଛି ଯେତେବେଳେ ଧର୍ମକୁ ରାଜନୀତି ସହିତ ସଂପୃକ୍ତ କରାଯାଇଛି ସେତେବେଳେ ଶ୍ରୀପୁରୁଷୋତ୍ତମ ବୋଲାଇଛନ୍ତି ସମଗ୍ର ଗଙ୍ଗ ସାମ୍ରାଜ୍ୟର ଅଧୀଶ୍ୱର। ଏହାପରେ ଠାକୁରହୋଇଗଲେ'ରାଜା', ରାଜା ବୋଲାଇଲେ'ଠାକୁରରାଜା'। ଠାକୁର ହୋଇଗଲେ 'ସେବ୍ୟ'। ରାଜା ବୋଲାଇଲେ 'ସେବକ'। ଆରମ୍ଭ ହେଲା 'ସ୍ୱରାଟ ରାଟ' ସେବା। ସେତେବେଳେ ମହାପ୍ରଭୁଙ୍କ ଉପାସନା କ୍ଷେତ୍ରରେ ଦେଖାଦେଲା 'ରାଜକୀୟଆଢ଼େଣୀ'। ଅର୍ଥାତ୍ ଜଣେ ସମ୍ରାଟଙ୍କ ସେବା ନିମନ୍ତେ ରାଜପ୍ରାସାଦରେ ଯେଉଁପରି ଖଞ୍ଜା ହେଉଥିଲା ତା'ର ଅନୁରୂପ ବ୍ୟବସ୍ଥା ରହିଲା। କାଳକ୍ରମେ ପୂରି ଉଠିଛି ମହାପ୍ରଭୁଙ୍କ ୫୨ କୋଟି ରତ୍ନଭଣ୍ଡାର(ଗଜପତି ରାଜାଙ୍କ ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ଓଡ଼ିଶାର ରାଜାମାନଙ୍କ ଦାନ - ଡଃ. ସତ୍ୟ ନାରାୟଣ ରାଜଗୁରୁ /ପାଞ୍ଚଜନ୍ୟ/୮ମବର୍ଷ/୨ୟ୩ୟ ସଂଖ୍ୟା/ଦଶହରା ବିଶେଷାଙ୍କ/୧୯୮୭ ଦ୍ରଷ୍ଟବ୍ୟ)।

ଇତିହାସ କୁହେ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସର ନିଃଶ୍ୱାସ ମଧ୍ୟରେ ବିଧର୍ମୀମାନଙ୍କ ସାମ୍ରାଜ୍ୟ ବିସ୍ତାର, ଧନ ଲିପ୍ସା ଓ ଧର୍ମାନ୍ଧତାର ଶିକାର ହୋଇଛି ଶ୍ରୀପୁରୁଷୋତ୍ତମଙ୍କ ରତ୍ନଭଣ୍ଡାର। ପ୍ରାୟ ପନ୍ଦର ଥର ଲୁଣ୍ଠିତ ହୋଇଛି ଓଡ଼ିଆ ଜାତିର ଐତିହ୍ୟର ଐଶ୍ୱର୍ଯ୍ୟ। ବିଧର୍ମୀମାନଙ୍କ ଆକ୍ରମଣ ସହିତ କେଶୋଦାସ ମାରୁ ପରି ହିନ୍ଦୁ ମଧ୍ୟ ବିବେକକୁ ଭୁଲି ଲୁଣ୍ଠନ କରିବାକୁ ପଶ୍ଚାତପଦ ହୋଇନାହାନ୍ତି। ପ୍ରଥମେ ରକ୍ତବାହୁ, ତା' ପରକୁ ପର ବଙ୍ଗ ସୁଲତାନ ଇଲିୟାସ ଶାହ, ଫିରୋଜ ତୋଗଲକ, ଇସମାଇଲି ଗାଜି, କଳାପାହାଡ଼, ସୁଲେମାନ ଓ ଓସମାନ, ମିର୍ଜା ଖୁରୁମ, ହାସିମ ଖାଁ, କେଶୋଦାସ, କଲ୍ୟାଣ ମଲ୍ଲ, ମକରାମ ଖାଁ, ମିର୍ଜା ଅହମ୍ମଦ ବେଗ ଖାଁ, ଅମିର ଫତେ ଖାଁ, ଏକ ରାମ ଖାଁ, ମହମ୍ମଦ ତକିଆ ଖାଁ ଆକ୍ରମଣ ଓ ଲୁଣ୍ଠନ କରିଛନ୍ତି ରତ୍ନଭଣ୍ଡାର। ସବୁଠାରୁ ବର୍ବରୋଚିତ, ଲୋମହର୍ଷଣକାରୀ ଆକ୍ରମଣ ତଥା ଲୁଣ୍ଠନ ଥିଲା ବଙ୍ଗ ସୁଲତାନ ସୁଲେମାନ କରନିର ଅନ୍ୟତମ ସେନାପତି କଳାପାହାଡ଼(ହିନ୍ଦୁରୁ ମୁସଲମାନ ହୋଇଥିବା)ର। ଥରି ଉଠିଥିଲା ଓଡ଼ିଆ ଜାତିର ଅସ୍ଥି ପଞ୍ଜରା। ଆକ୍ରମଣରେ ସାମିଲ୍ ଥିବା ସୈନିକମାନେ ପ୍ରତ୍ୟେକେ ଗୋଟିଏ/ଦୁଇଟି ସୁବର୍ଣ୍ଣ ପ୍ରତିମା ପାଇଥିବା ଇତିହାସ କୁହେ। ତନ୍ମଧ୍ୟରୁ ସବୁଠାରୁ ବଡ଼ ପ୍ରତିମାର ଓଜନ ଥିଲା ୩୦ ମହଣ।(କ୍ରମଶଃ...) ●

ନୟାଗଡ଼, ମୋ: ୯୨୩୭୦୯୫୨୪୯

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ହୋମିଓପାଥିକ ମେଡିକାଲ କଲେଜରେ ଅବସରପ୍ରାପ୍ତ କର୍ମଚାରୀ ନିଯୁକ୍ତି ପ୍ରସଂଗ

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ,୮।୭(ସମିସ): ରାଜ୍ୟର ସରକାରୀ ହୋମିଓପାଥିକ ମେଡିକାଲ କଲେଜଗୁଡିକରେ ପ୍ରଫେସର, ପ୍ରାଧ୍ୟାପକ, ଅଧ୍ୟାପକ ପଦରେ ଅବସରପ୍ରାପ୍ତ ବ୍ୟକ୍ତିଙ୍କୁ ନିଯୁକ୍ତି ପାଇଁ ସୁଯୋଗ ଦିଆଯିବା ଓ ଏ ସମ୍ପର୍କିତ ବିଜ୍ଞପ୍ତିକୁ ଚାଲେଞ୍ଜ କରି ରୁଜୁ ମାମଲାର ପ୍ରାରମ୍ଭିକ ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଡାକ୍ତର ଭାରତୀ ତ୍ରିପାଠୀ ଓ ଅନ୍ୟ ୭ ଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆୟୁଷ ନିର୍ଦ୍ଦେଶାଳୟ ଗତ ଜୁନ ୧୮ର ବିଜ୍ଞପ୍ତି ଆଧାରରେ କୌଣସି ନିଯୁକ୍ତି ସଂକ୍ରାନ୍ତ ପଦକ୍ଷେପ ଏହି ମାମଲାର ଚୂଡାନ୍ତ ଫଳାଫଳ ଉପରେ ନିର୍ଭର କରିବ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଯେ ସରକାରୀ ହୋମିଓପାଥିକ ମେଡିକାଲ କଲେଜରେ ଶିକ୍ଷକ ନିଯୁକ୍ତି ସଂପର୍କିତ ନିୟମାବଳୀ ଏ ପର୍ଯ୍ୟନ୍ତ ଚୂଡାନ୍ତ ହୋଇ ନଥିବାରୁ ସରକାର ଏହି ସବୁ ପଦରେ ନିୟମିତ ନିଯୁକ୍ତି ପ୍ରଦାନ ପାଇଁ ନିଷ୍ପତ୍ତି ନେଇ ନାହାନ୍ତି। ଏଣୁ ଏ ସଂକ୍ରାନ୍ତରେ ସରକାରଙ୍କୁ ଜବାବ ରଖିବାକୁ ଦୁଇ ସପ୍ତାହ ମହଲତ ପ୍ରଦାନ କରିଛନ୍ତି ଅଦାଲତ। ଜୁଲାଇ ଶେଷ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀରୁ ପ୍ରକାଶ ଯେ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ସରକାରୀ ହୋମିଓପାଥିକ ମେଡିକାଲ କଲେଜଗୁଡିକରେ ଚୁକ୍ତିଭିତ୍ତିକ ପ୍ରଫେସର, ପ୍ରାଧ୍ୟାପକ ଓ ଅଧ୍ୟାପକ ପଦ ପୂରଣ ପାଇଁ ଜୁନ ୧୮ରେ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ବିଭିନ୍ନ ବିଭାଗରେ ୧୯ଟି ପ୍ରଫେସର, ୪୫ଟି ପ୍ରାଧ୍ୟାପକ ଓ ୧୬ଟି ଅଧ୍ୟାପକ ପଦ ପୂରଣ ପାଇଁ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା। ପ୍ରାର୍ଥୀଙ୍କ ସର୍ବାଧିକ ବୟସ ସୀମା ୬୪ବର୍ଷ ଧାର୍ଯ୍ୟ କରାଯାଇଥିଲା। ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ଯୁବ ବର୍ଗଙ୍କୁ ସୁଯୋଗ ନ ଦେଇ ଅବସରପ୍ରାପ୍ତଙ୍କ ମାଧ୍ୟମରେ ଏହି ସବୁ ପଦ ପୂରଣ ପାଇଁ ପଦକ୍ଷେପ ନିଆଯିବା ଗ୍ରହଣୀୟ ନୁହେଁ ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଆବେଦନକାରୀ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ତ୍ରିଲୋଚନ ଦାଶ ମାମଲା ପରିଚାଳନା କରୁଛନ୍ତି।

# ମାଗଣା ଶିକ୍ଷା ପାଇଁ ୭୫% ଉପସ୍ଥାନ ଜରୁରୀ

ଭୁବନେଶ୍ୱର, ୮।୭(ସମିସ): ଶିକ୍ଷାନୁଷ୍ଠାନରେ ଦୈନିକ ଉପସ୍ଥାନକୁ କଡ଼ାକଡ଼ି ଯାଞ୍ଚ କରାଯିବ। ଏଥିପାଇଁ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନରେ ବାଇଓମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥା କରାଯିବା ଲାଗି ଯୋଜନା କରୁଛନ୍ତି ସରକାର। ଏହାସହ ଉଚ୍ଚ ଶିକ୍ଷାନୁଷ୍ଠାନରେ ୭୫ ପ୍ରତିଶତ ଉପସ୍ଥାନକୁ ବାଧ୍ୟତାମୂଳକ କରାଯିବା ସହ ଉପସ୍ଥାନ କମିଲେ ଛାତ୍ରଛାତ୍ରୀଙ୍କୁ ସରକାରୀ ସୁବିଧାରୁ ବାଦ୍ ଦିଆଯିବ। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ଏକ ଯୋଜନା ପ୍ରସ୍ତୁତ କରିଛି। ଚଳିତ ଶିକ୍ଷାବର୍ଷରୁ ରାଜ୍ୟରେ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ନୀତି ଲାଗୁ ହୋଇଥିବାବେଳେ ପିଲାଙ୍କୁ ଶିକ୍ଷାମନସ୍କ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପଦକ୍ଷେପ ଗ୍ରହଣ କରିଛି। ପୂର୍ବରୁ ଛାତ୍ରଛାତ୍ରୀଙ୍କ ପାଇଁ ୭୫ ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ କରାଯାଇଥିଲେ ମଧ୍ୟ ଅନେକ ବିସଙ୍ଗତି ପରିଲକ୍ଷିତ ହେଉଥିଲା। ତେଣୁ ଏବେ ଅଧ୍ୟାପକ ଅଧ୍ୟାପିକାଙ୍କ ପରି ପ୍ରତିଦିନ ଛାତ୍ରଛାତ୍ରୀମାନେ ମଧ୍ୟ ବାଇଓମେଟ୍ରିକ୍ ବା ଡିଜିଟାଲ୍ ଉପସ୍ଥାନ ଦାଖଲ କରିବେ। ଏଥିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ ହୋଇଛି। ଶ୍ରେଣୀ ଗୃହରେ ୭୫ ପ୍ରତିଶତ ଉପସ୍ଥାନ ହେଉ ନ ଥିବା ପିଲାଙ୍କୁ ମାଗଣା ଶିକ୍ଷା ମିଳିବ ନାହିଁ। ନାମଲେଖା ଫି' ସାଙ୍ଗକୁ ଆନୁସଙ୍ଗିକ ଫି' ମଧ୍ୟ ଦାଖଲ କରିବାକୁ ପଡ଼ିବ। ନାମଲେଖା ସମୟରେ ହିଁ ୭୫ ପ୍ରତିଶତ ଉପସ୍ଥାନ ସହିତ ମାଗଣା ଶିକ୍ଷା ପାଇବା ପାଇଁ ଛାତ୍ରଛାତ୍ରୀମାନେ ସମ୍ମତିପତ୍ର ଦେବେ ବୋଲି ଉଚ୍ଚଶିକ୍ଷା ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ କରିଛି। ଛାତ୍ରଛାତ୍ରୀମାନେ ଶ୍ରେଣୀଗୃହରେ ନିଜର ଉପସ୍ଥିତି ସମ୍ପର୍କରେ ଦୈନିକ ବାଇଓମେଟ୍ରିକ୍ ବା ଡିଜିଟାଲ୍ ଉପସ୍ଥାନ ଦାଖଲ କରିବେ। ଅନ୍ୟଥା ନାମଲେଖା ଫି' ଦାଖଲ କରିବେ ବୋଲି ନିଜର ସମ୍ମତି ଦେବାକୁ ପଡ଼ିବ।

**ଛାତ୍ରଛାତ୍ରୀଙ୍କ ପାଇଁ ବାଧ୍ୟତାମୂଳକ ହେବ ବାଇଓମେଟ୍ରିକ୍**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶାନ୍ତି ଚୁକ୍ତି ରଦ୍ଦ...

ହର୍ମୁଜ୍ ପ୍ରଣାଳୀରେ ସାମରିକ ଉତ୍ତେଜନା ମଧ୍ୟରେ ଓମାନ ପ୍ରସ୍ତାବିତ ଅସ୍ଥାୟୀ ଜଳପଥ ବ୍ୟବହାର କରିବାକୁ ଯାଉଥିବା ଏକ ଭାରତୀୟ ତୈଳବାହୀ ଜାହାଜକୁ ଇରାନ ଫେରାଇ ଦେଇଛି। ଇରାନ ନିଜେ ନିର୍ଦ୍ଧାରଣ କରିଥିବା ଜଳପଥ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛି। ଖବର ଅନୁଯାୟୀ, ଓମାନ ଉପକୂଳ ଦେଇ ଯାଉଥିବା ଅସ୍ଥାୟୀ ଜଳପଥରେ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ଜାହାଜକୁ ଇରାନର ସୁରକ୍ଷା ବାହିନୀ (ଆଇଆରଜିସ୍) ବେତାର ବାର୍ତ୍ତା ମାଧ୍ୟମରେ ଫେରିଯିବାକୁ କହିଥିଲା। ଏହି ଅସ୍ଥାୟୀ ଜଳପଥକୁ ଗତ ଜୁନ୍ ମାସରେ ଓମାନ ଏବଂ ଜାତିସଂଘର ଆନ୍ତର୍ଜାତିକ ସାମୁଦ୍ରିକ ସଂସ୍ଥା ପକ୍ଷରୁ ଉପସାଗରରେ ଅଟକିଥିବା ଜାହାଜଗୁଡ଼ିକର ସୁରକ୍ଷିତ ଚଳାଚଳ ପାଇଁ ଘୋଷଣା କରାଯାଇଥିଲା। ତେବେ ଏହି ଘଟଣାକୁ ନେଇ ଭାରତ, ଓମାନ, ଆମେରିକା କିମ୍ବା ଆନ୍ତର୍ଜାତିକ ସାମୁଦ୍ରିକ ସଂସ୍ଥା ପକ୍ଷରୁ କିଛି କୁହାଯାଇ ନାହିଁ।

### ବୁଡ଼ିଗଲା ୧୦ ଲକ୍ଷ...

ମୂଲ୍ୟରେ ହ୍ରାସ ଦେଖିବାକୁ ମିଳିଛି। ବୁଧବାର ସକାଳେ ହ୍ରାସ ସହିତ ବଜାର ଖୋଲିଥିବାବେଳେ ଅପରାହ୍ନରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଯୁଦ୍ଧ ବିରତି ସମ୍ପର୍କିତ ବିବୃତ୍ତି ସେୟାର ବଜାରରେ ବଡ଼ ହ୍ରାସ ଘଟାଇଛି। ଏଥିଯୋଗୁ ଆଜି ସମସ୍ତ କ୍ଷେତ୍ରର ନିଫ୍‌ଟି ସୂଚକାଙ୍କ ତଳମୁହାଁ ରହିଥିଲା। ବ୍ୟାଙ୍କିଙ୍ଗ ଏବଂ ଏଫ୍‌ଏମ୍‌ସିଜି ଷ୍ଟକ୍ ସର୍ବାଧିକ ଚାପଗ୍ରସ୍ତ ଥିବାବେଳେ ପିଏସ୍‌ୟୁ ଏବଂ ଘରୋଇ ବ୍ୟାଙ୍କଗୁଡ଼ିକର ନିଫ୍‌ଟି ସୂଚକାଙ୍କ ୨.୫%ରୁ ଅଧିକ ହ୍ରାସ ପାଇଛି। ନିଫ୍‌ଟି ବ୍ୟାଙ୍କ ସୂଚକାଙ୍କ, ନିଫ୍‌ଟି ଏଫ୍‌ଏମ୍‌ସିଜି ସୂଚକାଙ୍କ ଏବଂ ତୈଳ ଓ ଗ୍ୟାସ୍ ସୂଚକାଙ୍କ ୨%ରୁ ଅଧିକ ହ୍ରାସ ପାଇଛି। ଯଦିବା ସକାଳେ ବଜାର ନିମ୍ନ ସ୍ତରରେ କାରବାର ଆରମ୍ଭ କରିଥିଲା, କିନ୍ତୁ ଅପରାହ୍ନରେ ଏଥିରେ ଦ୍ରୁତ ଗତିରେ ସୁଧାର ଆସିଥିଲା। ଏହାବ୍ୟତୀତ ଯୁଦ୍ଧବିରତି ଶେଷ ହେବା ସହ ଅଶୋଧିତ ତୈଳ ମୂଲ୍ୟରେ ମଧ୍ୟ ୬% ବୃଦ୍ଧି ଘଟି ପୁଣି ଏହା ୭୫ ଡଲାର ପାଖାପାଖି ପହଞ୍ଚିଛି।

### ଆଜି ଆସୁଛନ୍ତି...

ମଧ୍ୟରେ ମାଛଧରି ପାରିବେ। ଏହା ସହିତ ପ୍ରାଧିକରଣ ପତ୍ର ପାଇଥିବା ମତ୍ସ୍ୟଜୀବୀମାନେ ସୀମା ଅତିକ୍ରମ କରି ଅନ୍ତର୍ଜାତୀୟ ସମୁଦ୍ରରେ ମଧ୍ୟ ମାଛଧରି ପାରିବେ। ଏହି ପଦକ୍ଷେପ ଦ୍ୱାରା ମତ୍ସ୍ୟଜୀବୀଙ୍କ ଜୀବନ-ଜୀବିକା ଅଧିକ ସଶକ୍ତ ହେବେ। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍. ପି. ସିଂହ ବାଘେଲ, ଓଡିଶାର ମତ୍ସ୍ୟ ଓ ପ୍ରାଣିସମ୍ପଦ ଏବଂ ଏମ୍‌ଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସାଂସଦ ଅପରାଜିତା ଷଡଙ୍ଗୀଙ୍କ ସମେତ ପ୍ରାୟ ୧,୦୦୦ ମତ୍ସ୍ୟଚାଷୀ ଏବଂ ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀ ଅଂଶଗ୍ରହଣ କରିବେ। ମତ୍ସ୍ୟଜୀବୀ, ଜାତୀୟ ସମବାୟ ରପ୍ତାନି ଲିମିଟେଡ୍, ମାଛ ଧରିବା ଜାହାଜ ମାଲିକମାନଙ୍କ ସମେତ ମତ୍ସ୍ୟ ସମବାୟ ସମିତିଗୁଡିକୁ ଉପରାଷ୍ଟ୍ରପତି ପ୍ରାଧିକରଣ ପତ୍ର ବଣ୍ଟନ କରିବେ। ଏହାଦ୍ୱାରା ଯୋଗ୍ୟ ଭାରତୀୟ ଜାହାଜଗୁଡିକ ସମୁଦ୍ରରେ ମାଛ ଧରିବା କାର୍ଯ୍ୟ କରିପାରିବେ। ଗଭୀର ସମୁଦ୍ରରୁ ମାଛ ଧରିବା ଦ୍ୱାରା ମତ୍ସ୍ୟଚାଷୀମାନଙ୍କ ପାଇଁ ଅଧିକ ଆୟର ସୁଯୋଗ ସୃଷ୍ଟି ହେବ। ଏହା ଆନ୍ତର୍ଜାତିକ ସମୁଦ୍ର ଓ ଗଭୀର ସମୁଦ୍ରରୁ ମାଛ ଧରିବା ସହ ମତ୍ସ୍ୟ ରପ୍ତାନି କ୍ଷେତ୍ରରେ ଓଡିଶାକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛି। ଉନ୍ନତ ମାଛଧରା ଉପକରଣ, ପରିଚାଳନା ଏବଂ ବଜାର ସଂଯୋଗ ପାଇଁ ସହଯୋଗ ଯୋଗାଇ ଦିଆଯିବ। ଓଡିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରାୟ ୫ ଲକ୍ଷ ମତ୍ସ୍ୟଜୀବୀ ବଙ୍ଗୋପସାଗର ଉପରେ ପେଟପାଟଣା ପାଇଁ ନିର୍ଭର କରନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ପ୍ରାୟ ୨.୪ ଲକ୍ଷ ମେଟ୍ରିକ ଟନ ରହିଛି।

### ଝୁପିରୁ ବନ୍ଧାହେଲା...

ଆଜାଦ ନଗର ଅଞ୍ଚଳରେ ଥିବା ଏକ ଘରେ ଭଡ଼ା ରହୁଥିଲା। ଗତ ଜାନୁଆରୀ ୨୭ ତାରିଖ ଦିନ ସେହି କୋଠାର ପଞ୍ଚମ ମହଲାରେ ଦେଶୀୟ ଜ୍ଞାନକୌଶଳରେ ତିଆରି ବୋମା ବା ଆଇଇଡି ପ୍ରସ୍ତୁତ କରୁଥିବା ବେଳେ ବିସ୍ଫୋରଣ ହେଇଥିଲା। ବୋମା ବିସ୍ଫୋରଣରେ ଗୁରୁତର ହୋଇଥିବା ମୁଖ୍ୟ ଅଭିଯୁକ୍ତ ମଫି ଓ ତା'ର ମାଆ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ମଫିର ବାନ୍ଧବୀ ଓ ସାଙ୍ଗ ଅମୀୟ ମଲ୍ଲିକ ଘରୋଇ ହସ୍ପିଟାଲ ରେ ଚିକିତ୍ସିତ ହେଉଥିଲେ। ଆରମ୍ଭରୁ ଏୟାରଫିଲ୍ଡ ଥାନା ତଦନ୍ତ କରୁଥିବା ବେଳେ ଆରଡିଏକ୍ସ ନମୁନା ମିଳିବା ପରେ ଏନ୍‌ଆଇଏ ତଦନ୍ତଭାର ନେଇଥିଲା।

ଏନ୍‌ଆଇଏର ଟିମ୍ ଏକାଧିକବାର ଘଟଣାସ୍ଥଳ ଓ ଏୟାରଫିଲ୍ଡ ଥାନାକୁ ଯାଇ ସରଜମିନ ତଦନ୍ତ କରିଥିଲେ। ଜବତ ହୋଇଥିବା ଏକ ସ୍କୁଟିରୁ ବିଭିନ୍ନ ନମୁନା ସଂଗ୍ରହ କରିଥିଲେ। ଆର୍ଥିକ କାରବାରର ତଦନ୍ତ ବେଳେ ରୋହନର ସଂପୃକ୍ତି ସାମ୍ନାକୁ ଆସିବା ପରେ ତାକୁ ଧରିବା ପାଇଁ ଉଦ୍ୟମ କରିଥିଲା। ହେଲେ ସେ ଘଟଣା ପରଠାରୁ ରାଜ୍ୟ ଛାଡ଼ି ପଳାଇଥିବା ଏନ୍‌ଆଇଏ ଜାଣିବାକୁ ପାଇଥିଲା। ରୋହନ ଉତ୍ତରପ୍ରଦେଶରେ ଆତ୍ମଗୋପନ କରିଥିବା ଖବରପାଇ ଏନ୍‌ଆଇଏ ଟିମ୍ ତାକୁ ଗିରଫ କରିଛି। ସେପଟେ ଜବତ ହୋଇଥିବା ବିସ୍ଫୋରକ ସାମଗ୍ରୀର ଉତ୍ସ, ଯୋଗାଣ ନେଟୱର୍କ ଓ ଏହା ପଛର ଉଦ୍ଦେଶ୍ୟ ସମ୍ପର୍କରେ ଖୋଳତାଡ଼ ଚଳାଇଛି। ଏତେ ପରିମାଣର ବିସ୍ଫୋରକ କ'ଣ ପାଇଁ ଓ କେଉଁଠି ବିସ୍ଫୋରଣ କରିବାକୁ ରଖାଯାଇଥିଲା, ସେନେଇ ମଧ୍ୟ ତଦନ୍ତ ଜାରି ରହିଛି। ଏହି ଘଟଣାର କୌଣସି ବଡ଼ ଅପରାଧିକ କିମ୍ବା ଆତଙ୍କବାଦୀ ଷଡ଼ଯନ୍ତ୍ର ସହିତ ଲିଙ୍କ୍ ରହିଛି କି ନାହିଁ, ସେ ନେଇ ପ୍ରମାଣ ଯୋଗାଡ଼ କରିବାକୁ ଏନ୍‌ଆଇଏ ଅନେକ ବ୍ୟକ୍ତିଙ୍କୁ ଜେରା ମଧ୍ୟ କରୁଛି। ଏହାସହିତ ଏହି ଘଟଣାର ଚେର ଖୋଜିବା ପାଇଁ ଏନ୍‌ଆଇଏ ବିଭିନ୍ନ ଦିଗକୁ ନେଇ ତନାଘନା ଚଳାଇଛି।

### ପ୍ରବାସୀ ଶ୍ରମିକଙ୍କ...

ଶ୍ରମିକଙ୍କୁ ପଞ୍ଚାୟତସ୍ତରରେ ଚିହ୍ନଟ କରି ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ପାଇଁ ସରକାର ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି। ତେବେ ଦାଦନ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ପାଲଟିଥିବା ବେଳେ ଶ୍ରମମନ୍ତ୍ରୀଙ୍କ ଆଶ୍ୱାସନା ଉପରେ ରାଜ୍ୟବାସୀ କିପରି ଭରସା କରିବେ, ତାହା ସନ୍ଦେହ ସୃଷ୍ଟି କରିଛି।

ଶ୍ରମମନ୍ତ୍ରୀ କହିଛନ୍ତି ଯେ ସମଗ୍ର ରାଜ୍ୟରେ ଦଲାଲ୍ ସକ୍ରିୟ ରହିଛନ୍ତି। ଆଗାମୀ ଦିନରେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ବିନା ପଞ୍ଜୀକରଣରେ ରାଜ୍ୟ ବାହାରକୁ ଶ୍ରମିକ ପଠାଉଥିବା ଦଲାଲଙ୍କ ବିରୋଧରେ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ନେବେ। ଏହାସହ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥିବା ଶ୍ରମିକଙ୍କ ସମ୍ପୂର୍ଣ୍ଣ ତଥ୍ୟ ଦେବା ପାଇଁ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ବାହାରକୁ ଯାଉଥିବା ପ୍ରତ୍ୟେକ ଶ୍ରମିକଙ୍କ ସଂପୂର୍ଣ୍ଣ ତଥ୍ୟ ଦେବେ ପଞ୍ଚାୟତ କର୍ତ୍ତୃପକ୍ଷ। ରାଜ୍ୟ ବାହାରେ ଥିବା ଶ୍ରମିକଙ୍କ ତଥ୍ୟ ସଂଗ୍ରହ କରି ସେମାନଙ୍କୁ ଫେରାଇ ଆଣି କାର୍ଯ୍ୟଦକ୍ଷତା ଅନୁଯାୟୀ ନିଜ ଜିଲ୍ଲାରେ ରୋଜଗାର ଦେବାକୁ ବିଭାଗ ଯୋଜନା କରିଛି ବୋଲି ସେ କହିଛନ୍ତି।

ନିକଟରେ ତାମିଲନାଡୁରେ ଏକ କମ୍ପାନୀରେ ଘଟିଥିବା ଦୁର୍ଘଟଣାରେ ଓଡ଼ିଶାର ୧୫ ଜଣ ଲୋକଙ୍କ ଜୀବନ ଯାଇଛି। ତନ୍ମଧ୍ୟରେ କେବଳ କେନ୍ଦୁଝର ଜିଲ୍ଲାର ୧୪ ଜଣ ଜୁଆଙ୍ଗ ଜନଜାତିର ଶ୍ରମିକ ସାମିଲ ରହିଥିଲେ। ଯାହା ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ରାଜ୍ୟ ସରକାର ଦାଦନ ଶ୍ରମିକ ସମସ୍ୟାର ମୂଳୋତ୍ପାଟନ କରିବାକୁ ଘୋଷଣା କରିଥିବାବେଳେ ଏପରି ଅଘଟଣ କିପରି ଘଟିଲା ବୋଲି ରାଜ୍ୟବ୍ୟାପୀ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଦାଦନ ଶ୍ରମିକ ସମସ୍ୟାକୁ ରୋକିବା ପାଇଁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଟାସ୍କ ଫୋର୍ସ ଗତ ଦୁଇ ବର୍ଷ ହେଲା କି ପଦକ୍ଷେପ ନେଇଛି ବୋଲି ମଧ୍ୟ ଅନେକ ପ୍ରଶ୍ନ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଶ୍ରମମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ବିଶେଷଜ୍ଞ ଓ ରାଜନୈତିକ ସମୀକ୍ଷକମାନେ ସନ୍ଦେହ ପ୍ରକାଶ କରିଛନ୍ତି। ରାଜ୍ୟସାରା ଦଲାଲ୍ ସକ୍ରିୟ ରହିଛନ୍ତି ବୋଲି ନିଜେ ମନ୍ତ୍ରୀ ସ୍ୱୀକାର କରୁଥିଲେ ହେଁ ସେମାନଙ୍କ ବିରୋଧରେ ବିଗତ ୨ ବର୍ଷରେ ସେପରି କିଛି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି। ଏପଟେ ରାଜ୍ୟ ବାହାରେ ଥିବା ଶ୍ରମିକଙ୍କୁ ଫେରାଇ ଆଣି ରାଜ୍ୟରେ ନିଯୁକ୍ତି ଦେବାକୁ ମନ୍ତ୍ରୀ କହୁଛନ୍ତି। ଏଥିପାଇଁ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ୨୦୧୯ରୁ ୨୦୨୫ ମଧ୍ୟରେ ରାଜ୍ୟ ବାହାରେ ପ୍ରାୟ ୪୩୨ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ରାଜ୍ୟରେ କର୍ମନିଯୁକ୍ତି ପାଇଁ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ ହୋଇ ପାରି ନାହିଁ। ଏହି ପରିପ୍ରେକ୍ଷୀରେ ଅନ୍ୟ ରାଜ୍ୟରୁ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ଫେରାଇ ଆଣି ଏଠାରେ ନିଯୁକ୍ତି ଦେବାକୁ ସରକାର ସକ୍ଷମ କି ବୋଲି ମଧ୍ୟ ଅନେକ ସାମାଜିକ ସମୀକ୍ଷକ ମଧ୍ୟ ପ୍ରଶ୍ନ କରିଛନ୍ତି।

### ରାଜ୍ୟ ବିଜେପିରେ...

ଯୋଗଦାନ ବିଜେପିର ସଂଗଠନକୁ ମଜବୁତ କରୁଥିବା ଦାବି କରାଯାଉଥିବା ବେଳେ ପୁରୁଣା ନେତାମାନେ ନିଜ ପ୍ରଭାବ ହ୍ରାସ ପାଇବାର ଆଶଙ୍କା ପ୍ରକାଶ କରୁଛନ୍ତି। କିଛି ମାସ ମଧ୍ୟରେ ବିଜେପିରେ ସାମିଲ ହୋଇଥିବା କଟକ, ବାଲେଶ୍ୱର, ଭଦ୍ରକର କତିପୟ ନେତାଙ୍କୁ ନେଇ ଦଳର ତୃଣମୂଳସ୍ତରରେ ଏକପ୍ରକାର ବିଦ୍ରୋହ ସୃଷ୍ଟି ହୋଇଛି। ନିଜର ବ୍ୟବସାୟିକ କାର୍ଯ୍ୟକଳାପ, ଅପରାଧିକ ମାମଲା ଓ ରାଜନୈତିକ ସୁରକ୍ଷା ପାଇଁ ଏହି ନେତାମାନେ ବିଜେପିରେ ସାମିଲ ହେଉଛନ୍ତି ବୋଲି ଖୋଦ୍ ବିଜେପି ନେତାମାନେ ଖୋଲାଖୋଲି କହୁଛନ୍ତି।

ଶାସକ ଦଳର ବିଧାୟକ ପଦ୍ମଲୋଚନ ପଣ୍ଡା ଏହି ପ୍ରସଙ୍ଗରେ ଦୁଇଦିନ ତଳେ ସ୍ପଷ୍ଟ ଭାବରେ ବିଜେପିରେ ଯୋଗ ଦେଉଥିବା ନେତାମାନଙ୍କୁ 'ସାଇବେରିଆନ ପକ୍ଷୀ' ଭାବରେ ତୁଳନା କରି କଟାକ୍ଷ କରିଛନ୍ତି। ଭଦ୍ରକ ଜିଲ୍ଲାର କିଛି ନେତାଙ୍କ ବିଜେପି ପ୍ରବେଶ ପଛରେ ରାଜନୈତିକ ଲାଭ, ଅପରାଧିକ ମାମଲାରେ ସୁରକ୍ଷା ଆଦି ଉଦ୍ଦେଶ୍ୟ ଥିବା ସେ କହିଛନ୍ତି। ପଦ୍ମଲୋଚନ କହିଛନ୍ତି ଯେ ଏବେ ଯେଉଁମାନେ ବିଜେଡିରୁ ବିଜେପି ଆସୁଛନ୍ତି ସେମାନେ ୨୪ ବର୍ଷ ବିଜେଡିକୁ ଉପଭୋଗ କଲେ। ଏବେ ବେପାର ଓ ଭବିଷ୍ୟତ ପାଇଁ ବିଜେପିକୁ ଆସୁଛନ୍ତି। ସିମୁଳିଆରେ ଯିଏ ମିଶିଲେ ସେ ଜମି ବେପାରୀ। ସେ ନିଜ ସ୍ୱାର୍ଥ ପାଇଁ ବିଜେପିକୁ ଆସିଛନ୍ତି। ତାଙ୍କ ନାଁରେ ଅନେକ ଅଭିଯୋଗ ଅଛି। କିନ୍ତୁ ୨୦୨୯ ରେ କଣ ହେବ କିଛି କହି ହେବନାହିଁ ବୋଲି ସେ କହିଛନ୍ତି।

ଅନୁରୂପ ଭାବରେ ବାଲେଶ୍ୱରରେ ରବୀନ୍ଦ୍ର ଜେନା ବିଜେପିରେ ଯୋଗଦାନ ସମୟରେ ବିଜେପି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମଧ୍ୟ ପରୋକ୍ଷରେ ଆମଦାନୀ ନେତାଙ୍କୁ କଟାକ୍ଷ କରିଥିଲେ। ସେହିପରି ବିଜେଡିରୁ ବହିଷ୍କୃତ ଗଞ୍ଜାମ ଜିଲ୍ଲାର ଜଣେ ନେତା ବିଜେପିରେ ଯୋଗ ଦେଇ ନିର୍ବାଚିତ ହେବା ପରେ ଜିଲ୍ଲା ବିଜେପିରେ ଅସ୍ଥିରତା ସୃଷ୍ଟି ହୋଇଥିବା କୁହାଯାଉଛି। ବ୍ରହ୍ମପୁର ସାଂସଦ ଓ ମନ୍ତ୍ରୀ ବିଭୂତି ଜେନାଙ୍କ ମଧ୍ୟରେ ଫାଟ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଆସ୍କା ସାଂସଦ ଓ ଖଲିକୋଟ ବିଧାୟକ, ଜଗତସିଂହପୁରରେ ସାଂସଦ-ବିଧାୟକ ବିବାଦ ଗଣମାଧ୍ୟମ ଶିରୋନାମା ପାଲଟିଛି। ପୁରୀ ସାଂସଦ ଓ ନୟାଗଡ଼ ବିଜେପି ସଙ୍ଗଠନ ମଧ୍ୟରେ ବିବାଦ ତୀବ୍ର ହେବାରେ ଲାଗିଛି। ପଶ୍ଚିମ ଓଡ଼ିଶାରେ ବଲାଙ୍ଗୀର ସାଂସଦଙ୍କ ସହ ସଂସଦୀୟ କ୍ଷେତ୍ରର ଅନେକ ବିଧାୟକ, ଏପରିକି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିବାଦ ସମସ୍ତେ ଜାଣନ୍ତି। ନିକଟରେ ଭଦ୍ରକର ମଣ୍ଡଳ ଦମ୍ପତି ବିଜେପିରେ ଯୋଗ ଦେବା ବେଳେ ସେଠାକାର ସାଂସଦ, ମନ୍ତ୍ରୀ ଓ ବିଧାୟକଙ୍କ ଅନୁପସ୍ଥିତି ମଧ୍ୟ ପରୋକ୍ଷରେ ଦଳୀୟ ଅସନ୍ତୋଷ ଓ ଆଗକୁ ହେବାକୁ ଥିବା ପତିଆରା ଲଢ଼େଇକୁ ଜଳ ଜଳ ଦେଖାଉଛି। ରାଜ୍ୟ ନେତୃତ୍ୱ ଏହି ଫାଟକୁ ମିଟାଇବା ପାଇଁ ଚେଷ୍ଟା କରୁଥିବା ବେଳେ କେନ୍ଦ୍ରୀୟ ନେତାମାନେ ଏହାକୁ ସତର୍କତାର ସହ ଅନୁଧ୍ୟାନ କରୁଛନ୍ତି। ଅନ୍ୟ ଦଳର ନେତାଙ୍କ ଯୋଗଦାନ ବିଜେପିର ଆଭ୍ୟନ୍ତରୀଣ ସନ୍ତୁଳନ ବିଗାଡ଼ିବା ସହ ପଞ୍ଚାୟତ ନିର୍ବାଚନରେ ଏହାର ପ୍ରତିଫଳନ ଦେଖିବାକୁ ମିଳିପାରେ ଦଳୀୟ ନେତାମାନେ ଆଶଙ୍କା କରୁଛନ୍ତି।

**AFFIDAVIT**

By virtue of an affidavit before the Executive Magistrate, Baripada, affidavit no-143 on dated 09/06/2026. I Subash Chandra Si, S/o- Late Mukunda Si, At/Po:- Paunsia, P.S- Badasahi, Dist:- Mayurbhanj, pin:- 757025, Odisha. That I am the father of my minor son Saibinayak Si which is mentioned in his birth certificate vide regd no- 886, on dated 24/07/2013. But in his Adhara Card wrongly it is mentioned as Sahibinayak Si S/O - Subash Chandra Si. So at all times hereafter in all records, deeds, Writings and in all proceedings, dealings and transaction private as well as public and upon all Occasion he will be known as Saibinayak Si instead of Sahibinayak Si.

**NOTICE**

I, **Debesh Kumar Agrawal,** (Proprietor of Vishesh Industries), S/o Late Mangtu Ram Agrawal, resident of Silda, PO: Dumerpani, PS & District: Nuapada, Odisha, do hereby solemnly declare that I deposited a sum of **Rs. 1,25,712/-** on **25.10.2004,** toward a security deposit, for which Money Receipt No. **636071** dated- **25.10.2004,** was duly issued to me. I further declare that the aforementioned original money receipt has been destroyed by white ants, this affidavit is to filled before the TPWODL, Nuapada for release of aforesaid security deposit as affirmed in the affidavit No. 495, dated- 08.07.2026, executed before the Executive Magistrate, Nuapada, Odisha.

**ପଶ୍ଚିମ ରେଳପଥ - ରତଲାମ**

**ସଂଶୋଧନ ବିଜ୍ଞପ୍ତି**

NIT ନଂ. W/623/5/1/NIT, ତାରିଖ 04.07.2026, ନଂ. RTM-2026-27-64 ବିଜ୍ଞପ୍ତି ଏହି କାର୍ଯ୍ୟାଳୟର ସମ ସଂଖ୍ୟକ ପତ୍ର, ତାରିଖ 04.07.2026 ମାଧ୍ୟମରେ ପ୍ରକାଶନ ପାଇଁ ପ୍ରେରଣ କରାଯାଇଥିଲା। ଏହାଦ୍ୱାରା ସୂଚିତ କରାଯାଉଛି ଯେ, ଉକ୍ତ କାର୍ଯ୍ୟର ସମାପ୍ତି ଅବଧି ୧୫ ମାସରୁ ବୃଦ୍ଧି କରି ୨୪ ମାସ କରାଯାଇଅଛି। (ସଂଶୋଧନ ସୂଚନା ସଂଖ୍ୟା-୦୨ ଏଥିସହ ସଂଲଗ୍ନ)।

0135 ବରିଷ୍ଠ ବିଭାଗୀୟ ଯନ୍ତ୍ରୀ, (ପୂର୍ବ), ରତଲାମ

Like us on: facebook.com/WesternRly

**AFFIDAVIT**

By virtue of an affidavit sworn before the Notary Public, Bhubaneswar dated 30.06.2026, I Nalinibala Ratha, aged about 51 years, W/o. Basanta Kumar Rath, permanent resident of At: Kenduapalli, PO: Madhapur, Dist. Nayagarh, PIN: 752078, Currently residing At: Kenduapalli, PO: Madhapur, Dist. Nayagarh, PIN: 752078, declare that I have Changed my name from Nalini Ratha to Nalinibala Ratha. Henceforth, I shall be known as **Nalinibala Ratha** for all purposes.

**(Nalinibala Ratha)**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 08/07/2026. I, **Nurabati Suna** (new name), D/o- Baichandra Sika, permanent & current resident of AT: Malisira, PO: Malisira, PS: Muribahal, Dist: Balangir, State: Odisha, PIN: 767037 declare that I have changed my name from **Nuraiatb Suna** (old name) to **Nurabati Suna** (new name). Henceforth, I shall be known as **Nurabati Suna** (new name) for all future purposes.

**Nurabati Suna**

**AFFIDAVIT**

By Virtue of an affidavit sworn before Notary Public Bhograi , no-205, dated 03.07.2026, I Pitambar Patra,s/o Nityananda Patra, Vill-Sundradi,Po -Kumhharmuli, PS-Bhograi, District-Balsore, Odisha, pin-756036 declare that, I have changed my name from Tapas Kumar Patra to Pitambar Patra.Henceforth,I shall be known as **Pitambar Patra** for all purpose.

**AFFIDAVIT**

I, Surath Sethi, aged about 40 years, S/o- Gobinda Sethi, resident of At/Po- Singhbrahmapur, Ps- Delang, Dist- Puri, Odisha, PIN- 752015, do hereby declare by this affidavit No. 1367, dtd- 08/07/2026, that now onwards I shall be known as **SURATHA SETHI** for all future purposes.

**VEHICLE FOR SALE**

BHARAT BENZ 3528 C, MODEL 2023, Regn. No -OD-25-P-3487, in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891, within 7 days

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar vide Serial No. 63 dtd- 19.06.2026. I, **Rinki Routray** resident of Village/Town- Jujhagada, P.O.- Daruthenga, P.S.- Chandaka, Dist- Khordha, PIN-754005, Odisha declare that I have changed my name from **Rasmita Routray** to **Rinki Routray.** Henceforth I shall be known as **Rinki Routray** for all purposes.

**Rinki Routray**

**AFFIDAVIT**

By virtue of an affidavit sworn before Executive Magistrate, Kabisuryanagar, Ganjam vide Sl. No.A-II dated 23.7.2026, I, T Sakuntala Reddy, W/o- Late T. Arjun Reddy resident of Vill./Po.- Jhadabai, Ps.- Kabisuryanagar, Dist.- Ganjam, Odisha, declare that, In my Voter Id No.- 809419480190 my name has been mentioned as **T Saibani Redi, W/o- Ts. Arjun Redi**. In the ROR of Mouza- Pathara vide Khatian No.-90 my name has been mentioned as **K Saibani Reddy, D/o- K Narsu Reddy**. That, **T Sakuntala Reddy @ K Saibani Reddy, D/o- K Narsu Reddy** both the names are same and one person.

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 07/07/2026. I, **Tanuja Bharasagar** (applicant name), W/o Trinath Bharasagar, permanent & current resident of AT: Kumuda, PO: Sihini, PS: Titilagarh, Dist: Balangir, State: Odisha, PIN: 767066 declare that I have changed my minor daughter's name from **Shiba Bharasagar** (old name) to **Shilpa Bharasagar** (new name). Henceforth, she shall be known as **Shilpa Bharasagar** (new name) for all future purposes.

**Tanuja Bharasagar**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 07/07/2026. I, **Jashoda Deep** (new name), W/o Dhanurya Deep, permanent & current resident of AT: Piplibandha, PO: Siker, PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from **Bhuma Dip** (old name) to **Jashoda Deep** (new name). Henceforth, I shall be known as **Jashoda Deep** (new name) for all future purposes.

**Jashoda Deep**

**NOTICE**

It is, for information of all concerned that the Registered Sale Deed No.: 969, ROR Khata No.: 240/557, Plot No.: 20/1199, executed on 25.05.2009 at SRO Pipili by Sri Chakradhar Prusty in favour of Swatik Smriti Das was in my custody. Inadvertently, the said sale deed has been misplaced / lost from my custody. In spite of due diligence, I could not trace the same. Therefore, take notice that if anybody gets it kindly return back the same to the undersigned. If it is found to be misused, penal action will be taken against the miscreants and I shall not be held responsible for the same.

**Sri Santanu Kumar Mohapatra,**
S/o: Late Chaitanya Charan Mohapatra, Plot No.: 20/1199, Madhuban (Xavier University Area) Nizigada- Kurukhi, Harirajpur, Dist.: Puri-752050, Presently residing At: Subham Residency, Phase-2, 4th Floor, B-404, Infront of Patia College, Patia, Bhubaneswar, PIN-751024, Odisha, **Contact: 8249158465**

**ସଂଶୋଧନ**

ମୁଁ ଶ୍ରୀମତୀ ମମତା ପଟ୍ଟନାୟକ, ସ୍ୱାମୀ - ମଳୟ କୁମାର ପଟ୍ଟନାୟକ, ବାପା- ସ୍ୱର୍ଗତ ସୁରେନ୍ଦ୍ର ମହାନ୍ତି, ଆଧାର ନଂ ୨୪୫୩ ୪୦୨୨ ୦୭୧୯, ଗ୍ରାମ - ବ୍ଲକ୍ ନଂ ୬/୭ବି, ସ୍ପ୍ରିଂଭିଲେ ହୋମ୍ସ, ମାନପୁର, ପୋଷ୍ଟ - ଦାନଗଦି, ଥା ଯାଜପୁର ରୋଡ, ଜିଲ୍ଲା- ଯାଜପୁର, ପିନ - ୭୫୫୦୨୬ ସତ୍ୟପାଠ ନମ୍ବର ୧୧୬୨/୨୬ ଆଧାରରେ ସର୍ବସାଧାରଣରେ ଜଣାଉଛି ଯେ ସ୍ୱାମୀ ଶ୍ରୀ ପଟ୍ଟନାୟକଙ୍କୁ ବିବାହ ପରେ ମୁଁ ମୋ ସଂଜ୍ଞା ମହାନ୍ତି ବଦଳରେ ପଟ୍ଟନାୟକକୁ ପରିବର୍ତ୍ତନ କରିଛି। ଆଜି ଠାରୁ ସର୍ବସାଧାରଣରେ ମୁଁ ମମତା ପଟ୍ଟନାୟକ ନାମରେ ସମସ୍ତ ସରକାରୀ ଓ ବେସରକାରୀ ସ୍ତରରେ ପରିଚିତ ହେବି। ମମତା ପଟ୍ଟନାୟକ ଏବଂ ମମତା ମହାନ୍ତି ସମାନ ଓ ଜଣେ ବୋଲି ଗ୍ରହଣ କରାଯିବ।

**ATAL BEHARI COLLEGE, BASUDEVPUR**
BHADRAK, ODISHA, 756125
principal.abcollege@gmail.com

**CALL FOR QUOTATION**

Sealed quotations are invited from authorized firms/suppliers/dealers having valid registration, PAN, and GSTIN for the supply of 8 (Eight) Desktop Computers (Intel Core i5 or higher, minimum 12th Generation), 8 (Eight) UPS units, and 1 (One) Multi-Function Printer for the upgradation of the IT infrastructure of the College. The sealed quotations must reach the undersigned on or before **14.07.2026 (Tuesday) by 2.00 PM.** For further details, terms and conditions, and technical specifications of the items, kindly visit the College website: https://abcollegebasudevpur.ac.in.

Sd/- Principal

4001/192/2627

GOVERNMENT OF ODISHA
OFFICE OF THE ADDITIONAL CHIEF ENGINEER-CUM-ELECTRICAL INSPECTOR, KORAPUT
AT: PUJARIPUT (OLD LIC BUILDING), DIST: KORAPUT, PIN-764020
E-MAIL: eikoraput-od@od.gov.in

No. 604 Dated 06.07.2026

**TENDER CALL NOTICE FOR ELECTRIC VEHICLE (EV) HIRING**

Sealed quotations / tenders are invited from interested reputed Travel Agencies / Tour Operators / Private individuals for providing 01 (one) no. of Electric driven Commercial light vehicle having sitting capacity not more than 5 (Five) including driver on Monthly rent basis. Details available in the office from 06.07.2026 to 28.07.2026 or Website: www.eicelectricityodisha.nic.in. The Schedule of tender is as follows.

| Last Date of Receipt of Tender | Time | Opening of Tender | Time |
|---|---|---|---|
| 28.07.2026 | 3.00 P.M. | 28.07.2026 | 4.00 P.M. |

The undersigned reserves the right to reject any or all the tenders without assigning any reason thereof.

Sd/-
Additional Chief Engineer
-Cum-Electrical Inspector, Koraput

OIPR-4001/4095/1/26-27/0002

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12
13001/1114/2627

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର -10 ରେ ପ୍ଲଟ୍ ନଂ-10-1F/447 ଟିକୁ ଶ୍ରୀ ଭାଗିରଥୀ ବେହେରା, ପିତା-ν ନାରାୟଣ ବେହେରା, ସା-ପ୍ଲଟ ନଂ-୧୪୭, ପୋ- ବୁଦ୍ଧେଶ୍ୱରୀ, ଥା- ଲକ୍ଷ୍ମୀସାଗର, ଜିଲ୍ଲା-ଖୋର୍ଦ୍ଧା, ଓଡିଶା ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଭାଗିରଥୀ ବେହେରା ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଦେବେନ୍ଦ୍ର ନାଥ ସାହୁ, ପିତା-ν ଚକ୍ରଧର ସାହୁ, ସା-ବ୍ରହ୍ମପୁର, ପୋ-ଚାରୀରକବ, ଭାୟା-ସାଲେପୁର, ଥା- ଲେମାଲୋ, ଜିଲ୍ଲା-କଟକ, ଓଡିଶା ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13001/13037/1/26-27/0069 ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

GOVERNMENT OF ODISHA 32001/518/2627
**DEPARTMENT OF WATER RESOURCES**
**Office of the Superintending Engineer**
**Deo Head Works Division, Karanjia**
AT/PO – Karanjia, Dist. – Mayurbhanj – 757037
E-mail: teedhwd@gmail.com

**e-Procurement Notice**

Bid Identification No.: 02/SEDHWD of 2026-27
No.: 1971 /SE-DHWD, Date: 07.07.2026

1. **Nature of the Work:** Civil Work
2. **Number of Works:** 02 (Two) Nos. of Individual Work
3. **Approximate Amount Put to Tender:** ₹60.3 Lakhs, ₹63.2 Lakhs
4. **Period of Completion:** 06 (Six) Calendar Months
5. **Class of Contractor:** "B" Class Contractor
6. **Date & Time of Availability of Bid Document in the Portal:** 10.07.2026 (10:00 AM) to 24.07.2026 (5:30 PM)
7. **Last Date & Time of Seeking Tender Clarification:** 22.07.2026 up to 1:00 PM
8. **Last Date & Time of Receipt of Bids in the Portal:** 24.07.2026 up to 5:30 PM
9. **Date, Time & Place of Opening of Technical Bid/s (Cover-I): 28.07.2026 at 11:30 AM in the** Office of the Superintending Engineer, Deo Head Works Division, Karanjia, Mayurbhanj.
10. **Date, Time & Place of Opening of Financial Bid/s (Cover-II):** To be intimated after evaluation of Technical Bid.
11. **Name & Address of the Officer Inviting Bid: Superintending Engineer,** Deo Head Works Division, Karanjia, AT/PO – Karanjia, PS – Karanjia, Dist. – Mayurbhanj, PIN – 757037

*Further details can be seen from the Government website: www.tendersodisha.gov.in.
Any addendum, corrigendum or cancellation of the tender can also be seen in the said website.

Superintending Engineer
Deo Head Works Division, Karanjia

OIPR-32001/32248/1/26-27/0002

# ପାଇପ୍ ଫାଟି ରାସ୍ତାରେ ପାଣି



କାଳିମେଳା,୮।୭(ସମିସ): ସରକାର ଗ୍ରାମାଞ୍ଚଳର ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି। ହେଲେ ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକରେ ଏହି ଯୋଜନା ସମ୍ପୂର୍ଣ୍ଣ ରୂପେ ବାଟବଣା ହୋଇଥିବା ଦେଖିବାକୁ ମିଳିଛି। ଭେଙ୍କଟପଲମ୍ ଗ୍ରାମ ନିକଟରେ ନିର୍ମାଣ ହୋଇଥିବା ଏହି ପ୍ରକଳ୍ପର ମୁଖ୍ୟ ପାଇପ୍‌ଲାଇନ୍ ବିଭିନ୍ନ ସ୍ଥାନରେ ଫାଟି ଯାଇଥିବାରୁ ବିଶୁଦ୍ଧ ପାନୀୟ ଜଳ ଗାଁ ଭିତରକୁ ଯିବା ପରିବର୍ତ୍ତେ ଦିନ ଦିନ ଧରି ରାସ୍ତାରେ ଭାସୁଛି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଦାୟିତ୍ୱହୀନତା ଯୋଗୁଁ ଅନେକ ଗ୍ରାମକୁ ଆଦୌ ପାଣି ପହଞ୍ଚି ପାରୁନାହିଁ। ମୁଖ୍ୟ ରାସ୍ତା କଡ଼ରେ ପାଇପ୍ ଫାଟି ଜଳ ପ୍ରକଳ୍ପ ନିକଟରେ କୃତ୍ରିମ ହ୍ରଦ ସୃଷ୍ଟି ହୋଇଥିବା ବେଳେ ମରାମତି ପାଇଁ ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଜଳ ସମ୍ପଦ ବିଭାଗକୁ ବାରମ୍ବାର ଜଣାଇବା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସରକାରୀ ଅର୍ଥର ଏଭଳି ଅପବ୍ୟୟ ଏବଂ ଜନସାଧାରଣଙ୍କ ସମସ୍ୟା ପ୍ରତି ପ୍ରଶାସନର ଉଦାସୀନତାକୁ ନେଇ କାଳିମେଳା ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଥାଶୀଘ୍ର ଏହି ପାଇପ୍ ମରାମତି କରାଯାଇ ଲୋକଙ୍କ ଘରକୁ ପାଣି ଯୋଗାଇ ଦେବାକୁ ଦାବି ହୋଇଛି।

## ମେଗା ପାନୀୟ ଜଳ ପ୍ରକଳ୍ପର ଦୁରବସ୍ଥା

### ଏନ୍‌ଏଚ୍ ୩୨୬ରେ ଫାଟ

# ଜିଲ୍ଲା ଯୋଜନା ବୋର୍ଡ ବୈଠକରେ ଉଦ୍‌ବେଗ




ପୋଡ଼ାଗଡ ୮।୭(ସମିସ): କୋରାପୁଟ-ରାୟଗଡ଼ାକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥର ବଙ୍ଗଳାଗୁଡ଼ା ନିକଟ ଚବେରି ନଦୀ ଉପରେ ଥିବା ପୋଲର ସାଇଡ୍ ମାଟି ଧସିବା ଫଳରେ ପିଚୁ ରାସ୍ତାରେ ଫାଟ ସୃଷ୍ଟି ଘଟଣାକୁ ନେଇ ଜିଲ୍ଲା ଯୋଜନା ବୋର୍ଡ କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ପ୍ରସଙ୍ଗକୁ ନେଇ ଜିଲ୍ଲାର ଦୁଇ ବିଧାୟକ ନିର୍ମାଣ କାର୍ଯ୍ୟର ମାନକୁ ପ୍ରଶ୍ନବାଚୀ କରି ବିଭାଗୀୟ ଅଧିକାରୀଙ୍କ ଉପରେ କଡ଼ା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜିଲ୍ଲା ଯୋଜନା ବୋର୍ଡ କମିଟି ବୈଠକରେ ଯୋଗଦେଇ ବରିଷ୍ଠ ବିଧାୟକ ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା କହିଥିଲେ ଯେ, ସମ୍ପୃକ୍ତ ସ୍ଥାନରେ ହୋଇଥିବା କାମ ନିମ୍ନମାନର ହୋଇଥିବାରୁ ଅଳ୍ପ ଦିନ ମଧ୍ୟରେ ମାଟି ଧସିବା ସହ ପିଚୁ ରାସ୍ତାରେ ଫାଟ ସୃଷ୍ଟି ହୋଇଛି। ଏହା କେବଳ ନିର୍ମାଣ କାର୍ଯ୍ୟର ତ୍ରୁଟିକୁ ପଦାରେ ପକାଇନାହିଁ, ବରଂ ଯାତ୍ରୀଙ୍କ ସୁରକ୍ଷା ପ୍ରତି ମଧ୍ୟ ବଡ଼ ବିପଦ ସୃଷ୍ଟି କରିଛି। ବୈଠକରେ ଉଭୟ ବିଧାୟକ ବିଭାଗୀୟ ଅଧିକାରୀମାନଙ୍କୁ ତୀବ୍ର ସମାଲୋଚନା କରି କହିଥିଲେ ଯେ, ସରକାରୀ ଅର୍ଥରେ ହେଉଥିବା ବିକାଶମୂଳକ କାର୍ଯ୍ୟରେ କୌଣସି ପ୍ରକାର ଅବହେଳା କିମ୍ବା ଅନିୟମିତତା ବରଦାସ୍ତ କରାଯିବ ନାହିଁ। ଲୋକଙ୍କ ଟଙ୍କାରେ ହେଉଥିବା କାମର ଗୁଣବତ୍ତା ନିଶ୍ଚିତ କରିବା ବିଭାଗର ଦାୟିତ୍ୱ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ବିଧାୟକମାନେ ସ୍ପଷ୍ଟ ଭାବେ ଚେତାବନୀ ଦେଇ କହିଥିଲେ, 'ଠିକ୍ ସେ କାମ କରନ୍ତୁ, ନଚେତ ଜିଲ୍ଲା ଛାଡ଼ନ୍ତୁ।' ଏହି ମନ୍ତବ୍ୟ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା।

## ଅବକାରୀ ବିଭଗର ଚଢ଼ଉ

କୁନ୍ଦୁରା,୮।୭(ସମିସ): ଗତ କିଛି ଦିନ ହେବ ଅବକାରୀ ବିଭାଗ ତରଫରୁ ଦେଶୀ ମଦ ଭାଟି ଉପରେ ଚଢ଼ଉ ଜାରି ରହିଥିବା ବେଳେ ଆଜି ମଧ୍ୟ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବିପୁଳ ପରିମାଣରେଦେଶୀ ମଦ ଜବତ କରାଯାଇଛି । କୋରାପୁଟ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ଅରୁଣ ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ କୁନ୍ଦୁରା ପୋଲିସ ଏବଂ ଅବକାରୀ ବିଭାଗର ମିଳିତ ଚଢ଼ାଉ କରାଯାଇଛି । କୁନ୍ଦୁରାର ଲିମା, ଘିଉରିଆ ଗୁଡା, ରାଣୀଗୁଡା,ଭାଲୁଗୁଡା ଅଞ୍ଚଳରେ ଅଚାନକ ଚଢ଼ାଉ କରାଯାଇଛି। ଏଥିରେ ୪୫ ହଜାର ଲିଟର ପୋଚ ଏବଂ ୬୦୦ଲିଟର ମଦ ଜବତ କରାଯାଇଛି । ଚଢ଼ଉରେ ଏସଆଇ ସ୍ୱରୂପା ମଲିକ, ଏଏସଆଇ ସୁନାନୀ ସାର ଏବଂ ପୁରୁଷୋତ୍ତମ ରାୟଙ୍କ ସହ ସମସ୍ତ ଷ୍ଟାପ ଉପସ୍ଥିତ ଥିବା ବେଳେ ଅବକାରୀ ବିଭାଗର ବୈପାରୀଗୁଡା ଓଆଇସି ଅଜୟ ନାୟକ, ଇନ୍ସପେକ୍ଟର ଜଗବନ୍ଧୁ ଯାନୀ, ଏଏସଆଇ ସରାଜ ବେହେରା, ଦିବାକର ମହାପାତ୍ର ଓ ଏଲିଜା ବିଶୋଇ ଏବଂ ସମସ୍ତ ଷ୍ଟାପ ସହଯୋଗ କରିଥିଲେ।

# ନୀଳଗିରି ଚାଷ ପ୍ରତି ବଢ଼ିଲା ଚାଷୀଙ୍କ ଆଗ୍ରହ

ଉମରକୋଟ,୮।୭(ସମିସ):

ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଓ ଆଖପାଖ ବ୍ଲକଠାରେ ନୀଳଗିରି ଚାଷ ବଢିବାରେ ଲାଗିଛି। ପ୍ରତ୍ୟେକ ଦିନ ଶହଶହ ପିକ୍ ଅପ୍ ଗାଡ଼ି ଠାରେ ନୀଳଗିରି ଚାରା ଆସୁଥିବା ବେଳେ ପ୍ରଶାସନର କୌଣସି ପ୍ରତିବନ୍ଧକ ନାହିଁ। ଧାନ , ମକା, ମାଣ୍ଡିଆ, ପନିପରିବା, ଗହମ, ବାଜରା , ପ୍ରଭୃତି ଚାଷ ଠାରୁ ଦୂରେଇ ଯାଉଛନ୍ତି ଚାଷୀ। ଏହି ନୀଳଗିରି ଚାଷ କରିବା ଦ୍ୱାରା କମ୍ ଖର୍ଚ୍ଚରେ ଅଧିକ ଲାଭବାନ, କମ ଦିନରେ ଗଛ ବଢୁଛି। ଏହି ନୀଳଗିରି ଗଛ ଲଗାଇବା ଦ୍ୱାରା ଭବିଷ୍ୟତରେ ଭୂତଳ ଜଳସ୍ତର ହ୍ରାସ ପାଇବା ବଡ଼ ସମସ୍ୟା। ଏହି ଗଛ ପରିବେଶ ଏବଂ ମାଟିର ଜଳଧାରଣ କ୍ଷମତା ଉପରେ କେତେକ ନକାରାତ୍ମକ ପ୍ରଭାବ ପକାଇଥାଏ। ନୀଳଗିରି ଚାଷ ଦ୍ୱାରା ଜଳସ୍ତର କମୁଛି । ନୀଳଗିରି ଚାଷ ଦ୍ୱାରା ଭୂତଳ ଜଳସ୍ତର ହ୍ରାସ ପାଇବା ଏକ ବଡ଼ ସମସ୍ୟା। ଏହି ଗଛ ପରିବେଶ ଏବଂ ମାଟିର ଜଳଧାରଣ କ୍ଷମତା ଉପରେ କେତେକ ନକାରାତ୍ମକ ପ୍ରଭାବ ପକାଇଥାଏ। ଏହା ପଛର ମୁଖ୍ୟ କାରଣଗୁଡ଼ିକ ଅତ୍ୟାଧିକ ଜଳ ଶୋଷଣ ଅଧିକ ବାଷ୍ପୀକରଣ ଗଭୀର ଚେର ନୀଳଗିରି ଗଛ ଖୁବ୍ ଶୀଘ୍ର ବଢ଼ିଥାଏ ଏବଂ ଏଥିପାଇଁ ଏହା ଅନ୍ୟ ଗଛ ତୁଳନାରେ ମାଟିରୁ ପ୍ରଚୁର ପରିମାଣରେ ଜଳ ଶୋଷଣ କରେ। ଏହି ଗଛର ଚେର



ମାଟିର ବହୁତ ଗଭୀରକୁ ଯାଇ ଭୂତଳ ଜଳସ୍ତର ରୁ ସିଧାସଳଖ ପାଣି ଟାଣି ନେଇଥାଏ। ନୀଳଗିରି ଗଛ ଶୋଷଣ କରୁଥିବା ଜଳର ଏକ ବଡ଼ ଭାଗ ନିଜ ପତ୍ର ମାଧ୍ୟମରେ ବାୟୁମଣ୍ଡଳକୁ ବାଷ୍ପ ଆକାରରେ ଛାଡ଼ି ଦେଇଥାଏ। ଯାହାଦ୍ୱାରା ସ୍ଥାନୀୟ

## ଜଳସ୍ତର କମିବା ଆଶଙ୍କା

ଅଞ୍ଚଳରେ ଜଳ ଅଭାବ ଦେଖାଯାଏ। ନୀଳଗିରି ଚାଷ କରିବା ଦ୍ୱାରା ଚାଷ ଜମି ଉପରେ କୁପ୍ରଭାବ ପଡ଼ିଥାଏ। ନୀଳଗିରି ବଗିଚା ଆଖପାଖରେ ଥିବା ଅନ୍ୟ ଚାଷ ଜମିଗୁଡ଼ିକ ଶୁଖିଲା ହୋଇଯାଏ, ଯାହାଦ୍ୱାରା ଅନ୍ୟ ଫସଲର ଅମଳ କମିଯାଏ। ଏହି ଗଛ ଯୋଗୁଁ ନିକଟବର୍ତ୍ତୀ କୂଅ ଏବଂ ନଳକୂପଗୁଡ଼ିକର ଜଳସ୍ତର ଶୀଘ୍ର ତଳକୁ ଖସିଯାଏ। ଏହି ସବୁ କାରଣରୁ କୃଷି ବିଶେଷଜ୍ଞ ଏବଂ ପରିବେଶବିତ୍‌ମାନେ ଚାଷ ଜମି, ଜଳଉତ୍ସ (ପୋଖରୀ, କୂଅ) କିମ୍ବା ବସତି ଅଞ୍ଚଳ ନିକଟରେ ନୀଳଗିରି ଗଛ ନଲଗାଇବାକୁ ପରାମର୍ଶ ଦେଇଥାନ୍ତି। ଏହା ବଦଳରେ ସ୍ଥାନୀୟ ଉପକାରୀ ଗଛ ଲଗାଇବା ପରିବେଶ ପାଇଁ ଅଧିକ ହିତକର। ପଟ୍ଟା ଜମିର ଚାଷୀମାନଙ୍କୁ ସାର୍ ମିଳୁଛି। କିନ୍ତୁ ଜବରଦଖଲ ଜମିରେ ମକା ଚାଷ କରୁଥିବା ଚାଷୀଙ୍କୁ ସାର ସରକାରଙ୍କ ତରଫରୁ ସାର ମିଳୁନାହିଁ। ତେଣୁ ଯେଉଁ ଚାଷୀମାନେ ପୂର୍ବରୁ ନୀଳଗିରି ଚାଷ କରୁଥିଲେ। ସେହି ଚାଷୀମାନେ ପୁଣି ଥରେ ନିଜ ଜମିରେ ନୀଳଗିରି ଚାରା ଲଗାଇବା ଆରମ୍ଭ କରିଦେଇଛନ୍ତି। ଏଥିପାଇଁ ପ୍ରତିଦିନ ପଡ଼ୋଶୀ ତେଲେଙ୍ଗାନାର ଭଦ୍ରାଚଲମରେ ଥିବା ନର୍ସରୀରୁ ଉମରକୋଟ ଓ ରାଇଘର ଅଞ୍ଚଳକୁ ଶହ ଶହ ଗାଡ଼ିରେ ଚାରା ଆସୁଛି। ଗୋଟିଏ ଚାରା ୮ରୁ ୧୨.୫୦ ଟଙ୍କାରେ ବିକ୍ରି ହେଉଛି। ନୀଳଗିରି ଚାରା ଲଗାଇଲେ ୧୦ ବର୍ଷ ମଧ୍ୟରେ ୫ ଥର ନୀଳଗିରି ଗଛ କଟିଂ ହୋଇପାରୁଛି। ୧ ଟନ୍ ନୀଳଗିରି ଗଛ ୭ ହଜାର ଟଙ୍କାରେ ବିକ୍ରି ହେଉଛି। ଯାହା ଫଳରେ ଚାଷୀ ଭଲ ରୋଜଗାର କରୁଛନ୍ତି। ସ୍ଥାନୀୟ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ନୀଳଗିରି ଚାଷ ବୃଦ୍ଧି ପାଉଛି। ଯଦି ନୀଳଗିରି ଚାଷକୁ ନିଷେଧ କରାନଗଲେ ଆଗାମୀ ଦିନରେ ଜଳସଙ୍କଟ ଦେଖାଯିବ ବୋଲି ପରିବେଶବିତ୍ ମାନେ ଚେତାବନୀ ଦେଇଛନ୍ତି।

## ପୋଡ଼ାଗଡ଼ ପିଏମ୍ ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ

ପୋଡ଼ାଗଡ଼,୮।୭(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ପୋଡ଼ାଗଡ଼ ପିଏମ୍ ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା, ବନ ସମ୍ପଦର ସଂରକ୍ଷଣ ଏବଂ ଅଧିକରୁ ଅଧିକ ଚାରାରୋପଣର ଆବଶ୍ୟକତା ଉପରେ ଅତିଥିମାନେ କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ପ୍ରିନ୍ସିପାଲ ସୁରେଶ କୁମାର ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବଙ୍ଗଳାଗୁଡ଼ା ଫରେଷ୍ଟର ଗୋପୀନାଥ ପାଙ୍ଗି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଦାମନଯୋଡି ଫରେଷ୍ଟର ସୁନିଲ କୁମାର ପାଡ଼ି, ଗାର୍ଡ ଜଗନ୍ନାଥ ଜାଲ, ବାଲାଜୀ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିବ୍ୟଜୟ ଟାକ୍ରି, ଉପଦେଷ୍ଟା ସୁରେଶ କୁଲଦିପ, ଇକୋ କ୍ଲବ୍ ଦାୟିତ୍ୱ ଶିକ୍ଷକ ସୋରଜ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୃକ୍ଷର ଉପକାରିତା, ଜଳବାୟୁ ପରିବର୍ତ୍ତନର ଚ୍ୟାଲେଞ୍ଜ ଓ ବନ ସଂରକ୍ଷଣରେ ଛାତ୍ରଛାତ୍ରୀଙ୍କ ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ ଯେ ପ୍ରତ୍ୟେକ ବ୍ୟକ୍ତି ଅତି କମ୍‌ରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେଲେ ପରିବେଶ ସନ୍ତୁଳନ ରକ୍ଷାରେ ବଡ଼ ଅବଦାନ ରହିବ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିବ୍ୟ ଜୟ ଟାକ୍ରି ମଧ୍ୟ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କୁ ପରିବେଶ ପ୍ରତି ସଚେତନ ହେବା ସହ ବୃକ୍ଷରୋପଣକୁ ଏକ ସାମାଜିକ ଦାୟିତ୍ୱ ଭାବେ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ପ୍ରଧାନ ଶିକ୍ଷକ ସୁରେଶ କୁମାର ନାଗ ମଧ୍ୟ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ରହି ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।



● ପ୍ରେମନଗର ଗ୍ରାମକୁ ସରକାରୀ ସ୍ୱୀକୃତି ଦାବି

# ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ରାୟଗଡ଼, ୮।୭ (ସମିସ): ରାୟଗଡ଼ ସଦର ତହସିଲ ଅନ୍ତର୍ଗତ ବୈରାଗୀ ହାଲୁଆ ଗ୍ରାମ ପଞ୍ଚାୟତର ବାଣପୁର ମୌଜାସ୍ଥିତ ପ୍ରେମନଗର ଗ୍ରାମକୁ ସରକାରୀ ରେକର୍ଡ, ରାଜସ୍ୱ ଅଭିଲେଖ, ପଞ୍ଚାୟତ ରେକର୍ଡ ଓ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟରେ ସ୍ୱତନ୍ତ୍ର ଗ୍ରାମ



ଭାବେ ଅନ୍ତର୍ଭୁକ୍ତ କରି ସରକାରୀ ସ୍ୱୀକୃତି ପ୍ରଦାନ କରିବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିହାର ରଞ୍ଜନ କହଁରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଦାବିପତ୍ର ଗ୍ରହଣ କରି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି ଯେ, ଏହି ପ୍ରସଙ୍ଗରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଆବଶ୍ୟକ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଦାବିପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି ଯେ, ସେମାନେ ପୂର୍ବରୁ ଗୁରୁରାଜଗୁଡା ଗ୍ରାମରେ ବସବାସ କରୁଥିଲେ। ଗ୍ରାମଟି ନାଗାବଳୀ ନଦୀ କୂଳରେ ଅବସ୍ଥିତ ଥିବାରୁ ପ୍ରତିବର୍ଷ ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟର ଆଶଙ୍କା ଲାଗି ରହୁଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାରଙ୍କ ନିକଟରେ ପୁନର୍ବାସ ଦାବି କରାଯାଇଥିଲା। ଏହାପରେ ୧୯୯୭ ମସିହାରେ ସରକାର ବାଣପୁର ମୌଜାରେ ପୁନର୍ବାସ ପାଇଁ ଜମି ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ୨୦୦୪ ମସିହାରେ ଗ୍ରାମବାସୀମାନେ ଗୁରୁରାଜଗୁଡାକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରି ବାଣପୁର ମୌଜାରେ ସ୍ଥାୟୀ ଭାବେ ବସବାସ ଆରମ୍ଭ କରିଥିଲେ। ନୂତନ ବସତିର ନାମ "ପ୍ରେମନଗର' ରଖାଯାଇଥିଲା ଏବଂ ଏହି ନାମଟି ସ୍ଥାନୀୟ ଅଞ୍ଚଳ ସହ ବ୍ଲକ ଓ ଜିଲ୍ଲା ସ୍ତରରେ ବେଶ ପରିଚିତ ହୋଇସାରିଛି। ତେବେ ଦୁଃଖର ବିଷୟ, ଆଜି ପର୍ଯ୍ୟନ୍ତ ସମସ୍ତ ସରକାରୀ ରେକର୍ଡ, ପରିଚୟପତ୍ର, ରାଜସ୍ୱ ଅଭିଲେଖ, ପଞ୍ଚାୟତ ରେକର୍ଡ, ସରକାରୀ ଯୋଜନା ତାଲିକା ଓ ଅନ୍ୟାନ୍ୟ ଦସ୍ତାବିଜରେ ପୁରୁଣା ଗ୍ରାମ 'ଗୁରୁରାଜଗୁଡା'ର ନାମ ବ୍ୟବହୃତ ହେଉଥିବାରୁ ଗ୍ରାମବାସୀମାନେ ବିଭିନ୍ନ ସରକାରୀ ସେବା, ଦସ୍ତାବିଜ ସଂଶୋଧନ ଏବଂ ପ୍ରଶାସନିକ କାର୍ଯ୍ୟରେ ଅନେକ ସମସ୍ୟା ଓ ବିଭ୍ରାନ୍ତିର ସମ୍ମୁଖୀନ ହେଉଥିବା ଦାବି କରିଛନ୍ତି। ତେଣୁ ପ୍ରେମନଗର ଗ୍ରାମକୁ ସରକାରୀ ଭାବେ ସ୍ୱୀକୃତି ପ୍ରଦାନ କରି ସମସ୍ତ ସରକାରୀ ରେକର୍ଡରେ ଗ୍ରାମର ନାମ ସଂଶୋଧନ କରିବା ସହ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କୌଶଲ୍ୟା ମିନାରାଓ, ସ୍ୱଦେଶ କୌଶଲ୍ୟା, କିଶାନ ଗାଁଟା, ରେଡି କୌଶଲ୍ୟା, କୈଳାଶ ଗାଁଟା, ରବୀନ୍ଦ୍ର କୌଶଲ୍ୟା, କୋଟେଶ୍ୱର ଗାଁଟା, ମନୋଜ ବିଡ଼ିକାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଜିଲ୍ଲା ବିଜେପିର ମାସିକ ବୈଠକ

ମାଲକାନଗିରି, ୮।୭(ସମିସ): ମାଲକାନଗିରି ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ମାସିକ ପଦାଧିକାରୀ ବୈଠକ ଜିଲ୍ଲା ସଭାପତି ଅଶୋକ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ତଥା ସଂଗଠନ ମନ୍ତ୍ରୀ ମାନସ ମହାନ୍ତି ଯୋଗଦେଇ ଦଳୀୟ ପଦାଧିକାରୀଙ୍କୁ ସଂଗଠନ ସୁଦୃଢ଼ କରିବା ନେଇ ମାର୍ଗଦର୍ଶନ କରିଥିଲେ। ଜିଲ୍ଲାର ୧୮ଟି ମଣ୍ଡଳର ସଭାପତି ଓ ପଦାଧିକାରୀମାନେ ବୈଠକରେ ଯୋଗଦେଇଥିଲେ। ଶ୍ରୀ ମହାନ୍ତି ବୁଥ୍ ଓ ଶକ୍ତି କେନ୍ଦ୍ର ସ୍ତରରେ ପ୍ରଶିକ୍ଷଣ ମାଧ୍ୟମରେ ସଂଗଠନକୁ ଅଧିକ କ୍ରିୟାଶୀଳ ଏବଂ ଶକ୍ତିଶାଳୀ କରିବାକୁ ଆହ୍ୱାନ ଦେଇଥିଲେ। ନକଲ୍ୟାଣ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଭିନ୍ନ ପ୍ରଚାର କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ସାମାଜିକ କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଏନଜିଓ ଓ କି ଭୋଟରଙ୍କୁ ଦଳ ସହ ଯୋଡ଼ିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ବିଧାୟକ ନରସିଂହ ମାଡକାମୀ, ଏସଡିସି ଅଧକ୍ଷ ଗଙ୍ଗା ସୋଡି, ଉପଧକ୍ଷା ସାବିତ୍ରୀ ପଡ଼ିଆମୀ, ପୂର୍ବତନ ବିଧାୟକ ଡମ୍ବୁରୁ ଶୀଶା, ବାଲିମେଳା ନଗର ଅଧକ୍ଷ ପ୍ରଦୀପ ନାୟକ, ସାଧାରଣ ସମ୍ପାଦକ ମାଣିକ ଲାଲ ଚକ୍ରବର୍ତ୍ତୀ, ନବଘନ ଲୋକେଇ, ସବିତା ମିଶ୍ର, ସୁଲତା ମଣ୍ଡଳ, ପ୍ରମିଳା ଦାସ, ଦେବି ମାଡି, କୋଷାଧକ୍ଷ ସଞ୍ଜୟ ସରକାର, ବିଧାୟକ ପ୍ରତିନିଧି ନିହାର ରାୟ, ଭବାନୀ ମୁଖାର୍ଜୀ, ଇ ଭେଙ୍କଟ ରାଓ, ଜିଲ୍ଲା ମିଡ଼ିଆ ପ୍ରମୁଖ ଭାବେ ବି ଶ୍ରୀନିବାସ ପାତ୍ର, ସୋସିଆଲ ମିଡ଼ିଆ ପ୍ରମୁଖ ଦୀପକ ସାହାଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥଲେ। ବୈଠକ ଶେଷରେ ଶ୍ରୀ ମହାନ୍ତି କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ।

# ମିଶନ ଶକ୍ତି ଗୃହରେ ବଣ୍ଟାହେଲା ଚାଉଳ

'ସକାଳ' ପ୍ରଭାବ


ଏମ୍‌ଭି-୭୯(ସମିସ),୮।୭(ସମିସ): ମିଶନ ଶକ୍ତି ଗୃହରୁ ଆରମ୍ଭ ହେଲା ରାସନ ଚାଉଳ ବଣ୍ଟନ। ଏମ୍‌ଭି-୭୯ ଅଞ୍ଚଳରେ ରାସନ ଚାଉଳ ବଣ୍ଟନ ସମସ୍ୟାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଅଚଳ ହୋଇପଡ଼ିଥିବା ଚାଉଳ ଗୋଦାମ ଯୋଗୁଁ ଦୀର୍ଘଦିନ ଧରି ହଇରାଣ ହେଉଥିବା ହିତାଧିକାରୀଙ୍କ ସୁବିଧା ପାଇଁ ବର୍ତ୍ତମାନ ଏମ୍‌ଭି-୭୯ ଜଳସେଚନ କଲୋନୀ ପରିସରରେ ଥିବା ମିଶନ ଶକ୍ତି ଗୃହରେ ଅସ୍ଥାୟୀ ଭାବେ ରାସନ ଚାଉଳ ବଣ୍ଟନ କେନ୍ଦ୍ର ଖୋଲାଯାଇଛି। ପୂର୍ବରୁ ଏମ୍‌ଭି-୭୯ର ରେସନ କାର୍ଡଧାରୀମାନଙ୍କୁ ଚାଉଳ ନେବା ପାଇଁ ତାଣ୍ଡାବାଇ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ପଡୁଥିଲା। ଏଥିପାଇଁ ବୃଦ୍ଧ, ଦିବ୍ୟାଙ୍ଗ ଓ ଅସୁସ୍ଥ ବ୍ୟକ୍ତିଙ୍କ ସମେତ ସାଧାରଣ ହିତାଧିକାରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗଣମାଧ୍ୟମରେ ଏହି ସମସ୍ୟା ପ୍ରକାଶ ପାଇବା ପରେ ପ୍ରଶାସନ ବିକଳ୍ପ ବ୍ୟବସ୍ଥା କରିଥିବାରୁ ସ୍ଥାନୀୟ ଲୋକେ ସନ୍ତୋଷ ପ୍ରକାଶ କରିଛନ୍ତି। ବର୍ତ୍ତମାନ ହିତାଧିକାରୀଙ୍କ ସୁବିଧା ପାଇଁ ରେସନ ଚାଉଳ ବଣ୍ଟନ କରାଯାଉଛି। ଏହାଦ୍ୱାରା ଗୋଟିଏ ଦିନରେ ଅଧିକ ଭିଡ଼ ହେଉନଥିବା ସହ ସୁରୁଖୁରୁରେ ବଣ୍ଟନ କାର୍ଯ୍ୟ ସମ୍ପନ୍ନ ହେଉଛି। ତେବେ ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଏହା କେବଳ ଏକ ଅସ୍ଥାୟୀ ବ୍ୟବସ୍ଥା। ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଥିବା ରେସନ ଗୋଦାମର ଶୀଘ୍ର ମରାମତି କରାଯାଇ ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବା ସହ ସ୍ଥାୟୀ ଯୋଗାଣ ସହାୟକ ନିଯୁକ୍ତ କରିବାକୁ ସେମାନେ ଦାବି କରିଛନ୍ତି। 'ସକାଳ' ପ୍ରକାଶିତ ଖବରକୁ ଗୁରୁତ୍ୱ ଦେଇ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇଥିବାରୁ ଅଞ୍ଚଳବାସୀ ପ୍ରଶାସନ ଓ ଗଣମାଧ୍ୟମକୁ ଧନ୍ୟବାଦ ଜଣାଇଛନ୍ତି।



## ମୋଟର ପୋଡ଼ିଯିବାରୁ ପାନୀୟ ଜଳସଙ୍କଟ

# ଆନ୍ଦୋଳନ ଚେତାବନୀ ଦେଲେ ଗ୍ରାମବାସୀ

ଟିକିରି,୮।୭ (ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଡୁଡୁକାବାହାଲ ପଞ୍ଚାୟତ ଅନ୍ତର୍ଗତ ସର୍ଗିଗୁଡ଼ା ଗ୍ରାମରେ ଗତ ସପ୍ତାହେ ଧରି ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଠପ୍ ହୋଇପଡ଼ିଛି। ଗ୍ରାମର ପାନୀୟ ଜଳ ଯୋଗାଣ ମୋଟର ପୋଡ଼ିଯିବାରୁ ସମଗ୍ର ଗ୍ରାମରେ ଜଳ ସଙ୍କଟ ଗମ୍ଭୀର ରୂପ ନେଇଥିବା ଅଭିଯୋଗ ହୋଇଛି। ଫଳରେ ଘରେ ଘରେ ପାନୀୟ ଜଳର ଅଭାବ ଦେଖାଦେଇଥିବା ବେଳେ ଗ୍ରାମବାସୀ କୂଅ, ନଦୀ ଓ ଅନ୍ୟାନ୍ୟ ଜଳ ଉତ୍ସ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ବିଶେଷକରି ମହିଳା, ବୃଦ୍ଧ ଓ ଶିଶୁମାନେ ସର୍ବାଧିକ ଅସୁବିଧାର ସମ୍ମୁଖୀନ ହେଉଥିବା କୁହାଯାଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପାଣି ମୋଟର ପୋଡ଼ିଯାଇଥିବା ଘଟଣା ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଓ ସମ୍ପୃକ୍ତ ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ମରାମତି କିମ୍ବା ବଦଳ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ବର୍ତ୍ତମାନ ଗ୍ରାମର ଅନେକ ପରିବାର କୂଅ, ନଳକୂପ ଓ ଝରଣା ପାଣି ଉପରେ ନିର୍ଭରଶୀଳ ଥିବା ବେଳେ ବର୍ଷା ଋତୁରେ ଅପରିଷ୍କାର ପାଣି ବ୍ୟବହାର ଯୋଗୁଁ ଜଳବାହିତ ରୋଗ ବ୍ୟାପିବାର ଆଶଙ୍କା ପ୍ରକାଶ ପାଇଛି। ସ୍ଥାନୀୟ ବୁଦ୍ଧିଜୀବୀମାନେ ମଧ୍ୟ ଏହାକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ଗ୍ରାମବାସୀମାନେ ତୁରନ୍ତ ପାଣି ମୋଟରର ମରାମତି କିମ୍ବା ନୂତନ ମୋଟର ସ୍ଥାପନ କରି ନିୟମିତ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଗଣଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଡୁଡୁକାବାହାଲ ସରପଞ୍ଚ ସରସ ମାଝୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପାଣି ମୋଟର ପୋଡ଼ିଯାଇଥିବାରୁ ତାହାକୁ ବାହାର କରି ମରାମତି ପାଇଁ ପଠାଯାଇଛି। ମରାମତି କାମ ଶେଷ ହେବା ମାତ୍ରେ ଯଥାଶୀଘ୍ର ପୁନର୍ବାର ପାନୀୟ ଜଳ ଯୋଗାଣ ସ୍ୱାଭାବିକ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।



● ଯାତାୟାତ ସୁବିଧା ନାହିଁ, ଶିକ୍ଷାଦାନ ବାଧାପ୍ରାପ୍ତ

# ଉରୁବେଲି ଉନ୍ନତ ଉଚ୍ଚ ବିଦ୍ୟାଳୟକୁ ବସ୍ ସେବା ଦାବି



ମୋଟୁ/କାଳିମେଳା, ୮।୭(ସମିସ): ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ଅନ୍ତର୍ଗତ ଉରୁବେଲି ସରକାରୀ ଉନ୍ନତ ଉଚ୍ଚ ବିଦ୍ୟାଳୟକୁ ଯାତାୟାତ ସୁବିଧା ନଥିବାରୁ ଯୋଗୁଁ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟଟି ୩୨୬ ନମ୍ବର ଜାତୀୟ ରାଜପଥର ପୁଷୁଗୁଡ଼ା ଛକଠାରୁ ପ୍ରାୟ ୪ରୁ ୫ କିଲୋମିଟର ଦୂରରେ ଥିବାରୁ ପ୍ରତିଦିନ ଛାତ୍ରଛାତ୍ରୀଙ୍କୁ ପାଦେ ଚାଲି ବିଦ୍ୟାଳୟକୁ ଯିବାକୁ ପଡୁଛି। ବିଦ୍ୟାଳୟରେ ପ୍ରାୟ ୨୮୦ରୁ ଅଧିକ ଛାତ୍ରଛାତ୍ରୀ ପଢୁଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୧୫୦ ଜଣ ନିକଟସ୍ଥ ଗ୍ରାମରୁ ପାଦେ ଆସୁଛନ୍ତି। ଅନ୍ୟ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ବସ୍ କିମ୍ବା ଅଟୋରେ ପୁଷୁଗୁଡ଼ା ଛକ ପର୍ଯ୍ୟନ୍ତ ଆସି ସେଠାରୁ ପୁଣି ୪ କିଲୋମିଟରରୁ ଅଧିକ ରାସ୍ତା ପାଦେ ଚାଲି ବିଦ୍ୟାଳୟରେ ପହଞ୍ଚୁଛନ୍ତି। ବର୍ତ୍ତମାନ ବିଦ୍ୟାଳୟରେ ସକାଳ ୭ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଶ୍ରେଣୀ ଚାଲୁଥିବା ବେଳେ ବସ୍ ସୁବିଧା ନଥିବାରୁ ଅନେକ ଛାତ୍ରଛାତ୍ରୀ ଠିକ୍ ସମୟରେ ବିଦ୍ୟାଳୟରେ ପହଞ୍ଚିପାରୁନାହାନ୍ତି। ପ୍ରତିଦିନ ଦୀର୍ଘ ରାସ୍ତା ହାଟିବାକୁ ପଡୁଥିବାରୁ ସେମାନଙ୍କ ପାଠପଢ଼ା ଓ ଉପସ୍ଥାନ ଉଭୟ ପ୍ରଭାବିତ ହେଉଛି। ଏହି ସମସ୍ୟା ନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକପ୍ରତିନିଧି। ଏନେଇ କାଳିମେଳା ବିଡିଓ ପ୍ରଦୀପ କୁମାର କର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ବସ୍ ସେବାର ବର୍ତ୍ତମାନର ରୁଟ୍ ଏହି ରାସ୍ତା ଦେଇ ନଥିବାରୁ ବସ୍ ଚଳାଚଳ ହେଉନାହିଁ। ତେବେ ଛାତ୍ରଛାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଉଚ୍ଚାଧିକାରୀଙ୍କ ସହ ଆଲୋଚନା କରି ବସ୍ ଚଳାଚଳ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ଆଶ୍ୱାସନ ଦେଇଛନ୍ତି। ଅନ୍ୟପଟେ ପୁଷୁଗୁଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ରାମା ରାବା, ସ୍ଥାନୀୟ ଗ୍ରାମବାସୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଉରୁବେଲି ଓ ଆଖପାଖ ଗ୍ରାମଗୁଡ଼ିକୁ ଜାତୀୟ ରାଜପଥ ସହ ସଂଯୋଗ କରିବା ସହିତ ତୁରନ୍ତ ମୁଖ୍ୟମନ୍ତ୍ରୀ ବସ୍ ସେବା ଆରମ୍ଭ କରିବାକୁ ଦାବି କରିଛନ୍ତି। ସେମାନଙ୍କ ମତରେ ବସ୍ ସେବା ଆରମ୍ଭ ହେଲେ ଶତାଧିକ ଛାତ୍ରଛାତ୍ରୀ ସମୟରେ ବିଦ୍ୟାଳୟରେ ପହଞ୍ଚି ପାଠପଢ଼ା କରିପାରିବେ।

## ଭଙ୍ଗାପୋଲକୁ ଭୁଲିଗଲା ପ୍ରଶାସନ

# ବର୍ଷା ଋତୁରେ ୬ ଖଣ୍ଡ ଗାଁ ଲୋକଙ୍କ ଦୁର୍ଦ୍ଦଶା




ବୈପାରୀଗୁଡ଼ା,୮।୭(ସମିସ): ଭଙ୍ଗା ପୋଲକୁ ଭୁଲିଗଲା ପ୍ରଶାସନ। ବର୍ଷା ଦିନ ଆସିଲେ ବଢ଼ିଛି ଲୋକଙ୍କ ଦୁର୍ଦ୍ଦଶା। ଭଙ୍ଗା ପୋଲର ଏପାଖରେ ଜୀବନ, ସେପାଖରେ ଜୀବିକା। ବାଧ୍ୟ ହୋଇ ଏଠି ପ୍ରତିଦିନ ଲୋକେ ଜୀବନକୁ ବାଜି ଲଗାଇ ଯାତାୟତ କରନ୍ତି। କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଚିପାକୁର ପଞ୍ଚାୟତର କ୍ରିଶାଲ ଗାଁରେ ଏଭଳି ସମସ୍ୟା ଉପୁଜିଛି । ଗତ ବର୍ଷ ବର୍ଷାରେ କ୍ରିଶାଲ ଗାଁ ରାସ୍ତାରେ ୨ଟି ପୋଲ ଭାଙ୍ଗି ଯାଇଥିଲା। ଏ ପର୍ଯ୍ୟନ୍ତ ମରାମତି ହୋଇନାହିଁ । ପଞ୍ଚାୟତରୁ ବିଚ୍ଛିନ୍ନ ହୋଇପଡ଼ିଛି ୬ଟି ଗାଁ । ଲୋକଙ୍କ ଯାତାୟତରେ ସୁବିଧା ପାଇଁ ନିର୍ମାଣ ହୋଇଥିଲା ନାଳ ଉପରେ ପୋଲ। କିନ୍ତୁ ସେ ପୋଲ ଏବେ ଗାଁ ଲୋକଙ୍କ ପାଇଁ ଦୁଃଖର କାରଣ ପାଲଟିଛି । ଗତବର୍ଷର ଲଗାଣ ବର୍ଷାରେ ଭାସି ଯାଇଥିବା ୨ ଗୋଟି ପୋଲ। ହେଲେ ଆଜି ପର୍ଯ୍ୟନ୍ତ ନିର୍ମାଣ ହୋଇପାରିନାହିଁ। ଫଳରେ ବର୍ଷା ଦିନେ ୬ଟି ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ଭଙ୍ଗା ପୋଲକୁ ଭୁଲିଗଲା ପ୍ରଶାସନ। ବର୍ଷେ ବିତିଲା ତଥାପି କୌଣସି ପଦକ୍ଷେପ ନେଲେ ନାହିଁ । ବେତଭଟା ଠାରୁ କ୍ରିଶାଲ ଗାଁକୁ ସଂଯୋଗ କରୁଥିବା ଏକ କିଲୋମିଟର ରାସ୍ତା ମଝିରେ ୨ଟି ପୋଲ ଭାଙ୍ଗି ଯାଇଛି । ନିମ୍ନମାନର କାମ ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ଗାଁ ଲୋକେ ଅଭିଯୋଗ କରିଛନ୍ତି । ଏହି ରାସ୍ତା ଦେଇ କିର୍ଷାଲ, ବଡବେତ, ଝୁଲଣୀ ଏବଂ ଚିପାକୁର, କାଠପଡା ପଞ୍ଚାୟତର ଅନେକ ଗ୍ରାମ ଲୋକେ ଯାତାୟତ କରନ୍ତି । ଲୋକେ ଚିପାକୁର ପଞ୍ଚାୟତ କାର୍ଯ୍ୟାଳୟକୁ କୌଣସି କାମରେ ଯିବାକୁ ହେଲେ ମାଠପଡା ପଞ୍ଚାୟତ ଦେଇ ୨୩ କିଲୋମିଟର ବୁଲି ଯିବାକୁ ପଡୁଛି। ରାସନ୍ ଚାଉଳ, ଭତ୍ତା, ଜରୁରୀ ରୋଗୀ ସେବା ଏବଂ ଆମ୍ବୁଲାନ୍ସ ସେବାରୁ ସଂପୂର୍ଣ୍ଣ ବଞ୍ଚିତ ହେଉଛନ୍ତି ଏସବୁ ଗ୍ରାମ ଗୁଡ଼ିକ। ଯଥାଶୀଘ୍ର ଏହି ୨ଟି ପୋଲ ନିର୍ମାଣ ପାଇଁ ଦାବି କରିଛନ୍ତି ସ୍ଥାନୀୟ ସରପଞ୍ଚ ରାଜୁ ଖିଲ ଏବଂ ଗାଁ ଲୋକେ। ସେପଟେ ସ୍ଥାନୀୟ ବିଡିଓ ସୁବ୍ରତ ସାହୁ କହିଛନ୍ତି, ଏହି ସମସ୍ୟାକୁ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ସହ ଆଲୋଚନା କରାଯାଇଛି ଏବଂ ଆବଶ୍ୟକ ପଡିଲେ ଜରୁରୀକାଳୀନ ଯାତାୟତ ପାଇଁ ପଞ୍ଚାୟତ ତରଫରୁ ବ୍ୟବସ୍ଥା କରାଯିବ। ଗ୍ରାମାଞ୍ଚଳ ଲୋକଙ୍କ ଗମନାଗମନ ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ସୁଦ୍ଧା ସରକାରୀ କର୍ମଚାରୀଙ୍କ ଅବହେଳା ହେଉ କିମ୍ବା ଜନ ପ୍ରତିନିଧିଙ୍କ ଦୁର୍ବଳତା ହେଉ, ଲୋକଙ୍କ ଟଙ୍କା ନଷ୍ଟ ହେଉଛି । ସାଧାରଣ ଲୋକେ ଆଜି ପର୍ଯ୍ୟନ୍ତ ଭଲ ରାସ୍ତା ପାଇପାରୁନାହାନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ରହିଛି।

# କୁନ୍ଦୁରା ବ୍ଲକ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ବଟି ଆଦାୟ ଅଭିଯୋଗ

## କୁନ୍ଦୁରା ଥାନାରେ ମାମଲା ରୁଜୁ

କୁନ୍ଦୁରା,୮।୭ (ସମିସ): କୁନ୍ଦୁରା ବ୍ଲକ ଅଧ୍ୟକ୍ଷାଙ୍କ ନାଁରେ ମାସିକିଆ ବଟି ଆଦାୟ ଅଭିଯୋଗ ହୋଇଛି। ଏ ନେଇ ଥାନା ଦ୍ୱାରସ୍ଥ ହେଲେ ମଦ ବ୍ୟବସାୟୀ ତଥା ବାର ପରିଚାଳକ। କୁନ୍ଦୁରା ବ୍ଲକ ସଦର ମହକୁମା ସ୍ଥିତ ଜିରାଗୁଡା ରାସ୍ତାରେ ଥିବା ବାର ପରିଚାଳକ ପପୁ କୁମାର ସିଂ କୁନ୍ଦୁରା ପଞ୍ଚାୟତ ସମିତି ଅଧ୍ୟକ୍ଷା ବନିତା କାନ୍ଦିଲିଆ ଏବଂ ତାଙ୍କ ସହଯୋଗୀଙ୍କ ବିରୁଦ୍ଧରେ ଗତ ୬ ତାରିଖ ଦିନ କୁନ୍ଦୁରା ଥାନାରେ ଏକ ଏତଲା ଦେଇଛନ୍ତି । ଅଭିଯୋଗ ଅନୁଯାୟୀ, ବ୍ଲକ ଅଧ୍ୟକ୍ଷା ବାର ପରିଚାଳକଙ୍କୁ ପ୍ରତି ମାସରେ ଦଶ ହଜାର ଟଙ୍କା ଡିମାଣ୍ଡ କରୁଛନ୍ତି। ନ ଦେଲେ ବାର ବନ୍ଦ କରିଦେବି ବୋଲି ଧମକ ପୂର୍ଣ୍ଣ ଚେତାବନୀ ଦେଇଛନ୍ତି । ଏ ନେଇ କୁନ୍ଦୁରା ଥାନାରେ ୮୩/୨୬ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଥିବା ବେଳେ ତଦନ୍ତ ଚାଲିଛି ବୋଲି ସୂଚନା ଦେଇଛନ୍ତି ଥାନା ଅଧିକାରୀ ଅଶ୍ୱିନୀ କୁମାର ପଟ୍ଟନାୟକ। ମଦ ବ୍ୟବସାୟୀ ତଥା ବାର ପରିଚାଳକ ଏବଂ ଅଧ୍ୟକ୍ଷା ଫୋନ୍ ଯୋଗେ ମାସିକିଆ ବଟି ଆଦାୟକୁ ନେଇ ଆଲୋଚନା କରୁଥିବା ଅଡିଓ କୁନ୍ଦୁରା ଅଞ୍ଚଳରେ ଭାଇରଲ ହେଉଥିବା ଜଣାପଡିଛି । ଏନେଇ ବ୍ଲକ ଅଧ୍ୟକ୍ଷା ବନିତା କାନ୍ଦିଲିଆଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସେ କାହାକୁ ବଟି ମାଗି ନାହାନ୍ତି । ବରଂ ମଦ ବ୍ୟବସାୟୀ ତଥା ବାର ପରିଚାଳକ ଟଙ୍କା ଯାଚୁଥିଲ । କିନ୍ତୁ ସେ ମନା କରିଥିଲେ।

# ଦେଖିବାକୁ ମିଳୁନି ଲାଲ ଟୁକୁଟୁକୁ ସାଧବ ବୋହୂ



ଉମରକୋଟ, ୮।୭(ସମିସ): ଆଷାଢ ମାସର ପ୍ରଥମ ବର୍ଷାରେ ଦେଖାଦିଅନ୍ତି ଲାଲ ରଙ୍ଗର ସାଧବ ବୋହୂ ତଥା ପାଟପୋକ। ସାଧବବୋହୂ ସାଧାରଣତଃ ବାଡି, ବଗିଚା, ବିଲହିଡ, ଘାସ ପଡିଆରେ ଦେଖା ଯାଇଥାନ୍ତି। ଦେଖିବାକୁ ଭାରି ସୁନ୍ଦର ଓ ମନୋରମ । କିନ୍ତୁ ଗତ କିଛି ବର୍ଷ ହେଲା ଏହି ପୋକ ଏବେ ଉମରକୋଟ ଅଞ୍ଚଳରେ କମ୍ ସଂଖ୍ୟାରେ ଦେଖିବାକୁ ମିଳୁଛନ୍ତି। ସାର, କୀଟନାଶକ, ବିଭିନ୍ନ ସ୍ଥାନରେ କଂକ୍ରିଟ, ଜଙ୍ଗଲ କାଟି ନଷ୍ଟ କରିବା ଓ ଅସ୍ୱାଭାବିକ ପରିବେଶ ପ୍ରଦୂଷଣ ଯୋଗୁଁ ଏହି ପୋକ ବଂଶ ଲୋପ ପାଉଥିବା କୁହାଯାଉଛି। ପ୍ରାକୃତିକ ପରିବେଶର ସନ୍ତୁଳନ ଓ ସୁରକ୍ଷା ପାଇଁ ଏହି ପୋକ ବଂଶ ବୃଦ୍ଧି ହେବା ଜରୁରୀ। ପରିବେଶବିତ୍ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଜିଲ୍ଲା ଯୋଜନା କମିଟି ବୈଠକ




କୋରାପୁଟ,୮।୭(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ କୋରାପୁଟ ଜିଲ୍ଲାର ୨୨ତମ ଜିଲ୍ଲା ଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ବିଧାୟକ ତଥା ଡିପିସି ଅଧ୍ୟକ୍ଷ ରଘୁରାମ ମାଛଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୋରାପୁଟ ଓ ନବରଙ୍ଗପୁର ସାଂସଦଙ୍କ ସମେତ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ କୋଟପାଡ଼ ବିଧାୟକ ରୁପୁଭତ୍ରା ଓ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତାଙ୍କ ସମେତ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଓ ଜିଲ୍ଲା ଯୋଜନା କମିଟିର ସଦସ୍ୟ, ଜିଲ୍ଲା ପରିଷଦ ସଦସ୍ୟ ଓ କାଉନସିଲର, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ କେବିକେ ବିକାଶ ଯୋଜନା ଅନ୍ତର୍ଗତ ୨୦୨୪-୨୫ ଓ ୨୦୨୫-୨୬ ବର୍ଷ ପାଇଁ ୧୪ କୋଟି ଟଙ୍କାର ବାର୍ଷିକ କାର୍ଯ୍ୟଯୋଜନାକୁ ଅନୁମୋଦନ କରାଯାଇଥିଲା। ଏହି ଯୋଜନାରେ ବିଜୁଳି, ସଡ଼କ ଓ ପାଣି କ୍ଷେତ୍ରକୁ ପ୍ରାଥମିକତା ଦିଆଯାଇଛି। ୨୦୨୪-୨୫ ବର୍ଷ ପାଇଁ ଜିଲ୍ଲା ଯୋଜନା ଅଧୀନରେ ସିଜିପି ବାବଦରେ ୪ କୋଟି ୧୪ ଲକ୍ଷ ଟଙ୍କାର ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ବ୍ରହ୍ମପୁରଜୟପୁର ସଂଯୋଗ ପ୍ରକଳ୍ପ ପ୍ରାୟ ୨୮୭ କିମି. ଦୈର୍ଘ୍ୟ ବିଶିଷ୍ଟ ଏହି ପ୍ରକଳ୍ପର ଆନୁମାନିକ ବ୍ୟୟ ୯,୦୦୦ କୋଟି ଟଙ୍କା ବୋଲି ଆଲୋଚନା ହୋଇଥିଲା। ମେଗା ଲିଫ୍ଟ ଓ ଆଇଏସଏସ ଯୋଜନା ମାଧ୍ୟମରେ ଜଳସେଚନ ବ୍ୟବସ୍ଥାର ସମ୍ପ୍ରସାରଣ ଉପରେ ଆଲୋଚନା କରାଯାଇଥିଲା। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ ୩.୧୦ ଲକ୍ଷ କୋଟି ଟଙ୍କା ଥିବା ବେଳେ କୋରାପୁଟ ଜିଲ୍ଲାର ବଜେଟ ୪,୬୧୨.୭୧ କୋଟି ଟଙ୍କା ରହିଛି ବୋଲି ଡିପିସି ଅଧ୍ୟକ୍ଷ ଶ୍ରୀ ମାଛ କହିଥିଲେ। ଜିଲ୍ଲା ଯୋଜନା କମିଟିର ସମସ୍ତ ସଦସ୍ୟ ଶିକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ସମସ୍ତ ଋତୁରେ ଚଳାଚଳ ଯୋଗ୍ୟ ସଡ଼କ, ବିଦ୍ୟୁତ୍ ସରବରାହର ସ୍ଥିରତା ଏବଂ ଜୀବିକା ସୃଷ୍ଟି କାର୍ଯ୍ୟକ୍ରମର ଉନ୍ନତି ନିମନ୍ତେ ନିଜ ମତାମତ ଓ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ବର୍ଣ୍ଣ ୟୁନିଟ୍ ପ୍ରତିଷ୍ଠା ପାଇଁ ରାଜ୍ୟ ବଜେଟରେ ଅନୁମୋଦନ ମିଳିସାରିଛି, ଯାହା ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସିଡିଏମଓ କହିଥିଲେ।

# ସାପକାମୁଡ଼ାରେ ଶିଶୁ ମୃତ

ରାଇଘର,୮।୭(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ କିଛି ଦିନ ହେବ କ୍ରମାଗତ ସାପ କାମୁଡ଼ାରେ ଜୀବନ ଯାଉଥିବା ବେଳେ ବର୍ତ୍ତମାନ ଜଣେ ୩ ବର୍ଷର ନାବାଳକର ମୃତ୍ୟୁ ଘଟିଛି। ଏଣୁ ପ୍ରଶାସନ ବର୍ଷା ଦିନରେ ସାପ କାମୁଡା ଘଟଣା ବୃଦ୍ଧିକୁ ନେଇ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ କରିବା ଆବଶ୍ୟକ ରହିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ରାଇଘର ସଦର ମହକୁମା ସ୍ଥିତ ପତ୍ରକୋଟିସାହିର ହେମନ୍ତ ହରିଜନଙ୍କ ତିନି ବର୍ଷର ପୁଅ ହୋନକ ହରିଜନକୁ ସନ୍ଧ୍ୟା ୬ଟା ସମୟରେ ଏକ ବିଷଧର ସାପ କାମୁଡ଼ି ଦେବା ଫଳରେ ତାର ମୃତ୍ୟୁ ଘଟିଛି। ସନ୍ଧ୍ୟା ସମୟରେ ହୋନକ ଘର ବାରଣ୍ଡାରେ ଖେଳୁଥିବା ବେଳେ ଏକ ବିଷଧର ସାପ ତାର ଗୋଡ଼କୁ କାମୁଡ଼ି ଦେଇଥିଲା। ହୋନକ ସାପ ଚୋଟ ଖାଇ ଚିତ୍କାର କରିବା ଫଳରେ ପରିବାର ଲୋକେ ସାପକୁ ଦେଖି ବାଡ଼େଇ ମାରି ଏକ ଡବାରେ ଧରି ହୋନକ ସହିତ ମେଡିକାଲକୁ ନେଇ ଯାଇଥିଲେ। ଚିକିତ୍ସା ଚାଲିଥିବା ବେଳେ ହୋନକର ମୃତ୍ୟୁ ଘଟିଥିଲା। ଏଏସଆଇ ମନୋରଞ୍ଜନ ମିଶ୍ର ଘଟଣାର ତଦନ୍ତ କରୁଛନ୍ତି।

# ବିଜେପି କାର୍ଯ୍ୟାଳୟରେ ସ୍ମୃତିପକ୍ଷ ପାଳନ



ଉମରକୋଟ,୮।୭(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବିଜେପି କାର୍ଯ୍ୟାଳୟ ଠାରେ ଜନ ସଂଘର ପ୍ରତିଷ୍ଠାତା ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ସନ୍ତୋଷ ଶର୍ମାଙ୍କ ଅଧ୍ୟକ୍ଷତାରେ ନଗର କାର୍ଯ୍ୟାଳୟ ଠାରେ ପାଳନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢୀ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ସାଧାରଣ ସମ୍ପାଦକ ସୁରେଶ କୁମାର ଆଚାର୍ଯ୍ୟ, ସାଂସଦଙ୍କ ବ୍ଲକ ପ୍ରତିନିଧି ଭୋଜନାଥ ଗଣ୍ଡ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମନ୍ଦିରା ନାୟକଙ୍କ ଉପସ୍ଥିତି ଥିଲେ। ନଗର ମଣ୍ଡଳ ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକ ସଭା ପରିଚାଳନା କରିଥିଲେ।

## 'ପଢ଼ିଆରୁ ବଢିଆ' ଅଭିଯାନ

# ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ପୋଷ୍ଟକାର୍ଡ ପ୍ରେରଣ



ଖଇରପୁଟ,୮।୭(ସମିସ): ମାଲକାନଗିରି ଜିଲ୍ଲା ଶ୍ରମଜୀବୀ ଓ ମହିଳା ଶ୍ରମଜୀବୀ ସଂଗଠନ ପକ୍ଷରୁ ଖଇରପୁଟ ବ୍ଲକର ଗୋବିନ୍ଦପାଲି ହାଟରେ "ପଢ଼ିଆରୁ ବଢ଼ିଆ' ଅଭିଯାନ ଅନ୍ତର୍ଗତ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଶତାଧିକ ମହିଳା ଓ ପୁରୁଷ ଚାଷୀ ଯୋଗଦେଇ ପୋଷ୍ଟକାର୍ଡ ମାଧ୍ୟମରେ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର କୃଷିମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ କୃଷିମନ୍ତ୍ରୀଙ୍କୁ ଦାବି ଓ କୃତଜ୍ଞତା ଜଣାଇଥିଲେ। ଚାଷୀମାନେ ଦ୍ୱିତୀୟ ଫସଲ ଭାବେ ଡାଲି ମିଶନ କାର୍ଯ୍ୟକାରୀ କରାଯାଇଥିବାରୁ ସରକାରଙ୍କୁ ଧନ୍ୟବାଦ ଜଣାଇବା ସହ ଆସନ୍ତା ରବି ଚାଷ ପାଇଁ ଅକ୍ଟୋବର ୧୫ ପୂର୍ବରୁ ମୁଗ ଓ ବିରି ସହିତ ଡାଲି ଜାତୀୟ ଉନ୍ନତମାନର ବିହନ ମାଗଣାରେ ଯୋଗାଇ ଦେବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ସଂଗଠନର ସଭାପତି ରେଲି ଖିଲ, ହାତୀରାମ ଗଡ଼ଙ୍ଗୀ ଓ ମଙ୍ଗଳା ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଜିତେନ୍ଦ୍ର ଖିଲ, ଶୁକ୍ରା ଗୁରୁତେଲି, ମୁକୁନ୍ଦ ମାଝୀ, କୃଷ୍ଣ ସୀସା, ରାମ ବଡ଼ନାୟକ, ଗୌରାଙ୍ଗ ଅଧିକାରୀ, ରାଜେନ୍ଦ୍ର ମାଡକାମୀ, ନୀଳକଣ୍ଠ ନାୟକ, ଗୋବର୍ଧନ ପାଙ୍ଗି, ଚିତ୍ତରଞ୍ଜନ ସାହୁ ଓ ବଟକୃଷ୍ଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାସ୍ତା ଶୋଚନୀୟ, ନିର୍ମାଣ ପାଇଁ ଦାବି



ପାପଡାହାଣ୍ଡି,୮।୭ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଗ୍ରାମର ସତନାମୀ ସାହି ରାସ୍ତା ନିର୍ମାଣ ପାଇ ଦାବି କରିଛନ୍ତି ସାହି ବାସିନ୍ଦା। ପାପଡାହାଣ୍ଡି ଠାରୁ କସାଗୁମୁଡା ମୁଖ୍ୟ ରାସ୍ତା ନୂତନ ଭାବେ ନିର୍ମାଣ କରାଗଲା। କିନ୍ତୁ ସଂଯୋଗ କରୁଥିବା ସତାନାମୀ ସାହି ରାସ୍ତାକୁ ଖାଲଖମା କରି ଛାଡ଼ି ଦିଆଗଲା। ସାହି ବାସିନ୍ଦା ହନ୍ତସନ୍ତ ହେଉଛନ୍ତି। ସୂଚନା ଅନୁଯାୟୀ ସତାନାମୀ ସାହିରେ ୩୦ରୁ ଅଧିକ ପରିବାର ବସବାସ କରୁଛନ୍ତି। ପାପଡାହାଣ୍ଡି ଠାରୁ କସାଗୁମୁଡା ମୁଖ୍ୟ ରାସ୍ତା ନିର୍ମାଣ କଲେ। ସାହି ରାସ୍ତାରୁ ତିନି ଫୁଟ ଉଚ୍ଚର ରାସ୍ତା ନିର୍ମାଣ ହୋଇଛି। କିନ୍ତୁ ସତନାମୀ ସାହି ରାସ୍ତାକୁ ସଂଯୋଗ କରିବା ଭୁଲି ଗଲେ ଠିକାଦାର। ବର୍ତ୍ତମାନ ସାହି ରାସ୍ତା ୩ ଫୁଟ ଖାଲ ହୋଇ ରହିଛି। ଏହି ରାସ୍ତା ଦେଇ ଯାତାୟାତ କରିବା ମୁସ୍କିଲ ହୋଇପଡିଛି। ସାହିରେ ବାଇକ ଯିବା ଆସିବା ପାଇଁ ମଧ୍ୟ ଚଲାପଥ ବାଧକ ସାଜିଛି। ଏଥି ଯୋଗୁ ସାହି ବାସିନ୍ଦା ହନ୍ତସନ୍ତ ହେଉଛନ୍ତି । ବାରମ୍ବାର ପ୍ରଶାସନ ଦୃଷ୍ଟି ଆକର୍ଷଣ କରିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ରାତି ସମୟରେ ଅନ୍ଧାରରେ ଯାତାୟାତ କରିବା ସମୟରେ ମଧ୍ୟ ଦୁର୍ଘଟଣା ଘଟୁଥିବା ସାହି ବାସିନ୍ଦା କହିଛନ୍ତି। ତୁରନ୍ତ ପ୍ରଶାସନ ନଜର ଦେଇ ସାହି ରାସ୍ତା ନିର୍ମାଣ କରିବାକୁ ଭୋଳାନାଥ ସତନାମୀ, ମୋଘବାନ ସତନାମୀ, ସତ୍ୟ ସତନାମୀ, ସୀମାଞ୍ଚଳ ସତନାମୀ, ହରିଶଙ୍କର ସତନାମୀ, ଶିବଲାଲ ସତନାମୀ ପ୍ରମୁଖ ସାହି ବାସିନ୍ଦା ଦାବି କରିଛନ୍ତି।

# ବିଦ୍ୟୁତ ଖୁଣ୍ଟକୁ ଧକ୍କାଦେଇ ବାଇକ ଆରୋହୀ ଗୁରୁତର



ଖଲ୍ଲିକୋଟ,୮।୭(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ସାକୀରଛକ ନିକଟରେ ଜଣେ ବାଇକ ଆରୋହୀ ବିଦ୍ୟୁତ ଖୁଣ୍ଟାକୁ ଧକ୍କା ଦେଇ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ବ୍ୟକ୍ତି ଜଣକ ହେଲେ ରମ୍ଭା ଥାନା ଅନ୍ତର୍ଗତ ଗୌରାଙ୍ଗପାଟଣା ଗ୍ରାମର ପବନା ବେହେରାଙ୍କ ୨୭ବର୍ଷୀୟ ପୁତ୍ର ସୁନୀଲ କୁମାର ବେହେରା। ସୁନୀଲ ରମ୍ଭା ଅଭିମୁଖେ ଯାଉଥିବା ବେଳେ ବିଦ୍ୟୁତ ଖୁଣ୍ଟାକୁ ଧକ୍କା ଦେଇ ଏକ ବୁଦା ଭିତରେ ଆହତ ଅବସ୍ଥାରେ ପଡ଼ିଥିବା ବେଳେ ସେହି ରାସ୍ତା ଦେଇ ଯାଉଥିବା ଲୋକମାନେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ନିକଟସ୍ଥ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ଏମକେସିଜିକୁ ସ୍ଥାନାନ୍ତର କରାଯାଇଛି।

## ■ ପରିବେଶ ସୁରକ୍ଷା ନେଇ ସାମ୍ବାଦିକଙ୍କ ସମାବେଶ

# ଚାରାରୋପଣ ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ



ରାୟଗଡ,୮।୭(ସମିସ): ପରିବର୍ତ୍ତିତ ପାଣିପାଗ, ବୃଦ୍ଧି ପାଉଥିବା ପ୍ରଦୂଷଣ ଏବଂ ପ୍ଲାଷ୍ଟିକର ଅତ୍ୟଧିକ ବ୍ୟବହାର ମଧ୍ୟରେ ପରିବେଶ ସୁରକ୍ଷାକୁ ନେଇ ସାମ୍ବାଦିକମାନଙ୍କ ଏକ ସମାବେଶ ରାୟଗଡ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପିତାମହଲ ନିକଟସ୍ଥ ଚନ୍ଦ୍ରକଳା ବଗିଚା ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ ଜିଲ୍ଲାର ପ୍ରିଣ୍ଟ, ଇଲେକ୍ଟ୍ରୋନିକ୍ ଏବଂ ୱେବ୍ ମିଡିଆର ସାମ୍ବାଦିକମାନେ ଯୋଗଦେଇ ପରିବେଶ ସୁରକ୍ଷାକୁ ନେଇ ବିସ୍ତୃତ ଆଲୋଚନା କରିଥିଲେ। ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନ, ପ୍ଲାଷ୍ଟିକର କୁପ୍ରଭାବ ଏବଂ ପରିବେଶ ସନ୍ତୁଳନ ରକ୍ଷା ପାଇଁ ସମସ୍ତେ ନିଜ ନିଜ ଅଞ୍ଚଳରେ କିପରି ସଚେତନତା ସୃଷ୍ଟି କରିପାରିବେ, ସେନେଇ ମତ ବିନିମୟ କରିଥିଲେ। ସେହିପରି ଅଧିକରୁ ଅଧିକ ଚାରାରୋପଣ କରିବା ସହ ଲଗାଯାଇଥିବା ଗଛର ଯତ୍ନ ନେବା ଏବଂ ଏଥିପାଇଁ ଯୁବପିଢ଼ିଙ୍କୁ ଆଗକୁ ଆସିବାକୁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ନିରଞ୍ଜନ ପାଳ, ଶ୍ରୀନିବାସ, ଶିବ ନାରାୟଣ ଗୌଡ଼, ସ୍ମୃତି ରଞ୍ଜନ ମହାନ୍ତି, ମାଉଡ଼ି ବାରିକ, ସୁରେଶ ଦାସ, ସନ୍ତୋଷ ପାଣିଗ୍ରାହୀ, ବିଜୟ ଦାସ, ମୃତ୍ୟୁଞ୍ଜୟ ନନ୍ଦ, ବି.ଭେଙ୍କଟ ରମଣା, ସୁବ୍ରତ ଚୌଧୁରୀ, ସନ୍ତୋଷ ଦଳେଇଙ୍କ ସମେତ ଅନ୍ୟ ସାମ୍ବାଦିକମାନେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ସମସ୍ତ ସାମ୍ବାଦିକଙ୍କ ମଧ୍ୟରେ ସୌହାର୍ଦ୍ଦପୂର୍ଣ୍ଣ ପରିବେଶରେ ମତ ବିନିମୟ ହେବା ସହ ସମସ୍ତଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା।

## ଚିକିତ୍ସାରେ ବାଧକସାଜିଛି ଅର୍ଥ

# ଶଯ୍ୟାଶାୟୀ କୁନିଝିଅ ଚଞ୍ଚଳା



ଉମରକୋଟ ୮।୭ (ସମିସ): ଉମରକୋଟ ବ୍ଲକ ଖାଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ସେମିଳିଗଦରା ଗ୍ରାମର ଜୟରାମ ଗଣ୍ଡ ଓ ମାଳତୀ ଗଣ୍ଡଙ୍କ ୩ ଝିଅ ମଧ୍ୟରୁ ମଝିଆ ଝିଅ ଚଞ୍ଚଳାର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ଚଞ୍ଚଳାର ମେରୁଦଣ୍ଡ ନଥିବାରୁ ପିଲା ବେଳରୁ ନା ଉଠିପାରୁଛି ନା ଚାଲିପାରୁଛି। ଜୟରାମ ଦିନ ମଜୁରିଆ କାମ କରି ବହୁ କଷ୍ଟରେ ପରିବାର ଚଳନ୍ତି। ତେଣୁ ଝିଅ ଚଞ୍ଚଳାର ଚିକିତ୍ସା ପାଇଁ କେହି ସହୃଦୟ ବ୍ୟକ୍ତି କିମ୍ବା ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇଦେବାକୁ ଜୟରାମ ନିବେଦନ କରିଛନ୍ତି। ସୂଚନା ଅନୁସାରେ, ଜୟରାମ ନିଜର ୩ ବର୍ଷର ମଝିଆ ଝିଅ ଚଞ୍ଚଳାର ଚିକିତ୍ସା ପାଇଁ ପ୍ରଥମେ ଉମରକୋଟ ଓ ପୂଜାରୀଗୁଡ଼ା ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ପରୀକ୍ଷା କରିବା ପରେ ଚଞ୍ଚଳାର ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲ ନେବାକୁ ପରାମର୍ଶ ଦେଇଥିଲେ। ତେବେ କଟକ ବଡ଼ ମେଡିକାଲ ନେବାକୁ ଅର୍ଥ ଅଭାବ ଦେଖାଦେଇଛି। ପାଖରେ ସରକାରଙ୍କ ସ୍ୱାସ୍ଥ୍ୟ ବୀମା କାର୍ଡ ମଧ୍ୟ ନାହିଁ। ଯଦି କେହି ସହାୟତା ଯୋଗାଇଦେଲେ ଯେତେ ଦୂରକୁ ହେଲେ ମଧ୍ୟ ଝିଅର ଚିକିତ୍ସା ପାଇଁ ଯିବେ ବୋଲି ଜୟରାମ କହିଛନ୍ତି। ଚଞ୍ଚଳା ନା ଉଠିପାରୁଛି ନା ବସିପାରୁଛି। ତେଣୁ ପିଲାମାନଙ୍କ ସହ ଖେଳକୁଦ ବୟସରେ ଶଯ୍ୟାଶାୟୀ ହୋଇ ରହୁଛି। ଝାଡ଼ା ପରିସ୍ରା ସବୁ ବିଛଣାରେ। ସବୁବେଳେ କେହି ନା କେହି ଚଞ୍ଚଳା ପାଖରେ ରହିବାକୁ ପଡୁଛି। ଏଥିପାଇଁ ବଡ଼ ଝିଅ ଉର୍ମିଳା ପାଠ ପଢ଼ିପାରୁନି। ଚଞ୍ଚଳାର ଅବସ୍ଥା ଯିଏ ଦେଖିବ ଆଖିରୁ ଲୁହ ଝରିଯିବ । ଗରିବଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଥିବା ବେଳେ ଏହି ପରିବାର ନିକଟରେ ସରକାରୀ ଯୋଜନା ଅପହଞ୍ଚ ହୋଇ ରହିଛି। ଲୋକ ପ୍ରତିନିଧି କିମ୍ବା ସରକାରୀ ବାବୁଙ୍କ ନଜର ମଧ୍ୟ ଚଞ୍ଚଳା ଉପରେ ପଡ଼ି ନାହିଁ। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଚଞ୍ଚଳାର ଚିକିତ୍ସା ପାଇଁ ପଦକ୍ଷେପ ନେବାକୁ ଜୟରାମ ଏବଂ ଗ୍ରାମବାସୀ ଦାବି କରିଛନ୍ତି।

### ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ପିଏମ୍ ଆବାସକୁ ୨୪ ଘଣ୍ଟିଆ ସୁଲଭ ସୌର ବିଜୁଳି

ଭୁବନେଶ୍ୱର,୮।୭(ସମିସ): ରାଜ୍ୟ ସରକାର ଅକ୍ଷୟ ଶକ୍ତି ଉତ୍ପାଦନ ଏବଂ ଆହରଣ ଉପରେ ଗୁରୁତ୍ୱାରୋପ କରି ଆସୁଛନ୍ତି। ବିଶେଷକରି ସୌର ଶକ୍ତି ଉତ୍ପାଦନ ଏବଂ ସାଧାରଣ ଲୋକେ ଅଧିକରୁ ଅଧିକ ବ୍ୟବହାର କରିବାକୁ ବ୍ୟାପକ ଅର୍ଥ ସବ୍‌ସିଡି ବାବଦରେ ଖର୍ଚ୍ଚ କରାଯାଉଛି। ଏହିକ୍ରମରେ ପିଏମ୍ ସୂର୍ଯ୍ୟ ଘର ଯୋଜନାକୁ ଓଡ଼ିଶା ସରକାରଙ୍କ ବିଭିନ୍ନ ଗୃହ ନିର୍ମାଣ ଯୋଜନା ଯଥା ପିଏମ୍ ଆବାସ ଯୋଜନା ସହ ସଂଯୋଜନ କରାଯିବ। ତେବେ ଏହା ହିତାଧିକାରୀଙ୍କ ଇଚ୍ଛାଧୀନ ରହିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆମର ଲକ୍ଷ୍ୟ ହେଉଛି ପିଏମ୍ ଆବାସ ଏବଂ ଅନ୍ୟାନ୍ୟ ଗୃହ ଯୋଜନାର ପ୍ରତ୍ୟେକ ହିତାଧିକାରୀ ମଧ୍ୟ ସୌର ଶକ୍ତିର ସୁବିଧା ପାଆନ୍ତୁ। ରାଜ୍ୟ ଗୃହ ଯୋଜନା ସହ ପିଏମ୍ ସୂର୍ଯ୍ୟ ଘରକୁ ସଂଯୋଜନ କରି ଆମେ ଲୋକଙ୍କୁ ୨୪ ଘଣ୍ଟିଆ ଗୁଣବତ୍ତାସମ୍ପନ୍ନ ଏବଂ ସୁଲଭ ବିଜୁଳି ଯୋଗାଇ ଦେବା ସହ ସେମାନଙ୍କ ବିଜୁଳି ବିଲ୍ ମଧ୍ୟ ହ୍ରାସ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି।

ବୁଧବାର ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଶକ୍ତିକ୍ଷେତ୍ରର ସୁଧାର, ସୁରକ୍ଷା ଏବଂ କେନ୍ଦ୍ର ଓ ରାଜ୍ୟ ଯୋଜନାର କାର୍ଯ୍ୟକାରିତା ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଓପିଟିସିଏଲର ସିଏମଡି ଭାସ୍କର ଜ୍ୟୋତି ଶର୍ମା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିସନର ତଥା ଶାସନ ସଚିବ ଏସ୍ ଏନ୍ ଗିରିଶ ଏବଂ ଶକ୍ତି ବିଭାଗ ଓ ବିଦ୍ୟୁତ ବିତରଣ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ପିଏମ୍ ଆବାସ ଯୋଜନାରେ ସଂଯୋଜିତ ହେବାକୁ ଥିବା ଏହି ଯୋଜନା ଅଧୀନରେ ସହରାଞ୍ଚଳରେ ୧ କିଲୋ ୱାଟ୍ ବିଶିଷ୍ଟ ଛାତ ଉପର ସୋଲାର ଶକ୍ତି ପ୍ୟାନେଲ ସ୍ଥାପନ ପାଇଁ କେନ୍ଦ୍ରରୁ ୩୦,୦୦୦ ଟଙ୍କା ଏବଂ ରାଜ୍ୟରୁ ୨୫,୦୦୦ ଟଙ୍କାର ସବ୍‌ସିଡି ସହାୟତା ଦିଆଯାଉଛି। ହିତାଧିକାରୀଙ୍କୁ ମାତ୍ର ୧୮୭୫ ଟଙ୍କା ବ୍ୟୟରେ ଏହି ସୁବିଧା ମିଳିବ। ଏହି ଯୋଜନାରେ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଜଳ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ବିତରଣ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

- ପିଏମ୍ ସୂର୍ଯ୍ୟ ଘର ଯୋଜନା ସହ ସଂଯୋଜିତ ହେବ ପିଏମ୍ ଆବାସ
- ୧ କିଲୋୱାଟ ପାଇଁ ଖର୍ଚ୍ଚ କରିବାକୁ ପଡ଼ିବ ୧୮୭୫ ଟଙ୍କା
- ୩୭୦୮ କୋଟି ବ୍ୟୟରେ ବିଛାଯିବ ଭୂତଳ କେବୁଲ ତାର

ସେହିପରି ଓଡ଼ିଶାର ସମସ୍ତ ୪ଟି ବିଦ୍ୟୁତ ବିତରଣ କମ୍ପାନୀ ଅଧୀନରେ ୩୭୦୮ କୋଟି ବ୍ୟୟରେ ଭୂତଳ କେବୁଲ ତାର ବିଛାଯିବ। ଏହାଦ୍ୱାରା ବାତ୍ୟା କିମ୍ବା କାଳବୈଶାଖୀ ସମୟରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହେବ ନାହିଁ। ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀ ପାଇଁ ଏକ ସମଗ୍ର ସୁରକ୍ଷା ଡିଫିଆଡ଼ ପ୍ରସ୍ତୁତ କରାଯାଉଛି। ବିପଜ୍ଜନକ ଭାବେ ଖୋଲା ଥିବା ଏବଂ ତଳକୁ ଝୁଲୁଥିବା ତାର ସ୍ଥାନାନ୍ତର, ଖାଲି କଣ୍ଡକ୍ଟର ସ୍ଥାନରେ ଇନସୁଲେଟେଡ୍ କଣ୍ଡକ୍ଟର(ଆବରଣ ଥିବା), ବିତରଣ ସବଷ୍ଟେସନରେ ଫେନ୍ସିଂ(ତାର ଜାଲି) ସ୍ଥାପନ, ପାୱାର ସବ୍‌ଷ୍ଟେସନ ବାଉଣ୍ଡ୍ରି ୱାଲ୍ ଏବଂ ସୁରକ୍ଷା ପାଇଁ କ୍ରେଡେଲ୍/ଗାର୍ଡ ତାର ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି।

## ବନ୍ୟାଜଳ ପରିଚାଳନା ନେଇ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଆଲୋଚନା

ସମ୍ବଲପୁର,୮।୭(ସମିସ): ହୀରାକୁଦ ଅଶୋକ ନିବାସଠାରେ ଆଜି ଓଡ଼ିଶା ଏବଂ ଛତିଶଗଡ଼ ଜଳସମ୍ପଦ ବିଭାଗ ସମେତ କେନ୍ଦ୍ରୀୟ ଜଳ ଆୟୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହାନଦୀ ଅବବାହିକାରେ ଆଗାମୀ ବନ୍ୟାଜଳ ପରିଚାଳନା, ସମନ୍ୱୟ ରକ୍ଷା ଏବଂ ଉଭୟ ରାଜ୍ୟ ମଧ୍ୟରେ ସୂଚନା ତଥା ତଥ୍ୟର ଆଦାନପ୍ରଦାନକୁ ନେଇ



ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବୈଠକରେ ହୀରାକୁଦ ଡ୍ୟାମ ମୁଖ୍ୟଯନ୍ତ୍ରୀ ତଥା ମହାନଦୀ ବେସିନ ମ୍ୟାନେଜର ଇଂ. ପ୍ରତାପ ଚନ୍ଦ୍ର ଚୌଧୁରୀ ଏବଂ କେନ୍ଦ୍ରୀୟ ଜଳ ଆୟୋଗର ମୁଖ୍ୟଯନ୍ତ୍ରୀ (ମହାନଦୀ ଓ ଇଷ୍ଟର୍ଣ୍ଣ ରିଭର୍ସ) ଜି. ନାଗାମୋହନଙ୍କ ସମେତ ଓଡ଼ିଶା ଓ ଛତିଶଗଡ଼ର ଜଳସମ୍ପଦ ବିଭାଗ ଅଧିକାରୀ ଓ ବୈଷୟିକ ଅଧିକାରୀମାନେ ଉପସ୍ଥିତ ଥିଲେ।

କେନ୍ଦ୍ରୀୟ ଜଳ ଆୟୋଗର ମୁଖ୍ୟଯନ୍ତ୍ରୀ ନାଗାମୋହନଙ୍କ ଅନୁଯାୟୀ, ବନ୍ୟା ନିୟନ୍ତ୍ରଣ ସକାଶେ ମହାନଦୀ ବେସିନକୁ ତିନୋଟି ବୃହତ୍ ଭାଗରେ ବିଭକ୍ତ କରାଯାଇଛି। ଏଥିମଧ୍ୟରୁ ସିଷ୍ଟମ୍-୨ରେ ହୀରାକୁଦ ଡ୍ୟାମ ଅଞ୍ଚଳ ରହିଛି। ଆସନ୍ତା ମାସ ସିଷ୍ଟମ-୩ର ଛତିଶଗଡ଼ର ରାୟପୁରରେ ହେବ। ଆଜି ସିଷ୍ଟମ୍-୨ ସକାଶେ ଉଭୟ ରାଜ୍ୟ ସରକାରଙ୍କ ପ୍ରତିନିଧି ଡାକି ତଥ୍ୟ ଆଦାନପ୍ରଦାନ ଏବଂ ବନ୍ୟାମୁକାବିଲା ନେଇ ଆଲୋଚନା କରାଯାଇଥିଲା ଏବଂ ସହମତି ପ୍ରକାଶ ପାଇଥିଲା ବୋଲି ସେ କହିଛନ୍ତି। ବୈଠକରେ କ୍ୟାଚ୍‌ମେଣ୍ଟ ଏରିଆରେ କେତେବର୍ଷା ହେଉଛି, ସେମାନଙ୍କ ଡ୍ୟାମ୍‌ରେ କେତେ ଜଳ ପ୍ରବେଶ କରୁଛି, କେତେ ଜଳ ଛତିଶଗଡ଼ର ବେଙ୍ଗୋ ଡ୍ୟାମ ତଥା ରବିଶଙ୍କର ସାଗର ଡ୍ୟାମ ଭଳି ଉପରମୁଣ୍ଡର ପ୍ରକଳ୍ପଗୁଡ଼ିକରୁ ଜଳ ନିଷ୍କାସନର ସୂଚନା ଦିଆଯାଉଥିଲା। ଜଳପ୍ରବେଶ ଅନୁସାରେ ହୀରାକୁଦ ଡ୍ୟାମ କେତେ ଜଳ ନିଷ୍କାସନ କରିବ। ବର୍ଷା ପରିମାଣ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ରୁ ଜଣା ପଡ଼ିଥାଏ, ସେଥିରୁ କେତେ ପାଣି ଆସିବ ତଦନୁଯାୟୀ ଜଳ ନିଷ୍କାସନର ଆକଳନ କରାଯାଇଥାଏ। ବନ୍ୟା ଜଳ ପରିଚାଳନା ପାଇଁ ଛତିଶଗଡ଼, ଓଡ଼ିଶା ଓ ସିଡବ୍ଲ୍ୟୁସିର ସକ୍ରିୟ ତଥ୍ୟ ଆଦାନପ୍ରଦାନ ଦ୍ୱାରା ସଠିକ୍ ଭାବେ ହୋଇପାରିବ ବୋଲି ଶ୍ରୀ ନାଗାମୋହନ ଆଶାପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଛତିଶଗଡ଼ ପକ୍ଷରୁ ବିଭିନ୍ନ ଡ୍ୟାମ୍ ଗୁଡ଼ିକର ଜଳସ୍ତର ଓ ଜଳ ନିଷ୍କାସନ ତଥ୍ୟ ହୀରାକୁଦ ମୁଖ୍ୟଯନ୍ତ୍ରୀଙ୍କୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହେଉଛି। ଆଜି ବୈଠକ ପରେ ଅଣମୌସୁମୀ ସମୟରେ ଉପରମୁଣ୍ଡରେ ବ୍ୟାରେଜ୍ ଗୁଡ଼ିକର ଗେଟ୍ ବନ୍ଦ କରି ଓଡ଼ିଶାକୁ ଜଳ ପ୍ରବାହ ହ୍ରାସ କରାଯାଉଥିବା ନେଇ ଗଣମାଧ୍ୟମର ପ୍ରଶ୍ନର ଉତ୍ତର ଛତିଶଗଡ଼ ଜଳସମ୍ପଦ ବିଭାଗ ଅଧିକାରୀମାନେ ଦେଇନ ଏଡ଼ାଇ ଯାଇଥିଲେ। ଏହାସହ ବନ୍ୟା ପରିଚାଳନା କ୍ଷେତ୍ରରେ ଛତିଶଗଡ଼ ଓଡ଼ିଶାକୁ ଠିକ୍ ସହଯୋଗ କରୁ ଥିବା ନେଇ ଅଭିଯୋଗକୁ ଅଧିକାରୀମାନେ ଅସ୍ୱୀକାର କରିଥିଲେ।

## ନାବାଳିକା ଦୁଷ୍କର୍ମ ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍

କଟକ,୮।୭(ସମିସ): ଦୁଇ ଜଣ ନାବାଳିକାଙ୍କୁ ଏସିଡ୍ ପକାଇବା ପାଇଁ ଧମକ ଦେବା ସହ ଆପତ୍ତିଜନକ ଫଟୋ ସୋସିଆଲ ମିଡିଆରେ ଛାଡି ସେମାନଙ୍କ ସହ ଦୁଷ୍କର୍ମ କରିଥିବା ଅଭିଯୁକ୍ତ ବାଙ୍କୀ ଥାନା ଅଞ୍ଚଳର ଚିତ୍ତରଞ୍ଜନ ରାଉତ ଓରଫ ବଳିଆ(୨୬)କୁ କଟକ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ୨୦ ବର୍ଷ ସଶ୍ରମ ଜେଲ୍ ଓ ୩୦ ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଛନ୍ତି। ଜରିମାନା ରାଶି ଅନାଦେୟ ଦୋଷୀକୁ ଅଧିକ ୨ ବର୍ଷ ଜେଲ ଦଣ୍ଡ ଭୋଗ କରିବାକୁ ପଡିବ। ଏଥିସହିତ ଦୁଇ ନାବାଳିକା ପୀଡିତାଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧୀକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଦୁଇ ସଂପର୍କୀୟ ନାବାଳିକା ପୀଡିତାଙ୍କ ଆପତ୍ତିଜନ ଫଟୋ ଉଠାଇ ମଧ୍ୟ ଚିତ୍ତରଞ୍ଜନ ନିୟମିତ ଧମକ ଦେଉଥିବା ଅଭିଯୋଗ ହୋଇଥିଲା। ପୁଲିସ ଘଟଣାର ତଦନ୍ତ କରି ଚିତ୍ତରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର କୃଷ୍ଣଚନ୍ଦ୍ର ମହାପାତ୍ର ମାମଲା ପରିଚାଳନା କରୁଥିଲେ।

### ପରିବହନ ବିଭାଗକୁ ଭୁଲ୍ ତଥ୍ୟ ଚିନ୍ତା

## କଡ଼ାକଡ଼ି ଯାଞ୍ଚ ହେବ ଆବେଦକଙ୍କ ତଥ୍ୟ

ଭୁବନେଶ୍ୱର,୮।୭(ସମିସ): ଗାଡ଼ି ପଞ୍ଜୀକରଣ (ଆରସି), ମାଲିକାନା ପରିବର୍ତ୍ତନ, ଠିକଣା ପରିବର୍ତ୍ତନ ଏବଂ ଡ୍ରାଇଭିଂ ଲାଇସେନ୍ସ ସମ୍ବନ୍ଧୀୟ ସମସ୍ତ ଆବେଦନରେ ପରିଚୟ, ଠିକଣା ଓ କ୍ଷେତ୍ର ଆଦିର କଡ଼ା ଯାଞ୍ଚ କରାଯିବ। ଏନେଇ ରାଜ୍ୟ ପରିବହନ କମିଶନର ସମସ୍ତ ଆରଟିଓ ଓ ଅତିରିକ୍ତ ଆରଟିଓଙ୍କୁ ଚିଠି ଲେଖି ନିୟମ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେବଳ ଅପଲୋଡ୍ ହୋଇଥିବା ତଥ୍ୟ ଆଧାରରେ ଆବେଦନ ଅନୁମୋଦନ ନ କରି ନାମ, ଠିକଣା, ପରିଚୟପତ୍ର କିମ୍ବା ଅନ୍ୟ କୌଣସି ତଥ୍ୟରେ ଅସଙ୍ଗତି ଥିଲେ ଆବେଦନକୁ ଅସ୍ୱୀକାର କିମ୍ବା ଅପେକ୍ଷାମାନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସନ୍ଦେହଜନକ କିମ୍ବା ଅସମ୍ପୂର୍ଣ୍ଣ ଆବେଦନ ଉପରେ ଅଧିକ ଯାଞ୍ଚ କରାଯିବ ଏବଂ ଆବଶ୍ୟକ ହେଲେ କ୍ଷେତ୍ରସ୍ତରୀୟ ଅନୁଧ୍ୟାନ ମଧ୍ୟ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବିଭାଗ କହିଛି ଯେ, ଏପରି ଅଯଥା ଅନୁମୋଦନ ଯୋଗୁଁ ଭବିଷ୍ୟତରେ ଟ୍ୟାକ୍ସ ଆଦାୟ, ନୋଟିସ୍ ପ୍ରଦାନ, ଦୁର୍ଘଟଣା ତଦନ୍ତ ଏବଂ ଦାୟିତ୍ୱ ନିର୍ଦ୍ଧାରଣରେ ବଡ଼ ଜଟିଳତା ସୃଷ୍ଟି ହେଉଛି। ସମ୍ପ୍ରତି ଏକ ଦୁର୍ଘଟଣା ଜନିତ ମୃତ୍ୟୁ ମାମଲାରେ ଏଭଳି ଘଟଣା ସାମନାକୁ ଆସିଛି। କେବଳ ସ୍ୱ ଘୋଷଣାନାମା ଏବଂ ଭୁଲ ଠିକଣା ଆଧାରରେ ମାଲିକାନା ହସ୍ତାନ୍ତରଣ କରାଯାଇଥିଲା। ପରେ ନୋଟିସ୍ ଫେରି ଆସିଥିଲା ଏବଂ ଯାନଟି ଅବୈଧ ଅବସ୍ଥାରେ ଚଳାଚଳ କରୁଥିବା ବେଳେ ଦୁର୍ଘଟଣାରେ ପଡ଼ି ଜୀବନ ହାନି ହୋଇଥିଲା। ଏଭଳି ଘଟଣାକୁ ଏଡ଼ାଇବା ପାଇଁ ବିଭାଗ ଏହି ପଦକ୍ଷେପ ନେଇଛି।

ଏହି ନିର୍ଦ୍ଦେଶ ଉଲ୍ଲଂଘନ କରୁଥିବା ଅଧିକାରୀ କିମ୍ବା କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପରିବହନ କମିଶନର ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଏହାସହ ଆବେଦକମାନେ ସଠିକ୍ ତଥ୍ୟ ଓ ମୂଳ ଦସ୍ତାବେଜ ଦାଖଲ କରିବାକୁ ଅନୁରୋଧ କରାଯାଇଛି। ମୋଟର ଯାନ ଆଇନ୍ ୧୯୮୮ ଏବଂ ଓଡ଼ିଶା ମୋଟର ଯାନ ଟ୍ୟାକ୍ସେସନ୍ ଆଇନ୍ ୧୯୭୫ର ବିଭିନ୍ନ ଧାରା ଉଲ୍ଲେଖ କରି ବିଭାଗ ସମସ୍ତ ଅଧିକାରୀଙ୍କୁ ଠିକଣା, ପରିଚୟ ଏବଂ ଅଧିକାର କ୍ଷେତ୍ରର ଯଥାଯଥ ଯାଞ୍ଚ କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛି। ଏହି ସର୍କୁଲାର୍ ପରେ ସମସ୍ତ ପରିବହନ କାର୍ଯ୍ୟାଳୟରେ କାଗଜପତ୍ର ଯାଞ୍ଚ ଆହୁରି କଡ଼ା ହେବ ବୋଲି ଜଣାପଡ଼ିଛି।



ଜାତୀୟସ୍ତରରର ପ୍ରତିଷ୍ଠିତ ସଙ୍ଗୀତ ମହାମଞ୍ଚ 'ଇଣ୍ଡିଆନ୍ ଆଇଡଲ୍'ର ଚୂଡ଼ାନ୍ତ ପର୍ଯ୍ୟାୟରେ ଜ୍ୟୋତିର୍ମୟୀ ନାୟକ

### +୨ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶିତ

## ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ରେଭେନ୍ସା

ଭୁବନେଶ୍ୱର/କଟକ, ୮।୭(ସମିସ): ଯୁକ୍ତ ଦୁଇ ନାମଲେଖା ପାଇଁ ମେଧା ତାଲିକା ଆଜି ପ୍ରକାଶ ପାଇଛି। ସମୁଦାୟ ୪ ଲକ୍ଷ ୬୧ ହଜାର ୩୨୫ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ନାମଲେଖା ପାଇଁ ୪ ଲକ୍ଷ ୨୯ ହଜାର ୨୧୯ ଅର୍ଥାତ୍ ୯୩.୦୪% ପିଲା ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୨ ଲକ୍ଷ ୪୯୩ ଜଣ ଛାତ୍ର, ୨ ଲକ୍ଷ ୨୮ ହଜାର ୬୭୫ ଛାତ୍ରୀ ଏବଂ ୫୧ ଜଣ ଅନ୍ୟ ଛାତ୍ରଛାତ୍ରୀ ଅଛନ୍ତି। କଳା, ବିଜ୍ଞାନ ଓ ବାଣିଜ୍ୟରେ କଟକର ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ପାଲଟିଥିବାବେଳେ ୨ ଲକ୍ଷ ୯୭ ହଜାର ୪୫୪ ଜଣ ପିଲା ନିଜର ପ୍ରଥମ ପସନ୍ଦ ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ଚୟନ ହୋଇଛନ୍ତି।

- ବିଜ୍ଞାନରେ ସର୍ବାଧିକ ୯୩.୪୦% କଟ୍‌ଅଫ୍
- ନାମଲେଖାଇବାକୁ ୯୩.୦୪% ପିଲା ଚୟନ

ବିଜ୍ଞାନରେ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଟ୍‌ଅଫ୍ ସର୍ବାଧିକ ୯୩.୪ ପ୍ରତିଶତ ଯାଇଥିବାବେଳେ ଏହା ପଛକୁ ୯୦% କଟ୍‌ଅଫ୍ ସହ ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ ଓ ୮୭.୧୭% କଟ୍‌ଅପ୍ ସହ କଟକର ଯତିକବି ବୈରାଗୀ କିଶୋର ସରକାରୀ କଲେଜ ତୃତୀୟରେ ରହିଛନ୍ତି। ସେହିପରି କଳାରେ ରେଭେନ୍ସାର କଟ୍-ଅଫ୍ ସର୍ବାଧିକ ୮୧% ଯାଇଥିବାବେଳେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୮୦.୬୭% ଏବଂ ଭବାନୀପାଟଣା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮୦% କଟ୍‌ଅଫ୍ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ବାଣିଜ୍ୟରେ ରେଭେନ୍ସାର କଟ୍‌ଅଫ୍ ସର୍ବାଧିକ ୮୨.୪% ଯାଇଥିବାବେଳେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୮୧.୨୦% ଏବଂ କଟକର ଯତିକବି ବୈରାଗୀ କିଶୋର କଲେଜର ୭୨.୬୭% ରହିଛି। ଅନୁରୂପ ଭାବେ ଧନ୍ଦାମୂଳକ ଶିକ୍ଷାରେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଟ୍‌ଅଫ୍ ୭୪.୬୭% ଏବଂ ଉପଶାସ୍ତ୍ରୀରେ କନ୍ଧମାଳ ଜିଲ୍ଲା ଚକାପାଦର ଗୁରୁକୁଳ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଟ୍‌ଅଫ୍ ୫୭% ସହିତ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ପାଲଟିଛି। ନାମଲେଖା ସରିବା ପରେ ଆସନ୍ତା ୨୩ ତାରିଖରୁ ଯୁକ୍ତ ଦୁଇ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## +୩ ନାମଲେଖା ପାଇଁ ସଂଶୋଧିତ ମାର୍ଗଦର୍ଶିକା ପ୍ରକାଶ

ଭୁବନେଶ୍ୱର, ୮।୭(ସମିସ): କେଜିରୁ ପିଜି ମାଗଣା ଶିକ୍ଷା ପାଇଁ ସରକାର ଘୋଷଣା କରିବା ପରେ +୩ ନାମଲେଖା ପାଇଁ ସଂଶୋଧିତ ମାର୍ଗଦର୍ଶିକା ପ୍ରକାଶ ପାଇଛି। ପୂର୍ବରୁ ନାମଲେଖା ପାଇଁ ଆବେଦନ କରିଥିବା ଛାତ୍ରଛାତ୍ରୀମାନେ ସେମାନଙ୍କ ଆବେଦନରେ ପରିବର୍ତ୍ତନ କରିପାରିବେ। ନୂତନ ଶିକ୍ଷାନୁଷ୍ଠାନକୁ ନିଜ ଆବେଦନରେ ଯୋଡ଼ି ପାରିବେ। ଏଥିପାଇଁ ଆଉ କୌଣସି ଫି' ଦେବାକୁ ପଡ଼ିବ ନାହିଁ। ମାତ୍ର ପୂର୍ବରୁ ଆବେଦନ କରି ନ ଥିବା ଛାତ୍ରଛାତ୍ରୀମାନେ ନୂତନ ଭାବେ ଆବେଦନ କରିପାରିବେ ନାହିଁ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

- ପୂର୍ବ ଆବେଦନରେ ପରିବର୍ତ୍ତନ କରିପାରିବେ ଛାତ୍ରଛାତ୍ରୀ
- ଆସନ୍ତା ୨୦ରେ ପ୍ରକାଶ ପାଇବ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା
- ଜୁଲାଇ ୨୩ ରୁ ଆରମ୍ଭ ହେବ ପ୍ରଥମ ବର୍ଷ ପାଠପଢ଼ା

ସେହିପରି ପ୍ରଥମ ରାଉଣ୍ଡରେ ନାମଲେଖାଇ ସାରିଥିବା ପିଲାମାନେ ମଧ୍ୟ ସେମାନଙ୍କ ଆବେଦନରେ ପରିବର୍ତ୍ତନ କରିପାରିବେ। ଫ୍ରିଜ୍ ଅପ୍‌ସନ୍ ଦେଇ ନାମ ଲେଖାଇଥିଲେ ମଧ୍ୟ ତାକୁ ସ୍ଲାଇଡ୍ ବା ଫ୍ଲୋଟ୍ ଅପ୍‌ସନ୍ ଦେଇ ପାରିବେ। ଫଳରେ ସେମାନଙ୍କ ପୂର୍ବ ନାମଲେଖା ସ୍ୱତଃ ରଦ୍ଦ ହୋଇଯିବ ଓ ପୁନଃ ନାମଲେଖା ପ୍ରକ୍ରିୟାରେ ସାମିଲ ହେବେ। ଅନୁରୂପ ଭାବେ ଫ୍ରିଜ୍, ଫ୍ଲୋଟ୍ ବା ଅଲ୍‌ଟର୍ ଅପ୍‌ସନ୍ ଦେଇଥିବା ପ୍ରାର୍ଥୀମାନେ ମଧ୍ୟ ନୂତନ ଶିକ୍ଷାନୁଷ୍ଠାନକୁ ଯୋଡ଼ି ପାରିବେ। ଯଦି କୌଣସି ପ୍ରାର୍ଥୀ ନିଜ ଆବେଦନକୁ ପରିବର୍ତ୍ତନ ନ କରନ୍ତି, ତା'ହେଲେ ପୂର୍ବରୁ ଦେଇଥିବା ଅପ୍‌ସନ୍‌କୁ ମେଧା ଚୟନରେ ବିଚାରକୁ ନିଆଯିବ।

ସେହିପରି ମାଗଣା ଶିକ୍ଷା ସମ୍ପର୍କରେ ସୁବିଧାରେ ସୂଚନା ପାଇବା ପାଇଁ ମଧ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ସମ୍ପୂର୍ଣ୍ଣ ମାଗଣା ନାମଲେଖା ପାଇଁ ଉଦ୍ଦିଷ୍ଟ ସରକାରୀ ଶିକ୍ଷାନୁଷ୍ଠାନ, ନାମଲେଖା ଫି' ଦାଖଲ କରିବାକୁ ଥିବା ସେଲ୍ଫ ଫାଇନାନ୍ସ ପ୍ରୋଗ୍ରାମ୍ ଏବଂ ଉଭୟ ରେଗୁଲାର ଓ ସେଲ୍ଫ ଫାଇନାନ୍ସ ପ୍ରୋଗ୍ରାମ ଉପଲବ୍ଧ ଶିକ୍ଷାନୁଷ୍ଠାନଗୁଡ଼ିକୁ ପୃଥକ କରାଯାଇଛି। ତହିଁରେ ଛାତ୍ରଛାତ୍ରୀମାନେ ସହଜରେ ଆବେଦନ କରିପାରିବେ। ରେଗୁଲାର୍ ପାଠ୍ୟକ୍ରମ ପାଇଁ ଛାତ୍ରଛାତ୍ରୀଙ୍କୁ ଅନ୍‌ଲାଇନ୍‌ରେ ଏକ ସମ୍ମତିପତ୍ର ଦେବାକୁ ହେବ। ତହିଁରେ ୭୫ ପ୍ରତିଶତ ଉପସ୍ଥାନ ସୁନିଶ୍ଚିତ କରିବାକୁ ଦୈନିକ ବାୟୋମେଟ୍ରିକ୍ ଉପସ୍ଥାନ ଦାଖଲ କରିବେ, ଅନ୍ୟଥା ମାଗଣା ଶିକ୍ଷା ବଦଳରେ ଫି' ଦାଖଲ କରିବାକୁ ହେବ ବୋଲି ସମ୍ମତି ପ୍ରଦାନ କରିବେ।

ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟାରେ ମୋଟ୍ ୪ ରାଉଣ୍ଡରେ ସରିବ। ପୂର୍ବରୁ ପ୍ରଥମ ରାଉଣ୍ଡ ନାମଲେଖା ସରିଥିବାବେଳେ ଆସନ୍ତା ୧୨ ତାରିଖ ମଧ୍ୟରେ ଆବେଦନକାରୀ ଛାତ୍ରଛାତ୍ରୀମାନେ ସେମାନଙ୍କ ଆବେଦନରେ ପରିବର୍ତ୍ତନ କରିପାରିବେ। ଦ୍ୱିତୀୟ ରାଉଣ୍ଡ ନାମଲେଖା ପାଇଁ ଆସନ୍ତା ୨୦ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ପିଲାମାନେ ୨୧ରୁ ୨୩ ତାରିଖ ମଧ୍ୟରେ ନାମଲେଖାଇବେ। ଏହାପରେ ୨୯ ତାରିଖରେ ତୃତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ ଏବଂ ଅଗଷ୍ଟ ୧ ତାରିଖ ମଧ୍ୟରେ ଏହି ରାଉଣ୍ଡର ନାମଲେଖା ସରିବ। ବଳକା ସିଟ୍‌ରେ ସ୍ପଟ୍ ନାମଲେଖା ପାଇଁ ୪ ତାରିଖରେ ଛାତ୍ରଛାତ୍ରୀଙ୍କ ନାମ ପ୍ରକାଶ ପାଇବ। ୫ ଓ ୬ରେ ଶିକ୍ଷାନୁଷ୍ଠାନକୁ ଯାଇ ପିଲାମାନେ ରିପୋର୍ଟିଂ କରିବେ। ୭ରେ ୱେଟିଂ ମେଧା ତାଲିକା ପ୍ରକାଶ ପାଇବା ପରେ ୧୧ ତାରିଖ ମଧ୍ୟରେ ନାମଲେଖା ସରିବ। ଜୁଲାଇ ୨୭ ତାରିଖରୁ +୩ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ଓଜେସିର ପ୍ରଥମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

## ଫୋକସ୍‌ରେ ପୌର ନିର୍ବାଚନ

ଭୁବନେଶ୍ୱର,୮।୭(ସମିସ): ଆସନ୍ତା ପୌର ନିର୍ବାଚନ ଉପରେ ଫୋକସ୍ କରୁଛି ଓଡ଼ିଶା ଜନତା କଂଗ୍ରେସ। ଏହାକୁ ଆଧାର କରି ଓଡ଼ିଶା ଜନତା କଂଗ୍ରେସର ପ୍ରଥମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଛି। ବୁଧବାର ଓଜେସି ସଭାପତି ଇଂ ମହମ୍ମଦ ମୋକିମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟର ସମସ୍ତ ପଦାଧିକାରୀ ଯୋଗ ଦେଇ ମୌଳିକ ସମସ୍ୟାର ସମାଧାନ ସହ ଦଳର ସଂଗଠନକୁ ସୁଦୃଢ଼ କରିବା କ୍ଷେତ୍ରରେ ରଣନୀତି ପ୍ରସ୍ତୁତ କରିଛନ୍ତି।

ଦଳର ସଭାପତି ଶ୍ରୀ ମୋକିମ ରାଜ୍ୟ ଓ ଲୋକଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ନିରନ୍ତର ନିଷ୍ଠାପର ଉଦ୍ୟମ ଜାରି ରହିବ ବୋଲି କହିବା ସହ ରାଜ୍ୟ ଓ ଲୋକଙ୍କ ସ୍ୱାର୍ଥର ସୁରକ୍ଷା ସର୍ବୋପରି ତେଣୁ ଓଡ଼ିଶା ଜନତା କଂଗ୍ରେସ ସମସ୍ତ ସମସ୍ୟାର ସମାଧାନ ଓ ନ୍ୟାୟ ପ୍ରଦାନ ଦିଗରେ ଅହର୍ନିଶି କାର୍ଯ୍ୟ କରିବ ଏବଂ ରାଜରାସ୍ତାରେ ଲଢେଇ ପାଇଁ ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି କହିଛନ୍ତି। ଆଗାମୀ ଦିନରେ ସଭ୍ୟ ସଂଗ୍ରହକୁ ବିଶେଷ ପ୍ରାଧାନ୍ୟ ଦିଆଯିବା ଉପରେ ଆଲୋଚନା ହୋଇଥିଲା। ଆଗାମୀ ଏକ ମାସ ଭିତରେ ଜିଲ୍ଲା କମିଟି ଗଠନ ଏବଂ ଘୋଷିତ ଜିଲ୍ଲାରେ ବୁଥ୍ ସ୍ତରରୁ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ନିଷ୍ପତ୍ତି ନିଆଯାଇଛି। ସବୁ ଜିଲ୍ଲାର ଜିଲ୍ଲା

> ବିକଶିତ ଓଡ଼ିଶା ଗଠନ ପାଇଁ ନିଷ୍ଠାପର ଉଦ୍ୟମ ଜାରି ରହିବ: ମୋକିମ୍

ମୁଖ୍ୟାଳୟରେ ମାସକୁ ଅତିକମ୍‌ରେ ଦୁଇଟି ସ୍ଥାନୀୟ ସମସ୍ୟାକୁ ନେଇ ପ୍ରତିବାଦ ସଭା ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଆସନ୍ତା ମାସ ଅଗଷ୍ଟ ପ୍ରଥମ ସପ୍ତାହରେ ପୁରୀ ଠାରେ ଦଳର କାର୍ଯ୍ୟକର୍ତ୍ତା ମାନଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଆସନ୍ତା ପୌର ଏବଂ ପଞ୍ଚାୟତ ନିର୍ବାଚନକୁ ନେଇ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଲୋକଙ୍କ ସମସ୍ୟାକୁ ନେଇ ପ୍ରଚାର ଗାଡ଼ି ମାଧ୍ୟମରେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି।

## ପେଶା ଆଇନ ଲାଗୁ ନ କରିବା ଦୁର୍ଭାଗ୍ୟଜନକ: କଂଗ୍ରେସ

ଭୁବନେଶ୍ୱର,୮।୭(ସମିସ): ଆଦିବାସୀ ବହୁଳ ଓଡ଼ିଶା ରାଜ୍ୟରେ ପେଶା ଆଇନ ଲାଗୁ ହୋଇ ନଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଅଖିଳ ଭାରତ ଆଦିବାସୀ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ବିକ୍ରାନ୍ତ ଭୁରିଆ କହିଛନ୍ତି। ଏହି ଅବସରରେ କଂଗ୍ରେସ ଭବନ ଠାରେ ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସର ଉପଦେଷ୍ଟା ପରିଷଦ ବୈଠକରେ ଯୋଗ ଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରି ଆଗାମୀ ଦିନରେ ଆଦିବାସୀ ସ୍ୱାର୍ଥ ପାଇଁ ଆଦିବାସୀ କଂଗ୍ରେସ ଲଢ଼େଇ କରିବ ବୋଲି ସେ ଆହ୍ୱାନ ଦେଇଛନ୍ତି। ନିଟ୍ ପ୍ରଶ୍ନପତ୍ର ଲିକ୍ ନେଇ ରାହୁଲ ଗାନ୍ଧୀ ଦେଶ ତମାମ୍ ଆରମ୍ଭ କରିଥିବା "ଛାତ୍ରୋଁ କି ଗୁଞ୍ଜ" କାର୍ଯ୍ୟକ୍ରମ ଶୃଙ୍ଖଳାରେ ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସ ଦ୍ୱାରା ବୁଦ୍ଧ ମନ୍ଦିରରେ ଆୟୋଜିତ ଆଦିବାସୀ ଛାତ୍ରଙ୍କ ସହ ବାର୍ତ୍ତାଳାପ କରି ଆଗାମୀ ଦିନରେ ଏକ ସୁସ୍ଥ ସମାଜ ଗଠନ, ଛାତ୍ରଙ୍କ ଭବିଷ୍ୟତ ନିର୍ମାଣ କରିବା ନିମନ୍ତେ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିଥିବା ଡବଲ ଇଞ୍ଜିନ ସରକାରଙ୍କ ବିରୋଧରେ ଲଢ଼େଇ କରିବା ପାଇଁ ଛାତ୍ରମାନଙ୍କୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ସମେତ ଓଡ଼ିଶା କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସର ଅଧ୍ୟକ୍ଷ ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ଲାଗୁରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ, ଗିରିଧାରୀ ଗମାଙ୍ଗୋ, ବିଧାୟକ ରାଜନ ଏକ୍କା, ଆଦିବାସୀ କଂଗ୍ରେସର ଓଡ଼ିଶା ପ୍ରଭାରୀ ଗଣେଷ ସିଂ ଧ୍ରୁବ୍ ପ୍ରମୁଖ ସାମିଲ ହୋଇଥିଲେ।

## ପ୍ରକାଶ ପାଇଲା ଓଷ୍ଟା ଦଶମ ଶ୍ରେଣୀ ଟେଷ୍ଟ ପେପର୍ସ

କଟକ,୮।୭(ସମିସ): ଆସନ୍ତା ୨୦୨୭ ମସିହା ମାଟ୍ରିକ ପରୀକ୍ଷାର୍ଥୀଙ୍କ ନିମନ୍ତେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରସ୍ତୁତ ପାଠ୍ୟଖସଡ଼ା ଆଧାରରେ ବୁଧବାର ନୟାସଡ଼କସ୍ଥିତ ଓଷ୍ଟାର ମୁଖ୍ୟ କାର୍ଯ୍ୟାଳୟଠାରେ ଉଭୟ ବସ୍ତୁନିଷ୍ଠ ଓ ଦୀର୍ଘ ଉତ୍ତରମୂଳକ ଓଷ୍ଟା ଟେଷ୍ଟ ପେପର୍ସ ପ୍ରକାଶିତ ହୋଇଛି। ଆଜିଠାରୁ ବଜାରରେ ଏହା ବଜାରରେ ଉପଲବ୍ଧ ହୋଇଛି ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ବୋଲି ଓଷ୍ଟାର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଉଭୟ ସଂକ୍ଷିପ୍ତ ଓ ଦୀର୍ଘ ଉତ୍ତରମୂଳକ ଟେଷ୍ଟ ପେପର୍ସ ଓଷ୍ଟା ଦ୍ୱାରା ପ୍ରସ୍ତୁତ କରାଯାଇଛି। ଟେଷ୍ଟପେପର୍ସ ପ୍ରକାଶନ କ୍ଷେତ୍ରରେ ଓଷ୍ଟା ୬୧ବର୍ଷ ଅତିକ୍ରାନ୍ତ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ଉପସ୍ଥିତ ଥିଲେ।

# ଓଡ଼ିଶା ହାତରୁ ଖସି ନ ଯାଉ ଶଙ୍ଖାମେଦି

### ଏସ୍‌ଆଇଆର ପ୍ରକ୍ରିୟାରେ ୨୬୮ ଭୋଟର ପଶ୍ଚିମବଙ୍ଗରେ ପଞ୍ଜିକୃତ

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୮।୭ (ସମିସ): ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତରେ ଥିବା ଭୋଗରାଇ ବ୍ଲକର ଶଙ୍ଖାମେଦି ଗାଁକୁ ନେଇ ପୁଣି ଥରେ ସୀମା ବିବାଦ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସମ୍ପ୍ରତି ଅନୁଷ୍ଠିତ ସ୍ୱତନ୍ତ୍ର ଭୋଟର ଯାଞ୍ଚ (ଏସ୍‌ଆଇଆର) ପ୍ରକ୍ରିୟା ବେଳେ ଏହି ଗାଁର ୨୬୮ ଜଣ ବାସିନ୍ଦାଙ୍କ ନାମ ପୂର୍ବରୁ ପଶ୍ଚିମବଙ୍ଗର ଭୋଟର ତାଲିକାରେ ପଞ୍ଜୀକୃତ ଥିବା ଜଣାପଡ଼ିଛି। ଏହି ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ଉଦ୍‌ବେଗ ସୃଷ୍ଟି କରିବା ସହିତ ଓଡ଼ିଶାର ସୀମା ସୁରକ୍ଷା ଓ ପ୍ରଶାସନିକ ଅଧିକାରକୁ ନେଇ ନୂଆ ପ୍ରଶ୍ନ ଉଠାଇଛି। ଏହାକୁ ନେଇ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ପଶ୍ଚିମବଙ୍ଗ ସୀମାନ୍ତରେ ଥିବା ଶଙ୍ଖାମେଦୀ ଗାଁ ଓଡିଶା ହାତରୁ ଖସି ନଯାଉ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀଙ୍କଠାରେ ଦାବି ଜଣାଇଛନ୍ତି।

ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗ ସୀମାନ୍ତ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଶଙ୍ଖାମେଦି ଗ୍ରାମର ଲୋକେ ବର୍ଷ ବର୍ଷ ଧରି ଓଡ଼ିଶା ସରକାରଙ୍କ ଅଧୀନରେ ରହି ଆସୁଛନ୍ତି। ଅଧିକାଂଶ ଲୋକ ଓଡ଼ିଆ ଭାଷାଭାଷୀ। ସେମାନଙ୍କ ପିଲାମାନେ ସେଠାରେ ଥିବା ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥାପିତ

> ରାଜସ୍ୱ ମନ୍ତ୍ରୀଙ୍କ ସହ ଆଲୋଚନା କରି ଓଡ଼ିଶା ସରକାରଙ୍କ ହସ୍ତକ୍ଷେପ ଦାବି କଲେ ବିଧାୟକ ଗୌତମବୁଦ୍ଧ

ବିଦ୍ୟାଳୟରେ ପାଠ ପଢ଼ନ୍ତି। ପରିବାରଗୁଡ଼ିକ ଓଡ଼ିଶା ସରକାରଙ୍କ ଶାସନ ବ୍ୟବସ୍ଥା ସହିତ ବିଭିନ୍ନ ସରକାରୀ ସୁବିଧା ପାଉଛନ୍ତି ଏବଂ ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟ ମଧ୍ୟ ଓଡ଼ିଶା ସହିତ ଜଡ଼ିତ। ତଥାପି ସେମାନଙ୍କ ନାମ ପଶ୍ଚିମବଙ୍ଗର ଭୋଟର ତାଲିକାରେ ରହିଥିବାରୁ ସେମାନେ ଓଡ଼ିଶାରେ ଭୋଟ ଦେବା ଅଧିକାରରୁ ବଞ୍ଚିତ ହେବାର ଆଶଙ୍କା ଦେଖାଦେଇଛି। ରାଜନୈତିକ ଏବଂ ପ୍ରଶାସନିକ ମହଲରେ ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହ ଦେଖାଯାଉଛି। ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତ ଅନୁସାରେ, ଯଦି ଏହି ପରିସ୍ଥିତିର ସମାଧାନ ଶୀଘ୍ର ନ କରାଯାଏ, ତେବେ ଶଙ୍ଖାମେଦି ଉପରେ ପଶ୍ଚିମବଙ୍ଗର ଦାବିକୁ ଅଧିକ ବଳ ମିଳିପାରେ ଏବଂ ଭବିଷ୍ୟତରେ ଓଡ଼ିଶାର ଦାବି ଦୁର୍ବଳ ହୋଇପାରେ। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଭୋଗରାଇ ବିଧାୟକ ଶ୍ରୀ ଦାସ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କୁ ଭେଟି ବିସ୍ତୃତ ଆଲୋଚନା କରିଥିଲେ। ସେ ମନ୍ତ୍ରୀଙ୍କୁ ଅବଗତ କରାଇ କହିଥିଲେ ଯେ, ଏହା କେବଳ ଭୋଟର ତାଲିକାର ପ୍ରସଙ୍ଗ ନୁହେଁ, ବରଂ ଓଡ଼ିଶାର ଭୌଗୋଳିକ ଅଖଣ୍ଡତା ଓ ସୀମା ସୁରକ୍ଷା ସହ ଜଡ଼ିତ ଏକ ଗୁରୁତର ବିଷୟ। ସେ ରାଜ୍ୟ ସରକାରଙ୍କୁ ତୁରନ୍ତ ହସ୍ତକ୍ଷେପ କରି ଆଇନଗତ ଓ ପ୍ରଶାସନିକ ପଦକ୍ଷେପ ନେବାକୁ ଦାବି କରିଥିଲେ। ବିଧାୟକ ଶ୍ରୀ ଦାସଙ୍କ ସୂଚନା ଅନୁସାରେ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ଗ୍ରହଣ କରି ତତ୍‌କ୍ଷଣାତ୍ ବାଲେଶ୍ୱର ଜିଲ୍ଲାପାଳଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରି ଘଟଣାର ସମ୍ପୂର୍ଣ୍ଣ ବିବରଣୀ ତୁରନ୍ତ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ବିଧାୟକ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଶୀଘ୍ର ଏକ ଉଚ୍ଚସ୍ତରୀୟ ବୈଠକ ଡାକିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଭୋଗରାଇ ଅଞ୍ଚଳରେ ଆଉ ପାଞ୍ଚଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଗତବର୍ଷରୁ କରାଯାଇଥିବା ଦାବିକୁ ମଧ୍ୟ ବିଧାୟକ ମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିଥିଲେ। ମନ୍ତ୍ରୀ ଏହି ପ୍ରସ୍ତାବ ଉପରେ ମଧ୍ୟ ଶୀଘ୍ର ସକାରାତ୍ମକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଶଙ୍ଖାମେଦି ପ୍ରସଙ୍ଗ ବର୍ତ୍ତମାନ କେବଳ ଏକ ସୀମାନ୍ତ ଗାଁର ସମସ୍ୟା ହୋଇ ରହିନାହିଁ; ଏହା ଓଡ଼ିଶାର ଭୌଗୋଳିକ ପରିଚୟ, ସ୍ଥାନୀୟ ଲୋକଙ୍କ ଗଣତାନ୍ତ୍ରିକ ଅଧିକାର ଓ ରାଜ୍ୟର ସାର୍ବଭୌମ ପ୍ରଶାସନିକ ସ୍ୱାର୍ଥ ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଉଭା ହୋଇଛି। ସ୍ଥାନୀୟ ବାସିନ୍ଦା ଏବଂ ବୁଦ୍ଧିଜୀବୀ ମହଲ ଆଶା କରୁଛନ୍ତି ଯେ ରାଜ୍ୟ ସରକାର ଏହି ବିଷୟରେ ତୁରନ୍ତ ଓ ଦୃଢ଼ ପଦକ୍ଷେପ ନେଇ ଶଙ୍ଖାମେଦିର ସ୍ୱାର୍ଥ ଓ ଓଡ଼ିଶାର ଅଧିକାରକୁ ସୁରକ୍ଷିତ ରଖିବେ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଶୁଭଫଳ ପ୍ରଦାନ କରିପାରେ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କ ସହଯୋଗ ମିଳିପାରେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିପାରନ୍ତି। ପାରିବାରିକ ଜୀବନ ସୁଖମୟ ହେବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ଦାନ ଧର୍ମ କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଚାକିରିରେ ନୂଆ ସୁଯୋଗ ଜୁଟିପାରେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ପୁରୁଣା ନିବେଶରୁ ଲାଭ ମିଳିବ। କାର୍ଯ୍ୟରେ ସଫଳତା ମିଳିପାରେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ।

**କନ୍ୟା:** ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିପାରନ୍ତି।

**ତୁଳା:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେଇପାରନ୍ତି। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁ ମିଳନ ହେବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମନ ଚଞ୍ଚଳ ରହିବ।

**ମକର:** ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ। ଧୈର୍ଯ୍ୟ ରଖି ଚାଲିବେ। ପରିଶ୍ରମର ଫଳ ମିଳିବ। ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିପାରନ୍ତି।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ଲାଭ ମିଳିବ।

## ଆଜିର ଇତିହାସ

- ୧୮୭୫- ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ଆରମ୍ଭ।
- ୧୯୨୫- ବଲିଉଡ୍‌ର ପ୍ରଖ୍ୟାତ ନିର୍ଦ୍ଦେଶକ ଗୁରୁଦତ୍ତଙ୍କ ଜନ୍ମ।
- ୧୯୫୧- ଭାରତରେ ପଞ୍ଚବାର୍ଷିକ ଯୋଜନାର ଆରମ୍ଭ ହେଲା।
- ୧୯୫୩- ପ୍ରଥମ ହେଲିକପ୍ଟର ଯାତ୍ରୀ ସେବା ନ୍ୟୁୟର୍କରେ ଆରମ୍ଭ ହେଲା।
- ୧୯୭୨- ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କଲା।

# 'ବାରାଣସୀ' ସେଟ୍‌ରୁ ମହେଶ ବାବୁଙ୍କ ଫଟୋ ଲିକ୍



ଏସ୍. ଏସ୍. ରାଜାମୌଳିଙ୍କ ଫିଲ୍ମ 'ବାରାଣସୀ'ର ରିଲିଜ୍‌କୁ ଦର୍ଶକେ ଏବେ ଅପେକ୍ଷା କରି ରହିଛନ୍ତି। ସେଥିପାଇଁ ନିର୍ମାତା ଫିଲ୍ମ ସମ୍ପର୍କିତ ଅପଡେଟ୍ ଦର୍ଶକଙ୍କ ନିମନ୍ତେ ସାମାଜିକ ଗଣମାଧ୍ୟମରେ ସେୟାର୍ କରୁଛନ୍ତି। ନିକଟରେ ଫିଲ୍ମର ସୁଟିଂ ସେଟ୍‌ରୁ ଏକ ଫଟୋ ଭାଇରାଲ ହୋଇଛି। ଏହା ମହେଶବାବୁଙ୍କ ରାମ ଭୂମିକାର ଫଟୋ ବୋଲି କୁହାଯାଉଛି। ଭାଇରାଲ ଫଟୋରେ ମହେଶ ବାବୁ ହାତରେ ଧନୁ ଶର ଧରି ନଜର ଆସିଛନ୍ତି। ଏହି ସିନ୍ ରାମଙ୍କ ବନବାସ ସମୟର ବୋଲି କୁହାଯାଉଛି। ଫଟୋ ଭାଇରାଲ ହେବା ପରେ ସୋସିଆଲ ମିଡିଆ ୟୁଜର୍ସମାନେ ଏହାକୁ ରଣବୀର କପୁରଙ୍କ 'ରାମାୟଣ' ଲୁକ୍ ସହିତ ତୁଳନା କରିବା ଆରମ୍ଭ କରିଦେଇଛନ୍ତି। ଏଥିରେ କିଛି ଦର୍ଶକ ପ୍ରତିକ୍ରିୟା ଦେଇ ଲେଖିଛନ୍ତି, 'ନମିତ ଏବଂ ରଣବୀର ପ୍ରସ୍ତୁତ ରହିବା ଉଚିତ। ରାଜାମୌଳିଙ୍କ ୧୦ ମିନିଟ୍ ସମ୍ପୂର୍ଣ୍ଣ 'ରାମାୟଣ' ଚଳଚ୍ଚିତ୍ର ଉପରେ ଭାରୀ ପଡ଼ି ନ ଯାଉ, ଯେମିତି ସେ ଟିଜର୍ ସହିତ କରିଥିଲେ। ସେହିଭଳି ଆଉ କିଛି ଜଣ ଏହା ଏଆଇ ଦ୍ୱାରା ପ୍ରସ୍ତୁତ ଫଟୋ ବୋଲି କହୁଛନ୍ତି। ରାଜାମୌଳି ଗତ ବର୍ଷ ଏକ କାର୍ଯ୍ୟକ୍ରମରେ କହିଥିଲେ, 'ପ୍ରଥମ ଦିନ, ଯେତେବେଳେ ମହେଶ ବାବୁ ଫଟୋସୁଟ୍ ପାଇଁ ଭଗବାନ ରାମଙ୍କ ବେଶରେ ଆସିଲେ, ସେତେବେଳେ ମୋ ମଧ୍ୟରେ ଏକ ଅଦ୍ଭୁତ ଶିହରଣ ସୃଷ୍ଟି ହୋଇଥିଲା। ମୁଁ ଦ୍ୱନ୍ଦ୍ୱରେ ଥିଲି। ମହେଶଙ୍କଠାରେ କୃଷ୍ଣଙ୍କ ଭଳି ଆକର୍ଷଣ ଓ ରାମଙ୍କ ଭଳି ଶାନ୍ତି ମୋତେ ଅନୁଭୂତ ହୋଇଥିଲା। ମୁଁ ସେହି ଫଟୋଟିକୁ ନିଜ ୱାଲପେପର୍ ମଧ୍ୟ କରିଥିଲି ଏବଂ କେହି ଏହାକୁ ଦେଖିଦେବେ ଆଶଙ୍କା କରି ହଟାଇ ଦେଇଥିଲି। ମହେଶବାବୁଙ୍କ ବ୍ୟତୀତ ଏହି ଚଳଚ୍ଚିତ୍ରରେ ପ୍ରିୟଙ୍କା ଚୋପ୍ରା ଏବଂ ପୃଥ୍ୱୀରାଜ ସୁକୁମାରନ୍ ଲିଡ୍ ରୋଲରେ ନଜର ଆସିବେ। ଏଥିରେ ପୃଥ୍ୱୀରାଜ କୁମ୍ଭକର୍ଣ୍ଣ ଭୂମିକାରେ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏହି ଚଳଚ୍ଚିତ୍ରଟି ୭ ଅପ୍ରେଲ, ୨୦୨୭ ରେ ମୁକ୍ତିଲାଭ କରିବ।

## ନିଆରା ସେବା

# ଘରୋଇ କାର୍ଯ୍ୟରୁ ଆରମ୍ଭ କରି ଏକାକୀତ୍ୱ ଦୂରେଉଛନ୍ତି ଜେଜେମା

ଏକାକୀତ୍ୱ ମଣିଷକୁ ଭିତରୁ ଦୁର୍ବଳ ଏବଂ ନିଃସଙ୍ଗ କରିଦିଏ। ଏକାକୀତ୍ୱର ଭାବନା ଅତ୍ୟଧିକ ବଢ଼ିଗଲେ ଏହା ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପକାଏ। ଆଜିର ବ୍ୟସ୍ତବହୁଳ ଜୀବନରେ ଏକୁଟିଆ ଅନୁଭବ କରିବା ସାଧାରଣ କଥା। ଲୋକଙ୍କର ଏହି ସମସ୍ୟା ଦୂର କରିବାକୁ ଟୋକିଓସ୍ଥିତ କମ୍ପାନି 'କ୍ଲାଏଣ୍ଟ ପାର୍ଟନର' 'ଓକେ ଗ୍ରାଣ୍ଡମା' ନାମକ ଏକ ସ୍ୱତନ୍ତ୍ର ସେବା ଆରମ୍ଭ କରିଛନ୍ତି। ଏହି ସେବାରେ ଲୋକେ ଘଣ୍ଟା ପ୍ରତି ଏକ ନିର୍ଦ୍ଦିଷ୍ଟ ମୂଲ୍ୟ ଦେଇ ଜଣେ ଆଈ କିମ୍ବା ଜେଜେମା'ଙ୍କୁ ଭଡ଼ାରେ ନେଇପାରିବେ। 'କ୍ଲାଏଣ୍ଟ ପାର୍ଟନର୍ସ' ସଂସ୍ଥା ଦ୍ୱାରା ୨୦୧୧-୧୨ ମସିହାରୁ ଏହି ସେବା ଆରମ୍ଭ କରାଯାଇଛି, ଯାହା ବର୍ତ୍ତମାନ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ଜାପାନରେ ବଢୁଥିବା ଏକାକୀତ୍ୱ ସମସ୍ୟାକୁ ଦୂର କରିବା ଏବଂ ବୟସ୍କ ମହିଳାମାନଙ୍କୁ ସମାଜରେ ପୁଣିଥରେ ସକ୍ରିୟ କରି ରୋଜଗାରକ୍ଷମ କରିବା ଏହି ସେବାର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ୬୦ ରୁ ୯୪ ବର୍ଷ ବୟସର ଅଭିଜ୍ଞ ମହିଳାମାନଙ୍କୁ ଏଥିରେ ନିଯୁକ୍ତ କରାଯାଏ। ଏହି ଆଈ ବା ଜେଜେମାମାନେ ଗ୍ରାହକଙ୍କ ଘରକୁ ଯାଇ ପାରମ୍ପରିକ ସ୍ୱାଦିଷ୍ଟ ଖାଦ୍ୟ ରୋଷେଇ କରିବା, ଘର ସଫାସୁତୁରା କରିବା ଏବଂ ଛୋଟ ପିଲାଙ୍କ ଦେଖାଶୁଣା କରନ୍ତି। ଅନେକ ସମୟରେ ଯୁବପିଢ଼ି ନିଜର ବ୍ୟକ୍ତିଗତ ସମସ୍ୟା, ସମ୍ପର୍କର ତିକ୍ତତା କିମ୍ବା ମାନସିକ ଚାପରୁ ମୁକ୍ତି ପାଇବା ପାଇଁ ମଧ୍ୟ ସେମାନଙ୍କ ପରାମର୍ଶ ଲୋଡ଼ିଥାନ୍ତି। କେତେକ ଗ୍ରାହକ କୌଣସି ପାରିବାରିକ ବିବାଦ ସମାଧାନ କରିବା, ପରିବାର ପ୍ରାୟୋଜିତ କାର୍ଯ୍ୟକ୍ରମ କିମ୍ବା ବିବାହ ଉତ୍ସବରେ ଜେଜେମା' ଭାବରେ ସାମିଲ ହେବା ପାଇଁ ମଧ୍ୟ ଏମାନଙ୍କୁ ଭଡ଼ାରେ ନେଇଥାନ୍ତି। ଏହି ସେବା ପାଇଁ ଗ୍ରାହକଙ୍କୁ ପ୍ରତି ଘଣ୍ଟା ହିସାବରେ ଜେଜେମାଙ୍କୁ ଭାରତୀୟ ମୁଦ୍ରାରେ ୧୯୧୭.୦୭ ଟଙ୍କା ଦେବାକୁ ପଡ଼ିଥାଏ। ଏହାସହ ଯାତାୟାତ ଖର୍ଚ୍ଚ ଅଲଗା ଦେବାକୁ ପଡ଼େ। ଏହି ସେବା କେବଳ ଏକାକୀ ରହୁଥିବା ଯୁବକଯୁବତୀଙ୍କୁ ପାରିବାରିକ ସ୍ନେହ ଓ ଆଶ୍ୱାସନା ପ୍ରଦାନ କରୁନାହିଁ, ବରଂ ଅବସର ପରେ ବୟସ୍କ ମହିଳାମାନଙ୍କୁ ଏକ ସ୍ୱାଧୀନ ଓ ସମ୍ମାନଜନକ ଜୀବନ ଜୀଇଁବାର ସୁଯୋଗ ଦେଉଛି। ସାମାଜିକ ଗଣମାଧ୍ୟମରେ ଏହି ସେବା ବିଷୟରେ ଭାଇରାଲ ହେବା ପରେ ଏହାକୁ ଅନେକ ପ୍ରଶଂସା କରିଛନ୍ତି।



## ଆଜି ଆସିଥିଲେ

# ବାଣୀକଣ୍ଠ ନିମାଇଁ ହରିଚନ୍ଦନ



ଓଡ଼ିଶାର ପ୍ରଥମ ପେଶାଦାର କଣ୍ଠଶିଳ୍ପୀ ରୂପେ ନିମାଇଁ ଚରଣ ହରିଚନ୍ଦନଙ୍କୁ ଜଣାଯାଏ। ଓଡ଼ିଶୀ ସଙ୍ଗୀତର ବିଭିନ୍ନ ବିଭାଗ ଯେମିତିକି ଓଡ଼ିଶୀ ବା ଓଡ଼ିଶୀ ସଙ୍ଗୀତର ବିଭିନ୍ନ ବିଭାଗ ଯେମିତିକି ଓଡ଼ିଶୀ ବା ଚୌପଦୀ, ଛାନ୍ଦ, ଚମ୍ପୁ, ଚଉତିଶା, ଭଜନ, ଜଣାଣ, ପାରମ୍ପରିକ ସଙ୍ଗୀତ ପଲ୍ଲୀଗୀତ ଗାୟନରେ ସେ ବେଶ୍ ପ୍ରବୀଣ ଥିଲେ। ଏହାବାଦ୍ ବୈଦେହୀଶ ବିଳାସ, ବିଦଗ୍ଧ ଚିନ୍ତାମଣି, ବିଚିତ୍ର ରାମାୟଣ, ମଥୁରା ମଙ୍ଗଳ, ଗୋପୀଭାଷା, କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ପରି କାବ୍ୟ କୃତି ବି ତାଙ୍କ କଣ୍ଠରେ ରେକର୍ଡ ହୋଇଛି। ଏମିତିକି ବିଭିନ୍ନ ନୀତିଶିକ୍ଷା ଓ ସରକାରୀ ଉଦ୍ଦେଶ୍ୟରେ ଜନ ସଚେତନତା ଧର୍ମୀ ଗୀତ ମଧ୍ୟ ଗାଇଛନ୍ତି। ନିମାଇଁ ଗାଇଥିବା ଭଜନଗୁଡ଼ିକ ମୁଖ୍ୟତଃ ଜଗନ୍ନାଥଙ୍କ ଉପରେ ହିଁ ଆଧାରିତ। ତାଙ୍କର ଭାବପୂର୍ଣ୍ଣ ଏବଂ ସୁମଧୁର କଣ୍ଠସ୍ୱର ପାଇଁ ତାଙ୍କୁ 'ବାଣୀକଣ୍ଠ' ଉପାଧିରେ ଭୂଷିତ କରାଯାଇଥିଲା। ଏହି ପ୍ରଥିତଯଶା ସାରସ୍ୱତ ସାଧକଙ୍କ ଜନ୍ମ କେନ୍ଦ୍ରାପଡ଼ାରେ ୧୯୦୧ ମସିହା ଆଜିର ଦିନରେ ହୋଇଥିଲା। ତାଙ୍କ ପିତା ବୃନ୍ଦାବନ ଚନ୍ଦ୍ର ହରିଚନ୍ଦନ ଓ ମାତା ଇନ୍ଦ୍ରମଣି ଦେବୀ। ପିଲାଦିନୁ ସଙ୍ଗୀତ ପ୍ରତି ତାଙ୍କର ଅନୁରାଗ ଥିଲା। ନିମାଇଁଙ୍କ କକା ଗୋକୁଳ ଶ୍ରୀଚନ୍ଦନ ତାଙ୍କୁ ସଙ୍ଗୀତ ଜଗତରେ ପ୍ରବେଶ କରାଇଥିଲେ। ରାସଲୀଳାର ଅନ୍ୟତମ ପ୍ରବର୍ତ୍ତକ ନୟାଗଡ଼ ରାଜବଂଶୀୟ ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ ରାସ ଦଳରେ ୧୬ବର୍ଷ ବୟସରେ ସେ ଯୋଗ ଦେଇଥିଲେ। ହିନ୍ଦୁସ୍ତାନୀ ସଙ୍ଗୀତର ଓସ୍ତାଦ୍ ମାଧୋରାଓଙ୍କଠାରୁ ଏହାପରେ ସଙ୍ଗୀତ ଶିକ୍ଷାଲାଭ କଲେ। ସେ ଆଦ୍ୟ ଯୌବନରୁ ସଙ୍ଗୀତ ପ୍ରତି ଆକୃଷ୍ଟହୋଇ ସଙ୍ଗୀତ ସାଧନାରେ ମଗ୍ନ ରହିଥିଲେ। ୧୯୩୩ ମସିହାରେ ତାଙ୍କ ସୁମଧୁର ସଙ୍ଗୀତଗୁଡ଼ିକ ଏଚ୍‌ଏମ୍‌ଭି କମ୍ପାନି ରେକର୍ଡିଂ କରି ଓଡ଼ିଶାର ପୁରପଲ୍ଲୀରେ ପହଞ୍ଚାଇ ଦେଲା ଓ ସେ ହୋଇଗଲେ ବାଣୀକଣ୍ଠ ନିମାଇଁ ହରିଚନ୍ଦନ। ବିଶେଷକରି ତାଙ୍କର ଅନନ୍ୟ କଣ୍ଠସ୍ୱର ଓ ଗାୟନ ଶୈଳୀ ତାଙ୍କୁ ଖୁବ୍ ଲୋକପ୍ରିୟତା ଆଣି ଦେଇଥିଲା। ଏହି ବିପୁଳଯଶା କଣ୍ଠଶିଳ୍ପୀଙ୍କ କଣ୍ଠରୁ ନିସୃତ 'ଥକାମନ ଚାଲଯିବା', 'ଚକାଡୋଳା କିମ୍ପା ଡାକ ନ ଶୁଣ', 'ନୀଳସିନ୍ଧୁ ତୀରେ',' କହଇ ମନ ଆରେ ମୋ ବୋଲ କର' ଆଦି ସଙ୍ଗୀତଗୁଡ଼ିକ ବେଶ୍ ଶ୍ରୁତିମଧୁର ଓ ମର୍ମସ୍ପର୍ଶୀ। ୧୯୩୪ରେ କଲିକତା ରେଡିଓ ଷ୍ଟେସନର ଆଗଧାଡ଼ିର କଳାକାର ହୋଇଗଲେ ବାଣୀକଣ୍ଠ। ୧୯୩୮ ରେ ଶ୍ରେଷ୍ଠ ଓଡ଼ିଶୀ ସଙ୍ଗୀତ ଗାନ ପାଇଁ ତାଙ୍କୁ ମିଳିଥିଲା ଉତ୍କଳ ସଙ୍ଗୀତ ସମାଜ ସ୍ୱର୍ଣ୍ଣ ପଦକ ଓ ଆଠଗଡ଼ ରାଜଦରବାର ସ୍ୱର୍ଣ୍ଣପଦକ। ୧୯୪୭ ଡିସେମ୍ବର ୨୮ ତାରିଖରେ ପ୍ରଥମ ଥର ପାଇଁ ଆକାଶବାଣୀ କଟକ କେନ୍ଦ୍ରରୁ ତାଙ୍କ ସଙ୍ଗୀତର ମୂର୍ଚ୍ଛନା ଶୁଣିବାକୁ ମିଳିଲା। ୧୯୫୪ରେ ଦିଲ୍ଲୀର ଐତିହାସିକ ଲାଲକିଲ୍ଲାରେ ସଙ୍ଗୀତ ନାଟକ ଏକାଡେମୀ ନିମନ୍ତ୍ରଣ କ୍ରମେ ସେ ସଙ୍ଗୀତ ଗାନ କରି ସମଗ୍ର ଦେଶରେ ଓଡ଼ିଶୀ ସଙ୍ଗୀତ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ଆଣି ଦେଇଥିଲେ। ୧୯୭୬ ମସିହାରେ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ଏଥିସହ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ୧୯୭୮ ମସିହାରେ ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଥିଲେ। ପୁରୀର ଗଜପତି ମହାରାଜା, ନିମାଇଁ ହରିଚନ୍ଦନଙ୍କୁ ଶ୍ରୀମନ୍ଦିରରେ ଚାମର ସେବା ପ୍ରଦାନ କରିଥିଲେ। ୧୯୭୦ ମସିହାଠାରୁ, ସେ ପୁରୀରେ ରହି ମନ୍ଦିରରେ ଚାମର ସେବା କରୁଥିଲେ ଓ ଜଣାଣ ଗାଉଥିଲେ। ୧୯୮୩ ଜୁଲାଇ ୨୦ ତାରିଖ, ବାହୁଡ଼ାଯାତ୍ରା ଦିନ ଶ୍ରୀକ୍ଷେତ୍ରରେ ତାଙ୍କର ପରଲୋକ ହୋଇଥିଲା।

# ମୃତ୍ତିକାଶିଳ୍ପର ରାଣୀ ସୋନାବାଈ





ଜଣେ କଳାକାର ଅନେକ ପାରିପାର୍ଶ୍ୱିକ ସ୍ଥିତି ଦେଇ ଗତି କଲେ ମଧ୍ୟ, କଳାପ୍ରତି ଥିବା ନିଷ୍ଠା, ଉତ୍ସାହ ଦ୍ୱାରା ସେ ନିଜର ପରିଚୟ ସୃଷ୍ଟି କରିଥାଏ। ସେମିତି ଜଣେ କଳାକାର ହେଲେ, ଛତିଶଗଡ଼ର ସୋନାବାଈ ରାଜୱାର। ଯେ କି ୧୫ ବର୍ଷ ଗୃହବନ୍ଦୀ, ଏକଲାପଣ ଏବଂ ଅବସାଦ ପରେ ମଧ୍ୟ ଭାଙ୍ଗି ନ ଥିଲେ। ପିଲାବେଳୁ ଶିଖିଥିବା ଲୋକକଳାକୁ ସେ ନିଜର ଅସ୍ତ୍ର କରିଥିଲେ। ମାଟିରେ ଭଳିକି ଭଳି କଳାକୃତି କରି ନିଜ ଘରକୁ ସେ ଏକ ମ୍ୟୁଜିୟମର ରୂପ ଦେଇଥିଲେ।

### ଝରକା ବିହିନ ଘରେ ୧୫ ବର୍ଷ ବନ୍ଦୀ

ସୋନାବାଈ ୧୯୩୦ ମସିହାରେ ଛତିଶଗଡ଼ ସରଗୁଜା ଜିଲ୍ଲାର ପୁହପୁଟରା ଗାଁରେ ଜନ୍ମ ହୋଇଥିଲେ। ମାତ୍ର ୧୪ ବର୍ଷ ବୟସରେ ସେ ବିବାହ କରିଥିଲେ। ପ୍ରାରମ୍ଭରେ ଜୀବନ ସହଜ ଥିଲା, ହେଲେ ପରିବାର ଭାଗବଣ୍ଟା ପରେ ତାଙ୍କ ଜୀବନରେ କଳାବାଦଲ ଛାଇ ଯାଇଥିଲା। ସେ ଏକଲାପଣର ଶିକାର ହୋଇଥିଲେ। ପୁଅ ଜନ୍ମ ପରେ ତାଙ୍କ ସ୍ୱାମୀ ତାଙ୍କୁ ଏକ ଝରକା ବିହୀନ ଘରେ ବନ୍ଦୀ କରି ରଖିଥିଲେ। ପୁଅ ସହ ଏକୁଟିଆ ଅନ୍ଧାର, ଗରମ କୋଠରୀରେ ସେ ରହୁଥିଲେ। ସେଠାରେ ପୁଅର ମନ ଭୁଲାଇବା ଏବଂ ନିଜର ଏକଲାପଣ ଦୂରେଇବା ପାଇଁ ସେ ମାଟିରେ ଖେଳଣା ପ୍ରସ୍ତୁତି କଲେ।

### ପାରମ୍ପରିକ ଭିତ୍ତିକଳା

ସେ କାନ୍ଥ ଏବଂ ଭୂଇଁରୁ ମାଟି ଖୋଳି ସେଥିରେ ଭଳିକି ଭଳି ଭିତ୍ତି କଳାକୃତି କରୁଥିଲେ। ଏହା ପ୍ରାଚୀନ ଲୋକକଳା ଭାବେ ପରିଚିତ। କାନ୍ଥରେ ମଣିଷ, ପଶୁପକ୍ଷୀ, ଦେବଦେବୀଙ୍କ ସମେତ, ଛାତ ଏବଂ ଅଗଣା ମଧ୍ୟ କଳାକୃତିରେ ପୂର୍ଣ୍ଣ କରିଥିଲେ। ଏଥିସହ ଗରମରୁ ସୁରକ୍ଷା ପାଇଁ ବାଉଁଶ ତାଟିରୁ ଜାଲି ପ୍ରସ୍ତୁତ କରି ମାଟିନେସି ରଙ୍ଗ ଦେଇଥିଲେ। ଏଥିରେ ପବନ ଏବଂ ସୂର୍ଯ୍ୟାଲୋକ ଆସୁଥିଲା। ଏହା ଦେଖିବାକୁ ମଧ୍ୟ ଖୁବ୍ ଆକର୍ଷଣୀୟ ଥିଲା।

### ଗୃହରୁ ସଂଗ୍ରହାଳୟ

୧୯୮୩ ମସିହାରେ ଭୋପାଳର ଏକ ଗବେଷଣା ଟିମ୍ ତାଙ୍କ ଗାଁରେ ପହଞ୍ଚିଥିଲେ। ସୋନାବାଈଙ୍କ ଘର ଏବଂ ଅଦ୍ଭୁତ ଚିତ୍ରକଳା ଦେଖି ସେମାନେ ବିସ୍ମିତ ହୋଇଥିଲେ। ଚିତ୍ରକଳା ପାଇଁ ସେ ରାଷ୍ଟ୍ରୀୟ ସମ୍ମାନ ଏବଂ ଶିଳ୍ପଗୁରୁ ଭଳି ସର୍ବୋଚ୍ଚ ସମ୍ମାନ ପାଇଥିଲେ। ୨୦୦୭ ରେ ସୋନାବାଈଙ୍କ ନିଧନ ପରେ ତାଙ୍କ ଘରକୁ ସଂଗ୍ରହାଳୟ ଭାବେ ସଂରକ୍ଷିତ କରାଯାଇଛି। ପ୍ରତିବର୍ଷ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏହା ଦେଖିବାକୁ ଆସନ୍ତି।

## ଆଇସ୍ୟାଡୋ ଷ୍ଟିକ୍

ଆଇସ୍ୟାଡୋ ପାଉଡର ଏବଂ କ୍ରିମ୍ ସେଡ୍‌ରେ ଆସିଥାଏ। ଏହାକୁ ହାତ ଏବଂ ବ୍ରଶ୍‌ରେ ଲଗାଇ ବ୍ଲେଣ୍ଡ କରାଯାଏ। ଏହି ପ୍ରକ୍ରିୟା ସାମାନ୍ୟ କଷ୍ଟକର ହୋଇଥାଏ। ହେଲେ ଏହାକୁ ସହଜ କରିବା ପାଇଁ ଏବେ ଆଇସ୍ୟାଡୋ ଷ୍ଟିକ୍ ମଧ୍ୟ ଉପଲବ୍ଧ। ଏହା ନେସି ହେବା ସମସ୍ୟାକୁ ଦୂର କରି ପରଫେକ୍ଟ ସ୍ମୋକୀ ଏବଂ ସିମରିଂ ମେକ୍‌ଅପ୍ ଲୁକ୍ ଦେଇଥାଏ।

- ଏହାକୁ କଳା ଭଳି ସିଧାସଳଖ ଆଖିପତାରେ ଲଗାଇ ସ୍ୱାଇପ୍ କରିପାରିବେ। ଏହା ଲଗାଇବା ମଧ୍ୟ ଖୁବ୍ ସହଜ ହୋଇଥାଏ।
- ଏହା ଖୁବ୍ ଛୋଟ ଏବଂ ଟ୍ରାଭେଲ ଫ୍ରେଣ୍ଡଲି ହୋଇଥାଏ। ଏହାକୁ ବ୍ୟାଗ୍‌ରେ ରଖି ଯେ କୌଣସି ସମୟରେ ବ୍ୟବହାର କରିପାରିବେ।
- ସେହିପରି କେତେକ ଆଇସ୍ୟାଡୋ ଷ୍ଟିକ୍ ସ୍ମଜ୍ ପ୍ରୁଫ୍ ଏବଂ ୱାଟର୍‌ପ୍ରୁଫ୍ ମଧ୍ୟ ହୋଇଥାଏ। ଫଳରେ ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ।

## ସୁଶ୍ରୀ

### ହଜି ଯାଉଥିବା ସ୍ୱାଦ

# ମୁଗ ଖାସି ମାଂସ



**ଆବଶ୍ୟକ ସାମଗ୍ରୀ**

ଖାସି ମାଂସ – ୩୦୦ ଗ୍ରାମ୍, ମୁଗ – ଏକ କପ୍, କଟା ପିଆଜ – ଏକ କପ୍, ଟମୋଟୋ – ଏକ କପ୍, ଅଦା ରସୁଣ ପେଷ୍ଟ – ଅଳ୍ପ, ହଳଦୀଗୁଣ୍ଡ –ଏକ ଚାମଚ, ଲଙ୍କା ଗୁଣ୍ଡ- ଏକ ଚାମଚ, ଧନିଆ ଗୁଣ୍ଡ- ଏକ ଚାମଚ, ଗରମ ମସଲା - ଏକ ଚାମଚ, ଲୁଣ - ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ମୁଗକୁ ଦୁଇ ତିନିଘଣ୍ଟା ପାଣିରେ ବତୁରାଇ ରଖନ୍ତୁ। ଏହାପରେ ମଟନକୁ ଧୋଇ ସେଥିରେ ଆବଶ୍ୟକ ମୁତାବକ ଲୁଣ ହଳଦୀ ଦେଇ ଗୋଳାନ୍ତୁ। ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ। ପରେ ପିଆଜ ପକାଇ ଭାଜନ୍ତୁ। ପିଆଜ ନାଲି ହୋଇଗଲେ ସେଥିରେ ଅଦାରସୁଣ ଏବଂ ଟମାଟୋ ଦେଇ ଭାଜନ୍ତୁ। ଟମାଟୋ ନରମ ହୋଇଆସିଲେ, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ ଗରମମସଲା ଦେଇ କଷନ୍ତୁ। ଏହାପରେ ମଟନକୁ ଦେଇ କଷନ୍ତୁ। ମଟନ କଷି ହୋଇଆସିଲେ ସେଥିରେ ବତୁରା ମୁଗ ଦିଅନ୍ତୁ। ଏହାପରେ ଅଳ୍ପ ପାଣି ଦେଇ ୩୦ ମିନିଟ୍ ଘୋଡ଼ାନ୍ତୁ। ଢାଙ୍କୁଣି ଖୋଲି ଧନିଆ ପତ୍ର ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମୁଗ ଖାସି ମାଂସ'।

# ବର୍ଷାରେ କେଶ ଭିଜି ଗନ୍ଧାଉଥିଲେ



**ସାଧାରଣତଃ ବର୍ଷାଦିନେ କେଶ ବାରମ୍ବାର ଓଦା ହୋଇଥାଏ। ଫଳରେ ଚିପ୍‌ଚିପା, କେଶଝଡ଼ା ସହ ଦୁର୍ଗନ୍ଧ ଆସିଥାଏ। ବର୍ଷାପାଣି, ପ୍ରଦୂଷଣ ଏବଂ ଗୁଳୁଗୁଳି ସଂସ୍ପର୍ଶରେ ଆସି କେଶମୂଳକୁ କ୍ଷତି ପହଞ୍ଚାଏ। ଏହାକୁ ଦୂରେଇ ଦେବା ପାଇଁ କିଛି ସରଳ ଉପାୟ ଆପଣାଇ କେଶର ଯତ୍ନ ନେଇପାରିବେ।**

### ଓଦା ପରେ କେଶ ଧୁଅନ୍ତୁ

ବର୍ଷାପାଣି ଆଖିକୁ ସ୍ୱଚ୍ଛ ଏବଂ ନିର୍ମଳ ଦିଶିଲେ ମଧ୍ୟ ଏଥିରେ ଧୂଳି, ପ୍ରଦୂଷଣ ସମେତ କ୍ଷତିକାରକ ତତ୍ତ୍ୱ ଥାଏ। ତେଣୁ ବର୍ଷାରେ ଭିଜିଥିଲେ କେଶକୁ ସଙ୍ଗେ ସଙ୍ଗେ ଧୋଇ ଶୁଖାନ୍ତୁ।

### ଓଦା କେଶ କୁଣ୍ଡାନ୍ତୁନି

ଓଦାକେଶ ଖୁବ୍ ଦୁର୍ବଳ ହୋଇଥାଏ। ଏହି ସମୟରେ କୁଣ୍ଡାଇଲେ, କେଶ ଛିଣ୍ଡିବାର ସମ୍ଭାବନା ଥାଏ। ଏଥିପାଇଁ କେଶକୁ ତଉଲିଆରେ ପୋଛି ଶୁଖାନ୍ତୁ। ଏହାପରେ ମୋଟାଦାନ୍ତ ପାନିଆରେ କେଶ କୁଣ୍ଡାନ୍ତୁ।

### ମୁକୁଳା ନ କରି ବାନ୍ଧନ୍ତୁ

ବର୍ଷା, ପବନରେ ଖୋଲା କେଶ ଶୀଘ୍ର ଜଟ ହୋଇଯାଏ। ତେଣୁ ବାହାରକୁ ଯିବା ସମୟରେ କେଶକୁ ବାନ୍ଧି ଦିଅନ୍ତୁ ନଚେତ୍ ବେଣୀ କରନ୍ତୁ। ଏପରି କଲେ କେଶ ସୁରକ୍ଷିତ ରହିଥାଏ।

# ସୁସ୍ଥ ନିଦ୍ରାରୁ ତ୍ୱଚା ଦିଶିବ ଆକର୍ଷଣୀୟ

ସୁନିଦ୍ରା ତ୍ୱଚାରେ ଚମକ ଆଣିବା ସହ ସତେଜ ଅନୁଭୂତି ଦେଇଥାଏ। ହେଲେ ନିଦ ପୂରା ନ ହେଲେ ଆଖିତଳ କଳାପଡ଼ିବା ସହ, ଚେହେରାରେ ଥକ୍କାପଣ ଏବଂ ତ୍ୱଚାର ଚମକ ନଷ୍ଟ ହୋଇଯାଏ। ତେଣୁ ସୁନିଦ୍ରା ପାଇଁ କେତେଘଣ୍ଟା ଶୋଇବେ ଜାଣି ରଖନ୍ତୁ।

- ଶୋଇବା ସମୟରେ ତ୍ୱଚା ରିପାୟର ମୋଡ୍‌ରେ ଥାଏ। ଏହି ସମୟରେ ନୂଆ ସ୍କିନ୍ ସେଲ୍‌ସ ତିଆରି ହେବା ସହ କ୍ଷତିଗ୍ରସ୍ତ କୋଷର ମରାମତି ହୋଇଥାଏ। ତେଣୁ ସୁସ୍ଥ ନିଦ୍ରା ସୁନ୍ଦରତା ବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଭାବେ ଜଣାଯାଏ।
- ବିୟୁଟି ସ୍ଲିପ୍ ତ୍ୱଚା ଏବଂ କେଶକୁ ସୁସ୍ଥ କରିବାରେ ସହାୟକ ହୋଇଥାଏ। ଏହା ଶରୀରର ପ୍ରାକୃତିକ ସୁନ୍ଦରତାକୁ ଦ୍ୱିଗୁଣା କରିଥାଏ।
- ନିଦ୍ରାଭାବ ହେଲେ ଏହାର ପ୍ରଭାବ ପ୍ରଥମେ ତ୍ୱଚାରେ ଦେଖିବାକୁ ମିଳିଥାଏ। ଆଖିତଳ କଳାଦାଗ ପଡ଼ିବା ସହ ତ୍ୱଚା ରୁକ୍ଷ ଏବଂ ଶୁଷ୍କ ହୋଇଯାଏ।






# କାନ୍ଦିଲେ ଲିଓନେଲ ମେସି

ଆଟଲାଣ୍ଟା,୮।୭(ଏଜେନ୍ସି): ଇଜିପ୍ଟକୁ ୩-୨ ଗୋଲରେ ହରାଇ କ୍ୱାର୍ଟରରେ ପ୍ରବେଶ କରିଥିବା ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଟାଇଟଲ ବଜାୟ ରଖିବା ଆଶା ଉଜ୍ଜୀବିତ ରଖିଛି। ପ୍ରି-କ୍ୱାର୍ଟର ମୁକାବିଲାରେ ଇଜିପ୍ଟ ପ୍ରଥମେ ୨ଟି ଗୋଲ ଦେଇ ୭୮ ମିନିଟ୍ ପର୍ଯ୍ୟନ୍ତ ୨-୦ରେ ଅଗ୍ରଣୀ ରହିଥିଲା। ଏହି ସମୟରେ ପ୍ରଥମାର୍ଦ୍ଧ ଖେଳରେ ଆର୍ଜେଣ୍ଟିନା ପାଇଥିବା ପେନାଲ୍ଟିକୁ ଗୋଲରେ ପରିଣତ କରି ପାରି ନ ଥିଲେ ସୁପରଷ୍ଟାର ଲିଓନେଲ ମେସି। ଏହି ମ୍ୟାଚ୍‌ରେ ଇଜିପ୍ଟର ଗୋଲ ଶୁଝାଇବାକୁ ଆର୍ଜେଣ୍ଟିନା ନାକେଦମ ହୋଇଥିଲା। ବଦଳ ଖେଳାଳି ଭାବେ ମାର୍ଟିନେଜ୍ ଖେଳିବାକୁ ଆସିବା ପରେ ଶେଷ ୧୩ ମିନିଟ୍‌ରେ ୩ଟି ଗୋଲ ଦେଇ ନାଟକୀୟ ଭାବେ ମ୍ୟାଚ୍‌କୁ ଜିତିନେଇଥିଲା। ମେସି ମଧ୍ୟ ଏହା ମଧ୍ୟରେ ଗୋଟିଏ ଗୋଲ ଦେଇଥିଲେ। ଚଳିତ ବିଶ୍ୱକପ୍‌ରେ ମେସିଙ୍କର ଏହା ୮ମ ତଥା ସମସ୍ତ ବିଶ୍ୱକପ୍‌ରେ ସର୍ବାଧିକ ୨୧ଟି ଗୋଲ ସ୍କୋର କରିଛନ୍ତି। କିନ୍ତୁ ସେ ପ୍ରଥମ ଖେଳାଳି ଯିଏକି ଗୋଟିଏ ବିଶ୍ୱକପ୍‌ରେ ୨ଥର ପେନାଲ୍ଟି ମିସ୍ କରିଛନ୍ତି। ମ୍ୟାଚ୍ ପରେ ତାଙ୍କ କାନ୍ଦିବାର କାରଣ ହେଲା ପେନାଲ୍ଟି ମିସ୍ କରିବା। ପେନାଲ୍ଟିରୁ ଯଦି ଗୋଲ ହୋଇଥାନ୍ତା ତେବେ ଫଳାଫଳ ଭିନ୍ନ ହୋଇଥାନ୍ତା ବୋଲି ମେସି ତାଙ୍କ ପ୍ରତିକ୍ରିୟାରେ କହିଥିଲେ।

# ୭୨ ବର୍ଷ ପରେ କ୍ୱାର୍ଟରରେ ସ୍ୱିଜରଲାଣ୍ଡ



ଭାଙ୍କୋଭର,୮।୭(ଏଜେନ୍ସି): ଫିଫା ବିଶ୍ୱକପ୍ ପ୍ରି-କ୍ୱାର୍ଟର ଫାଇନାଲର ଶେଷ ମୁକାବିଲାରେ ସ୍ୱିଜରଲାଣ୍ଡ ୪-୩ ପେନାଲ୍ଟି ସୁଟ୍‌ଆଉଟରେ କଲମ୍ବିଆକୁ ପରାସ୍ତ କରିଛି। ଫଳରେ ଆସନ୍ତା ୧୨ ତାରିଖ ସକାଳେ ଖେଳାଯିବାକୁ ଥିବା ଶେଷ କ୍ୱାର୍ଟର ଫାଇନାଲରେ ସ୍ୱିଜରଲାଣ୍ଡ ସହ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନାର ମୁକାବିଲା ହେବ। ୟୁରୋପ ମହାଦେଶରୁ ୬ଷ୍ଠ ଦଳ ଭାବେ ସ୍ୱିଜରଲାଣ୍ଡ ଶେଷ ୮ଟି ଦଳ ମଧ୍ୟରେ ସ୍ଥାନ ପାଇଛି। ସେହିପରି ସ୍ୱିଜରଲାଣ୍ଡ ମଧ୍ୟ ୧୯୫୪ ପରେ ପ୍ରଥମଥର କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏଠାରେ ଖେଳାଯାଇଥିବା ପ୍ରି-କ୍ୱାର୍ଟରଫାଇନାଲ ମୁକାବିଲାର ନିର୍ଦ୍ଧାରିତ ଓ ଅତିରିକ୍ତ ସମୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ପେନାଲ୍ଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ସ୍ୱିଜରଲାଣ୍ଡ ୪-୩ ପେନାଲ୍ଟି ଗୋଲରେ ବିଜୟୀ ହୋଇଥିଲା। ମଙ୍ଗଳବାର ଆର୍ଜେଣ୍ଟିନା ଓ ଇଜିପ୍ଟ ମୁକାବିଲାରୁ ଚଳିତ ବିଶ୍ୱକପ୍‌ର ଶ୍ରେଷ୍ଠ ମ୍ୟାଚ୍ ଭାବେ ବିବେଚନା କରାଯାଉଥିଲାବେଳେ ସ୍ୱିଜରଲାଣ୍ଡ ବନାମ କଲମ୍ବିଆ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାକୁ ନିକୃଷ୍ଟ ମ୍ୟାଚ୍ ବୋଲି କୁହାଯାଉଛି।

## ଫିଫା ବିଶ୍ୱକପ୍: ଆଜିଠାରୁ କ୍ୱାର୍ଟର ଲଢ଼େଇ

# ସେମିଫାଇନାଲ ଲକ୍ଷ୍ୟରେ ଫ୍ରାନ୍ସ-ମରୋକ୍କୋ

ଫକ୍ସବରୋ,୮।୭(ଏଜେନ୍ସି):

ଚଳିତ ଫିଫା ବିଶ୍ୱକପ୍‌ର ଦୁଇଟି ନକ୍‌ଆଉଟ ପର୍ଯ୍ୟାୟ ମୁକାବିଲା ଶେଷ ହୋଇଛି। ପ୍ରଥମଥର ୪୮ଟି ଦେଶ ବିଶ୍ୱକପରେ ଅଂଶଗ୍ରହଣ କରିଥିଲାବେଳେ ମୋଟ ୧୦୪ଟି ମ୍ୟାଚ୍ ଖେଳାଯିବାର ରହିଥିଲା। ଏହାମଧ୍ୟରେ ୪୦ଟି ଦେଶ ପ୍ରତିଯୋଗିତାରୁ ବିଦା ହୋଇସାରିଛନ୍ତି। ସେହିଭଳି ଆଉ ମାତ୍ର ୮ଟି ମ୍ୟାଚ୍ ଖେଳାଯିବାକୁ ବାକି ରହିଛି। ଏହା ମଧ୍ୟରେ ଗୁରୁବାରଠାରୁ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଆରମ୍ଭ ହେବାକୁଯାଉଛି। ୟୁରୋପ ମହାଦେଶରୁ ସର୍ବାଧିକ ୬ଟି, ଦକ୍ଷିଣ ଆମେରିକାରୁ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା, ଆଫ୍ରିକା ମହାଦେଶରୁ ମରୋକ୍କୋ କ୍ୱାର୍ଟର ଫାଇନାଲରେ ସେମାନଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ। ୟୁରୋପୀୟ ଦଳ ଭାବେ ଗତ ସଂସ୍କରଣର ରନର୍ସଅପ୍ ଫ୍ରାନ୍ସ, ସ୍ପେନ, ବେଲଜିୟମ, ଇଂଲଣ୍ଡ, ନରୱେ ଓ ସ୍ୱିଜରଲାଣ୍ଡ ତିଷ୍ଠି ରହିଛନ୍ତି। ଫକ୍ସବରୋରେ ଗୁରୁବାର ରାତିରେ ଫ୍ରାନ୍ସ ଓ ମରୋକ୍କୋ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ଖେଳାଯିବ।

### ଏମ୍‌ବାପେଙ୍କ ଟିମ୍ ଫେବରାଇଟ

ରେକର୍ଡ ଦେଖିଲେ ଡିଡିୟର ଡେସ୍‌ଚାମ୍ପଙ୍କ ପ୍ରଶିକ୍ଷଣ ଓ କିଲିଆନ୍ ଏମ୍‌ବାପେଙ୍କ ନେତୃତ୍ୱରେ ଗଠିତ ଫ୍ରାନ୍ସ ଏହି ମୁକାବିଲାରେ ଫେବରାଇଟ୍ ବୋଲି ବିବେଚନା କରାଯାଉଛି। ଏଯାବତ ବିଶ୍ୱକପ ଜିତିଥିବା ୬ଟି ଦେଶ ମଧ୍ୟରେ ଫ୍ରାନ୍ସ ରହିଛି। ଫ୍ରାନ୍ସ ୧୯୯୮ ଓ ୨୦୧୮ରେ ୨ଥର ଟାଇଟଲ ବିଜୟୀ ହୋଇଛି। ଗତଥର ଆର୍ଜେଣ୍ଟିନା ନିକଟରୁ ଫାଇନାଲରେ ପରାଜିତ ହୋଇ ଫ୍ରାନ୍ସ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏହି ଟିମ୍‌ର ରେକର୍ଡ ଆଗରେ ମରୋକ୍କୋ ବହୁ ପଛରେ ରହିଛି। ଚଳିତ ବିଶ୍ୱକପ୍‌ରେ ଫ୍ରାନ୍ସ ତାହାର ସମସ୍ତ ୫ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇଛି। ଲିଗ୍ ପର୍ଯ୍ୟାୟରେ ଫ୍ରାନ୍ସ ୩-୧ରେ ସେନେଗାଲକୁ, ୩-୦ରେ ଇରାକକୁ ଓ ୪-୧ରେ ନରୱେକୁ ପରାସ୍ତ କରିଥିଲା। ରାଉଣ୍ଡ ଅଫ୍ ୩୨ରେ ସ୍ୱିଡେନକୁ ୩-୦ରେ ହରାଇଥିବା ଫ୍ରାନ୍ସକୁ ରାଉଣ୍ଡ ଅଫ୍ ୧୬ରେ ପାରାଗୁଏକୁ ହରାଇବା ଲାଗି ପେନାଲ୍ଟିର ସହାୟତା ନେବାକୁ ପଡ଼ିଥିଲା। ଦଳ ଏଯାଏ ୧୪ଟି ଗୋଲ ଦେଇଥିଲାବେଳେ ୨ଟି ଗୋଲ ବରଣ କରିଛି। ଅଧିନାୟକ ଏମବାପେ ସର୍ବାଧିକ ୭ଟି ଗୋଲ ସ୍କୋର କରଛନ୍ତି। ଚଳିତବର୍ଷ ବିଶ୍ୱର ଶ୍ରେଷ୍ଠ ଖେଳାଳି ବିବେଚିତ ଓଉସାନେ ଡେମ୍ବେଲେ ୪ଟି ଗୋଲ ଦେଇସାରିଛନ୍ତି। ଦଳର ରକ୍ଷଣଭାଗ, ମଧ୍ୟଭାଗ ଓ ଅଗ୍ରଭାଗରେ ପ୍ରତିଷ୍ଠିତ ଖେଳାଳିମାନେ ଖେଳୁଛନ୍ତି ଓ ଜବରଦସ୍ତ ଫର୍ମରେ ଅଛନ୍ତି। ଏଣୁ ମରୋକ୍କୋ ଏହି ମ୍ୟାଚ୍‌ରେ ଲଢ଼େଇ କରିପାରେ, କିନ୍ତୁ ଫଳାଫଳ ନିଜ ସପକ୍ଷରେ ନେବା କଷ୍ଟକର ହୋଇପାରେ। ଏଥର ଯଦି ଫ୍ରାନ୍ସ ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୁଏ, ତେବେ ବିଶ୍ୱର ପ୍ରଥମ ଦଳ ଭାବେ କ୍ରମାଗତ ୩ଟି ବିଶ୍ୱକପ୍‌ରେ ଫାଇନାଲ ଖେଳିବାର ରେକର୍ଡ କରିବ। ଅପରପକ୍ଷରେ ଆଫ୍ରିକା ଦେଶ ମରୋକ୍କୋ କ୍ରମାଗତ ଦ୍ୱିତୀୟଥର ଲାଗି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗତଥର ମରୋକ୍କୋ ସେମିଫାଇନାଲରେ ପ୍ରବେଶ କରି ଚତୁର୍ଥ ସ୍ଥାନରେ ରହିଥିଲା।



### ୨୦୨୨ ସେମିରେ ହାରିଥିଲା ମରୋକ୍କୋ


୨୦୨୨ ବିଶ୍ୱକପ୍ ସେମିଫାଇନାଲରେ ଫ୍ରାନ୍ସ ଓ ମରୋକ୍କୋ ମଧ୍ୟରେ ମୁକାବିଲା ହୋଇଥିଲା। ଏହି ମୁକାବିଲାରେ ଫ୍ରାନ୍ସ ୨-୦ ଗୋଲରେ ବିଜୟୀ ହୋଇଥିଲା। ୪ ବର୍ଷ ପରେ ଉଭୟ ଦଳ ସମାନ ନକ୍‌ଆଉଟ୍‌ରେ ପୁଣିଥରେ ମୁହାଁମୁହିଁ ହୋଇଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ଉଭୟ ଦଳ ମଧ୍ୟରେ ଏଯାଏ ୬ଥର ମୁକାବିଲା ହୋଇଛି। ଏହା ମଧ୍ୟରୁ ଫ୍ରାନ୍ସ ୪ଥର ବିଜୟୀ ହୋଇଥିଲାବେଳେ ୨ଟି ମ୍ୟାଚ୍ ଡ୍ର ରହିଛି।

### ବିଶ୍ୱକପ୍-୨୦୨୬ର ଅବଶିଷ୍ଟ ଖେଳସୂଚୀ

| ମ୍ୟାଚ୍ | ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|---|
| **କ୍ୱାର୍ଟର ଫାଇନାଲ-୪** | | | | |
| ୧ | ଜୁଲାଇ ୯ | ଫ୍ରାନ୍ସ-ମରୋକ୍କୋ | ବୋଷ୍ଟନ | ଗୁରୁବାର ରାତି ୧ଟା୩୦ |
| ୨ | ଜୁଲାଇ ୧୦ | ସ୍ପେନ୍-ବେଲଜିୟମ | ଲସ୍ ଏଞ୍ଜେଲ୍ସ | ଶୁକ୍ରବାର ରାତି ୧୨ଟା୩୦ |
| ୩ | ଜୁଲାଇ ୧୧ | ଇଂଲଣ୍ଡ-ନରୱେ | ମିଆମି | ଶନିବାର ରାତି ୨ଟା୩୦ |
| ୪ | ଜୁଲାଇ ୧୨ | ଆର୍ଜେଣ୍ଟିନା-ସ୍ୱିଜରଲାଣ୍ଡ | କାନ୍‌ସାସ୍ ସିଟି | ରବିବାର ସକାଳ ୬ଟା୩୦ |
| **ସେମି ଫାଇନାଲ-୨** | | | | |
| ମ୍ୟାଚ୍ | ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
| ୫ | ଜୁଲାଇ ୧୪ | ମ୍ୟାଚ୍ ୧ ଓ ୨ର ବିଜେତା | ଆର୍ଲିଙ୍ଗଟନ | ବୁଧବାର ରାତି ୧୨ଟା୩୦ |
| ୬ | ଜୁଲାଇ ୧୫ | ମ୍ୟାଚ୍ ୩ ଓ ୪ରୁ ବିଜେତା | ଆଟଲାଣ୍ଟା | ଗୁରୁବାର ରାତି ୧୨ଟା୩୦ |
| **ତୃତୀୟ ସ୍ଥାନ ଲାଗି** | | | | |
| ୭ | ଜୁଲାଇ ୧୮ | ମ୍ୟାଚ୍ ୫ଓ ୬ର ପରାଜିତ | ମିଆମି | ଶନିବାର ରାତି ୨ଟା ୩୦ |
| **ଗ୍ରାଣ୍ଡ ଫାଇନାଲ** | | | | |
| ୮ | ଜୁଲାଇ ୧୯ | ମ୍ୟାଚ୍ ୫ଓ ୬ର ବିଜେତା | ନ୍ୟୁଜର୍ସୀ | ରବିବାର ରାତି ୨ଟା ୩୦ |

# ରେଫରୀଙ୍କ ବିରୋଧରେ ଅଭିଯୋଗ ଆଣିଲା ଇଜିପ୍ଟ

ଆଟଲାଣ୍ଟା,୮।୭(ଏଜେନ୍ସି): ଆର୍ଜେଣ୍ଟିନା ବିପକ୍ଷ ପ୍ରି-କ୍ୱାର୍ଟର ଫାଇନାଲରେ ଆମେ ରେଫରୀଙ୍କ ଯୋଗୁଁ ହାରିଲୁ। ରେଫରୀଙ୍କ ଏଭଳି ପକ୍ଷପାତିତା ଏବଂ ତ୍ରୁଟିଯୁକ୍ତ ନିଷ୍ପତ୍ତି ଯୋଗୁଁ ଇଜିପ୍ଟ ଏବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ବଦଳରେ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛି। ଏଥିଲାଗି ଏହି ମ୍ୟାଚ୍ ପରିଚାଳନା କରୁଥିବା ଫ୍ରାନ୍ସ ରେଫରି ଫ୍ରାଙ୍କୋଇସ୍ ଲେଟେଜିୟର ଓ ତାଙ୍କ ପୂରା ଟିମ୍‌କୁ ବିଶ୍ୱକପ୍‌ରୁ ବହିଷ୍କାର କରିବାକୁ ଫିଫା ନିକଟରେ ଅଭିଯୋଗ କରିଛୁ ବୋଲି ଇଜିପ୍ଟ ଫୁଟବଲ ସଂଘ ସଭାପତି ହାନି ଆବୁରିଡା ଏହା କହିଛନ୍ତି। ଏହି ଘଟଣାର ତୁରନ୍ତ ତଦନ୍ତ କରାଯାଉ ଓ ରେଫରୀଙ୍କ



ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆବୁରିଡା ଦାବି କରିଛନ୍ତି। ତାଙ୍କ ଅଭିଯୋଗ ହେଲା ଗୋଲପୋଷ୍ଟ ଏରିଆରେ ଇଜିପ୍ଟର ହାମଦି ପାଥୀଙ୍କୁ ଆର୍ଜେଣ୍ଟିନାର ଆଲେକ୍ସିସ୍ ମ୍ୟାକ୍ ଆଲିଷ୍ଟର ଟାଣି ତଳେ ପକାଇଦେଇଥିଲେ। ରେଫରିଙ୍କୁ କିନ୍ତୁ ଦେଖାଗଲାନାହିଁ। ଆମ ଖେଳାଳିମାନେ ରେଫରିଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣିଲେନି। ଏହି ଘଟଣାରେ ଆମକୁ ପେନାଲ୍ଟି ମିଳିବା କଥା। କିନ୍ତୁ ଏହା ହୋଇ ନ ଥିଲା। ପୂର୍ବରୁ ମୋସ୍ତାଫା ଜିକୋ ଦେଇଥିବା ଏକ ଗୋଲକୁ ଭିଏଆର ନାକଚ କରିଦେଇଥିଲେ। ଅଭିଯୋଗ ସମାନ ଥିଲା। ଖେଳ ପରେ ଇଜିପ୍ଟ ହେଡ୍ କୋଚ୍ କ୍ରସ୍ ଚିହ୍ନ ଦେଖାଇ ଏହାକୁ ବିରୋଧ କରିଥିଲେ। ତାଙ୍କ ମତରେ ରେଫରି ମେସି ଓ ଆର୍ଜେଣ୍ଟିନାଙ୍କ ପ୍ରତି ଆରମ୍ଭରୁ ଅହେତୁକ ସହାୟତା ଦେଉଥିଲେ। ଯେପରି କି ଆର୍ଜେଣ୍ଟିନା ବିଜୟୀ ହେଉ। ସୂଚନାଯୋଗ୍ୟ ୭୯ ମିନିଟ୍ ଯାଏ ଇଜିପ୍ଟ ୨-୦ ଗୋଲରେ ଆଗୁଆ ରହିଥିଲା। ଏହି ସମୟରେ ୧୩ ମିନିଟ୍ ଖେଳରେ ୩ଟି ଗୋଲ ଦେଇ ଏହି ମୁକାବିଲାକୁ ଆର୍ଜେଣ୍ଟିନା ୩-୨ ଗୋଲରେ ନାଟକୀୟ ଭାବେ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।

# ଆଇସିସି ହଲ୍ ଅଫ୍ ଫେମ୍‌ରେ ଗାଙ୍ଗୁଲି

ହାଇଦରାବାଦ, ୮।୭ (ଏଜେନ୍ସି): ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ବୁଧବାର ୫୪ତମ ଜନ୍ମଦିବସ ପାଳନ କରିଛନ୍ତି। ଏହି ଅବସରରେ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ଗାଙ୍ଗୁଲିଙ୍କୁ ଏକ ସ୍ୱତନ୍ତ୍ର ଉପହାର ଦିଆଯାଇଥିଲା। 'ଆଇସିସି ହଲ୍ ଅଫ୍ ଫେମ'ରେ



ଗାଙ୍ଗୁଲିଙ୍କୁ ସାମିଲ କରାଯାଇଛି। ଏହି ମାନ୍ୟତା ପାଇଁ ଗାଙ୍ଗୁଲି ଆଇସିସି ସଭାପତି ଜୟ ଶାହଙ୍କୁ ଧନ୍ୟବାଦ ଜଣାଇଥିଲେ। 'ଆଇସିସି ହଲ୍ ଅଫ୍ ଫେମ୍'ରେ ସ୍ଥାନ ପାଇବାରେ ଗାଙ୍ଗୁଲି ୧୦ ଭାରତୀୟ ପୁରୁଷ କ୍ରିକେଟର ହୋଇଛନ୍ତି। ପୂର୍ବରୁ ବିଶନ ସିଂହ ବେଦୀ, କପିଳ ଦେବ, ସୁନିଲ ଗାଭାସ୍କର, ଅନିଲ କୁମ୍ବଳେ, ରାହୁଲ ଦ୍ରାବିଡ, ସଚିନ ତେନ୍ଦୁଲକର, ଭିନୁ ମଙ୍କଡ, ବୀରେନ୍ଦ୍ର ସେହୱାଗ ଏବଂ ମହେନ୍ଦ୍ର ସିଂ ଧୋନିଙ୍କ ନାମ ଏହି ସମ୍ମାନଜନକ ତାଲିକାରେ ରହିଛି। ସେହିଭଳି ଏହି ତାଲିକାରେ ଦୁଇ ଭାରତୀୟ ମହିଳା କ୍ରିକେଟର ଡାଏନା ଏଡୁଲଜି ଏବଂ ନୀତୁ ଡେଭିଡ ମଧ୍ୟ ସାମିଲ ରହିଛନ୍ତି।

# ୩୬ ବର୍ଷ ପରେ କ୍ୱାର୍ଟରରେ ଅର୍ନବ

ଲଣ୍ଡନ, ୮।୭ (ଏଜେନ୍ସି): ଭାରତର ଅର୍ନବ ପାପାରକର ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ଜୁନିଅର ବାଳକ ବିଭାଗ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରି-କ୍ୱାର୍ଟରରେ ପାପରକର ୬-୨, ୬-୨ ସିଧାସଳଖ ସେଟରେ ଜାପାନର ରୟୋ ତାବାତାଙ୍କୁ ପରାସ୍ତ କରିଥିଲେ। ଏଥିସହ ଦୀର୍ଘ ୩୬ ବର୍ଷ ପରେ ଜଣେ ଭାରତୀୟ ଖେଳାଳି ୱିମ୍ବଲଡନ ଜୁନିଅର କ୍ୱାର୍ଟର ଫାଇନାଲରେ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ଏଥିପୂର୍ବରୁ କିମ୍ବଦନ୍ତୀ ଖେଳାଳି ଲିଆଣ୍ଡର ପେସ ୧୯୯୦ ସଂସ୍କରଣରେ ଏଠାରେ ବାଳକ କ୍ୱାର୍ଟର ଫାଇନାଲ ଖେଳିବା ସହ ଚାମ୍ପିଅନ ମଧ୍ୟ ହୋଇଥିଲେ। ପାପରକର ଏଥିପୂର୍ବରୁ ରାଉଣ୍ଡ-୩୨ରେ ବିଶ୍ୱ ମାନ୍ୟତାର ୩ୟ ସ୍ଥାନରେ ଥିବା ଆମେରିକାର କେଟନ ହେନ୍ସଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଥିଲେ।

**ଆଜି ଚତୁର୍ଥ ଟି-୨୦**

# ସିରିଜ୍ ବଞ୍ଚାଇବା ଲକ୍ଷ୍ୟରେ ଭାରତ

ବ୍ରିଷ୍ଟଲ,୮।୭(ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଚଳିତ ଟି-୨୦ ସିରିଜର ଚତୁର୍ଥ ମ୍ୟାଚ ଗୁରୁବାର ଖେଳାଯିବ। ହ୍ୟାରୀ ବ୍ରୁକଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ସିରିଜରେ ୨-୦ ଅଗ୍ରଣୀ ରହିଛି। ଯଦି ଗୁରୁବାର ମ୍ୟାଚରେ ବିଜୟୀ ହୁଏ ତେବେ ଗୋଟିଏ ମ୍ୟାଚ୍ ବାକିଥାଇ ଦଳ ଆଗୁଆ ସିରିଜ କବଜା କରିନେବ। ତେଣୁ ଭ୍ରମଣକାରୀ ଭାରତୀୟ କ୍ରିକେଟ ଦଳ କିପରି ଘରୋଇ ଦଳକୁ ମୁକାବିଲା କରିବ ତାହାକୁ ନେଇ ଚିନ୍ତାରେ ପଡ଼ିଛି। ଭାରତୀୟ ଦଳର ଏଭଳି ସ୍ଥିତି ପୂର୍ବରୁ କେବେ ହୋଇ ନ ଥିଲା। ବିଶେଷ କରି ଟ୍ରେଣ୍ଟବ୍ରିଜ୍‌ରେ ଖେଳାଯାଇଥିବା ତୃତୀୟ ମ୍ୟାଚ୍‌ରେ ଭାରତୀୟ ବ୍ୟାଟର ଇଂଲଣ୍ଡର ସୁଇଂ, ସର୍ଟପିଚ୍ ଓ ଷ୍ଟମ୍ପ ଉପରେ ରହୁଥିବା ବଲର ଆଦୌ ମୁକାବିଲା କରି ପାରି ନ ଥିଲେ। ଫଳରେ ଦଳ ମାତ୍ର ୭୬ ରନ୍‌ରେ ଅଲଆଉଟ ହୋଇ ୧୨୫ ରନରେ ଲଜ୍ଜାଜନକ ପରାଜୟ ବରଣ କରିବାକୁ ପଡ଼ିଥିଲା। ଟି-୨୦ରେ ଭାରତର ଏହା ସର୍ବବୃହତ୍ ପରାଜୟ। ଏଣୁ ଭାରତ ଏବେ କିପରି ଇଂଲଣ୍ଡ ପରିବେଶରେ ସେମାନଙ୍କ ବୋଲରଙ୍କୁ ମୁକାବିଲା କରିବ ତାହାକୁ ନେଇ ନିଦ ହଜିଯାଇଛି। କୋଚ୍ ଗୌତମ ଗମ୍ଭୀର ହୁଅନ୍ତୁ କିମ୍ବା ଅଧିନାୟକ ଶ୍ରେୟସ ଆୟର, ସମସ୍ତେ ଚିନ୍ତାରେ ପଡ଼ିଛନ୍ତି। ଇଂଲଣ୍ଡ ବିପକ୍ଷ ସିରିଜ୍ ବଞ୍ଚାଇବାକୁ ହେଲେ ଚତୁର୍ଥ ମ୍ୟାଚ୍‌କୁ ଜିତିବା ଜରୁରୀ ହୋଇପଡ଼ିଛି। ଯଦି ଭାରତ ପରାଜୟବରଣ କରେ ତେବେ କ୍ରମାଗତ ଦୁଇଟି ଟି-୨୦ ସିରିଜ ହାରିବ। ଏଥିପୂର୍ବରୁ ଗତ ମାସ ଶେଷ ସପ୍ତାହରେ ଘରୋଇ ଆୟର୍ଲାଣ୍ଡ ନିକଟରୁ ଭାରତ ଲଜ୍ଜାଜନକ ଭାବେ ୨-୦ରେ ସିରିଜ ପରାସ୍ତ ହୋଇଥିଲା।

# ବ୍ୟୁମଣ୍ଟଙ୍କ ଅବସର

ଲଣ୍ଡନ, ୮।୭ (ଏଜେନ୍ସି): ଇଂଲଣ୍ଡ ମହିଳା କ୍ରିକେଟ୍ ଦଳର ବରିଷ୍ଠ ବ୍ୟାଟର୍ ଟାମୀ ବ୍ୟୁମଣ୍ଟ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି।



ଶୁକ୍ରବାରଠାରୁ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍ ତାଙ୍କ କ୍ୟାରିୟରର ଅନ୍ତିମ ମୁକାବିଲା ହେବ। ୩୫ ବର୍ଷୀୟା ବ୍ୟୁମଣ୍ଟ ଅଦ୍ୟାବଧି ଇଂଲଣ୍ଡ ପାଇଁ ୧୧ ଟେଷ୍ଟ, ୧୪୦ ଦିନିକିଆ ଓ ୧୦୯ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୬୧୨, ୪୭୩୮ ଓ ୧୯୭୫ ରନ ସଂଗ୍ରହ କରିଛନ୍ତି। ହେଥର ନାଇଟ୍‌ଙ୍କ ପରେ ଦ୍ୱିତୀୟ ଇଂଲଣ୍ଡ ମହିଳା କ୍ରିକେଟର୍ ଭାବେ ସେ ତିନୋଟି ଯାକ ଫର୍ମାଟ୍‌ରେ ଶତକ ମାରିବାର ସୌଭାଗ୍ୟ ଲାଭ କରିଛନ୍ତି।

# ୱିମ୍ବଲଡନ: ସେମିରେ ନୋଭାକ୍, ନୋସ୍କୋଭା



ଲଣ୍ଡନ, ୮।୭ (ଏଜେନ୍ସି):

ସର୍ବିୟା ତାରକା ନୋଭାକ ଜୋକୋଭିଚ୍ ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏକ କଷ୍ଟସାଧ କ୍ୱାର୍ଟର ଫାଇନାଲ ମୁକାବିଲାରେ ୭ମ ସିଡ୍ ଜୋକୋଭିଚ୍ ୭-୬ (୧୨/୧୦), ୩-୬, ୬-୩, ୬-୭ (୪/୭), ୭-୬ (୧୦/୪) ସେଟରେ କାନାଡାର ଫେଲିକ୍ସ ଆଗୁଏର-ଆଲିଆସିମେଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ଜୋକୋଭିଚଙ୍କୁ ୫ ଘଣ୍ଟା ୧୫ ମିନିଟ୍ ସମୟ ଲାଗିଥିଲା। ୱିମ୍ବଲଡନ ଇତିହାସର ଏହା ସର୍ବାଧିକ ସମୟ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍ ହୋଇଛି। ଯେଉଁଥିରେ ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ଜୋକୋଭିଚ୍ ଅଳ୍ପକେ ପରାଜୟରୁ ବର୍ତ୍ତିଯାଇଛନ୍ତି। ଗୁରୁବାର ଖେଳାଯିବାକୁ ଥିବା ସେମିଫାଇନାଲରେ ଜୋକୋଭିଚ୍‌ଙ୍କ ମୁକାବିଲା ଡିଫେଣ୍ଡିଂ ଚାମ୍ପିଅନ ତଥା ଟପ୍ ସିଡ୍ ଜାନିକ ସିନ୍ନରଙ୍କ ସହ ହେବ। ସିନ୍ନର ଓ ଜୋକୋଭିଚ୍‌ଙ୍କ ମଧ୍ୟରେ ମୋଟ୍ ଉପରେ ୧୧ଥର ଲଢ଼େଇ ହୋଇଛି। ଯେଉଁଥିରେ ଜୋକୋଭିଚ ୫ଟି ମ୍ୟାଚରେ ବିଜୟ ସ୍ୱାଦ ଚାଖିଛନ୍ତି।

ଅପରପକ୍ଷରେ ମହିଳା ବିଭାଗରେ ଚେକ ଗଣରାଜ୍ୟର ଲିଣ୍ଡା ନୋସ୍କୋଭା ଏଠାରେ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ୯ମ ସିଡ୍ ନୋସ୍କୋଭା ୬-୩, ୭-୫ ସିଧାସଳଖ ସେଟରେ ବେଲ୍‌ଜିୟମର ଏଲିସେ ମର୍ଟେନ୍ସଙ୍କୁ ହରାଇଥିଲେ। ଫଳରେ ନୋସ୍କୋଭା କ୍ୟାରିୟରର ପ୍ରଥମଥର ଲାଗି କୌଣସି ଗ୍ରାଣ୍ଡସ୍ଲାମ ସେମିଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ୨୧ ବର୍ଷୀୟା ନୋସ୍କୋଭା ଗୁରୁବାର ସେମିଫାଇନାଲରେ ୟୁକ୍ରେନର ମାର୍ତା କୋସ୍ତ୍ୟୁକଙ୍କୁ ଭେଟିବେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS